ଧରିତ୍ରୀ
DHARITRI
ଧରିତ୍ରୀ 50 Years
ଭୁବନେଶ୍ୱର, ଗୁରୁବାର, ଫେବୃଆରୀ ୮/୨୦୨୪ (୧୮ ପୃଷ୍ଠା) Bhubaneswar, Thursday, February 8/2024 Page 18 ₹ 7.00
୫୦ଶ ଭାଗ ୭୬ ସଂଖ୍ୟା www.orissakhabar.com/www.dharitri.com | Printed at Bhubaneswar, Sambalpur, Rayagada & Angul VOLUME 50 ISSUE 76 ମୂଲ୍ୟ₹୭/-




# ‘ଓଡ଼ିଶାରେ ପାର୍ଟନରଶିପ୍ ସରକାର ଚାଲିଛି’

ରାଉରକେଲା/ ସୁନ୍ଦରଗଡ଼,୭।୨
(ସଙ୍ଗୀତା ଜେନା/ ଜୟ ନାରାୟଣ ମେଷ୍ଟ୍ରି)

ଦେଶରେ ଅରାଜକତା ଓ ଘୃଣାର ରାଜନୀତି ଚାଲିଛି। ଏହା ବିରୋଧରେ ଗତବର୍ଷ କଶ୍ମୀରରୁ କନ୍ୟାକୁମାରୀ ପର୍ଯ୍ୟନ୍ତ ଭାରତ ଯୋଡ଼ୋ ଯାତ୍ରା କରାଯାଇଥିଲା। ଏବର୍ଷ ଦେଶରେ ଶାନ୍ତି ଓ ନ୍ୟାୟ ପାଇଁ ମଣିପୁରରୁ ମହାରାଷ୍ଟ୍ର ଭାରତ ଯୋଡୋ ନ୍ୟାୟ ଯାତ୍ରା କରାଯାଉଛି। ଦେଶରେ ଭାଜପା ଓ ଆର୍‌ଏସ୍‌ଏସ୍ ଘୃଣା ସୃଷ୍ଟି କରୁଛନ୍ତି। କିନ୍ତୁ ଆମେ ‘ଘୃଣାର ବଜାରରେ ଭଲପାଇବାର ଦୋକାନ’ ଖୋଲିବୁ। ବୁଧବାର ଓଡ଼ିଶା ଗସ୍ତର ଦ୍ୱିତୀୟ ଦିବସରେ ରାଉରକେଲାଠାରେ ଆୟୋଜିତ ରୋଡ୍ ଶୋରେ ଉଦ୍‌ବୋଧନ ଦେଇ ବରିଷ୍ଠ କଂଗ୍ରେସ ନେତା ରାହୁଲ ଗାନ୍ଧୀ ଏହା କହିଛନ୍ତି। ସେ କହିଛନ୍ତି, ଏହି ପ୍ରଦେଶରେ ଭାଜପା ଓ ବିଜେଡି ପାର୍ଟନରଶିପ୍‌ରେ ସରକାର ଚଳାଉଛନ୍ତି। ଏହାର ସମସ୍ତ ଦୃଶ୍ୟ ପାର୍ଲାମେଣ୍ଟରେ ଦେଖାଯାଉଛି। ଖଣିଖାଦାନପୂର୍ଣ୍ଣ ଓଡ଼ିଶା ପ୍ରଦେଶରେ ୩୦ ଲକ୍ଷରୁ ଉର୍ଦ୍ଧ୍ୱ ବେକାର ଯୁବତୀ ଯୁବକ ଦାଦନ ଖଟିବାକୁ ଅନ୍ୟ ରାଜ୍ୟକୁ ଯାଉଛନ୍ତି। ☞ପୃଷ୍ଠା-୭


ଉଦିତନଗର ଛକରୁ ପାନପୋଷ ପର୍ଯ୍ୟନ୍ତ ରାହୁଲ ଗାନ୍ଧୀଙ୍କ ରୋଡ୍ ଶୋ।

# ବାଚସ୍ପତିଙ୍କ ମାଇକ୍ ଭାଙ୍ଗିଲେ ଭାଜପା ବିଧାୟକ

## ବିଧାନସଭାରେ ଉଷୁନା ଚାଉଳ, ପରୀ ତାତି

## ■ ଭାଜପା-ବିଜେଡି ମୁହାଁମୁହିଁ

ଭୁବନେଶ୍ୱର,୭।୨(ଅନିଲ ଦାସ)

ବିଧାନସଭାରେ ବୁଧବାର ଅଭାବନୀୟ ଦୃଶ୍ୟ ଦେଖିବାକୁ ମିଳିଛି। ଅର୍ପଣ ରଥରେ ଉଷୁନା ଚାଉଳ ଏବଂ ପରୀ ହତ୍ୟାକାଣ୍ଡକୁ ନେଇ ଭାଜପା ଓ ବିଜେଡି ମୁହାଁମୁହିଁ ହୋଇଛନ୍ତି। ଅର୍ପଣ ରଥରେ ଉଷୁନା ଚାଉଳ ଥିବା ଅଭିଯୋଗ ଆଣି ଭାଜପା ରାଜ୍ୟ ସରକାରଙ୍କୁ ଟାର୍ଗେଟ କରିଛି। ମହାସୁଆର ନିଯୋଗ ମୁଖ୍ୟ ଅର୍ପଣ ରଥରେ ଉଷୁନା ଚାଉଳ ଥିବା ଅଭିଯୋଗ କରିଛନ୍ତି। ରାଜ୍ୟ ସରକାର ଜଗନ୍ନାଥ ସଂସ୍କୃତିକୁ ଅପସଂସ୍କୃତିରେ ପରିଣତ କରିଛନ୍ତି। ଏ ନେଇ ମୁଖ୍ୟମନ୍ତ୍ରୀ ଗୃହରେ ସ୍ପଷ୍ଟୀକରଣ ଦିଅନ୍ତୁ ଦାବି କରି ଭାଜପା ସଦସ୍ୟମାନେ ବିଧାନସଭାରେ ପ୍ରବଳ ହୋହଲ୍ଲା କରିଛନ୍ତି। ଅନ୍ୟପକ୍ଷରେ ଶାସକ ବିଜେଡି ମଧ୍ୟ ପରୀ ପ୍ରସଙ୍ଗ ଉଠାଇ ଭାଜପାକୁ ପ୍ରତିଆକ୍ରମଣ କରିଛି। ପରୀ ହତ୍ୟାକାରୀଙ୍କୁ ସୁରକ୍ଷା ଦେଉଥିବା ଏବଂ ତଦନ୍ତକୁ ବାଟବଣା କରିଥିବା ଭାଜପା କ୍ଷମା ମାଗୁ ବୋଲି ଦାବି କରିଛି। ଉଭୟ ଶାସକ ଓ ବିରୋଧୀ ଦଳ ସଦସ୍ୟଙ୍କ ହଟ୍ଟଗୋଳ ଯୋଗୁ ବିଧାନସଭା ଅଚଳ ହୋଇ ଯାଇଛି। ହଟ୍ଟଗୋଳ ଏତେ ଉଗ୍ରରୂପ ନେଇଥିଲା ଯେ ଭାଜପା ବିଧାୟକ ନାଉରୀ ନାୟକ ବାଚସ୍ପତି ପ୍ରମିଳା ମଲ୍ଲିକଙ୍କ ପୋଡିୟମ ନିକଟକୁ ଯାଇ ତାଙ୍କ ମାଇକ ଭାଙ୍ଗି ଦେଇଛନ୍ତି ।

ବୁଧବାର ପୂର୍ବାହ୍ନ ୧୦ଟା ୩୦ ମିନିଟରେ ସଭା କାର୍ଯ୍ୟ ଚଳାଇବାକୁ ବାଚସ୍ପତି ଗୃହକୁ ପ୍ରବେଶ କରିଥିଲେ। ପ୍ରଶ୍ନୋତ୍ତର କାର୍ଯ୍ୟ ଆରମ୍ଭ କରିବା ମାତ୍ରେ ହଟ୍ଟଗୋଳ ଆରମ୍ଭ ହୋଇଯାଇଥିଲା। ପୂର୍ବରୁ ପ୍ରସ୍ତୁତ ହୋଇଥିବା ଭାଜପା ସଦସ୍ୟମାନେ ଗୃହର ମଧ୍ୟଭାଗକୁ ମାଡ଼ି ଆସି ହାତରେ ପ୍ଲାକାର୍ଡ, ବ୍ୟାନର ଦେଖାଇ ପ୍ରତିବାଦ କରିଥିଲେ। ଅର୍ପଣ ରଥରେ ଉଷୁନା ଚାଉଳ ଥିବା ଅଭିଯୋଗ କରି ହଟ୍ଟଗୋଳ କରିଥିଲେ। ଉଷୁନା ଚାଉଳରେ ମହାପ୍ରଭୁଙ୍କ ଖେଚୁଡି ଭୋଗ ହୋଇଛି। ଦିନକ ପାଇଁ ମହାପ୍ରଭୁ ଉପବାସ ରହିଛନ୍ତି। ଅର୍ପଣ ରଥରୁ ମହାସୁଆର ନିଯୋଗ ଅରୁଆ ଚାଉଳ ବଦଳରେ ଉଷୁନା ଚାଉଳ ପାଇଛନ୍ତି। ହୀନ ରାଜନୀତି ପାଇଁ ମହାପ୍ରଭୁଙ୍କୁ ସାରା ରାଜ୍ୟରେ ଅଟୋରେ ବୁଲାଯାଇଛି। ଜଗନ୍ନାଥ ସଂସ୍କୃତିକୁ ଅପସଂସ୍କୃତିରେ ପରିଣତ କରାଯାଇଛି। ଏ ନେଇ ଭାଜପା ସଦସ୍ୟମାନେ ମୁଖ୍ୟମନ୍ତ୍ରୀଙ୍କଠାରୁ ସ୍ପଷ୍ଟୀକରଣ ଦାବିକରି ☞ପୃଷ୍ଠା-୧୦

# ସମ୍ବେଦନଶୀଳ ଘଟଣାରେ ବିରୋଧୀ ହୀନ ରାଜନୀତି କରୁଛନ୍ତି: ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର, ୭।୨(ଅନିଲ ଦାସ)

ପରୀ ହତ୍ୟାକାଣ୍ଡ ଭଳି ସମ୍ବେଦନଶୀଳ ମାମଲାରେ ବିରୋଧୀ ରାଜନୀତି କରୁଛନ୍ତି। କେଉଁମାନେ ପରୀଙ୍କ ହତ୍ୟାକାରୀଙ୍କୁ ଜାମିନରେ ଖସାଇବାକୁ ଚେଷ୍ଟା କରୁଥିଲେ ଏବଂ ତଦନ୍ତକୁ ବାଟବଣା କରୁଥିଲେ ତାହାକୁ ଓଡ଼ିଶାବାସୀ ଭଲ ଭାବରେ ଜାଣିଛନ୍ତି। ବିରୋଧୀ ଏ ନେଇ ହୀନ ରାଜନୀତି କରୁଛନ୍ତି। ବିରୋଧୀ ଦଳ ବିଶେଷକରି ଭାଜପା ଏହାକୁ ନେଇ ରାଜନୀତୀକରଣ କରୁଛି। ରାଜ୍ୟପାଳଙ୍କ ଅଭିଭାଷଣ ଉପରେ ଆଗତ ଧନ୍ୟବାଦ ପ୍ରସ୍ତାବ ଆଲୋଚନାର ଉତ୍ତର ରଖିବା ଅବସରରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ବିରୋଧୀ ଦଳ ଭାଜପାକୁ ଏଭଳି କଡ଼ା ସମାଲୋଚନା କରିଛନ୍ତି।


ନବୀନ ପଟ୍ଟନାୟକ

ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ ଏବେ ପରୀ ଘଟଣାରେ ଦୋଷୀ ଦଣ୍ଡ ପାଇଛନ୍ତି। ନିଜର ହୀନ ରାଜନୀତି ପାଇଁ ନିଜ ରାଜ୍ୟକୁ ଯେଉଁମାନେ ବଦନାମ କରୁଛନ୍ତି ରାଜ୍ୟବାସୀ ସେମାନଙ୍କୁ କେବେ କ୍ଷମାଦେବେ ନାହିଁ। ସେହିପରି ଶ୍ରୀମନ୍ଦିର ଓ ଲିଙ୍ଗରାଜ ମନ୍ଦିର ପ୍ରକଳ୍ପ ସହ ରାଜ୍ୟର ବିକାଶକୁ ଯେଉଁମାନେ ବିରୋଧ କରୁଛନ୍ତି, ସେମାନଙ୍କୁ କେବେ ଲୋକେ କ୍ଷମାକରିବେ ନାହିଁ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି।




# ଓଡ଼ିଆ ଭାଷା ଗବେଷଣା ପାଇଁ କର୍ପସ ପାଣ୍ଠି

■ ପ୍ରତିବର୍ଷ ହେବ ଅନ୍ତର୍ଜାତୀୟ ଡିଜିଟାଲ ଓଡ଼ିଆ ସମ୍ମିଳନୀ

■ ହାଇସ୍କୁଲରେ ନିଯୁକ୍ତ ହେବେ ସ୍ୱତନ୍ତ୍ର ଓଡ଼ିଆ ଶିକ୍ଷକ

■ ଓଡ଼ିଆ ପୁସ୍ତକର ଅନୁବାଦ ପାଇଁ ପ୍ରଣୟନ ହେବ ଅନୁବାଦ ନୀତି

■ ଆରମ୍ଭ ହେବ ‘ମୁଖ୍ୟମନ୍ତ୍ରୀ କପ୍’, ଦେଶବିଦେଶରେ ଖୋଲିବ ଓଡ଼ିଆ ପାଠାଗାର

ଭୁବନେଶ୍ୱର,୭।୨(ସୁନିତ୍ ମିଶ୍ର)

ଓଡ଼ିଆ ଭାଷାରେ ଅନ୍ତର୍ଜାତୀୟ ଓ ଜାତୀୟ ସ୍ତରରେ ଗବେଷଣା ନିମନ୍ତେ ୧୦ କୋଟି ଟଙ୍କା ଅନୁଦାନରେ ଏକ କର୍ପସ ପାଣ୍ଠି ଗଠନ କରାଯିବ। ପୁରୀ ଜିଲା ସତ୍ୟବାଦୀଠାରେ ପ୍ରତିଷ୍ଠିତ ଓଡ଼ିଆ ବିଶ୍ୱବିଦ୍ୟାଳୟ ଜରିଆରେ ଏହା କାର୍ଯ୍ୟକାରୀ ହେବା ନେଇ ନିଷ୍ପତ୍ତି ହୋଇଛି। ସେହିପରି ଓଡ଼ିଆ ଭାଷାକୁ ଡିଜିଟାଲ ପଦ୍ଧତି ସହ ସମନ୍ୱିତ କରିବା ପାଇଁ ପ୍ରତିବର୍ଷ ଏକ ଅନ୍ତର୍ଜାତୀୟ ☞ପୃଷ୍ଠା-୧୪




# ସରକାର ପାଇଛନ୍ତି ୨୮ ନୂଆ ଜିଲା ପ୍ରସ୍ତାବ

ଭୁବନେଶ୍ୱର,୭।୨(ଅନିଲ ଦାସ)

ବରଗଡ଼ ଜିଲାର ପଦ୍ମପୁର ନିର୍ବାଚନମଣ୍ଡଳୀକୁ ଜିଲା ଘୋଷଣା କରିବାକୁ ରାଜ୍ୟ ସରକାରଙ୍କ ପ୍ରସ୍ତାବ ଥିବାବେଳେ ରାଜ୍ୟର ଅନ୍ୟାନ୍ୟ ଜିଲାରୁ ମଧ୍ୟ ନୂତନ ଜିଲା ଗଠନ ଦାବି ବଢ଼ିବାରେ ଲାଗିଛି। ୧୫ ଜିଲାରୁ ପଦ୍ମପୁର ସମେତ ୨୮ଟି ନୂଆ ରାଜସ୍ୱ ଜିଲା ଗଠନ ପାଇଁ ଦାବିପତ୍ର ମିଳିଛି। ଭାଜପା ସଭ୍ୟ କୁସୁମ ଟେଟେ ଓ ନବଚରଣ ମାଝିଙ୍କ ଏକ ଲିଖିତ ପ୍ରଶ୍ନର ଉତ୍ତରରେ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁଦାମ ମାର୍ଣ୍ଡି ବୁଧବାର ବିଧାନସଭାରେ ଏହି ସୂଚନା ଦେଇଛନ୍ତି। ମନ୍ତ୍ରୀ କହିଛନ୍ତି ଯେ ପଦ୍ମପୁର, ଧର୍ମଗଡ଼ ଓ କଣ୍ଟାବାଞ୍ଜି ସହ ୨୮ଟି ନୂଆ ଜିଲା ପାଇଁ ଦାବି ହୋଇଛି । ମୟୂରଭଞ୍ଜ ଜିଲାକୁ ଭାଙ୍ଗି ୫ଟି ଜିଲା କରିବା ପାଇଁ ଦାବି ହୋଇଛି। ସେହିପରି ଗଞ୍ଜାମ ଜିଲାକୁ ମଧ୍ୟ ଭାଙ୍ଗି ୫ଟି ଜିଲା କରିବା ପାଇଁ ଦାବି ସରକାରଙ୍କୁ ମିଳିଛି। ବାଲେଶ୍ୱରକୁ ଭାଙ୍ଗି ୪ଟି, ବଲାଙ୍ଗୀର ଜିଲାକୁ ୪, କଟକ ☞ପୃଷ୍ଠା-୧୪

ଆଜିର ସମ୍ପାଦକୀୟ
ବେଦ ଓ ବିଜ୍ଞାନ



**ହରକ ସିଂ ରାୱତଙ୍କ ଘରେ ଇଡି ଚଢ଼ାଉ**

ଜଙ୍ଗଲ ଜମି ଦୁର୍ନୀତି ମାମଲାରେ ଉତ୍ତରାଖଣ୍ଡର ପୂର୍ବତନ ମନ୍ତ୍ରୀ ତଥା ବରିଷ୍ଠ କଂଗ୍ରେସ ନେତା ହରକ୍ ସିଂ ରାୱତଙ୍କ ଡେରାଡୁନ୍ ବାସଭବନ ସମେତ ଦିଲ୍ଲୀ ଓ ଚଣ୍ଡିଗଡ଼ର ଏକକାଳୀନ ୧୨ଟି ସ୍ଥାନରେ ବୁଧବାର ଇଡି ଚଢ଼ାଉ କରିଛି। ଉତ୍ତରାଖଣ୍ଡର କୋର୍ବେଟ ଜାତୀୟ ଉଦ୍ୟାନରେ ବ୍ୟାପକ ଗଛ କଟାଯିବା, ବିଭିନ୍ନ ବେଆଇନ ନିର୍ମାଣ ଓ ଆର୍ଥିକ ଅନିୟମିତତା ହୋଇଥିବା ଅଭିଯୋଗ ରହିଛି।



# ଓଡ଼ିଶାରେ ଭାଜପା ୧୧, ବିଜେଡି ୯

## ଲୋକ ସଭା ନିର୍ବାଚନ: ଟାଇମ୍ସ ନାଓର ଆକଳନ

**ନୂଆଦିଲ୍ଲୀ,୭।୨**

୨ ମାସ ପରେ ସାଧାରଣ ନିର୍ବାଚନ। ଏହାକୁ ନେଇ ଦେଶରେ ଉତ୍ସୁକତା ବଢ଼ିବାରେ ଲାଗିଥିବାବେଳେ ଫଳାଫଳର ସମ୍ଭାବ୍ୟ ଚିତ୍ର ଆଙ୍କିଛି ଜାତୀୟ ନ୍ୟୁଜ୍ ଚ୍ୟାନେଲ ଟାଇମ୍ସ ନାଓ। ବୁଧବାର ରାତିରେ ପ୍ରସାରିତ ଏହାର ସଦ୍ୟ ସର୍ବେକ୍ଷଣରୁ ଜଣାପଡ଼ିଛି ଯେ, ଓଡ଼ିଶାରେ ୨୧ ଲୋକ ସଭା ଆସନ ମଧ୍ୟରୁ ଭାରତୀୟ ଜନତା ପାର୍ଟି (ଭାଜପା)କୁ ୧୧ ଆସନରେ ସଫଳତା ମିଳିବ, ଯାହାକି ଗତ ନିର୍ବାଚନ ତୁଳନାରେ ୩ ଅଧିକ। ସେହିପରି ଶାସକ ବିଜୁ ଜନତା ଦଳ (ବିଜେଡି) ୮ ଆସନ ଦଖଲ କରି ଦ୍ୱିତୀୟ ସ୍ଥାନରେ ରହିବ, ଯାହାକି ୨୦୧୯ରେ ମିଳିଥିବା ଆସନ ସଂଖ୍ୟାଠାରୁ ୪ କମ୍। କଂଗ୍ରେସ ନିଜ ସ୍ଥିତାବସ୍ଥା ବଜାୟ ରଖି ମାତ୍ର ଗୋଟିଏ ଆସନରେ ସୀମିତ ରହିବ। ସର୍ଭେ ଅନୁଯାୟୀ ଭାଜପା ୪୪.୮%, ବିଜେଡି ୪୦.୪% ଏବଂ କଂଗ୍ରେସ ୯.୭% ଭୋଟ ପାଇବା ସମ୍ଭାବନା ରହିଛି। ଅନ୍ୟ ଦଳ ଓ ସ୍ୱାଧୀନ ପ୍ରାର୍ଥୀ ମାତ୍ର ୫.୨% ଜନ ସମର୍ଥନ ପାଇପାରନ୍ତି।

ସର୍ଭେରେ ଆହୁରି କୁହାଯାଇଛି ଯେ, ଓଡ଼ିଶାର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ପ୍ରଦର୍ଶନକୁ ନେଇ ୨୪% ଲୋକ ସନ୍ତୁଷ୍ଟ ଅଛନ୍ତି। ୩୧ ପ୍ରତିଶତ ଉତ୍ତରଦାତା ନବୀନଙ୍କ କାର୍ଯ୍ୟକୁ ଚଳଣୀୟ ବୋଲି କହିଛନ୍ତି। ଅନ୍ୟପକ୍ଷେ ବିଧାନସଭା ନିର୍ବାଚନରେ ନବୀନ ନିଜ ଜୟଯାତ୍ରା ବଜାୟ ରଖି ପୁନର୍ବାର ମୁଖ୍ୟମନ୍ତ୍ରୀ ହେବେ। ଭାଜପା ଦ୍ୱିତୀୟ ସ୍ଥାନରେ ରହିବ ଏବଂ କଂଗ୍ରେସକୁ ୩ ନମ୍ବର ଦଳ ଭାବେ ପୁଣି ସନ୍ତୁଷ୍ଟ ହେବାକୁ ପଡ଼ିବ।

ଟାଇମ୍ସ ନାଓ-ମାଟ୍ରିଜ୍ ସର୍ଭେ ଅନୁସାରେ ମୋଟ ୫୪୩ ଆସନ ମଧ୍ୟରୁ ଭାଜପା ନେତୃତ୍ୱାଧୀନ ଜାତୀୟ ଗଣତାନ୍ତ୍ରିକ ମେଣ୍ଟ (ଏନ୍‌ଡିଏ) ୩୬୬ ଆସନ ଦଖଲ କରି କେନ୍ଦ୍ରରେ ପୁନର୍ବାର ପୂର୍ଣ୍ଣ ବହୁମତ ସହ ସରକାର ଗଢ଼ିବ। ବିରୋଧୀ ଇଣ୍ଡିଆନ୍ ନ୍ୟାଶନାଲ ଇନ୍‌କ୍ଲୁସିଭ୍ ଆଲାଏନ୍ସ (ଇଣ୍ଡିଆ) ବ୍ଲକ୍ ପ୍ରାର୍ଥୀମାନେ ୧୦୪ ଆସନରେ ଜିତିବାକୁ ସକ୍ଷମ ହେବେ। ଅନ୍ୟ ଦଳ ଓ ସ୍ୱାଧୀନ ପ୍ରାର୍ଥୀଙ୍କୁ ୭୩ ଆସନରେ ସଫଳତା ମିଳିବ। ସବୁଠୁ ବଡ଼ ଓ ଗୁରୁତ୍ୱପୂର୍ଣ୍ଣ ରାଜ୍ୟ ଉତ୍ତର ପ୍ରଦେଶର ୮୦ ଆସନ ମଧ୍ୟରୁ ଭାଜପା ଓ ସହଯୋଗୀଙ୍କୁ ୭୭ରେ ସଫଳତା ମିଳିବ। ଇଣ୍ଡିଆ ମେଣ୍ଟ ମାତ୍ର ୩ ଆସନରେ ସୀମିତ ରହିବ। ବହୁଜନ ସମାଜ ପାର୍ଟି (ବିଏସ୍‌ପି) ସୁପ୍ରିମୋ ମାୟାବତୀଙ୍କ ହାତୀ ଏଥର ମଧ୍ୟ ଖାତା ଖୋଲିପାରିବ ନାହିଁ ବୋଲି ଆକଳନ କରାଯାଇଛି। ସର୍ଭେ ଅନୁମାନ ଅନୁସାରେ ବିହାରର ୪୦ ଲୋକ ସଭା ଆସନ ମଧ୍ୟରୁ ଭାଜପା ନେତୃତ୍ୱାଧୀନ ଜାତୀୟ ଗଣତାନ୍ତ୍ରିକ ମେଣ୍ଟ (ଏନ୍‌ଡିଏ)କୁ ୩୫ ଆସନରେ ସଫଳତା ମିଳିବ, ଯାହାକି ୨୦୧୯ ନିର୍ବାଚନ ତୁଳନାରେ ୪ କମ୍। ବିହାର ମୁଖ୍ୟମନ୍ତ୍ରୀ ନୀତୀଶ କୁମାର ଗତ ଜାନୁୟାରୀ ୨୮ରେ ବିରୋଧୀ ମହାମେଣ୍ଟରୁ ଓହରି ଏନ୍‌ଡିଏ ସହଯୋଗରେ ନୂଆ ସରକାର ଗଠନ କରିଥିଲେ। ଲକ୍ଷ୍ୟ କରିବା କଥା ହେଉଛି, ନୀତୀଶଙ୍କ ନେତୃତ୍ୱାଧୀନ ସଂଯୁକ୍ତ ଜନତା ଦଳ (ଜେଡିୟୁ) ଦୀର୍ଘ ୧୮ ମାସ ପରେ ଏନ୍‌ଡିଏକୁ ଫେରିବା ପରେ କରାଯାଇଥିବା ସର୍ବେକ୍ଷଣରେ ଏହି ମେଣ୍ଟ ପ୍ରତି ପୂର୍ବ ଭଳି ବିହାରୀ ଭୋଟରଙ୍କ ଆସ୍ଥା ରହିନାହିଁ। ସର୍ବେକ୍ଷଣ ଆକଳନ ସତ ହେଲେ ବିରୋଧୀ ଇଣ୍ଡିଆ ବ୍ଲକ୍ ମାତ୍ର ୫ଟି ଆସନ ଜିତିବ।

**ଲୋକ ସଭା: ୫୪୩**
**ଏନ୍‌ଡିଏ: ୩୬୬**
**ଇଣ୍ଡିଆ: ୧୦୪**
**ଅନ୍ୟ: ୭୩**

ସର୍ବେକ୍ଷଣରେ ଆହୁରି କୁହାଯାଇଛି ଯେ ୨୫ ଲୋକ ସଭା ଆସନ ବିଶିଷ୍ଟ ଆନ୍ଧ୍ର ପ୍ରଦେଶରେ ମୁଖ୍ୟମନ୍ତ୍ରୀ ଜଗନ୍‌ମୋହନ ରେଡ୍ଡୀଙ୍କ ଶାସକ ୱାଇଏସ୍‌ଆର୍ କଂଗ୍ରେସ ପାର୍ଟିରୁ ସର୍ବାଧିକ ୧୯ ପ୍ରାର୍ଥୀ ଜିତିବେ। ଏନ୍. ଚନ୍ଦ୍ରାବାବୁ ନାଇଡୁଙ୍କ ତେଲୁଗୁ ଦେଶମ୍ ପାର୍ଟି (ଟିଡିପି) ଏବଂ ଅଭିନେତା ପବନ କଲ୍ୟାଣଙ୍କ ଜନସେନା ପାର୍ଟିକୁ ନେଇ ଗଠିତ ମେଣ୍ଟ ଅବଶିଷ୍ଟ ୬ଟି ଆସନ ପାଇପାରେ। ଅରବିନ୍ଦ କେଜ୍‌ରିୱାଲଙ୍କ ଆମ୍ ଆଦ୍‌ମୀ ପାର୍ଟି (ଏଏପି) ଦିଲ୍ଲୀ ଓ ପଞ୍ଜାବରେ କ୍ଷମତାସୀନ ରହିଛି। ପଞ୍ଜାବରେ ଏଏପି ୫ ଆସନ ଦଖଲ କରିପାରେ। ଭାଜପା ଏବଂ କଂଗ୍ରେସ ୩ଟି ଲେଖାଏ ଆସନରେ ଜିତିବା ସମ୍ଭବ। ଶିରୋମଣି ଅକାଳୀ ଦଳ (ବାଦଲ)କୁ ୧ ଏବଂ ଅନ୍ୟଙ୍କୁ ୧ ଆସନ ମିଳିପାରେ।

ଭାଜପା ଉତ୍ତରାଖଣ୍ଡରେ ୫ରୁ ୫, ରାଜସ୍ଥାନରେ ୨୫ରୁ ୨୫, ଛତିଶଗଡ଼ରେ ୧୧ରୁ ୧୧, ଗୁଜରାଟରେ ୨୬ରୁ ୨୬ ଏବଂ ଦିଲ୍ଲୀରେ ୭ରୁ ୭ ଆସନ ଦଖଲ କରିବା ନେଇ ଏଥିରେ ଆକଳନ କରାଯାଇଛି। ମଧ୍ୟପ୍ରଦେଶରେ ଭାଜପା ୨୮ ଓ କଂଗ୍ରେସ ଗୋଟିଏ, ହରିୟାଣାରେ ଭାଜପା ୩ ଓ କଂଗ୍ରେସ ଗୋଟିଏ ଆସନରେ ବିଜୟୀ ହେବା ସମ୍ଭାବନା ରହିଛି। ମହାରାଷ୍ଟ୍ରରେ ୪୮ ଆସନରୁ ଏନ୍‌ଡିଏ ୩୯ ଏବଂ ଏମ୍‌ଭିଏ ୯ ଆସନ ପାଇପାରନ୍ତି। ଝାଡ଼ଖଣ୍ଡରେ ଭାଜପା ୧୩ ଓ କଂଗ୍ରେସ ଗୋଟିଏ ଆସନ ଜିତିବା ନେଇ ଆକଳନ କରାଯାଇଛି। ପଶ୍ଚିମବଙ୍ଗରେ ମମତା ବାନାର୍ଜୀଙ୍କ ତୃଣମୂଳ କଂଗ୍ରେସ ୪୨ ଲୋକ ସଭା ଆସନରୁ ୨୬ ଦଖଲ କରିପାରେ। ଭାଜପାକୁ ୧୫ ଏବଂ କଂଗ୍ରେସ+ବାମପନ୍ଥୀଙ୍କୁ ଗୋଟିଏ ଆସନରେ ସନ୍ତୁଷ୍ଟ ହେବାକୁ ପଡ଼ିବ। ତାମିଲନାଡୁରେ ୩୯ ଆସନ ମଧ୍ୟରୁ ଇଣ୍ଡିଆ ମେଣ୍ଟର ୩୬, ଏଆଇଏଡିଏମ୍‌କେ ୨ ଏବଂ ଭାଜପାର ଗୋଟିଏ ଆସନରେ ବିଜୟ ସମ୍ଭାବନା ରହିଛି। ୧୪ ଆସନ ବିଶିଷ୍ଟ ଆସାମରେ ଭାଜପାକୁ ୧୧, କଂଗ୍ରେସ ୧ ଏବଂ ଏଆଇୟୁଡିଏଫ୍ ୧ ଓ ଅନ୍ୟଙ୍କୁ ୧ ଆସନରେ ସଫଳତା ମିଳିପାରେ। ହିମାଚଳ ପ୍ରଦେଶରେ ୪ ଆସନରୁ ଭାଜପା ୩ ଓ କଂଗ୍ରେସ ୧ ଆସନରେ ଜିତିପାରେ। ଦକ୍ଷିଣ ଭାରତୀୟ ରାଜ୍ୟ କର୍ନାଟକର ୨୮ ଆସନ ମଧ୍ୟରୁ ଗୈରିକ ଦଳକୁ ୨୫ ଆସନରେ ସଫଳତା ମିଳିପାରେ। କଂଗ୍ରେସ ୫ ଏବଂ ଧର୍ମନିରପେକ୍ଷ ଜନତା ଦଳ (ଜେଡିଏସ୍) ୨ ଆସନରେ ବିଜୟୀ ହୋଇପାରେ। ସେହିପରି ତେଲଙ୍ଗାନାର ୧୭ ଆସନ ମଧ୍ୟରୁ ଶାସକ କଂଗ୍ରେସକୁ ୯, ଭାଜପାକୁ ୫, ବିଆର୍‌ଏସ୍‌କୁ ୨ ଏବଂ ଏଆଇଏମ୍‌ଆଇଏମ୍‌କୁ ଗୋଟିଏ ଆସନ ମିଳିପାରେ।

## ଶ୍ରୀନଗରରେ ପଞ୍ଜାବୀ ଶ୍ରମିକଙ୍କୁ ଗୁଳିକରି ହତ୍ୟା

**ଶ୍ରୀନଗର,୭।୨**

ଜମ୍ମୁ-କଶ୍ମୀରରେ ବୁଧବାର ଆଉ ବାହ୍ୟ ରାଜ୍ୟର ଜଣେ ଶ୍ରମିକ ଆତଙ୍କବାଦୀଙ୍କ ଟାର୍ଗେଟ କିଲିଂର ଶିକାର ହୋଇଛନ୍ତି। ପଞ୍ଜାବର ଅମୃତସର ନିବାସୀ ଅମ୍ରିତ୍‌ପାଲ ସିଂ ଶ୍ରୀନଗରରେ ହକର୍ କାମ କରୁଥିଲେ। ଶହୀଦଗଞ୍ଜ ଅଞ୍ଚଳରେ ଆତଙ୍କବାଦୀମାନେ ତାଙ୍କୁ ଗୁଳି କରି ହତ୍ୟା କରିଛନ୍ତି। ଆତଙ୍କବାଦୀଙ୍କ ଆକ୍ରମଣରେ ଅନ୍ୟ ଜଣେ ପ୍ରବାସୀ ଶ୍ରମିକ ଆହତ ହୋଇଛନ୍ତି। ପୋଲିସ ସମ୍ପୃକ୍ତ ଅଞ୍ଚଳକୁ ଘେରି ଆତଙ୍କବାଦୀଙ୍କୁ ଧରିବା ପାଇଁ ଉଦ୍ୟମ ଚଳାଇଛି।

## ୩୩ ଦେଶର ପର୍ଯ୍ୟଟକଙ୍କୁ ଇରାନର ଭିଜା ମୁକ୍ତ ସୁବିଧା

**ନୂଆଦିଲ୍ଲୀ, ୭।୨**

ଭାରତ ସମେତ ୩୩ଟି ଦେଶର ପର୍ଯ୍ୟଟକଙ୍କ ପାଇଁ ଇରାନ ଭିଜା ମୁକ୍ତ ସୁବିଧା ଆରମ୍ଭ କରିଛି। ନୂଆଦିଲ୍ଲୀସ୍ଥିତ ଇରାନ ଦୂତାବାସ ପକ୍ଷରୁ କୁହାଯାଇଛି, ସର୍ତ୍ତମୂଳକ ଭାବେ ୧୫ ଦିନ ପର୍ଯ୍ୟନ୍ତ ଏହି ଦେଶଗୁଡ଼ିକର ପର୍ଯ୍ୟଟକମାନେ ବିନା ଭିଜାର ଇରାନରେ ରହିପାରିବେ। ଏଥିପାଇଁ ପର୍ଯ୍ୟଟକମାନଙ୍କୁ ବିମାନ ଯୋଗେ ଇରାନ ଗସ୍ତ କରିବାକୁ ପଡ଼ିବ। ଆଣବିକ କାର୍ଯ୍ୟକ୍ରମ ବନ୍ଦ କରୁ ନ ଥିବାରୁ ଇରାନ ଉପରେ କଟକଣା ଲଗାଯାଇଛି। ତେଣୁ ଇରାନ ଏହି ନିଷ୍ପତ୍ତି ନେଇଛି।

## ଦଳର ନାମ ଏନ୍‌ସିପି ଶରଦ ଚନ୍ଦ୍ର ପାୱାର


ଶରଦ ପାୱାର

**ନୂଆଦିଲ୍ଲୀ, ୭।୨**

ଜାତୀୟତାବାଦୀ କଂଗ୍ରେସ ପାର୍ଟି (ଏନ୍‌ସିପି)ର ଶରଦ ପାୱାର ଗୋଷ୍ଠୀଙ୍କୁ ନୂଆ ନାମ ପ୍ରଦାନ କରିଛନ୍ତି ଭାରତୀୟ ନିର୍ବାଚନ କମିଶନ (ଇସିଆଇ)। ଶରଦ ପାୱାରଙ୍କ ନୂଆ ଦଳର ନାମ ହେବ ଏନ୍‌ସିପି ଶରଦ ଚନ୍ଦ୍ର ପାୱାର। ତେବେ ଶରଦ୍‌ଙ୍କୁ କେଉଁ ନିର୍ବାଚନୀ ଚିହ୍ନ ମିଳିବ ତାହା ସ୍ପଷ୍ଟ ହୋଇନାହିଁ। ସେହିପରି ଶରଦ୍ ପାୱାରଙ୍କ ଗୋଷ୍ଠୀ ପକ୍ଷରୁ ଇସିଆଇଙ୍କୁ ୩ଟି ଚିହ୍ନ ସୁପାରିସ କରାଯାଇଛି। ଏହି ଚିହ୍ନଗୁଡ଼ିକ ହେଉଛି ଚା କପ୍, ସୂର୍ଯ୍ୟମୁଖୀ ଫୁଲ ଏବଂ ଉଦିତ ସୂର୍ଯ୍ୟ। ସୂଚନାଯୋଗ୍ୟ, ମଙ୍ଗଳବାର ଅଜିତ ପାୱାରଙ୍କ ଗୋଷ୍ଠୀକୁ ପ୍ରକୃତ ଏନ୍‌ସିପି ଭାବେ ଘୋଷଣା କରିଥିଲେ ଇସିଆଇ। ଏହାସହ ଏନସିପିର ଆଧିକାରିକ ଚିହ୍ନ ଘଣ୍ଟା ମଧ୍ୟ ଅଜିତଙ୍କୁ ମିଳିଥିଲା। ବୁଧବାର ଶରଦଙ୍କ ଗୋଷ୍ଠୀ ପକ୍ଷରୁ ଇସିଆଇଙ୍କୁ ୩ଟି ନାମ ଓ ୩ଟି ଚିହ୍ନର ପ୍ରସ୍ତାବ ଦିଆଯାଇଥିଲା। ଶରଦ ପାୱାର କଂଗ୍ରେସ, ମି ରାଷ୍ଟ୍ରବାଦୀ ଏବଂ ଶରଦ ସ୍ୱାଭିମାନୀ ନାମର ପ୍ରସ୍ତାବ ଦେଇଥିଲେ ଶରଦଙ୍କ ଗୋଷ୍ଠୀ।

## ପୁନମ୍ ପାଣ୍ଡେ ହୋଇପାରନ୍ତି ସରକାରଙ୍କ ବ୍ରାଣ୍ଡ୍ ଆମ୍ବାସାଡର



**ନୂଆଦିଲ୍ଲୀ, ୭।୨ (ପି.ଟି.)**

ଭାରତ ସରକାରଙ୍କର ଗର୍ଭାଶୟ କର୍କଟ ସଚେତନତା ଅଭିଯାନର ବ୍ରାଣ୍ଡ୍ ଆମ୍ବାସାଡର ହୋଇପାରନ୍ତି ଅଭିନେତ୍ରୀ ପୁନମ୍ ପାଣ୍ଡେ। ସୂତ୍ରରୁ ମିଳିଥିବା ଖବର ଅନୁଯାୟୀ ପୁନମ୍ ପାଣ୍ଡେ ଓ ତାଙ୍କ ଟିମ୍ କେନ୍ଦ୍ର ସ୍ୱାସ୍ଥ୍ୟ ମନ୍ତ୍ରୀ ମନସୁଖ୍ ମାଣ୍ଡବ୍ୟଙ୍କ ସହ ଏନେଇ ଆଲୋଚନା କରିଛନ୍ତି। ଗର୍ଭାଶୟ କର୍କଟ ପରି ରୋଗର ଭୟଙ୍କର ପ୍ରଭାବକୁ ମିଳିମିଶି ହ୍ରାସ କରିବାକୁ ସମସ୍ତଙ୍କୁ ସାମାଜିକ ଗଣମାଧ୍ୟମ ଜରିଆରେ ଅନୁରୋଧ କରିଛନ୍ତି ପୁନମ୍। ସେହିପରି ଚଳିତ କେନ୍ଦ୍ରୀୟ ଅନ୍ତରୀଣ ବଜେଟରେ ୯ରୁ ୧୪ ବର୍ଷ ବୟସର ଝିଅମାନଙ୍କୁ ଗର୍ଭାଶୟ କର୍କଟ ରୋଗର ପ୍ରତିକାର ନିମନ୍ତେ ଟିକାକରଣ କରାଯିବା ନେଇ କେନ୍ଦ୍ର ଅର୍ଥମନ୍ତ୍ରୀ ନିର୍ମଳା ସୀତାରାମନ କରିଥିବା ଘୋଷଣାକୁ ପ୍ରଶଂସା କରିଛନ୍ତି ପୁନମ୍। ତେଣୁ ଗର୍ଭାଶୟ କର୍କଟ ସଚେତନତା ଅଭିଯାନର ବ୍ରାଣ୍ଡ୍ ଆମ୍ବାସାଡର ପୁନମ୍ ହେବା ନେଇ ଚର୍ଚ୍ଚା ଜୋର ଧରିଛି। ସୂଚନାଯୋଗ୍ୟ, ଚଳିତ ଫେବୃଆରୀ ୨ ତାରିଖରେ ପୁନମ ଗର୍ଭାଶୟ କର୍କଟ ରୋଗରେ ପୀଡ଼ିତ ହୋଇ ମୃତ୍ୟୁବରଣ କରିଥିବାର ଭୁଲ ଖବରକୁ ସାମାଜିକ ଗଣମାଧ୍ୟମରେ ପ୍ରଚାର କରିଥିଲେ । ତେବେ ଗର୍ଭାଶୟ କର୍କଟ ରୋଗ ନେଇ ଦେଶବାସୀଙ୍କୁ ସଚେତନ କରାଇବା ଉଦ୍ଦେଶ୍ୟରେ ସେ ଏପରି କରିଥିବା ପରବର୍ତ୍ତୀ ସମୟରେ ସଫେଇ ଦେଇଥିଲେ।



ସ୍ପେନ୍‌ର କୃଷକମାନେ ଖର୍ଚ୍ଚ ବୃଦ୍ଧି, ଅମଲାତନ୍ତ୍ର ଓ ଅଣୟୁରୋପୀୟ ସଂଘ ରାଷ୍ଟ୍ରଗୁଡ଼ିକ ସହ ପ୍ରତିଦ୍ୱନ୍ଦ୍ୱିତାକୁ ବିରୋଧ କରି କାଷ୍ଟେଲୋନରେ ବନ୍ଦର ରାସ୍ତାକୁ ଅବରୋଧ କରିଛନ୍ତି।

## ୟୁସିସି ଆଣିଲା ଉତ୍ତରାଖଣ୍ଡ

### ଅନୁସରଣ କରିବେ ଭାଜପା ଶାସିତ ରାଜ୍ୟ



**ଡେରାଡୁନ୍/ନୂଆଦିଲ୍ଲୀ,୭।୨**

ଭାଜପା ଶାସିତ ଉତ୍ତରାଖଣ୍ଡ ବିଧାନସଭାରେ ବୁଧବାର ସମାନ ଦେୱାନୀ ସଂହିତା (ୟୁସିସି) ଗୃହୀତ ହୋଇଛି। ଉତ୍ତରାଖଣ୍ଡ ଏହି କ୍ଷେତ୍ରରେ ପ୍ରଥମ ରାଜ୍ୟ ହୋଇଥିବାବେଳେ ଭାଜପା ଶାସିତ ଅନ୍ୟ ରାଜ୍ୟଗୁଡ଼ିକ ଏହାକୁ ଅନୁସରଣ କରି ଅନୁରୂପ ପଦକ୍ଷେପ ନେବାକୁ ଯାଉଛନ୍ତି। ରାଜସ୍ଥାନ ବିଧାନସଭାରେ ଆଗାମୀ ଅଧିବେଶନରେ ୟୁସିସି ବିଲ୍ ଆଗତ ହେବାକୁ ଯାଉଛି। ସେହିପରି ଉତ୍ତରପ୍ରଦେଶ, ମଧ୍ୟପ୍ରଦେଶ, ଛତିଶଗଡ଼ ଓ ଅନ୍ୟ ଭାଜପା ଶାସିତ ରାଜ୍ୟରେ ମଧ୍ୟ ୟୁସିସି ବିଲ୍ ଆସିପାରେ ବୋଲି କୁହାଯାଉଛି।

ୟୁସିସି ହେଉଛି ସମସ୍ତ ଭାରତୀୟ ନାଗରିକଙ୍କ ପାଇଁ ଉଦ୍ଦିଷ୍ଟ ଏକ ସମାନ ଆଇନ, ଯାହାକି ବିବାହ, ବିଚ୍ଛେଦ, ଉତ୍ତରାଧିକାର, ପୋଷ୍ୟଗ୍ରହଣ ଭଳି ଅନ୍ୟ ବ୍ୟକ୍ତିଗତ ବ୍ୟାପାର ପ୍ରସଙ୍ଗରେ କୌଣସି ଧର୍ମ ଆଧାରିତ ନୁହେଁ। ଉକ୍ତ ବିଲ୍ ଗୃହୀତ ହେବା ପରେ ଉତ୍ତରାଖଣ୍ଡ ମୁଖ୍ୟମନ୍ତ୍ରୀ ପୁଷ୍କର ସିଂ ଧାମି ସମସ୍ତ ବିଧାୟକ ଓ ରାଜ୍ୟବାସୀଙ୍କୁ ଧନ୍ୟବାଦ ଦେଇଛନ୍ତି। ସେମାନେ କ୍ଷମତା ପ୍ରଦାନ କରିବା ଯୋଗୁ ଆମେ ଆଜି ଏହି ବିଲ୍‌କୁ ପାରିତ କରିପାରିଛୁ ବୋଲି ବିଧାନସଭା ବାହାରେ ଗଣମାଧ୍ୟମକୁ ଧାମି କହିଛନ୍ତି। ଏହି କ୍ଷେତ୍ରରେ ଦୃଢ଼ ସମର୍ଥନ ପୂର୍ବକ ଉତ୍ସାହିତ କରିଥିବାରୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ ମଧ୍ୟ ଧାମି ଧନ୍ୟବାଦ ଦେଇଛନ୍ତି। ଏହି ବିଲ୍ କୌଣସି ବ୍ୟକ୍ତିଙ୍କ ବିରୋଧରେ ନୁହେଁ, ବରଂ ସମସ୍ତଙ୍କ ସୁବିଧା ପାଇଁ। ଏହା ସମସ୍ତଙ୍କୁ ବିନା ଭେଦଭାବରେ ସମାନତାର ଅଧିକାର ଦେବ। ବିଶେଷକରି ମହିଳାମାନେ ଏଥିରୁ ଉପକୃତ ହେବେ ବୋଲି ଧାମି କହିଛନ୍ତି।

ଗୃହରେ ବିଲ୍ ଆଗତ ହେବା ପରେ ବିରୋଧୀ ଦଳଗୁଡ଼ିକ ଏହାକୁ ବିଧାନସଭାର ସିଲେକ୍ଟ କମିଟି ନିକଟକୁ ପଠାଇବା ପାଇଁ ଦାବି କରିଥିଲେ। ରାଜ୍ୟପାଳଙ୍କ ମୋହର ମିଳିବା ପରେ ବିବାହ, ବିଚ୍ଛେଦ, ଜମିଜମା, ସମ୍ପତ୍ତି, ଉତ୍ତରାଧିକାର ଆଦିରେ ଧର୍ମ ନିର୍ବିଶେଷରେ ଉତ୍ତରାଖଣ୍ଡର ସମସ୍ତ ନାଗରିକ ସମାନ ଆଇନ ପାଇବେ। ଭବିଷ୍ୟତରେ ଆବଶ୍ୟକ ହେଲେ ୟୁସିସିରେ ସଂଶୋଧନ ଅଣାଯାଇପାରିବ ବୋଲି ଧାମି କହିଛନ୍ତି। ଏଥିରେ ଜନସଂଖ୍ୟା ନିୟନ୍ତ୍ରଣ ଉପାୟ ଏବଂ ଏସ୍‌ଟି ବର୍ଗଙ୍କୁ ବାଦ୍ ଦିଆଯାଇଛି। ଲୋକ ସଭା ନିର୍ବାଚନକୁ ଆଉ ୨ ମାସ ଥିବାବେଳେ ଉତ୍ତରାଖଣ୍ଡ ୟୁସିସି ଭାଜପାର କାର୍ଯ୍ୟସୂଚୀରେ ବିଶେଷ ଗୁରୁତ୍ୱ ବହନ କରିବ।

> "ଉତ୍ତରାଖଣ୍ଡ ପାଇଁ ଆଜି ଏକ ଗୁରୁତ୍ୱପୂର୍ଣ୍ଣ ଦିନ। ଆମେ ଏପରି ଏକ ବିଲ୍‌କୁ ଗୃହୀତ କରାଇଛୁ, ଯାହାକୁ ସାରା ଦେଶର ଲୋକେ ଦୀର୍ଘ ସମୟ ଧରି ଦାବି କରିଆସିଛନ୍ତି।
> **–ପୁଷ୍କର ସିଂ ଧାମି, ଉତ୍ତରାଖଣ୍ଡ ମୁଖ୍ୟମନ୍ତ୍ରୀ**

> "ସମ୍ବିଧାନର ଅନୁଚ୍ଛେଦ ୨୫ ଓ ୨୬ ଜଣେ ବ୍ୟକ୍ତିଙ୍କୁ ଧର୍ମୀୟ ସ୍ୱାଧୀନତା ପ୍ରଦାନ କରୁଥିବାରୁ ନାଗରିକଙ୍କ ଉପରେ ପାର୍ଲାମେଣ୍ଟ ୟୁସିସିକୁ ଲଦି ପାରିବ ନାହିଁ।
> **– ପ୍ରକାଶ ଅମ୍ବେଡକର, ବଞ୍ଚିତ ବହୁଜନ ଅଘାଡ଼ି ଅଧ୍ୟକ୍ଷ**

> "ଉତ୍ତରାଖଣ୍ଡର ସମାନ ନାଗରିକ ସଂହିତା ବିଲ୍ ଭାରତୀୟ ସମ୍ବିଧାନ ପ୍ରଦତ୍ତ ମୌଳିକ ଅଧିକାରର ଉଲ୍ଲଂଘନ। ଏହି କୋଡ୍ ମୁସଲମାନମାନଙ୍କୁ ଅନ୍ୟ ଧର୍ମ ଓ ସଂସ୍କୃତିର ଅନୁସରଣ ପାଇଁ ବାଧ୍ କରିବ।
> **– ଅସାଦୁଦ୍ଦିନ ଓୱାଇସି, ଏଆଇଏମ୍‌ଆଇଏମ୍**

## ନିର୍ବାଚନ ପୂର୍ବରୁ ବିସ୍ଫୋରଣ: ୩୦ ନିହତ

**ଇସ୍‌ଲାମାବାଦ୍,୭।୨**

ଆର୍ଥିକ ସଙ୍କଟ ଦେଇ ଗତି କରୁଥିବା ପାକିସ୍ତାନରେ ନୂଆ ସରକାର ଗଠନ ଲାଗି ଗୁରୁବାର ସାଧାରଣ ନିର୍ବାଚନ ଅନୁଷ୍ଠିତ ହେବ। ୧୨.୮୫ କୋଟି ଭୋଟର ସେମାନଙ୍କ ରାଜନୈତିକ ମତାଧିକାର ସାବ୍ୟସ୍ତ କରିବେ। ଏଥିପାଇଁ ଦେଶବ୍ୟାପୀ କଡ଼ା ସୁରକ୍ଷା ବ୍ୟବସ୍ଥା କରାଯାଇଛି। ୬,୫୦,୦୦୦ ସୁରକ୍ଷା କର୍ମୀଙ୍କୁ ମୁତୟନ କରାଯାଇଛି। ଏହାସତ୍ତ୍ୱେ ଭୋଟର ଦିନକ ପୂର୍ବରୁ ବୁଧବାର ବେଲୁଚିସ୍ତାନରେ ୨ଟି ଶକ୍ତିଶାଳୀ ବିସ୍ଫୋରଣ ଘଟିଛି। ଏଥିରେ ଅନ୍ୟୁନ ୩୦ ଜଣ ନିହତ ଓ ୫୨ରୁ ଊର୍ଦ୍ଧ୍ୱ ଆହତ ହୋଇଛନ୍ତି। ପିଶିନ୍ ଜିଲାର ସ୍ୱାଧୀନ ପ୍ରାର୍ଥୀ ଅସ୍‌ଫାନ୍‌ଦ୍ୟାର ଖାନ୍ କକ୍କରଙ୍କ ଅଫିସ୍ ବାହାରେ ପ୍ରଥମେ ଏକ ଶକ୍ତିଶାଳୀ ବିସ୍ଫୋରଣ ଘଟିଥିଲା। ଆକ୍ରମଣରେ ୨୦ ନିହତ ହୋଇଥିବାବେଳେ ୩୦ ଆହତ ହୋଇଛନ୍ତି। ଏହା ଅଧଘଣ୍ଟା ନ ବିତୁଣୁ କିଲ୍ଲା ଅବ୍‌ଦୁଲ୍ଲା ଅଞ୍ଚଳରେ ଥିବା ଜାମିଆତ-ଉଲେମା ଇସ୍‌ଲାମିଆ (ଜେୟୁଆଇ) ପାକିସ୍ତାନର ନିର୍ବାଚନୀ ଅଫିସ୍ ବାହାରେ ଆଉ ଏକ ବିସ୍ଫୋରଣ ଘଟିଥିଲା। ଏଥିରେ ୧୦ ଜଣଙ୍କ ଜୀବନ ଯାଇଥିବାବେଳେ ୨୨ ଆହତ ହୋଇଛନ୍ତି।

ବରିଷ୍ଠ ପୋଲିସ ଅଧିକାରୀ ଅବ୍‌ଦୁଲ୍ଲା ଜେହରି କହିଛନ୍ତି, ଅସ୍‌ଫାନ୍‌ଦ୍ୟାରଙ୍କ ନିର୍ବାଚନୀ ଅଫିସ୍ ବିଲ୍ଡିଂ ବାହାରେ ଏକ ବ୍ୟାଗ୍‌ରେ ବିସ୍ଫୋରକ ରଖାଯାଇଥିଲା। ଆହତଙ୍କ ମଧ୍ୟରୁ କେତେଜଣଙ୍କ ଅବସ୍ଥା ସଙ୍କଟାପନ୍ନ ଥିବାରୁ ସେମାନଙ୍କୁ କ୍ୱେଟା ହସ୍ପିଟାଲରେ ଭର୍ତ୍ତି କରାଯାଇଛି। ମୃତକଙ୍କ ସଂଖ୍ୟା ବଢ଼ିବା ଆଶଙ୍କା କରାଯାଉଛି। ଆତଙ୍କବାଦୀମାନେ ଭୋଟରଙ୍କୁ ଆତଙ୍କିତ କରି ମତଦାନରୁ ଦୂରେଇ ରଖିବା ପାଇଁ ପ୍ରାର୍ଥୀମାନଙ୍କୁ ଟାର୍ଗେଟ କରୁଛନ୍ତି। ତେବେ ନିର୍ଦ୍ଧାରିତ ସମୟରେ ସୁରୁଖୁରୁରେ ନିର୍ବାଚନ କରାଇବା ପାଇଁ ବ୍ୟାପକ ସୁରକ୍ଷା ବଳଙ୍କୁ ମୁତୟନ କରାଯାଇଛି। ଇତିମଧ୍ୟରେ ବେଲୁଚିସ୍ତାନରେ ପାକିସ୍ତାନ ନିର୍ବାଚନ କମିଶନ (ଇସିପି) ସୁରକ୍ଷା ବ୍ୟବସ୍ଥାକୁ ବଢ଼ାଇଦେଇଛନ୍ତି। ଆକ୍ରମଣକାରୀମାନଙ୍କ ବିରୋଧରେ କଡ଼ା କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ଇସିପିର ଜଣେ ମୁଖପାତ୍ର କହିଛନ୍ତି। ପିଶିନ୍‌ରେ ସ୍ୱାଧୀନ ପ୍ରାର୍ଥୀଙ୍କ ଅଫିସ୍ ବାହାରେ ବିସ୍ଫୋରଣକୁ କାମଚଳା ଗୃହମନ୍ତ୍ରୀ ଗୋହର ଏଜାଜ୍ କଡ଼ା ନିନ୍ଦା କରିଛନ୍ତି। ଇସିପିଙ୍କ ସୂତ୍ରରୁ ମିଳିଥିବା ସୂଚନାନୁସାରେ ସକାଳ ୮ଟାରେ ଭୋଟ ଗ୍ରହଣ ଆରମ୍ଭ ହୋଇ ଅପରାହ୍ନ ୫ଟା ଯାଏ ଚାଲିବ। ଦେଶର ୧୨,୮୫,୮୫,୭୬୦ ମତଦାତା ନ୍ୟାଶନାଲ ଆସେମ୍ବ୍ଲି ଆସନ ପାଇଁ ପ୍ରାର୍ଥୀ ହୋଇଥିବା ୫,୧୨୧ ଜଣଙ୍କ ମଧ୍ୟରୁ ନିଜ ନିଜ ପ୍ରତିନିଧି ବାଛିବେ। ମଇଦାନକୁ ଓହ୍ଲାଇଥିବା ପ୍ରାର୍ଥୀଙ୍କ ମଧ୍ୟରେ ୪,୮୦୭ ପୁରୁଷ ଓ ୩୧୨ ମହିଳା ଥିବାବେଳେ ୨ ଜଣ କିନ୍ନର ରହିଛନ୍ତି। ମତଦାନ ପାଇଁ ଗୁରୁବାର ପାକିସ୍ତାନରେ ସରକାରୀ ଛୁଟି ଘୋଷଣା କରାଯାଇଛି। ପୂର୍ବତନ ପ୍ରଧାନମନ୍ତ୍ରୀ ଇମ୍ରାନ୍ ଖାନ୍ ଜେଲରେ ଥିବାବେଳେ ଅନ୍ୟତମ ପୂର୍ବତନ ପ୍ରଧାନମନ୍ତ୍ରୀ ନୱାଜ ଶରିଫଙ୍କୁ ଶକ୍ତିଶାଳୀ ସେନାର ସମର୍ଥନ ମିଳିଛି। ତେଣୁ ନିର୍ବାଚନରେ ଶରିଫଙ୍କ ପାକିସ୍ତାନ ମୁସଲିମ୍ ଲିଗ୍-ନୱାଜ (ପିଏମ୍‌ଏଲ୍-ଏନ୍) ଏକକ ସଂଖ୍ୟାଗରିଷ୍ଠ ଦଳ ଭାବେ ଉଭାହୋଇପାରେ। ଇମ୍ରାନ୍‌ଙ୍କ ପାକିସ୍ତାନ ତେହରିକ୍-ଇ-ଇନ୍‌ସାଫ୍ (ପିଟିଆଇ)ର କ୍ରିକେଟ୍ ବ୍ୟାଟ୍ ଚିହ୍ନକୁ ସୁପ୍ରିମକୋର୍ଟ ରଦ୍ଦ କରିଦେବା ପରେ ତାଙ୍କ ସମର୍ଥକମାନେ ସ୍ୱାଧୀନ ପ୍ରାର୍ଥୀ ରୂପେ ଲଢ଼ୁଛନ୍ତି। ୭୪ ବର୍ଷୀୟ ଶରିଫ୍ ବିଜୟ ହାସଲ କଲେ ରେକର୍ଡ ଚତୁର୍ଥ ଥର ପାଇଁ ପ୍ରଧାନମନ୍ତ୍ରୀ ହୋଇପାରନ୍ତି। ଅନ୍ୟପକ୍ଷେ ପାକିସ୍ତାନ ପିପୁଲ୍ସ ପାର୍ଟି (ପିପିପି) ବିଲାୱଲ ଭୁଟ୍ଟୋ ଜର୍ଦ୍ଦାରିଙ୍କୁ ପ୍ରଧାନମନ୍ତ୍ରୀ ପ୍ରାର୍ଥୀ କରିଛି।


**ଆଜି ପାକିସ୍ତାନରେ ଭୋଟ**

## ଇଡିରେ ହାଜର ପାଇଁ କେଜ୍‌ରିୱାଲ୍‌ଙ୍କୁ କୋର୍ଟ ସମନ

**ଦିଲ୍ଲୀ ଅବକାରୀ ଦୁର୍ନୀତି ମାମଲା**

**ନୂଆଦିଲ୍ଲୀ, ୭।୨**

ଦିଲ୍ଲୀ ଅବକାରୀ ଦୁର୍ନୀତି ମାମଲାରେ ଅଧିକ ପଚରାଉଚରା ପାଇଁ ମୁଖ୍ୟମନ୍ତ୍ରୀ ଅରବିନ୍ଦ କେଜ୍‌ରିୱାଲ୍‌ଙ୍କୁ ପୁଣି ସମନ ଜାରି କରାଯାଇଛି। ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ(ଇଡି)ର ଅଭିଯୋଗ ଅନୁଯାୟୀ କେଜ୍‌ରିୱାଲ୍‌ଙ୍କୁ ଏହି ସମନ ଜାରି କରିଛନ୍ତି ଦିଲ୍ଲୀର ରାଉଜ୍ ଏଭେନ୍ୟୁ କୋର୍ଟ। ଚଳିତ ଫେବୃୟାରୀ ୧୭ରେ ଦିଲ୍ଲୀ ଅବକାରୀ ଦୁର୍ନୀତି ମାମଲାରେ ଅଧିକ ପଚରାଉଚରା ପାଇଁ ଇଡି କାର୍ଯ୍ୟାଳୟରେ ଯୋଗଦେବାକୁ କେଜରିୱାଲଙ୍କୁ ଏହି ସମନ କରାଯାଇଛି। ପୂର୍ବରୁ ଦିଲ୍ଲୀ ଅବକାରୀ ଦୁର୍ନୀତି ମାମଲାରେ ହେଉଥିବା ଯାଞ୍ଚରେ ମୁଖ୍ୟମନ୍ତ୍ରୀ କେଜ୍‌ରିୱାଲ୍ ସହଯୋଗ କରୁ ନ ଥିବା ନେଇ କୋର୍ଟଙ୍କ ନିକଟରେ ଅଭିଯୋଗ କରିଥିଲା ଇଡି। ତେବେ ଦିଲ୍ଲୀ ରାଉଜ୍ ଏଭେନ୍ୟୁ କୋର୍ଟର ଏହି ଆଦେଶକୁ ନେଇ ପ୍ରତିକ୍ରିୟା ରଖିଛି ଆମ୍ ଆଦ୍‌ମୀ ପାର୍ଟି (ଏଏପି)। କୋର୍ଟଙ୍କ ଆଦେଶକୁ ଅଧ୍ୟୟନ କରିବା ସହ ଏନେଇ ଆଇନ ବିଶେଷଜ୍ଞଙ୍କ ପରାମର୍ଶ ନିଆଯିବ ବୋଲି ଏଏପି ପକ୍ଷରୁ କୁହାଯାଇଛି। ପୂର୍ବରୁ ଏହି ମାମଲାରେ କେଜ୍‌ରିୱାଲ୍‌ଙ୍କୁ ଇଡି ପକ୍ଷରୁ ଜାରି କରାଯାଇଥିବା ସମସ୍ତ ସମନ ବେଆଇନ ହୋଇଥିବା କହିଛି ଏଏପି। ସୂଚନାଯୋଗ୍ୟ, ଦିଲ୍ଲୀ ଅବକାରୀ ଦୁର୍ନୀତି ମାମଲାରେ ପୂର୍ବରୁ ଇଡି ପକ୍ଷରୁ ୫ ଥର କେଜ୍‌ରିୱାଲ୍‌ଙ୍କୁ ସମନ ଜାରି କରାଯାଇଥିବାବେଳେ ଏହାକୁ ବେଆଇନ୍ ଦର୍ଶାଇ କୌଣସି ଥର ମଧ୍ୟ କେଜ୍‌ରିୱାଲ୍ ଇଡି ନିକଟରେ ହାଜର ହୋଇନଥିଲେ।

## କର୍ନାଟକ ପ୍ରତି କେନ୍ଦ୍ରର ଅନ୍ୟାୟ

**ଦିଲ୍ଲୀରେ କଂଗ୍ରେସର ପ୍ରତିବାଦ**

**ନୂଆଦିଲ୍ଲୀ/ବେଙ୍ଗାଲୁରୁ,୭।୨**

କର୍ନାଟକ ମୁଖ୍ୟମନ୍ତ୍ରୀ ସିଦ୍ଧାରାମାୟାଙ୍କ ସମେତ କଂଗ୍ରେସର ବରିଷ୍ଠ ନେତାମାନେ ବୁଧବାର ଏହି ଦକ୍ଷିଣ ଭାରତୀୟ ରାଜ୍ୟ ପ୍ରତି କେନ୍ଦ୍ରର ମୋଦି ସରକାରଙ୍କ ଅନ୍ୟାୟର ପ୍ରତିବାଦ ଜଣାଇଛନ୍ତି। ସେମାନେ ଦିଲ୍ଲୀର ଯନ୍ତରମନ୍ତରରେ କେନ୍ଦ୍ର ବିରୋଧରେ ବଡ଼ଧରଣର ବିକ୍ଷୋଭ କରିଛନ୍ତି। ଫଳରେ କର୍ନାଟକ ଓ କେନ୍ଦ୍ର ସରକାର ମୁହାଁମୁହିଁ ସ୍ଥିତିକୁ ଚାଲିଆସିଛନ୍ତି। ଲୋକ ସଭା ନିର୍ବାଚନ ପାଖେଇ ଆସୁଥିବାବେଳେ କର୍ନାଟକ କଂଗ୍ରେସ ପକ୍ଷରୁ ବୁଧବାର 'ଚଲୋ ଦିଲ୍ଲୀ' ନାରା ଦିଆଯାଇଥିଲା। କଂଗ୍ରେସ ନେତାମାନେ ଯନ୍ତରମନ୍ତରରେ ଏକତ୍ରିତ ହୋଇ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ ଟାର୍ଗେଟ କରିଥିଲେ। କର୍ନାଟକ ଉପମୁଖ୍ୟମନ୍ତ୍ରୀ ଡି.କେ. ଶିବକୁମାର, ଦଳୀୟ ଏମ୍‌ପି, ବିଧାୟକ ଓ ମନ୍ତ୍ରୀମାନେ ୨ ଘଣ୍ଟା ଧରି ଧାରଣା ଦେଇଥିଲେ। ଟିକସ ଓ ଅନୁଦାନ କ୍ଷେତ୍ରରେ କେନ୍ଦ୍ର କର୍ନାଟକକୁ ବାରମ୍ବାର ଅବହେଳା କରୁଥିବା ଅଭିଯୋଗ ଆଣିଥିଲେ। ପଞ୍ଚଦଶ ଅର୍ଥ କମିଶନଙ୍କ ଅନୁସାରେ ଗତ ୫ ବର୍ଷ ମଧ୍ୟରେ କର୍ନାଟକକୁ ୧.୮୭ ଲକ୍ଷ କୋଟି ଟଙ୍କା କ୍ଷତି ସହିବାକୁ ପଡ଼ିଛି। କେନ୍ଦ୍ର ଏହାର କ୍ଷତିପୂରଣ କରୁ ବୋଲି ସେମାନେ ଦାବି କରିଥିଲେ। ସିଦ୍ଧାରାମାୟା କହିଥିଲେ, ଆମ ବିକ୍ଷୋଭ ଭାଜପା ବିରୋଧରେ ନୁହେଁ, ବରଂ କର୍ନାଟକ ପ୍ରତି ହୋଇଥିବା ଭେଦଭାବ ବିରୋଧରେ ଉଦ୍ଦିଷ୍ଟ। ଅନ୍ୟପକ୍ଷେ କେନ୍ଦ୍ର ଅର୍ଥମନ୍ତ୍ରୀ ନିର୍ମଳା ସୀତାରାମନ୍ ଏହାକୁ କଂଗ୍ରେସର ବିଚ୍ଛିନ୍ନତାବାଦୀ ମାନସିକତା ଭାବେ ଅଭିହିତ କରି ସମାଲୋଚନା କରିଛନ୍ତି।



ନୂଆଦିଲ୍ଲୀର ଯନ୍ତରମନ୍ତରରେ କର୍ନାଟକ ମୁଖ୍ୟମନ୍ତ୍ରୀ ସିଦ୍ଧାରାମାୟା ଓ ଉପମୁଖ୍ୟମନ୍ତ୍ରୀ ଡି.କେ. ଶିବକୁମାରଙ୍କ ସହ କଂଗ୍ରେସ ନେତାମାନେ ବିକ୍ଷୋଭ ପ୍ରଦର୍ଶନ କରୁଛନ୍ତି।

**ଅନ୍ଧାରୁଆରେ ଆଇକନିକ୍ ଓଡ଼ିଶା ଆଦର୍ଶ ବିଦ୍ୟାଳୟ ଉଦ୍‌ଘାଟନ**

# ଉଜ୍ଜ୍ୱଳ ଭବିଷ୍ୟତ ଗଠନର ନୂଆ ଠିକଣା

ଭୁବନେଶ୍ୱର,୭।୨(ସୁନିତ୍ ମିଶ୍ର)

ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ବୁଧବାର ଭୁବନେଶ୍ୱର ଅନ୍ଧାରୁଆଠାରେ ଆଇକନିକ୍ ଓଡ଼ିଶା ଆଦର୍ଶ ବିଦ୍ୟାଳୟର ନୂତନ କ୍ୟାମ୍ପସ୍‌ର ଶୁଭ ଉଦ୍‌ଘାଟନ କରିଛନ୍ତି। ଏହା ମାଧ୍ୟମରେ ଛାତ୍ରୀଛାତ୍ରମାନେ ବିଶ୍ୱସ୍ତରୀୟ ପ୍ରତିଯୋଗିତା ପାଇଁ ନିଜକୁ ପ୍ରସ୍ତୁତ କରି ଏକ ଉଜ୍ଜ୍ୱଳ ଭବିଷ୍ୟତ ଗଠନ କରିପାରିବେ ବୋଲି ମୁଖ୍ୟମନ୍ତ୍ରୀ ଆଶାବ୍ୟକ୍ତ କରିଛନ୍ତି। ସୂଚନାଯୋଗ୍ୟ, ୨୦୨୧ ସେପ୍ଟେମ୍ବର ୫ ଗୁରୁଦିବସ ଅବସରରେ ମୁଖ୍ୟମନ୍ତ୍ରୀ ଏହାର ଭିତ୍ତିପ୍ରସ୍ତର ସ୍ଥାପନ କରିଥିଲେ।




ଉଦ୍‌ଘାଟିତ ହୋଇଥିବା ୨୫ ଏକର ପରିମିତ ନୂତନ କ୍ୟାମ୍ପସ୍‌ରେ ସିବିଏସ୍‌ଇ ଦଶମ ଶ୍ରେଣୀ ବୋର୍ଡ ପରୀକ୍ଷାରେ ଉତ୍କର୍ଷ ହାସଲ କରିଥିବା ୧୦୦୦ ମେଧାବୀ ଛାତ୍ରୀଛାତ୍ରଙ୍କ ପଢ଼ିବା ପାଇଁ ଏକାଡେମିକ୍ ବ୍ଲକ, ପ୍ରତ୍ୟେକ ୫୪୪ କ୍ଷମତା ବିଶିଷ୍ଟ ୨ ଛାତ୍ରାବାସ ଓ ଛାତ୍ରୀନିବାସ, ସେଣ୍ଟ୍ରାଲ କିଚେନ ଓ ଡାଇନିଂ ବ୍ୟବସ୍ଥା, ଷ୍ଟାଫ କ୍ୱାର୍ଟର୍ସ, ଡର୍ମିଟୋରି ଏବଂ ପାର୍କିଂ ଓ ବଗିଚା ଇତ୍ୟାଦିର ବ୍ୟବସ୍ଥା କରାଯାଇଛି। ଏହାର ନିର୍ମାଣ ପାଇଁ ୧୦୦ କୋଟିରୁ ଊର୍ଦ୍ଧ୍ୱ ଟଙ୍କା ଖର୍ଚ୍ଚ ହୋଇଛି। ଆଇକନିକ୍ ଓଡ଼ିଶା ଆଦର୍ଶ ବିଦ୍ୟାଳୟର ଆବାସିକ ଛାତ୍ରୀଛାତ୍ରଙ୍କ ପାଇଁ ମାଗଣା ରହିବା ସହ ଅତ୍ୟାଧୁନିକ କ୍ଲାସ୍ ରୁମ୍, ଆଇସିଟି ଲାବ୍, ଇ-ଲାଇବ୍ରେରି, ଅତ୍ୟାଧୁନିକ ସାଇନ୍ସ ଲାବ୍, ଦକ୍ଷତା ବିକାଶର ବ୍ୟବସ୍ଥା କରାଯାଇଛି। ଗ୍ରାମାଞ୍ଚଳର ମେଧାବୀ ଛାତ୍ରୀଛାତ୍ରମାନଙ୍କୁ ସିବିଏସ୍‌ଇ ଢାଞ୍ଚାରେ ଗୁଣାତ୍ମକ ମାନର ଶିକ୍ଷା ପ୍ରଦାନ ପାଇଁ ରାଜ୍ୟର ପ୍ରତ୍ୟେକ ବ୍ଲକ୍‌ରେ ଗୋଟିଏ ଲେଖାଏ ଆଦର୍ଶ ବିଦ୍ୟାଳୟ ଖୋଲାଯିବା ମୁଖ୍ୟମନ୍ତ୍ରୀଙ୍କ ଏକ ମହତ୍ତ୍ୱାକାଂକ୍ଷୀ କାର୍ଯ୍ୟକ୍ରମ। ଏହି କାର୍ଯ୍ୟକ୍ରମରେ ବର୍ତ୍ତମାନ ସୁଦ୍ଧା ୩୧୫ ଆଦର୍ଶ ବିଦ୍ୟାଳୟ ସ୍ଥାପନ ହୋଇଛି। ଗ୍ରାମାଞ୍ଚଳର ମେଧାବୀ ଛାତ୍ରୀଛାତ୍ରମାନଙ୍କ ସର୍ବାଙ୍ଗୀନ ବିକାଶକୁ ଦୃଷ୍ଟିରେ ରଖି ଏହି ଆଇକନିକ୍ ଆଦର୍ଶ ବିଦ୍ୟାଳୟର ପିଲାଙ୍କ ପାଇଁ ମେଡିକାଲ, ଇଞ୍ଜିନିୟରିଂ, ଆଇନ ପାଠ୍ୟକ୍ରମ ଏବଂ ସୈନ୍ୟ ବାହିନୀରେ ଯୋଗଦେବା ପାଇଁ ଉଦ୍ଦିଷ୍ଟ ବିଭିନ୍ନ ଜାତୀୟସ୍ତରର ପ୍ରତିଯୋଗିତାର କୋଚିଂ ବ୍ୟବସ୍ଥା କରାଯାଇଛି।



ଅନ୍ଧାରୁଆରେ ଆଇକନିକ୍ ଓଡ଼ିଶା ଆଦର୍ଶ ବିଦ୍ୟାଳୟ ଉଦ୍‌ଘାଟନ ଅବସରରେ ଛାତ୍ରୀଛାତ୍ରଙ୍କ ଗହଣରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ।




# କଣ୍ଟାବାଞ୍ଜିରେ ରେଳ ୱାଗନ ମରାମତି କାରଖାନା

**୨୪୪.୭୭ କୋଟି ମଞ୍ଜୁର**

ଭୁବନେଶ୍ୱର,୭।୨
(ଅନୁରାଧା ମହାରଣା)

ବଲାଙ୍ଗୀର ଜିଲା କଣ୍ଟାବାଞ୍ଜିରେ ୱାଗନ ମରାମତି କାରଖାନା ପ୍ରତିଷ୍ଠା ହେବ। ରେଳ ମନ୍ତ୍ରଣାଳୟ ଏହି ୱାଗନ ପିରିଓଡିକ ମରାମତି (ପିଓଏଚ୍) କାରଖାନା ପ୍ରତିଷ୍ଠା ପାଇଁ ସବୁଜ ସଙ୍କେତ ଦେଇଛି। ଏଥିପାଇଁ ରେଲ୍‌ୱେ ବୋର୍ଡ ଦ୍ୱାରା ୨୪୪.୭୭ କୋଟି ଟଙ୍କା ମଞ୍ଜୁର କରାଯାଇଛି। ସେପ୍ଟେମ୍ବର ୨୦୨୩ରେ ଦାଖଲ ହୋଇଥିବା ଏକ ବିସ୍ତୃତ ପ୍ରକଳ୍ପ ରିପୋର୍ଟ (ଡିପିଆର)ର ତର୍ଜମା ପରେ ଏହି ନିଷ୍ପତ୍ତି ନିଆଯାଇଛି। ୨୦୦ ୱାଗନ କ୍ଷମତା ବିଶିଷ୍ଟ ପ୍ରସ୍ତାବିତ ୱାଗନ ପିଓଏଚ୍ କାରଖାନା କଣ୍ଟାବାଞ୍ଜିସ୍ଥିତ ରେଲ୍‌ୱେ ଜମିରେ ସ୍ଥାପନ କରାଯିବ। ଏହି କାରଖାନା ପୃଥକ ଭାବରେ ୱାଗନ ରକ୍ଷଣାବେକ୍ଷଣ ଦକ୍ଷତା ଏବଂ ନିର୍ଭରଯୋଗ୍ୟତାକୁ ଉନ୍ନତ କରିବ। ଏହାଦ୍ୱାରା ଉନ୍ନତ କାର୍ଯ୍ୟଦକ୍ଷତା ଏବଂ କାର୍ଯ୍ୟବୃଦ୍ଧି ହେବ ବୋଲି ଆଶା କରାଯାଉଛି।




# ହାଇକୋର୍ଟ ମୁଖ୍ୟ ବିଚାରପତି ଭାବେ ଶପଥ ନେଲେ ଚକ୍ରଧାରୀ ଶରଣ ସିଂ

କଟକ,୭।୨ (କାର୍ତ୍ତିକ ସାହୁ)

ଓଡ଼ିଶା ହାଇକୋର୍ଟରେ ମୁଖ୍ୟ ବିଚାରପତି ଭାବେ ଜଷ୍ଟିସ ଚକ୍ରଧାରୀ ଶରଣ ସିଂ ବୁଧବାର ପୂର୍ବାହ୍ନରେ ଶପଥ ଗ୍ରହଣ କରିଛନ୍ତି। ରାଜ୍ୟପାଳ ରଘୁବର ଦାସ ତାଙ୍କୁ ପଦ ଓ ଗୋପନୀୟତାର ଶପଥ ପାଠ କରାଇଛନ୍ତି। ନିର୍ଦ୍ଧାରିତ କାର୍ଯ୍ୟସୂଚୀ ଅନୁଯାୟୀ ହାଇକୋର୍ଟ ପୁରୁଣା ବିଲ୍ଡିଂର ପୂର୍ବପାର୍ଶ୍ୱ ଲନ୍‌ରେ ଶପଥ ଗ୍ରହଣ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଆଇନ ମନ୍ତ୍ରୀ ଜଗନ୍ନାଥ ସାରକା, କ୍ରୀଡ଼ା ମନ୍ତ୍ରୀ ତୁଷାରକାନ୍ତି ବେହେରା, ମୁଖ୍ୟ ଶାସନ ସଚିବ ପ୍ରଦୀପ ଜେନା, ଆଇନ ସଚିବ ମାନସ ବାରିକ, କଟକ ଜିଲାପାଳ ବିନୀତ ଭରଦ୍ୱାଜ, ଆଡ୍‌ଭୋକେଟ ଜେନେରାଲ ଅଶୋକ ପରିଜା, ପାଟନା ଏବଂ ଓଡ଼ିଶା ହାଇକୋର୍ଟର ବିଚାରପତିଗଣ, ବିଚାର ବିଭାଗୀୟ ଅଧିକାରୀ, ହାଇକୋର୍ଟ ବାର୍ ଆସୋସିଏଶନ୍‌ର କର୍ମକର୍ତ୍ତା, ହାଇକୋର୍ଟ ଆଇନଜୀବୀଙ୍କ ସମେତ ବହୁ ବିଶିଷ୍ଟ ବ୍ୟକ୍ତି ଓ ଅଧିକାରୀ ଉପସ୍ଥିତ ଥିଲେ।




ରାଜ୍ୟପାଳ ରଘୁବର ଦାସ ହାଇକୋର୍ଟ ମୁଖ୍ୟ ବିଚାରପତି ଜଷ୍ଟିସ୍ ଚକ୍ରଧାରୀ ଶରଣ ସିଂଙ୍କୁ ଶପଥ ପାଠ କରାଉଛନ୍ତି।

ସୂଚନାଯୋଗ୍ୟ, କେନ୍ଦ୍ର ଆଇନ ମନ୍ତ୍ରଣାଳୟ ପକ୍ଷରୁ ଜଷ୍ଟିସ ଚକ୍ରଧାରୀ ଶରଣ ସିଂଙ୍କୁ ଓଡ଼ିଶା ହାଇକୋର୍ଟରେ ମୁଖ୍ୟ ବିଚାରପତି ଭାବେ ନିଯୁକ୍ତି କରାଯିବା ନିମନ୍ତେ ଗତ ୨ ତାରିଖରେ ବିଜ୍ଞପ୍ତି ପ୍ରକାଶ ପାଇଥିଲା। ଏହା ପୂର୍ବରୁ ସେ ପାଟନା ହାଇକୋର୍ଟରେ ବିଚାରପତି ଥିଲେ। ସୁପ୍ରିମକୋର୍ଟର ପୂର୍ବତନ ପ୍ରଧାନ ବିଚାରପତି ଡି.ୱାଇ. ଚନ୍ଦ୍ରଚୂଡ଼, ବିଚାରପତି ସଞ୍ଜୟ କିଶାନ କାଉଲ୍, ବିଚାରପତି ସଞ୍ଜୀବ ଖାନ୍ନାଙ୍କୁ ନେଇ ଗଠିତ କଲେଜିୟମ୍ ଜଷ୍ଟିସ୍ ଚକ୍ରଧାରୀ ଶରଣ ସିଂଙ୍କୁ ଓଡ଼ିଶା ହାଇକୋର୍ଟରେ ନୂତନ ମୁଖ୍ୟ ବିଚାରପତି ଭାବେ ନିଯୁକ୍ତି ପ୍ରଦାନ କରିବାକୁ ସୁପାରିସ କରିଥିଲେ। ଜଷ୍ଟିସ୍ ଶରଣ ସିଂ ୧୯୯୦ରେ ପାଟନା ହାଇକୋର୍ଟରେ ଓକିଲାତି ଆରମ୍ଭ କରିଥିଲେ। ପରେ ତାଙ୍କୁ ୧୯୯୮ରେ ବିହାରର ଅତିରିକ୍ତ ଆଡ୍‌ଭୋକେଟ୍ ଜେନେରାଲ୍ ଭାବେ ନିଯୁକ୍ତି ମିଳିଥିଲା। ୨୦୧୨ ଏପ୍ରିଲ ୫ରେ ପାଟନା ହାଇକୋର୍ଟରେ ବିଚାରପତି ଭାବେ ସେ ନିଯୁକ୍ତି ହୋଇଥିଲେ। ପାଟନା ହାଇକୋର୍ଟର ବିଚାରପତି ଭାବେ ସେ ୧୧ ବର୍ଷ ମଧ୍ୟରେ ୧୨୪୬ଟି ଗୁରୁତ୍ୱପୂର୍ଣ୍ଣ ମାମଲାର ରାୟ ପ୍ରକାଶ କରିଥିଲେ।

୧୯୬୩ ଜାନୁଆରୀ ୨୦ରେ ଜନ୍ମଗ୍ରହଣ କରିଥିବା ଜଷ୍ଟିସ ସିଂ ଦିଲ୍ଲୀ ବିଶ୍ୱବିଦ୍ୟାଳୟ (କ୍ୟାମ୍ପସ୍ ସେଣ୍ଟର୍)ରୁ ଏଲ୍‌ଏଲ୍‌ବି ପାଠ୍ୟକ୍ରମ ଶେଷ କରିଥିଲେ। ୨୦୦୬ରେ ପ୍ରଶିକ୍ଷଣ ନେଇ ସେ ପାଟନା ହାଇକୋର୍ଟରେ ମେଡିଏଟର୍ ଭାବେ ଯୋଗ ଦେଇଥିଲେ। ୨୦୧୦ ସେପ୍ଟେମ୍ବର ୧୮ରେ ତାଙ୍କୁ ବରିଷ୍ଠ ଆଇନଜୀବୀର ମାନ୍ୟତା ମିଳିଥିଲା। ଜଷ୍ଟିସ୍ ସିଂ ୨୦୨୩ ଫେବୃଆରୀ ୬ରୁ ମାର୍ଚ୍ଚ ୨୮ ତାରିଖ ପର୍ଯ୍ୟନ୍ତ ପାଟନା ହାଇକୋର୍ଟର କାର୍ଯ୍ୟକାରୀ ମୁଖ୍ୟ ବିଚାରପତି ଭାବେ ମଧ୍ୟ ଦାୟିତ୍ୱ ଗ୍ରହଣ କରିଥିଲେ। ଉଲ୍ଲେଖଯୋଗ୍ୟ, ଓଡ଼ିଶା ହାଇକୋର୍ଟର ମୁଖ୍ୟ ବିଚାରପତି ଶୁଭାଶିଷ ତାଳପାତ୍ରଙ୍କ ଅବସର ପରେ ଏହି ପଦବୀ ଖାଲିଥିଲା। ସେବେଠାରୁ ଓଡ଼ିଶା ହାଇକୋର୍ଟର ବରିଷ୍ଠ ବିଚାରପତି ଡ. ବିଦ୍ୟୁତ୍ ରଞ୍ଜନ ଷଡ଼ଙ୍ଗୀ କାର୍ଯ୍ୟକାରୀ ମୁଖ୍ୟ ବିଚାରପତି ଭାବେ କାର୍ଯ୍ୟ କରୁଥିଲେ।

# ୬ଦଫା ଦାବି ନେଇ ଉତ୍କଳ ସାମ୍ବାଦିକ ସଂଘର ବିକ୍ଷୋଭ




ଦାବି ପୂରଣ ପାଇଁ ଲୋୟର ପିଏମ୍‌ଜିଠାରେ ବୁଧବାର ସାମ୍ବାଦିକ ସଂଘ ପକ୍ଷରୁ ବାହାରିଥିବା ଶୋଭାଯାତ୍ରା।

ଭୁବନେଶ୍ୱର,୭।୨
(ଅସମାପିକା ସାହୁ)

ଉତ୍କଳ ସାମ୍ବାଦିକ ସଂଘର ଆହ୍ୱାନକ୍ରମେ ରାଜ୍ୟର ୨ହଜାରରୁ ଊର୍ଦ୍ଧ୍ୱ ଗଣମାଧ୍ୟମ ପ୍ରତିନିଧି ୬ ଦଫା ମୌଳିକ ଦାବି ନେଇ ବୁଧବାର ଆନ୍ଦୋଳନକୁ ଓହ୍ଲାଇଥିଲେ। ଭୁବନେଶ୍ୱର ଲୋୟର ପିଏମ୍‌ଜିରେ ବିକ୍ଷୋଭ ପ୍ରଦର୍ଶନ କରିବା ସହ ବିଧାନସଭା ଘେରାଉ କରିଥିଲେ। ସାମ୍ବାଦିକ ସୁରକ୍ଷା ଆଇନ ପ୍ରଣୟନ, ବୟସ୍କ ସାମ୍ବାଦିକଙ୍କୁ ପେନ୍‌ସନ ପ୍ରଦାନ, ସ୍ୱାସ୍ଥ୍ୟବୀମା ଯୋଜନାରେ ମାତାପିତା ଓ ୨୫ ବର୍ଷରୁ ଊର୍ଦ୍ଧ୍ୱ ସନ୍ତାନମାନଙ୍କୁ ସାମିଲ କରିବା, ମିଡ଼ିଆ ଏକାଡ଼େମୀ ଗଠନ, ଅଧିସ୍ୱୀକୃତି କମିଟି ପୁନର୍ଗଠନ ଓ ବ୍ୟାପକ ଅଧିସ୍ୱୀକୃତି ପ୍ରଦାନ, ଲୋକସେବା ଭବନ ସମେତ ରାଜ୍ୟର ସମସ୍ତ

**ସାମିଲ ହେଲେ ୨ହଜାରରୁ ଊର୍ଦ୍ଧ୍ୱ ପ୍ରତିନିଧି**

ସରକାରୀ କାର୍ଯ୍ୟାଳୟରେ ସାମ୍ବାଦିକଙ୍କ ପ୍ରବେଶାଧିକାର ପାଇଁ ସେମାନେ ସରକାରଙ୍କ ନିକଟରେ ଦାବି ରଖିଥିଲେ। ଏହି ଅବସରରେ ଲୋୟର ପିଏମ୍‌ଜିରେ ଅନୁଷ୍ଠିତ ବିକ୍ଷୋଭ ସମାବେଶରେ ସଂଘର ରାଜ୍ୟ ସଭାପତି ବିଭୂତି ଭୂଷଣ କର ଅଧ୍ୟକ୍ଷତା କହିଲେ, ଅନ୍ୟ ରାଜ୍ୟ ତୁଳନାରେ ଓଡ଼ିଶାରେ ସାମ୍ବାଦିକବର୍ଗ ବିଭିନ୍ନ ସରକାରୀ ସୁବିଧାରୁ ବଞ୍ଚିତ ହେଉଛନ୍ତି। କ୍ରମାଗତ ଭାବେ ମୁଖ୍ୟମନ୍ତ୍ରୀଙ୍କ ନିକଟରେ ଦାବି ଉପସ୍ଥାପନ କରାଯାଉଥିଲେ ମଧ୍ୟ ଅଦ୍ୟାବଧି କୌଣସି ସୁଫଳ ମିଳିପାରି ନାହିଁ। ସାମ୍ବାଦିକଙ୍କ ଦାବି ପୂରଣରେ ସରକାର ଟାଳଟୁଳ ନୀତି ଅବଲମ୍ବନ କଲେ ୩୦ ଜିଲାର ସାମ୍ବାଦିକ ସଂଘ ପକ୍ଷରୁ ଆନ୍ଦୋଳନକୁ ତୀବ୍ରତର କରାଯିବ ବୋଲି ସେ କହିଥିଲେ। ସଂଘର ଉପଦେଷ୍ଟା ପ୍ରଦୋଷ କୁମାର ପଟ୍ଟନାୟକ, ରବି ଦାସ, ସନତ ମିଶ୍ର, ପୀତବାସ ମିଶ୍ର, ସୁଜ୍ଞାନ ଚୌଧୁରୀ, ଶ୍ରୀମୟ କର, ପର୍ଯ୍ୟବେକ୍ଷକ ସମ୍ପାଦକ ପବିତ୍ର ମୋହନ ସାମନ୍ତରାୟ, ନିରଞ୍ଜନ ବିଶ୍ୱାଳ, ବିପିନ ସିଂହ, କିଶୋର ଦ୍ୱିବେଦୀ, ବଙ୍କିମ ଚନ୍ଦ୍ର ନାୟକ, ପପୁ ମହାନ୍ତି, ସଂଘର ସାଧାରଣ ସମ୍ପାଦକ ବେଣୁଧର ପଣ୍ଡା, କାର୍ଯ୍ୟକାରୀ ସଭାପତି ପୂର୍ଣ୍ଣଚନ୍ଦ୍ର ନାୟକ, ପ୍ରମୋଦ ପଟ୍ଟନାୟକ, ହାରାଧନ ବାନାର୍ଜୀ, କୋଷାଧ୍ୟକ୍ଷ ରାଜେନ ଚୌଧୁରୀ, ଉପସଭାପତି ଡ. ରଶ୍ମିରଞ୍ଜନ ମିଶ୍ର, ପ୍ରଦୀପ ତ୍ରିପାଠୀ, ସତ୍ୟନାରାୟଣ ମିଶ୍ର, ରବି ନାରାୟଣ ଖିଲାର ପ୍ରମୁଖ ନ୍ୟାଯ୍ୟ ଦାବିଗୁଡ଼ିକୁ ସରକାର ଯଥାଶୀଘ୍ର ପୂରଣ କରିବାକୁ ଆହ୍ୱାନ ଦେଇଥିଲେ।

ସମାବେଶରେ ପୂର୍ବତନ ଏମ୍‌ପି ତଥା 'ଧରିତ୍ରୀ' ଏବଂ 'ଓଡ଼ିଶା ପୋଷ୍ଟ'ର ସମ୍ପାଦକ ତଥାଗତ ସତପଥୀ ଯୋଗଦେଇ ସାମ୍ବାଦିକଙ୍କ ଦାବିଗୁଡ଼ିକ ଯୁକ୍ତିଯୁକ୍ତ ହୋଇଥିବାରୁ ଏହି ପ୍ରସଙ୍ଗରେ ସଂଘ ସହିତ ଶେଷ ପର୍ଯ୍ୟନ୍ତ ରହି ଦୃଢ ସମର୍ଥନ ଦେବେ ବୋଲି କହିଥିଲେ। ସେହିପରି ବିରୋଧୀ ଦଳ ମୁଖ୍ୟ ସଚେତକ ମୋହନ ମାଝି ଯୋଗଦେଇ ସାମ୍ବାଦିକଙ୍କ ଦାବିଗୁଡିକୁ ତାଙ୍କ ଦଳ ଦୃଢ଼ ସମର୍ଥନ କରୁଛି ବୋଲି କହିଥିଲେ। ଦାବି ପୂରଣ ପର୍ଯ୍ୟନ୍ତ ସାମ୍ବାଦିକଙ୍କ ସ୍ୱର ସହିତ ସ୍ୱର ମିଳାଇବା ସହ ଏ ସମ୍ପର୍କରେ ବିଧାନସଭାରେ ଆଲୋଚନା ହେବ ବୋଲି ପ୍ରତିଶ୍ରୁତି ଦେଇଥିଲେ। ତାଙ୍କ ସହ ବିଧାୟିକା କୁସୁମ ଟେଟେ, ବିଧାୟକ ମୁକେଶ ମହାଲିଙ୍ଗ, ନାଉରି ନାୟକ, ସୁବାସ ପାଣିଗ୍ରାହୀ, ସଜ୍ଜନ ଶର୍ମା ପ୍ରମୁଖ ଯୋଗଦେଇ ସମର୍ଥନ ଜଣାଇଥିଲେ।

ପରେ ସାମ୍ବାଦିକମାନେ ଶୋଭାଯାତ୍ରାରେ ବିଧାନସଭା ଅଭିମୁଖେ ଯାଇ ବ୍ୟାରିକେଡ୍ ଭାଙ୍ଗି ଆଗକୁ ଯିବା ସମୟରେ ଉପସ୍ଥିତ ପୋଲିସ ବାହିନୀ ସେମାନଙ୍କୁ ଅଟକାଇଥିଲେ। ସରକାର ଦାବି ପୂରଣ କରିବାରେ ପୁଣି ଟାଳଟୁଳ ନୀତି ଅବଲମ୍ବନ କଲେ, ରାଜ୍ୟବ୍ୟାପୀ ଆନ୍ଦୋଳନକୁ ଆହୁରି ତୀବ୍ରତର କରାଯିବ ବୋଲି ସଂଘ ପକ୍ଷରୁ ଚେତାବନୀ ଦିଆଯାଇଛି।

DADLS-95



ଓଡ଼ିଶା ସରକାର

**ବିଶିଷ୍ଟ ସଂଗ୍ରାମୀ ତଥା**
**ଓଡ଼ିଶାର ପୂର୍ବତନ ଉପ ମୁଖ୍ୟମନ୍ତ୍ରୀ**
**ସ୍ୱର୍ଗତ ପବିତ୍ର ମୋହନ ପ୍ରଧାନଙ୍କ**
**ରାଜ୍ୟସ୍ତରୀୟ ଜୟନ୍ତୀ**

୮ ଫେବୃଆରୀ, ୨୦୨୪

ସନ୍ଧ୍ୟା ୬ ଘଟିକା | ସାଧାରଣ ସଭା | ଜୟଦେବ ଭବନ

ମୁଖ୍ୟ ଅତିଥି : – ଶ୍ରୀଯୁକ୍ତ ବ୍ରଜ କିଶୋର ପ୍ରଧାନ, ମାନ୍ୟବର ବିଧାୟକ, ତାଳଚେର
ବିଶିଷ୍ଟ ଅତିଥି : – ଶ୍ରୀଯୁକ୍ତ ମୁକେଶ ପାଲ, ମାନ୍ୟବର ବିଧାୟକ, ପାଲଲହଡ଼ା
ସମ୍ମାନନୀୟା ଅତିଥି – କସ୍ତୁରୀ ମହାପାତ୍ର, ସଂପାଦକ, ଉତ୍କଳ ପ୍ରସଙ୍ଗ ଓ ଓଡ଼ିଶା ରିଭ୍ୟୁ
ମୁଖ୍ୟବକ୍ତା : – ଶ୍ରୀଯୁକ୍ତ ଦାଶ ବେନହୁର, ବିଶିଷ୍ଟ ସାହିତ୍ୟିକ ତଥା ସ୍ତମ୍ଭକାର

ସୂଚନା ଓ ଲୋକସମ୍ପର୍କ ବିଭାଗ ଆନୁକୂଲ୍ୟରେ ଆୟୋଜିତ ଏହି ସମାରୋହରେ ଯୋଗ ଦେବାକୁ ବିନମ୍ର ଅନୁରୋଧ ।

ନିର୍ଦ୍ଦେଶକ
ସୂଚନା ଓ ଲୋକସମ୍ପର୍କ ବିଭାଗ

OIPR-15001/13/0344/2324

**ଆଜିର ମନ୍ତବ୍ୟ**

"କଂଗ୍ରେସର ବିଚାରଧାରା ପୁରୁଣାକାଳିଆ ହୋଇଗଲାଣି। ବିରୋଧୀ ଦଳ ସବୁବେଳେ ସମସ୍ତ ପ୍ରକାର ସଂରକ୍ଷଣକୁ ବିରୋଧ କରିଆସିଛି।
– ନରେନ୍ଦ୍ର ମୋଦି, ପ୍ରଧାନମନ୍ତ୍ରୀ

# ଆଜି କ'ଣ କେଉଁଠି

## ଭୁବନେଶ୍ୱର

- ଓଡ଼ିଶା ମିଡ୍ ଡେ ମିଲ୍ ୱାର୍କର୍ସ ୟୁନିୟନ୍ ପକ୍ଷରୁ ରାଲି ଓ ଧାରଣା, ଲୋୟର ପିଏମ୍‌ଜି, ପୂର୍ବାହ୍ନ ୧୧ଟା।
- ବରିଷ୍ଠ ନାଗରିକ ତୀର୍ଥଯାତ୍ରା ଯୋଜନା, ରେଳଷ୍ଟେଶନ, ପୂର୍ବାହ୍ନ ୧୧ଟା ୩୦।
- ୱିଟ୍‌ନେସ ଦି ମ୍ୟୁଜିକାଲ ଅନଭେଲିଂ ଅଫ୍ ଓଡ଼ିଶା, ରଘୁନାଥପୁର, ଅପରାହ୍ନ ୪ଟା।
- ଭାରତ ରଙ୍ଗ ମହୋତ୍ସବ, ରବୀନ୍ଦ୍ର ମଣ୍ଡପ, ସନ୍ଧ୍ୟା ୬ଟା।
- ଓଡ଼ିଶାର ପୂର୍ବତନ ଉପମୁଖ୍ୟମନ୍ତ୍ରୀ ସ୍ୱର୍ଗତ ପବିତ୍ର ମୋହନ ପ୍ରଧାନଙ୍କ ରାଜ୍ୟସ୍ତରୀୟ ଜୟନ୍ତୀ, ସୂଚନା ଭବନ, ସନ୍ଧ୍ୟା ୬ଟା।
- ବିଂଶତମ ରାଜ୍ୟସ୍ତରୀୟ ନାଟକ ମହୋତ୍ସବ ଓ ପଞ୍ଚମଦେବ ସମ୍ମାନ, ଭଞ୍ଜକଳା ମଣ୍ଡପ, ସନ୍ଧ୍ୟା ୬ଟା ୩୦।
- ବାର୍ଷିକ ବିଶ୍ୱଶାନ୍ତି ମହାଯଜ୍ଞ ପୂର୍ଣ୍ଣାହୁତି ଓ ଅଷ୍ଟପ୍ରହରନାମ ସଂକୀର୍ତ୍ତନ ନଗର ପରିକ୍ରମା, ବରିମୁଣ୍ଡ ଲକ୍ଷେଶ୍ୱର ମହାଦେବପୀଠ, ସକାଳ ୭ଟା ଓ ଅପରାହ୍ନ ୫ଟା।
- ଶ୍ରୀଶ୍ରୀ ଚୈତନ୍ୟ ମହାପ୍ରଭୁଙ୍କ ଦ୍ୱିତୀୟ ବାର୍ଷିକ ଅଷ୍ଟପ୍ରହର ନାମଯଜ୍ଞର ନଗର ପରିକ୍ରମା, ରଘୁନାଥପୁର, ତିଅରସାହି, ସକାଳ ୭ଟା।
- ପଞ୍ଚାୟତ କପ୍-୨୦୨୪, ପିଣ୍ଡିକ ଖେଳପଡିଆ, ଦାରୁଠେଙ୍ଗ, ପୂର୍ବାହ୍ନ ୧୦ଟା।
- ଆମ ଓଡ଼ିଶା ନବୀନ ଓଡ଼ିଶା ର ସଚେତନତା ଶିବିର, ବଇଚୁଆଁ ପଞ୍ଚାୟତ ନିକଟ ସ୍କୁଲ ଖେଳପଡ଼ିଆ, ପୂର୍ବାହ୍ନ ୧୧ ଟା।
- ୨୮ତମ ବାର୍ଷିକ ଶ୍ରୀରାମ ଚରିତ ମାନସ ପାରାୟଣ ଓ ପ୍ରବଚନ, ଭିଙ୍ଗାରପୁର ଦୁର୍ଗାପୂଜା ମଣ୍ଡପ ପରିସର, ରାତି ୭ ଟା।

## ପୁରୀ

- ମହିଳା ଜାତୀୟ ସମ୍ମିଳନୀ, ପୌର ସଦନ, ଅପରାହ୍ନ ୪ଟା।
- ସତ୍ୟବାଦୀ ବାଳିକା ଉଚ୍ଚ ବିଦ୍ୟାଳୟର ୨ଦିନିଆ ବାର୍ଷିକ କ୍ରୀଡ଼ା ଉତ୍ସବ ଉଦ୍‌ଘାଟନ, ସ୍କୁଲ ପରିସର ଖେଳପଡ଼ିଆ, ପୂର୍ବାହ୍ନ ୧୧ଟା।
- କିଶୋରୀଙ୍କ ଆତ୍ମରକ୍ଷା ନିମନ୍ତେ ଏକ ସତନ୍ତ୍ର କାର୍ଯ୍ୟକ୍ରମ, ସତ୍ୟବାଦୀ ବିଦ୍ୟାଧରପୁର ପଞ୍ଚାୟତ କାର୍ଯ୍ୟାଳୟ ନିକଟ, ପୂର୍ବାହ୍ନ ୧୧ଟା।

## କଟକ

- ଭାଜପା ୨୬ ନମ୍ବର ୱାର୍ଡରେ ଜନ ସମ୍ପର୍କ ପଦଯାତ୍ରାର ଶୁଭାରମ୍ଭ, ଖୋଲାସାହି, ପୂର୍ବାହ୍ନ ୧୧ଟା।
- ସିଏମ୍‌ସି ୱାର୍ଡ ନଂ.୨୬ ଭାଜପା କର୍ପୋରେଟରଙ୍କ ଜନସମ୍ପର୍କ ପଦଯାତ୍ରା, ଖୋଲାସାହି, ପୂର୍ବାହ୍ନ ୧୧ଟା।
- ସନ୍ଧ୍ୟା ମେମୋରିଆଲ ଟ୍ରଷ୍ଟ ପକ୍ଷରୁ ନାଟ୍ୟ ସମାହାର, କଳାବିକାଶ କେନ୍ଦ୍ର, ସନ୍ଧ୍ୟା ୬ଟା ୩୦।

## ଖୋର୍ଦ୍ଧା

- ମା' ତାରିଣୀ ପୀଠ, ଖୋର୍ଦ୍ଧା ବାର୍ଷିକ ବିଶ୍ୱଶାନ୍ତି ମହାଯଜ୍ଞ ଜଳଯାତ୍ରା, ସକାଳ ୮ଟା।
- ମା' ବଘେଇ କ୍ରିକେଟ ଟୁର୍ନାମେଣ୍ଟ, ଦେଉଳଟାଙ୍ଗୀ, ପୂର୍ବାହ୍ନ ୧୧ଟା।
- ଉତ୍କଳ ଭାରତୀ କୁନ୍ତଳା କୁମାରୀ ସାବତଙ୍କ ଜୟନ୍ତୀ ଅବସରରେ ସାରସ୍ୱତ ସଭା, ସଂସ୍କୃତି ଭବନ, ଖୋର୍ଦ୍ଧା, ଅପରାହ୍ନ ୪ଟା।
- ବାର୍ଷିକ ଗୀତା ଜ୍ଞାନଯଜ୍ଞ, ତଣ୍ଡାଳ, ସକାଳ ୮ଟା।
- ମା' ଜାଗୁଳାଇ ଫୁଟ୍‌ବଲ ଟୁର୍ନାମେଣ୍ଟ, ଗୌଡିଆପଡ଼ା, ଅପରାହ୍ନ ୩ଟା।
- ସଂଜୀବ ମେମୋରିଆଲ କ୍ରିକେଟ, ଘୋ ପଡ଼ିଆ, ଲେଣ୍ଡୋ, ପୂର୍ବାହ୍ନ ୧୦ଟା।
- ଆମ ଓଡ଼ିଶା ନବୀନ ଓଡ଼ିଶା ଉପରେ ଗ୍ରାମପଞ୍ଚାୟତର ରାଜ୍ୟ ସରକାରଙ୍କ ପରିବର୍ତ୍ତନଶୀଳ ପଦକ୍ଷେପ, ପଞ୍ଚାୟତ କାର୍ଯ୍ୟାଳୟ, ନିରାକାରପୁର, ପୂର୍ବାହ୍ନ ୧୧ଟା।

## ବାଲେଶ୍ୱର

- 'ରକ୍ତହୀନତା ମୁକ୍ତ ବିଶ୍ୱବିଦ୍ୟାଳୟ ପରିସର', ସ୍ଥାନ: ଫକୀରମୋହନ ବିଶ୍ୱବିଦ୍ୟାଳୟ, ସମୟ: ପୂର୍ବାହ୍ନ ୯ଟା।
- ଏଆଇଏସ୍‌ଏଫ୍ ପକ୍ଷରୁ ଜିଲାପାଳଙ୍କ ଅଫିସ ଘେରାଉ, ସ୍ଥାନ: ଜିଲାପାଳଙ୍କ ଅଫିସ ପରିସର, ସମୟ: ପୂର୍ବାହ୍ନ ୧୧ଟା।
- ଜିଲାସ୍ତରୀୟ ଭାରତ ସ୍କାଉଟ୍‌ସ ଆଣ୍ଡ ଗାଇଡ୍‌ସ କାମ୍ପୋରୀ ୨୦୨୩-୨୪ର ଉଦ୍‌ଘାଟନୀ ଉତ୍ସବ, ସ୍ଥାନ: ପବ୍ଲିକ ସରକାରୀ ଉଚ୍ଚ ବିଦ୍ୟାଳୟ, ସମୟ: ଅପରାହ୍ନ ୨ଟା ୩୦।
- ସ୍ନିଗ୍ଧା ସାମନ୍ତରାୟଙ୍କ ରଚିତ ୪ଟି ଗ୍ରନ୍ଥ ଉନ୍ମୋଚିତ, ସ୍ଥାନ: ଶାନ୍ତିକାନନ, ସମୟ: ସନ୍ଧ୍ୟା ୬ଟା।
- ବଗଳାମୁଖୀ ମହାଯଜ୍ଞର ଉଦ୍‌ଯାପନୀ ଉତ୍ସବ, ସ୍ଥାନ: ଶ୍ରୀ ଶ୍ରୀ ପିତାମ୍ବରା ସିଦ୍ଧ ମହାଶକ୍ତି ପୀଠ, କୁରୁଡ଼ା, ସମୟ: ଦିବସବ୍ୟାପୀ।

## ମୟୂରଭଞ୍ଜ

- ବାରିପଦା ପୌରପରିଷଦ ପକ୍ଷରୁ ଆମ ଓଡ଼ିଶା ନବୀନ ଓଡ଼ିଶା ବସ୍ତି ସଚେତନତା ଶିବିର, ୱାର୍ଡ ନଂ. ୨୮ କରତବସା, ପୂର୍ବାହ୍ନ ୧୧ଟା।
- ମୟୂରଭଞ୍ଜ ଜିଲାର +୨ ବିଜ୍ଞାନରେ ଜିଲା ଟପ୍ପର ଏବଂ ରାଷ୍ଟ୍ରପତି ପୁରସ୍କାର ପ୍ରାପ୍ତ ଛାତ୍ରୀଙ୍କୁ ଜିଲା ପ୍ରଶାସନ ପକ୍ଷରୁ ସମ୍ବର୍ଦ୍ଧନା କାର୍ଯ୍ୟକ୍ରମ, ସ୍ଥାନ: ସଦ୍‌ଭାବନା ଗୃହ, ଜିଲାପାଳଙ୍କ କାର୍ଯ୍ୟାଳୟ,ବାରିପଦା, ପୂର୍ବାହ୍ନ ୧୧ଟା।
- ସୂଚନା ଅଧିକାର ଆଇନ ସମ୍ପର୍କିତ ଜିଲାସ୍ତରୀୟ ଏକଦିବସୀୟ ତାଲିମ ଶିବିର, ସମ୍ମିଳନୀ କକ୍ଷ, ବାରିପଦା, ପୂର୍ବାହ୍ନ ୧୧ଟା।

## ଭଦ୍ରକ

- ଜୟ କିଷାନ ହାଇସ୍କୁଲର ବାର୍ଷିକୋତ୍ସବ, ବାଲିପାଟଣା, ଅର୍ଜୁନପୁର ପଞ୍ଚାୟତ, ଧାମନଗର, ଅପରାହ୍ନ ୩ଟା।
- ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ବାର୍ଷିକ ଉତ୍ସବ, ଦେହୁଡ଼ି ଆନନ୍ଦପୁର, ଧାମନଗର ଭଦ୍ରକ, ଅପରାହ୍ନ ୪ ଟା।
- କାର୍‌ମେଲ ସ୍କୁଲର ରୌପ୍ୟ ଜୟନ୍ତୀ ଉଦ୍‌ଘାଟନ ସମାରୋହ, କାର୍‌ମେଲ ସ୍କୁଲ ପରିସର, ଭଦ୍ରକ, ଅପରାହ୍ନ ୫ଟା
- ସର୍ବଭାରତୀୟ କିଶୋର ନାୟକ (ବନ୍ତ କପ୍) କ୍ରିକେଟ ଟୁର୍ନାମେଣ୍ଟ, ପୁରୁଷୋତ୍ତମପୁର ମିନିଷ୍ଟାଡିୟମ, ବନ୍ତ, ଭଦ୍ରକ, ପୂର୍ବାହ୍ନ ୯ଟା
- ବାସୁଦେବପୁର ମହୋତ୍ସବ-୨୦୨୪ ବାସୁଦେବାୟନର ଉଦ୍‌ଘାଟନ ସମାରୋହ, ଯାଦବ ପଡ଼ିଆ, ବାସୁଦେବପୁର, ଭଦ୍ରକ, ଅପରାହ୍ନ ୫ଟା।

## କେନ୍ଦୁଝର

- ସାଇ ଆନନ୍ଦା ଗ୍ରୁପ୍ ଅଫ ସ୍କୁଲର ବାର୍ଷିକ ଉତ୍ସବ ଉପଲକ୍ଷେ ପରିବାର ସମ୍ମିଳନୀ, ସ୍ଥାନ: ବନାଯୋଡ଼ି ଆଇଡିଏ କ୍ୟାମ୍ପସ, ସମୟ: ପୂର୍ବାହ୍ନ ୧୦ ଟା।
- ଆମ ଓଡ଼ିଶା ନବୀନ ଓଡ଼ିଶା କାର୍ଯ୍ୟକ୍ରମ, ସ୍ଥାନ: ଚମ୍ପୁଆ ବିଜ୍ଞାପିତ ଅଞ୍ଚଳ ପରିଷଦ, ସମୟ: ପୂର୍ବାହ୍ନ ୧୧ ଟା।
- ଆଦିବାସୀ ଉନ୍ନୟନ ବିଭାଗ ପକ୍ଷରୁ ସଶକ୍ତ ଓଡ଼ିଶା ସାଥି ଶିବିର, ସ୍ଥାନ: ସଦର ବ୍ଲକ୍ ସିଲିସୁଆଁ, ସମୟ: ପୂର୍ବାହ୍ନ ୧୧ଟା।

## ରାୟଗଡ଼ା

- ରାଜ୍ୟସ୍ତରୀୟ ବଂଶଧାରା ବସନ୍ତ ମହୋତ୍ସବ ପାଇଁ ମିନି ମାରାଥନ, ଗୁଣପୁର କଲେଜ ପଡ଼ିଆରୁ ଉତ୍ସବ ପଡିଆ, ପୂର୍ବାହ୍ନ ୭ଟା
- ବଳରାମ ପଣ୍ଡା କ୍ରିକେଟ ଟୁର୍ନାମେଣ୍ଟ ଉଦଘାଟନ, ଗୁଣପୁର ମିନି ଷ୍ଟାଡିୟମ, ପୂର୍ବାହ୍ନ ୯ଟା।
- ଜନଜାତି ଉତ୍ସବ ଉଦଘାଟନ, ଗୁଣପୁର ବାଘୁଆ ଦେଉଳ ପଛ ପଟ ପଡିଆ, ସନ୍ଧ୍ୟା ୬ଟା।
- ଭୀମଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଶିବିର, ଗୁଡାରି ବ୍ଲକ କାର୍ଯ୍ୟାଳୟ, ପୂର୍ବାହ୍ନ ୧୦ଟା।

## ନବରଙ୍ଗପୁର

- ଆମ ଓଡ଼ିଶା ନବୀନ ଓଡ଼ିଶା ସଚେତନତା ଶିବିର, ସ୍ଥାନ: ଉମରକୋଟ ପେଣ୍ଡ୍ରାଣୀ ମନ୍ଦରି କଲ୍ୟାଣ ମଣ୍ଡପ, ସମୟ: ପୂର୍ବାହ୍ନ ୧୦ଟା
- ସ୍ୱୟଂ ସହାୟକ ଗୋଷ୍ଠୀଙ୍କ ଦକ୍ଷତା ବୃଦ୍ଧି କାର୍ଯ୍ୟକ୍ରମ, ସ୍ଥାନ: ଉମରକୋଟ ୧୪ ନଂ ୱାର୍ଡ, ସମୟ: ପୂର୍ବାହ୍ନ ୧୧ଟା

## ସମ୍ବଲପୁର

- କ୍ଷେତରାଜପୁର ମା' ବୈଷ୍ଣୋଦେବୀ ମନ୍ଦିର ଟ୍ରଷ୍ଟ ବୋର୍ଡର ଜାଗରଣ ସକାଶେ କଳସ ଯାତ୍ରା, ସମଲେଶ୍ୱରୀ ମନ୍ଦିର ସମ୍ମୁଖ, ସକାଳ ୮ଟା।
- ଜିଲା କ୍ରୀଡ଼ାସଂଘ ଆୟୋଜିତ ଓସିଏ ଆନ୍ତଃ ବିଦ୍ୟାଳୟ କ୍ରିକେଟ, ବୀର ସୁରେନ୍ଦ୍ର ସାଏ ଷ୍ଟାଡିୟମ, ପୂର୍ବାହ୍ନ ୯ଟା।
- ଲାୟନ୍ସ କ୍ଲବ ପକ୍ଷରୁ ସ୍ୱାସ୍ଥ୍ୟ ଶିବିର, କୁମ୍ଭାରପଡ଼ାସ୍ଥିତ କ୍ଲବ କାର୍ଯ୍ୟାଳୟ, ପୂର୍ବାହ୍ନ ୧୦ଟା।
- ପଶ୍ଚିମାଞ୍ଚଳ ଏକତା ମଞ୍ଚ ପକ୍ଷରୁ ସମ୍ବର୍ଦ୍ଧନା କାର୍ଯ୍ୟକ୍ରମ, ଭୁତାପଡା ଛକ, ପୂର୍ବାହ୍ନ ୧୧ଟା।
- ଶ୍ରୀଲେଦର୍ସ ଶୋରୁମ ଉଦ୍‌ଘାଟନ ଉପଲକ୍ଷେ ବୈଠକ, ଅଇଁଠାପାଲି ଛକ, ଅପରାହ୍ନ ୩ଟା।
- ସମ୍ବଲପୁର ସାଂସ୍କୃତିକ ପରିଷଦ ପକ୍ଷରୁ ସାଂସ୍କୃତିକ ଶୋଭାଯାତ୍ରା, ଫାଟକ-ବୁଢ଼ାରଜା, ପୂର୍ବାହ୍ନ ସାଢ଼େ ୧୦ଟା।
- ଝୋଟି ଓ ରଙ୍ଗୋଲି ପ୍ରତିଯୋଗିତା, ପିଏଚ୍‌ଡି ପଡିଆ, ପୂର୍ବାହ୍ନ ୧୧ଟା।
- ସମ୍ବଲପୁର ମହୋତ୍ସବ ଉଦ୍‌ଘାଟନୀ କାର୍ଯ୍ୟକ୍ରମ, ଅଇଁଠାପାଲି ବିର୍ସା ମଇଦାନ, ସାଢ଼େ ୬ଟା

## ବଲାଙ୍ଗୀର

- ଟାଟା ପାୱାରର ନୂଆ ଭୋକେଶନାଲ ଟ୍ରେନିଂ ସେଣ୍ଟର ଉଦ୍‌ଘାଟନ, ରାଜେନ୍ଦ୍ରପଡା, ସକାଳ ୯ଟା୩୦।
- ଶ୍ରୀଦୁର୍ଗେଶ୍ୱର ନୋଡାଲ ଉଚ୍ଚ ବିଦ୍ୟାଳୟ ବାର୍ଷିକ କ୍ରୀଡା ଉତ୍ସବ ଉଦ୍‌ଘାଟନୀ, ଖପ୍ରାଖୋଲ ବ୍ଲକ ଲାଠୋର ଖେଳ ପଡିଆ, ପୂର୍ବାହ୍ନ ୧୦ଟା।
- ଆମ ଓଡ଼ିଶା ନବୀନ ଓଡ଼ିଶା ସଚେତନତା କାର୍ଯ୍ୟକ୍ରମ, ଦେଓଗାଁ ବ୍ଲକ ଅର୍ଜୁନପୁର ଓ କୁଲତାପଡା ପଞ୍ଚାୟତ କାର୍ଯ୍ୟାଳୟ, ପୂର୍ବାହ୍ନ ୧୦ଟା।
- ଭାଜପା ଜୋନସ୍ତରୀୟ କର୍ମୀ ସମାବେଶ, ଖପ୍ରାଖୋଲ ବ୍ଲକ କେନ୍ଦୁଭଟା, ପୂର୍ବାହ୍ନ ୧୧ଟା।

## ରାଉରକେଲା

- ସଙ୍ଗୀତ ସନ୍ଧ୍ୟା, ସିଭିକ ସେଣ୍ଟର, ସନ୍ଧ୍ୟା ୭ଟା।
- ଉତ୍କଳମଣି ଗୋପବନ୍ଧୁ କଲେଜରେ ଯୁବ ଓଡ଼ିଶା ନବୀନ ଓଡ଼ିଶା କାର୍ଯ୍ୟକ୍ରମ, ସେକ୍ଟର-୨୦, ପୂର୍ବାହ୍ନ ୧୧ଟା।
- ହୋମିଓପ୍ୟାଥି କଲେଜର ୪୮ତମ ପ୍ରତିଷ୍ଠା ଦିବସ, ନୟାବଜାର, ପୂର୍ବାହ୍ନ ୧୦ଟା ୩୦।
- ପୁସ୍ତକ ମେଳାର ସପ୍ତମ ସନ୍ଧ୍ୟା, ଆଦର୍ଶ ପାଠାଗାର, ସେକ୍ଟର-୫, ସନ୍ଧ୍ୟା ୭ଟା।

## ସୁନ୍ଦରଗଡ଼

- ଆମ ଓଡ଼ିଶା ନବୀନ ଓଡ଼ିଶା କାର୍ଯ୍ୟକ୍ରମ, ଟେନ୍‌ସା ଗ୍ରାମ ପଞ୍ଚାୟତ କାର୍ଯ୍ୟାଳୟ: ସକାଳ ୯ଟା।

## ବରଗଡ଼

- ବରଗଡ଼ ସମବାୟ ଟିନିକଳ କର୍ମଚାରୀ ସଂଘର ଧାରଣା, ଜିଲାପାଳ ଅଫିସ ସମ୍ମୁଖ, ପୂର୍ବାହ୍ନ ୧୦ଟା।
- ଆମ ଓଡ଼ିଶା, ନବୀନ ଓଡ଼ିଶା କାର୍ଯ୍ୟକ୍ରମ, ଟେମରୀ (ପାଇକମାଳ), ପୂର୍ବାହ୍ନ ୧୦ଟା ୩୦ମିନିଟ୍।

## କଳାହାଣ୍ଡି

- ପଞ୍ଚାୟତସ୍ତରୀୟ ଆମ ଓଡ଼ିଶା ନବୀନ ଓଡ଼ିଶା କାର୍ଯ୍ୟକ୍ରମ, ଲାଞ୍ଜିଗଡ଼ ହାଇସ୍କୁଲ ଖେଳପଡ଼ିଆ, ପୂର୍ବାହ୍ନ ୧୧ଟା।
- ଆମ ଓଡ଼ିଶା ନବୀନ ଓଡ଼ଶା ସଚେତନତା କାର୍ଯ୍ୟକ୍ରମ, କୋକସରା ବ୍ଲକ ଲଡୁଗାଁ ପଞ୍ଚାୟତ ପରିସର ପୂର୍ବାହ୍ନ. ୧୧ଟା।
- ଜିଲାସ୍ତରୀୟ ଆନ୍ତଃ କ୍ରିକେଟ ଟୁର୍ନାମେଣ୍ଟ ଉଦ୍‌ଯାପନୀ, ଭବାନୀପାଟଣା ଲାଲବାହାଦୂର ଶାସ୍ତ୍ରୀ ଷ୍ଟାଡିୟମ, ପୂର୍ବାହ୍ନ ୧୦ଟା।

## ବୌଦ୍ଧ

- ବାଉଁଶୁଣୀ ଲୋକ ମହୋତ୍ସବର ଚତୁର୍ଥ ଦିନ, ବାଉଁଶୁଣୀ ଉଚ୍ଚ ବିଦ୍ୟାଳୟ ଖେଳପଡ଼ିଆ, ଅପରାହ୍ନ ୪ଟା।
- କନ୍ଧମାଳ ବ୍ଲକ ଖୁଣ୍ଟିଗୋରା ପଞ୍ଚାୟତର ବନ୍ଧଗୋରା ଧବଳେଶ୍ୱର କ୍ରିକେଟ କ୍ଲବ ପକ୍ଷରୁ ୧୪ତମ ଧବଳେଶ୍ୱର କ୍ରିକେଟ ଟୁର୍ନାମେଣ୍ଟର ଦ୍ୱିତୀୟ ଦିନ, ବନ୍ଧଗୋରା ଖେଳପଡ଼ିଆ, ସକାଳ ୮ଟା।

## ଦେବଗଡ଼

- ଆନ୍ତଃଜିଲା ସ୍କୁଲ କ୍ରିକେଟ ଟୁର୍ନାମେଣ୍ଟ ଚତୁର୍ଥ ଦିବସ, ଇନ୍ଦିରା ଗାନ୍ଧୀ ଷ୍ଟାଡିୟମ, ପୂର୍ବାହ୍ନ୧୦ଟା।
- ନୋ ପ୍ଲାଷ୍ଟିକ କ୍ୟାମ୍ପେନିଂ, ଡିଏଫ୍‌ଓ ଅଫିସ, ସକାଳ ୮ଟା।

## ସୁବର୍ଣ୍ଣପୁର

- ମା' ନାରାୟଣୀ କ୍ରିକେଟ୍ ଟୁର୍ନାମେଣ୍ଟର ତୃତୀୟ ଦିବସ ଖେଳ, ବୀରମହାରାଜପୁର ବ୍ଲକ ଘଣ୍ଟପାଲି ଖେଳପଡିଆ, ପୂର୍ବାହ୍ନ ୧୧ଟା।
- ଆମ ଓଡ଼ିଶା ନବୀନ ଓଡ଼ିଶା ଆନୁକୂଲ୍ୟରେ ମୋ ପଞ୍ଚାୟତ ବିକାଶ ସଚେତନତା କାର୍ଯ୍ୟକ୍ରମ, ଡୁଙ୍ଗୁରିପାଲି ବ୍ଲକ ଦିଗଶିରା ଓ ସୁନାପାଲି ପଞ୍ଚାୟତ ପରିସର, ପୂର୍ବାହ୍ନ ୧୧ଟା।

## ଢେଙ୍କାନାଳ

- ଭାଜପା ପକ୍ଷରୁ ବନଖଣ୍ଡ କାର୍ଯ୍ୟାଳୟ ଘେରାଉ, ଢେଙ୍କାନାଳ ଜିଲା ବନଖଣ୍ଡ କାର୍ଯ୍ୟାଳୟ, ପୂର୍ବାହ୍ନ ୧୦ଟା ୩୦।

## ଅନୁଗୋଳ

- ପ୍ରାକ୍ତନ ଉପମୁଖ୍ୟମନ୍ତ୍ରୀ ପବିତ୍ର ମୋହନ ପ୍ରଧାନଙ୍କ ଜୟନ୍ତୀ, ଅନୁଗୋଳ ବାଜି ରାଉତ ଛାତ୍ରାବାସ ପରିସର, ସନ୍ଧ୍ୟା ୬ ଟା।
- ନର୍ସିଂ ପାରାମେଡିକାଲ ନିଯୁକ୍ତି ଦୁର୍ନୀତି ବିରୋଧରେ ଧାରଣା, ଅନୁଗୋଳ ଇଏସ୍‌ଆଇ ଫାଟକ ସମ୍ମୁଖ, ସକାଳ ୭ଟା।

## ଗଞ୍ଜାମ

- ନିଷ୍କ୍ରମଣ ଉତ୍ସବ, ନୀଳକଣ୍ଠନଗର ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର, ପୂର୍ବାହ୍ନ ୧୦ଟା।
- ଗ୍ଲୋବାଲ ଇନୋଭେସନ ସେଣ୍ଟର ଉଦଘାଟନୀ, ନିଷ୍ଟ କଲେଜ, ପୂର୍ବାହ୍ନ ୧୧ଟା।
- ବାଳିକା ଆତ୍ମରକ୍ଷା ତାଲିମ ଶିବିର ଉଦଯାପିତ, କବି ସମ୍ରାଟ ଉପେନ୍ଦ୍ର ଭଞ୍ଜମହାବିଦ୍ୟାଳୟ, ଭଞ୍ଜନଗର, ପୂର୍ବାହ୍ନ ୧୦ ଟା।
- ସରକାରୀ ଯୋଜନାର ସଚେତନତା କାର୍ଯ୍ୟକ୍ରମ, ଭଞ୍ଜନଗର ବ୍ଲକ କୁଲାଡ, ପୂର୍ବାହ୍ନ ୧୦ ଟା।
- ବାଲିପଦର ମହୋତ୍ସବ, ବୁଗୁଡ଼ା ମହୋତ୍ସବ ପଡିଆ, ସନ୍ଧ୍ୟା ୫ଟା
- ଆସିକା ବ୍ଲକ ନିମିନାରେ ଆମ ଓଡିଶା ନବୀନ ଓଡ଼ିଶା କାର୍ଯ୍ୟକ୍ରମ, ଆଦର୍ଶ ବିଦ୍ୟାଳୟ ଖେଳପଡିଆ, ପୂର୍ବାହ୍ନ ୧୦ଟା

## କନ୍ଧମାଳ

- ପ୍ରାକୃତିକ ଦୁର୍ବିପାକ ଉପରେ ଏନ୍‌ଡିଆର୍‌ଏଫ୍ ପକ୍ଷରୁ କାର୍ଯ୍ୟକ୍ରମ। ଫୁଲବାଣୀ ଆଇଟିଡିଏ କନଫରେନ୍ସ ହଲ, ସକାଳ ସାଢ଼େ୯ଟା।

## ଗଜପତି

- ନୂଆ-ଓ ନବୀନ ଓଡ଼ିଶା କାର୍ଯ୍ୟକ୍ରମ, ଗୁଲୁବା, ବିରିକୋଟ, ମାଣ୍ଡିମେରା ପଞ୍ଚାୟତ, ମୋହନା, ଗଜପତି, ସମୟ-ପୂର୍ବାହ୍ନ ୧୦ଟା।

## ଜଗତ୍‌ସିଂହପୁର

- ଆମ ଓଡ଼ିଶା ନବୀନ ଓଡ଼ିଶା କାର୍ଯ୍ୟକ୍ରମ, ତିର୍ତ୍ତୋଲ ବ୍ଲକ ପିପ୍ପଳମାଧବ ରାଜୀବ ଗାନ୍ଧୀ ସେବାକେନ୍ଦ୍ର, ପୂର୍ବାହ୍ନ ୧୧ଟା।
- ଯୋଗ୍ୟ ଡ୍ରାଇଭରଙ୍କୁ ବରିଷ୍ଠ ଡ୍ରାଇଭର ପାଇଁ ବିଭାଗୀୟ ପ୍ରୋମୋସନ କମିଟି ମିଟିଂ, ଜିଲାପାଳଙ୍କ ଚାମ୍ବର, ପୂର୍ବାହ୍ଣ ୧୧.୩୦ଟା।
- ପିଇଓମାନଙ୍କ ପାଇଁ ଆର୍‌ଏସିପି/ଏମ୍‌ଏସିପି ଅନୁମୋଦନ ପାଇଁ ସ୍କ୍ରିନିଂ କମିଟି ମିଟିଂ, ଜିଲାପାଳଙ୍କ ଚାମ୍ବର, ମଧ୍ୟାହ୍ନ ୧୨ଟା।

## କେନ୍ଦ୍ରାପଡ଼ା

- ମୋ ଓଡ଼ିଶା ନବୀନ ଓଡ଼ିଶା ଯୋଜନାରେ ସଚେତନତା କାର୍ଯ୍ୟକ୍ରମ, ନରସିଂହପୁର ଗ୍ରାମପଞ୍ଚାୟତ, ଡେରାବିଶ ବ୍ଲକ, ପୂର୍ବାହ୍ନ ୧୦ଟା।
- ବିଶ୍ୱ କଲ୍ୟାଣ ରୁଦ୍ରଶାନ୍ତି ମହାଯଜ୍ଞ ଶୁଭାଧିବାସ, ଆର୍ତ୍ତେଶ୍ୱର ପୀଠ, ନହଙ୍ଗ, ଡେରାବିଶ, ସନ୍ଧ୍ୟା ୭ଟା।
- କ୍ରିୟାନୁଷ୍ଠାନ କମିଟି ଆହ୍ୱାନରେ ମେଡିକାଲ କଲେଜ ଦାବିରେ ଗଣଧାରଣା, ପଟ୍ଟାମୁଣ୍ଡାଇ ବ୍ଲକ ଅଞ୍ଚଳ, ପୂର୍ବାହ୍ନ ୧୦ଟା।
- ସୁର ଝଙ୍କାର ପକ୍ଷରୁ ଭାବର ଭଜନ ମଞ୍ଚ କାର୍ଯ୍ୟକ୍ରମ, ମା'ଦକ୍ଷିଣ କାଳୀ ମନ୍ଦିର ପ୍ରାଙ୍ଗଣ, ଭରତପୁର, କେନ୍ଦ୍ରାପଡ଼ା, ସନ୍ଧ୍ୟା ୭ଟା।
- ଜିଲାପାଳଙ୍କ ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟର ସମୀକ୍ଷା, ରାଜକନିକା ବ୍ଲକ, ପୂର୍ବାହ୍ନ ୧୦ଟା।
- ତୃତୀୟ ପାୟଲ ମ୍ୟୁଜିକ ଗ୍ରାମୀଣ ମହୋତ୍ସବ, ମ୍ୟୁଜିକ ସ୍କୁଲ, ଇନ୍ଦୁପୁର, କେନ୍ଦ୍ରାପଡ଼ା, ପୂର୍ବାହ୍ନ ୧୦ଟା।
- ଶ୍ରୀରାଧାଦାମୋଦରଙ୍କ ନବ ନିର୍ମିତ ମନ୍ଦିର ପ୍ରବେଶ ଉତ୍ସବ, ପାଇଲୋ, ଗରଦପୁର, ପୂର୍ବାହ୍ନ ୭ଟା।
- ପ୍ରତିଭା ସମ୍ମାନ ସମାରୋହ, ବଟିରା ମାର୍ଶାଘାଇ, ମଧ୍ୟାହ୍ନ ୧୨ଟା।
- ଆମ ଓଡ଼ିଶା ନବୀନ ଓଡ଼ିଶା କାର୍ଯ୍ୟକ୍ରମ, ମଙ୍ଗଳପୁର ଓ ବରକନ୍ଦା ପଞ୍ଚାୟତ, ମହାକାଳପଡ଼ା, ପୂର୍ବାହ୍ନ ୧୦ଟା।
- ଆମ ଓଡ଼ିଶା ନବୀନ ଓଡ଼ିଶା କାର୍ଯ୍ୟକ୍ରମ, ସ୍ଥାନ: ନଡିଆବରେଇ ପଞ୍ଚାୟତ, ଗରଦପୁର, ସମୟ: ପୂର୍ବାହ୍ନ ୧୦ଟା।

# ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଦେ ଦେଉଣୀଙ୍କ କୋଳଥ ମଣ୍ଡା,**
**ତହିଁ ମାରିଥିବ ଗେବ,**
**ଯେ ଯେମିତି ମାଗି ଅଇଲେ,**
**ଗେବ ଚିହ୍ନି ବାରି ଦେବା**

କେତେଜଣ ବ୍ୟକ୍ତି ସମସ୍ତଙ୍କୁ ସମାନ ଦୃଷ୍ଟିରେ ଦେଖି ନ ଥାନ୍ତି। ତାଙ୍କ ଆଖିରେ କିଏ ପର ତ କିଏ ଅଧିକ ଆପଣାର ହୋଇଥାନ୍ତି। ଚିହ୍ନା ପରିଚୟ ଭିତରେ ବାଛବିଚାର କରିବା ନେଇ ଏଭଳି ଉକ୍ତି ବର୍ଣ୍ଣନା କରାଯାଇଛି।

**ଦହି ସୁନ୍ଦର ଚୁଡ଼ାକୁ,**
**ଫୁଲ ସୁନ୍ଦର ଜୁଡ଼ାକୁ।**

ଚୁଡ଼ା ସାଙ୍ଗରେ ଦହିର ମିଶ୍ରଣ ପାଟିକୁ ଖୁବ୍ ସ୍ୱାଦିଷ୍ଟ ଲାଗିଥାଏ। ସେହିପରି ରମଣୀଙ୍କ ଜୁଡ଼ାରେ ଖୋସାଯାଉଥିବା ଫୁଲ ଆଖିକୁ ଖୁବ୍ ସୁନ୍ଦର ଲାଗୁଥିବା ଅର୍ଥରେ ଏଭଳି ଉକ୍ତି ପ୍ରକାଶ କରାଯାଇଛି।

ନିର୍ବାଚିତ ଢଗଢମାଳି, ପ୍ରବାଦ, ପ୍ରବଚନ ଓ ଅନ୍ୟାନ୍ୟ – ପ୍ରାଚୀ ସାହିତ୍ୟ ପ୍ରତିଷ୍ଠାନ




ବୁଧବାର ଅପରାହ୍ନ ୫ଟାରେ ମହାକାଶରୁ ଉତ୍ତୋଳିତ ପାଣିପାଗର ଚିତ୍ର।

# ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ** ଭାଗ୍ୟସ୍ଥାନରେ ଶୁକ୍ର ସହ ଚନ୍ଦ୍ରଙ୍କ ସଂଯୋଗ ହେତୁ କାମଟିଏ ଆରମ୍ଭ ଯୋଜନା କରିବେ। ଯାନବାହନ, ହୋଟେଲ ଶିଳ୍ପ, ଛୋଟ ଦୋକାନବାଡ଼ି କ୍ଷେତ୍ରରୁ ସୁଫଳ ମିଳିବ। ଆନୁଷ୍ଠାନିକ କାମରେ ପ୍ରସ୍ତୁତି ସରିବ ଓ ଦୃଢ଼ ପଦକ୍ଷେପ ନେଇ କୃତକାର୍ଯ୍ୟ ହେବେ। ପାରିବାରିକ କ୍ଷେତ୍ରରେ ବୁଝାମଣା ନେଇ ସହମତି ଦେଖାଦେଇପାରେ।

**ବୃଷ** ଏକାଦଶସ୍ଥ ରାହୁ ଆପଣଙ୍କ ଚିନ୍ତାଧାରା ଓ ନିଷ୍ପତ୍ତିକୁ ଶେଷ ମୁହୂର୍ତ୍ତରେ ବଦଳାଇ ଦେଇପାରନ୍ତି। ଅଷ୍ଟମସ୍ଥ ଶୁକ୍ର ମଧ୍ୟ ଶାରୀରିକ ଦୁର୍ବଳତା ଯୋଗୁ କାମ କରିବାକୁ ଆଗ୍ରହ ପ୍ରକାଶ କରିବେ ନାହିଁ। ସ୍ଥଗିତ କାମକୁ ଅନ୍ୟ ମାଧ୍ୟମରେ ପୂରାଦମ୍‌ରେ କରିବା ପାଇଁ ନିଷ୍ପତ୍ତି ନେବେ। ସାଧାରଣ କଥାକୁ କେନ୍ଦ୍ରକରି ମନରେ ବିରକ୍ତିଭାବ ସୃଷ୍ଟି ହୋଇପାରେ।

**ମିଥୁନ** ଶନି ଭାଗ୍ୟସ୍ଥାନରେ ଅବସ୍ଥାନ କରି ବିଳମ୍ବିତ ସମୟରେ କାର୍ଯ୍ୟ ହାସଲ କରାଇବେ। ଶନିଙ୍କ ଦୃଷ୍ଟି ପ୍ରଭାବରୁ ଭ୍ରାତୃସମ୍ପର୍କ ଭଲ ରହି ନ ପାରେ। ବନ୍ଧୁଙ୍କ ପରାମର୍ଶକୁ ଯଦି ଗ୍ରହଣ କରିବେ ତେବେ ସହଯୋଗ ପାଇ ସ୍ଥଗିତ କାମକୁ ତ୍ୱରାନ୍ୱିତ କରିପାରନ୍ତି। କୌଣସି ଭୁଲ୍ କାମ କରି ଅନୁତପ୍ତ ହେବାର ସମ୍ଭାବନା ରହିଛି।

**କର୍କଟ** ରାଶ୍ୟାଧିପ ଷଷ୍ଠରେ ଗୁରୁଦୃଷ୍ଟ କାରଣରୁ ସ୍ୱାସ୍ଥ୍ୟ ଭଲ ରହି ନ ପାରେ। ଭାଙ୍ଗିଯାଇଥିବା ସମ୍ପର୍କଟି ପୁନଃ ପ୍ରତିଷ୍ଠିତ ହେବା ଫଳରେ ଆଶ୍ୱସ୍ତି ଅନୁଭବ କରିବେ। ଅଶ୍ଳେଷା ନକ୍ଷତ୍ରଜାତ ବ୍ୟକ୍ତି ପରକଥାରେ ପଡ଼ି ଭୁଲ୍ ମାର୍ଗର ଅନୁସରଣ କରିପାରନ୍ତି। ଅର୍ଥ ଓ ସମ୍ମାନ ବୃଦ୍ଧି ପାଇଁ ଚେଷ୍ଟିତ ହେବେ ଏବଂ ଧର୍ମାନୁଷ୍ଠାନ ଦିଗରୁ ପ୍ରେରଣା ଲାଭ କରିପାରନ୍ତି।

**ସିଂହ** ବୁଧ ଓ ଶୁକ୍ରଙ୍କ ଶୁଭତ୍ୱ ହେତୁ ଆର୍ଥିକ ଉନ୍ନତି ସହିତ କାର୍ଯ୍ୟ ହାସଲରୁ ଖୁସି ରହିବେ। ଅନ୍ୟମାନଙ୍କଠାରୁ କିଛି ଖବର ଶୁଣି କିମ୍ବା ମିଥ୍ୟା ଗୁଜବରେ ଆତଙ୍କିତ ହୁଅନ୍ତୁନାହିଁ। ପ୍ରଶାସନ ଓ ପ୍ରକାଶନ କ୍ଷେତ୍ରରେ ସଙ୍କଟଜନକ ସ୍ଥିତି ଉପୁଜିପାରେ। ବିବାଦୀୟ ଘଟଣା ଅମୀମାଂସିତ ରହିବ।

**କନ୍ୟା** କେନ୍ଦ୍ରସ୍ଥ ଚନ୍ଦ୍ରଙ୍କ ସୁପ୍ରଭାବରୁ ମନ ଖୁସି ହେଲାଭଳି କଥା କହି ଅନ୍ୟମାନଙ୍କର ପ୍ରିୟଭାଜନ ହେବେ। ଶିଳ୍ପ, ବାଣିଜ୍ୟ ଓ ସାମ୍ବାଦିକତାରେ ଖୁସି ରହିବେ। କର୍ମକ୍ଷେତ୍ରରେ ଅନ୍ୟାୟ ବିରୋଧରେ ସ୍ୱର ଉଠାଇଲେ ସମର୍ଥନ ପାଇବେ ନାହିଁ। ବନ୍ଧୁଙ୍କ ଅନୁରୋଧକ୍ରମେ ଆକସ୍ମିକ ଭାବେ ଦୂରସ୍ଥାନକୁ ଯାତ୍ରା କରିବାକୁ ପଡ଼ିପାରେ।

**ତୁଳା** ଚନ୍ଦ୍ରଙ୍କ କୋଣସ୍ଥାନରେ ଗୁରୁ ଥିବାରୁ କର୍ମକ୍ଷେତ୍ରରେ କିଛି ନୂତନତ୍ୱ ସମ୍ମାନ୍‌ପ୍ରାପ୍ତିର କାରଣ ହେବ। ସରକାରୀ ସ୍ତର ଅଥବା ବ୍ୟକ୍ତିବିଶେଷଙ୍କ ପାଖରେ ଥିବା ବକେୟା ପାଇପାରିବେ। ଧର୍ମକାର୍ଯ୍ୟରେ ନିୟୋଜିତ ହେଲେ ପ୍ରଶଂସା ପାଇବେ। ସ୍ୱାସ୍ଥ୍ୟରେ ଉନ୍ନତି ସାଙ୍ଗକୁ କଳା, ସାହିତ୍ୟ, ସଙ୍ଗୀତ ଓ ସଭାସମିତିରେ ସୁନାମ ମିଳିବ।

**ବିଛା** ଧନସ୍ଥାନରେ ଶୁକ୍ର ଓ ଚନ୍ଦ୍ର ଥିବା ହେତୁ ରୋଜଗାର କମ୍ ହେବନି। ଅଧିକାଂଶ ସମୟ ଦୂର ବନ୍ଧୁଙ୍କ ମେଳରେ ରହିବାର ସୁଯୋଗ ପାଇବେ। କାମରେ ଅବହେଳା କରିବା କାରଣରୁ ବନ୍ଧୁଙ୍କ ଉପରେ ବିରକ୍ତିଭାବ ସୃଷ୍ଟି ହୋଇପାରେ। ଉପସ୍ଥିତ ବୁଦ୍ଧି ପ୍ରୟୋଗକରି କାମ ହାସଲ କରିବା କାରଣରୁ ପ୍ରତ୍ୟେକ କ୍ଷେତ୍ରରେ ଜୟଯୁକ୍ତ ହେବେ।

**ଧନୁ** ଷଷ୍ଠାଷ୍ଟମ ଗ୍ରହଦ୍ୱୟ ରାଶିରେ ଅବସ୍ଥାନ କରି ବିବାଦୀୟ ପରିସ୍ଥିତି ସୃଷ୍ଟି କରିପାରନ୍ତି। ଶୁଭେଚ୍ଛୁଙ୍କ ଅନୁକମ୍ପା ସବୁ ପ୍ରକାର ଅନୁକୂଳ ପରିବେଶ ସୃଷ୍ଟିରେ ସହାୟକ ହେବ। ପ୍ରତିବେଶୀଙ୍କ ସହ ସମ୍ପର୍କ ମଧୁର ରହିବ, ଯାହାକି ଆପଣଙ୍କ କାମ ସୁଗମରେ ସହାୟ ହେବ। ମାଙ୍ଗଳିକ କାମ ସକାଶେ ଗୃହସଜ୍ଜା ପ୍ରତି ଆଗ୍ରହ ବଢ଼ିପାରେ।

**ମକର** ବ୍ୟୟଭାବସ୍ଥ ଗ୍ରହ ପ୍ରଭାବରେ କୌଣସି ଗୁରୁତ୍ୱପୂର୍ଣ୍ଣ କାମ ସକାଶେ ଯାତ୍ରା କରିବାକୁ ପଡ଼ିପାରେ। ବନ୍ଧୁଙ୍କ ପରାମର୍ଶରେ ଆନୁଷ୍ଠାନିକ କାମରେ ସଫଳତା ଦିଗକୁ ମନ ବଳାଇବେ। ଅତୀତ ଘଟଣାକୁ କେନ୍ଦ୍ରକରି ବିବାଦୀୟ ପରିସ୍ଥିତି ସୃଷ୍ଟି ଆଶଙ୍କା ରହିଛି। ପରିବାରରେ ଅସାବଧାନତାବଶତଃ ଦ୍ରବ୍ୟ ନଷ୍ଟ ହୋଇପାରେ।

**କୁମ୍ଭ** ଷଷ୍ଠାଧିପ ଏକାଦଶସ୍ଥ ରହି ପ୍ରାପ୍ୟଧନ ପାଇଁ ବାଧା ସୃଷ୍ଟି କରିପାରନ୍ତି। ଆଜି କିଛି ଭଲ ଓ କିଛି ମନ୍ଦ ମଧ୍ୟରେ ସମୟ ଅତିବାହିତ କରିବେ। ବାଣିଜ୍ୟ, ବ୍ୟବସାୟରେ ଶିଥିଳତା ଦେଖାଦେବ ଏବଂ ରପ୍ତାନି ବାଣିଜ୍ୟରେ କ୍ଷତିର ଆଶଙ୍କା ରହିଛି। ଭ୍ରାତୃ ସମ୍ପର୍କରେ ଉନ୍ନତି ଘଟିବ ଏବଂ ପାରିବାରିକ କ୍ଷେତ୍ରରେ ପ୍ରିୟକଥା କହି ସମସ୍ୟାକୁ ସୁଧାରିନେବେ।

**ମୀନ** ଅନୁକୂଳ ଗ୍ରହ ସଂସ୍ଥିତିରୁ ପ୍ରତ୍ୟେକ କାର୍ଯ୍ୟ ସୁଚାରୁରୂପେ ସମ୍ପନ୍ନ କରିବେ। କର୍ମକ୍ଷେତ୍ରରେ ବିଜାତୀୟ ବ୍ୟକ୍ତି ଜଣେ ଅସହଯୋଗ କରିପାରନ୍ତି, ଯଦ୍ୱାରା ଆପଣ ରାଗି କିଛି କହିବା ଦ୍ୱାରା ସମାଲୋଚିତ ହେବେ। ମାଲିମକଦ୍ଦମାରୁ ଚିନ୍ତାକୁଳ ହୋଇପାରନ୍ତି ମାତ୍ର ରାଜନୀତି କ୍ଷେତ୍ରରେ ଲକ୍ଷ୍ୟ ହାସଲ କରିବେ। ପରିବାରରେ ସନ୍ତାନଙ୍କ କାର୍ଯ୍ୟକଳାପରେ ଅସନ୍ତୋଷ ହେବେ।

ଆଜି ଫେବୃଆରୀ ୮ ତାରିଖ, ମାଘ କୃଷ୍ଣ ତ୍ରୟୋଦଶୀ ଯୁକ୍ତ ଚତୁର୍ଦ୍ଦଶୀ, ଗୁରୁବାର, ରଟନ୍ତ୍ୟା ଚତୁର୍ଦ୍ଦଶୀ, ରଟନ୍ତୀ କାଳିକା ପୂଜା, ଶିବ ଚତୁର୍ଦ୍ଦଶୀ ଉପବାସ ଓ ବେଢ଼ା ପରିକ୍ରମା, ଅଦ୍ୟ ବିବାହ ପାଣିଗ୍ରହଣ, ଗୃହାରମ୍ଭ ପାଇଁ ଶୁଭଦିନ, ରାଶି ନକ୍ଷତ୍ର-ଉତ୍ତରାଷାଢ଼ା/ଧନୁ, ଦିବା ଘ.୧୦।୦୩ ମି. ଗତେ ମକରଚନ୍ଦ୍ର ; ସକାଳ ଘ.୦୬।୨୩ମି. ଗତେ ଘ.୦୭।୫୩ମି. ମଧ୍ୟେ, ଘ.୧୦।୫୩ମି. ଗତେ ଘ.୦୧।୦୮ମି. ମଧ୍ୟେ ଶୁଦ୍ଧ ଶୁଭବେଳା॥ ଦିବା ଘ.୦୧।୨୫ମି. ଗତେ ଘ.୦୨।୪୯ମି. ମଧ୍ୟେ ରାହୁକାଳ॥

# ଆଜିଠୁ ଗଡ଼ିବ ପୁରୀ-ସୋନପୁର-ପୁରୀ ଏକ୍ସପ୍ରେସ୍

ଭୁବନେଶ୍ୱର,୭।୨
(ଅନୁରାଧା ମହାରଣା)

ପୁରୀ-ସୋନପୁର-ପୁରୀ ସାପ୍ତାହିକ ଏକ୍ସପ୍ରେସ୍ ଟ୍ରେନ୍ ଗୁରୁବାରଠାରୁ ନିୟମିତ ଚାଲିବ। ୮ ତାରିଖରୁ ପୁରୀରୁ ଏବଂ ୯ ତାରିଖରୁ ସୋନପୁରରୁ ଚଳଚଳ ଆରମ୍ଭ ହେବ। ୧୮୪୨୧ ପୁରୀ-ସୋନପୁର ସାପ୍ତାହିକ ଏକ୍ସପ୍ରେସ୍ ପ୍ରତି ଗୁରୁବାର ପୁରୀରୁ ସନ୍ଧ୍ୟା ୭ଟା ୩୫ରେ ବାହାରି ଶୁକ୍ରବାର ଭୋର୍ ୫ଟା ୩୦ରେ ସୋନପୁରରେ ପହଞ୍ଚିବ। ଫେରିବା ମାର୍ଗରେ ୧୮୪୨୨ ସୋନପୁର-ପୁରୀ ଏକ୍ସପ୍ରେସ୍ ପ୍ରତି ଶୁକ୍ରବାର ସୋନପୁରରୁ ସନ୍ଧ୍ୟା ୭ଟା ୩୦ରେ ଛାଡି ଶନିବାର ସକାଳ ୬ଟା ୫୫ରେ ପୁରୀରେ ପହଞ୍ଚିବ। ଏହି ଟ୍ରେନ ପୁରୀ ଏବଂ ସୋନପୁର ମଧ୍ୟରେ ଉଭୟ ପାର୍ଶ୍ୱରୁ ଖୋର୍ଦ୍ଧା ରୋଡ୍, ଭୁବନେଶ୍ୱର, ନରାଜ ମାର୍ଥାପୁର, ଢେଙ୍କାନାଳ, ତାଳଚେର, ଅନୁଗୋଳ, ବଇଣ୍ଡା, ରେଢ଼ାଖୋଲ, ସମ୍ବଲପୁର, ବରଗଡ ରୋଡ୍, ବଲାଙ୍ଗୀର, ବିଚ୍ଛୁପାଲି, ଖାରତରଭା ଏବଂ ନରସିଂହଗଡରେ ରହଣି କରିବ। ଏହି ଟ୍ରେନ୍‌ରେ ଗୋଟିଏ ଏସି-୨ ଟାୟାର, ୭ଟି ଏସି-୩ ଟାୟାର, ଗୋଟିଏ ଏସି-୩ ଟାୟାର ଇକୋନୋମି, ୬ଟି ସ୍ଲିପର ଶ୍ରେଣୀ, ୩ଟି ଦ୍ୱିତୀୟ ଶ୍ରେଣୀ ସିଟିଂ, ଗୋଟିଏ ଗାର୍ଡ, ଲଗେଜ ତଥା ଦିବ୍ୟାଙ୍ଗଜନ କୋଚ ଏବଂ ଗୋଟିଏ ଗାର୍ଡ, ଲଗେଜ ତଥା ମୋଟର କୋଚ ଉପଲବ୍ଧ ରହିବ। ସୂଚନା ଥାଉ କି, ଫେବୃଆରୀ ୩ ତାରିଖରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଦ୍ୱାରା ଏହି ଟ୍ରେନର ଶୁଭାରମ୍ଭ କରାଯାଇଥିଲା।

# ଇଗ୍ନୁର ୬ ଆଞ୍ଚଳିକ କେନ୍ଦ୍ର ନୂତନ ଭବନ ଉଦ୍‌ଘାଟନ କଲେ କେନ୍ଦ୍ରମନ୍ତ୍ରୀ

**ଡିଷ୍ଟାନ୍ସ, ଡିଜିଟାଲ ଓ ଟେକ୍ନୋଲୋଜି ଭିତ୍ତିକ ଲର୍ନିଂ ପଦ୍ଧତି ଇଗ୍ନୁକୁ ଦୁନିଆର ଉନ୍ନତ ଅନୁଷ୍ଠାନ କରିଛି: ଧର୍ମେନ୍ଦ୍ର**

ଭୁବନେଶ୍ୱର,୭।୨(ସୁନିତ୍ ମିଶ୍ର)

ଡିଷ୍ଟାନ୍ସ, ଡିଜିଟାଲ ଓ ଟେକ୍ନୋଲୋଜି ଭିତ୍ତିକ ଲର୍ନିଂ ପଦ୍ଧତି ମାଧ୍ୟମରେ ଇନ୍ଦିରା ଗାନ୍ଧୀ ରାଷ୍ଟ୍ରୀୟ ମୁକ୍ତ ବିଶ୍ୱବିଦ୍ୟାଳୟ (ଇଗ୍ନୁ)କୁ ଦୁନିଆର ଉନ୍ନତ ଅନୁଷ୍ଠାନ ଭାବେ ଗଢ଼ିବା ଦିଗରେ କାମ କରିବା ପାଇଁ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ପରାମର୍ଶ ଦେଇଛନ୍ତି।

ବୁଧବାର ଭିଡିଓ କନ୍‌ଫରେନ୍ସି ଜରିଆରେ ଇନ୍ଦିରା ଗାନ୍ଧୀ ରାଷ୍ଟ୍ରୀୟ ମୁକ୍ତ ବିଶ୍ୱବିଦ୍ୟାଳୟର ୬ଟି ଆଞ୍ଚଳିକ କେନ୍ଦ୍ରର ନୂତନ ଭବନର ଲୋକାର୍ପଣ କରିବା ଅବସରରେ ଧର୍ମେନ୍ଦ୍ର କହିଛନ୍ତି, ଅଗରତାଲା, ବେଙ୍ଗାଲୁରୁ, ପୁଣେ, ଜମ୍ମୁ, ପୋର୍ଟ ବ୍ଲେୟାର ଏବଂ ନଏଡାରେ ଇଗ୍ନୁର ନୂଆ ଭବନ ଲୋକାର୍ପଣ ହେବା ସହ ବିଜୟୱାଡା ଆଞ୍ଚଳିକ କେନ୍ଦ୍ରର ଭୂମିପୂଜନ ହୋଇଛି। ସେହିପରି ଇଗ୍ନୁର ଇଲେକ୍ଟ୍ରୋନିକ୍ସ ମିଡିଆ ପ୍ରଡକ୍ସନ ସେଣ୍ଟରର ଅତ୍ୟାଧୁନିକ ବୋର୍ଡକାଷ୍ଟ ସୁବିଧା ଅପ୍‌ଗ୍ରେଡେଶନର ଉଦ୍‌ଘାଟନ ହୋଇଛି। ଇଗ୍ନୁ ଦେଶରେ ନିଜର ବିଶ୍ୱସନୀୟ ଦେଖାଇଆସିଛି। ବିଗତ ଦଶକରେ ବିଦ୍ୟାର୍ଥୀ ଡିଗ୍ରୀ ଓ ଦକ୍ଷତା




ଦେବାରେ ନିଜର ଦାୟିତ୍ୱ ନିର୍ବାହ କରିଆସିଛି। ସମୟର ଆବଶ୍ୟକତା ଓ ଚାହିଦା ଅନୁସାରେ ଇଗ୍ନୁ ନିଜକୁ ପରିବର୍ତ୍ତନ କରିଛି। ଦେଶରେ ୫୭ଟି ଆଞ୍ଚଳିକ କେନ୍ଦ୍ର ଓ ୨ହଜାର ଷ୍ଟଡି ସେଣ୍ଟର ମାଧ୍ୟମରେ ପ୍ରାୟ ୩୫ ଲକ୍ଷ ଛାତ୍ରୀଛାତ୍ର ପାଠ ପଢୁଛନ୍ତି। ପାଠପଢ଼ା ସହ ଭର୍ଚୁଆଲ ପ୍ଲାଟ୍‌ଫର୍ମରେ ଇଗ୍ନୁ ନିଜର ପ୍ରକ୍ରିୟା ଜାରି ରଖିଛି। ୨୦୪୭ ସୁଦ୍ଧା ଦେଶକୁ ଅର୍ଥନୀତି କ୍ଷେତ୍ରରେ ଆଗକୁ ନେବା ପାଇଁ ଆମେ ଲକ୍ଷ୍ୟ ରଖିଛେ। ଦେଶରେ ଡିଜିଟାଲ ୟୁନିଭର୍ସିଟିର କଳ୍ପନା କରାଯାଇଛି। ଏହାକୁ ଆଗାମୀ ଦିନରେ ଅଧିକ ପ୍ରାସଙ୍ଗିକ ଭାବେ ଦେଖିବାକୁ ହେବ। ଯେତେବେଳେ ଦେଶରେ ୬ଜି ଆପଣା ଯାଉଛି, ତାହାର ଅଧିକ ଲାଭ ଶିକ୍ଷା ସମାଜକୁ ମିଳିବ।

## ସଂକ୍ଷେପରେ

### ହାତୀଗୁଡ଼ାରେ ମହାବଳ ବାଘ ଆତଙ୍କ



ଭଞ୍ଜନଗର,୭।୨(ବାବୁଲା ପ୍ରଧାନ)

ଗଞ୍ଜାମ ଜିଲା ଭଞ୍ଜନଗର ଉତ୍ତର ଘୁମୁସର ବନଖଣ୍ଡରେ ପ୍ରଥମ ଥର ପାଇଁ ମହାବଳ ବାଘ ଆତଙ୍କ ସୃଷ୍ଟି ହୋଇଛି। ଆଜକୁ ୩ ଦିନ ହେବ ଏକ ମହାବଳ ବାଘ ମୁଜାଗଡ଼ ଏବଂ କେନ୍ଦ୍ରୀୟ ରେଞ୍ଜ ମଝିରେ ଥିବା ହାତୀଗୁଡା ଅଞ୍ଚଳରେ ଘୁରି ବୁଲୁଥିବା ଲୋକେ କହିଛନ୍ତି। ମଙ୍ଗଳବାର ରାତିରେ ବାଘଟି ହାତୀଗୁଡା ଗ୍ରାମ ମୁଣ୍ଡରେ ଥିବା ବୃନ୍ଦାବନ ଗୌଡଙ୍କ ଗୋଟିଏ ଗାଈ ଘୋଷାଡି ନେଇ ଖାଇଦେଇଛି। ଗ୍ରାମର ଦୁଇଜଣ ବ୍ୟକ୍ତି ମଙ୍ଗଳବାର ରାତିରେ ଭଞ୍ଜନଗରରୁ ବାଇକ ଯୋଗେ ଗ୍ରାମକୁ ଫେରୁଥିବା ବେଳେ କେନାଲ ବନ୍ଧରେ ବାଘକୁ ଦେଖିଥିବା କହିଛନ୍ତି। ବୁଧବାର ଖବରପାଇ ବନ ବିଭାଗ କର୍ମଚାରୀ ଘଟଣାସ୍ଥଳରେ ପହଞ୍ଚିଛନ୍ତି। ତେବେ ରେଞ୍ଜର ଏଭଳି ଘଟଣା ସମ୍ପର୍କରେ କୌଣସି ଖବର ନଥିବା କହିଛନ୍ତି।

### ଖୋର୍ଦ୍ଧା-କେନ୍ଦୁଝର ମେମୁରୁ ମୃତଦେହ ଜବତ

କେନ୍ଦୁଝର,୭।୨(ନରେଶ ଚନ୍ଦ୍ର ପଟ୍ଟନାୟକ)

ଖୋର୍ଦ୍ଧାରୁ କେନ୍ଦୁଝର ଫେରୁଥିବା ମେମୁ ଟ୍ରେନ୍‌ରୁ ଜଣେ ବ୍ୟକ୍ତିଙ୍କ ମୃତଦେହ ଜବତ ହୋଇଛି। ତାଙ୍କ ପରିଚୟ ମିଳି ନ ଥିଲେ ହେଁ ବୟସ ୪୫ ହେବ ବୋଲି ରେଲୱେ ପୋଲିସ ଅନୁମାନ କରୁଛି। ସେ ହାଫ୍ ପ୍ୟାଣ୍ଟ ଏବଂ ଗଞ୍ଜି ପିନ୍ଧିଥିବା ବେଳେ ମୁଣ୍ଡରେ ସ୍କାର୍ପ ଗୁଡ଼ାଇଥିଲେ। ଟମକା ନିକଟରେ ସେ ଟଏଲେଟ୍ ନିକଟରେ ବସିରହିଥିବା ଅବସ୍ଥାରେ ଆର୍‌ପିଏଫ୍ ଦେଖିଥିଲେ। ପରେ ହରିଚନ୍ଦନପୁର ରେଳ ଷ୍ଟେଶନରେ ତାଙ୍କୁ ମେଡିକାଲ ନେଇଥିଲେ। ସେଠାରେ ଡାକ୍ତର ମୃତ ଘୋଷଣା କରିଥିଲେ। ଭଦ୍ରକ ରେଲୱେ ଥାନା ପକ୍ଷରୁ ଏକ ମାମଲା(ନଂ. ୮/୨୪)ରୁଜୁ ହୋଇଛି। ଘଟଣାର ତଦନ୍ତ ଚାଲିଥିବା ଯାଜପୁରରୋଡ୍ ରେଲୱେ ଫାଣ୍ଡି ଅଧିକାରୀ ସୁଶାନ୍ତ କୁମାର ସେଠୀ ସୂଚନା ଦେଇଛନ୍ତି। ମୃତଦେହ କେନ୍ଦୁଝର ମୁଖ୍ୟ ଚିକିତ୍ସାଳୟର ଶବ ସଂରକ୍ଷିତ ଗୃହରେ ଚିହ୍ନଟ ପାଇଁ ରଖାଯାଇଛି।

### ସାବେରୀ ନଦୀରେ ପ୍ରେମୀ ଯୁଗଳଙ୍କ ମୃତଦେହ

ପଡିଆ,୭।୨(ଭାସ୍କର ରାଓ)

ପଡିଆ ସଦର କମାରଗୁଡା ଗ୍ରାମ ବଜାଗୁଡା ନିକଟ ସାବେରୀ ନଦୀରେ ପ୍ରେମୀ ଯୁଗଳଙ୍କ ମୃତଦେହ ବୁଧବାର ଭାସୁଥିବା ଦେଖିବାକୁ ମିଳିଛି। ଦୁଇ ଜଣଙ୍କର ପରିଚୟ ମିଳିପାରି ନାହିଁ। ପୋଲିସ ତଦନ୍ତ ପରେ ଜଣାପଡିବ ବୋଲି ଅନୁମାନ କରାଯାଉଛି। କେତେକ ମାଛ ଧରାଳି ସଂଧ୍ୟାରେ ମାଛ ଧରିବାକୁ ନଦୀକୁ ଯାଇଥିଲେ। ମଝିରେ ଥିବା ବୁଦାଳିଆ ସ୍ଥାନରେ ଦୁହିଁଙ୍କ ମୃତଦେହ ଭାସୁଥିବା ଦେଖିବାକୁ ପାଇଥିଲେ। ଏମାନେ ଦୁହେଁ ପରସ୍ପରକୁ ଭଲ ପାଉଥିଲେ। କୌଣସି କାରଣରୁ ଆତ୍ମହତ୍ୟା କରିଥାଇ ପାରନ୍ତି ବୋଲି ଚର୍ଚ୍ଚା ହେଉଛି। ରାତି ହୋଇଯାଇଥିବାରୁ ମୃତଦେହ ନଦୀରୁ ଉଦ୍ଧାର ହୋଇନାହିଁ। ଗୁରୁବାର ଉଦ୍ଧାର କରାଯାଇ ବ୍ୟବଚ୍ଛେଦ ପରେ ମୃତ୍ୟୁର କାରଣ ଜଣାପଡିବ ବୋଲି ପୋଲିସ କହିଛି।

# ୨୨ ବର୍ଷରେ ଦାରିଦ୍ର୍ୟ ହାର ୭୦ରୁ ୧୦%କୁ କମିଛି

## ରାଜ୍ୟପାଳଙ୍କ ଅଭିଭାଷଣ ଆଲୋଚନା ଉପରେ ମୁଖ୍ୟମନ୍ତ୍ରୀଙ୍କ ମନ୍ତବ୍ୟ

ଭୁବନେଶ୍ୱର,୭।୨(ଅନିଲ ଦାସ)



ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନା (ବିଏସ୍‌କେୱାଇ) ଦେଶର ସବୁଠାରୁ ଭଲ ଯୋଜନା। ଏହି ଯୋଜନାରେ ରାଜ୍ୟ ସରକାର ବର୍ଷକୁ ପ୍ରାୟ ୨୫୦ କୋଟି ଖର୍ଚ୍ଚ କରୁଛନ୍ତି। ରାଜ୍ୟର ପ୍ରାୟ ୧.୫ ଲକ୍ଷ ଲୋକ ପ୍ରତି ମାସରେ ଚିକିତ୍ସା ସୁବିଧା ପାଉଛନ୍ତି। ଆଦିବାସୀଙ୍କୁ ସଶକ୍ତ ଓ ଆର୍ଥିକ କ୍ଷେତ୍ରରେ ମଜଭୁତ କରିବା ପାଇଁ ଏହି ଯୋଜନା ବହୁତ ସହାୟକ ହେବ। ଓଡ଼ିଶା ରାଜସ୍ୱ ବଳକା ରାଜ୍ୟରେ ପରିଗଣିତ ହୋଇଛି। ୨୦୦୦ ମସିହାରେ ଆମ ସରକାର ଆସିଲା ବେଳେ ରାଜ୍ୟରେ ୭୦ ଭାଗ ଲୋକ ଦାରିଦ୍ର୍ୟ ସୀମାରେଖା ତଳେ ରହିଥିଲେ। ଏବେ ଏହା ୧୦ ପ୍ରତିଶତରେ ପହଞ୍ଚିଛି। ଏହା ଏକ ବଡ଼ ସଫଳତା। ବୁଧବାର ବିଧାନସଭାରେ ରାଜ୍ୟପାଳଙ୍କ ଅଭିଭାଷଣ ଉପରେ ଆଲୋଚନା ପରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଏହା କହିଛନ୍ତି। ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପ ଓ ଲିଙ୍ଗରାଜ ପରିକ୍ରମା ପ୍ରକଳ୍ପକୁ ବନ୍ଦ କରିବା ପାଇଁ ଉଦ୍ୟମ କରାଯାଇଥିଲା। ବିକାଶ ଓ ଅପରାଧକୁ ନେଇ ରାଜନୀତି କରିବା କଥା ନୁହେଁ। ଓଡ଼ିଶା ଆଜି ରାଜସ୍ୱ ବଳକା ରାଜ୍ୟରେ ପରିଣତ ହୋଇଛି। ୫ମ ପାଳି ଶାସନ କାଳରେ କୋଭିଡ୍ ମହାମାରୀ ଏକ ବଡ଼ ଚ୍ୟାଲେଞ୍ଜ ହୋଇଥିଲା। ଟିମ୍ ୱାର୍କ ଭାବେ କାର୍ଯ୍ୟ କରି ମୃତ୍ୟୁ ହାର କମାଇବାରେ ଓଡ଼ିଶା ସଫଳ ହୋଇଛି। କୋଭିଡ୍ ପରୀକ୍ଷାଠାରୁ ଆରମ୍ଭ କରି ଚିକିତ୍ସା ପର୍ଯ୍ୟନ୍ତ ସବୁ କିଛି ମାଗଣାରେ ଯୋଗାଇ ଦିଆଯାଇଛି। ଅମ୍ଳଜାନ ଯୋଗାଇ ଓଡ଼ିଶା ଦେଶର ଅନେକ ଜୀବନ ବଞ୍ଚାଇବାରେ ସଫଳ ହୋଇଛି। ଦେଶର ୧୭ ରାଜ୍ୟକୁ ଅକ୍ସିଜେନ ସିଲିଣ୍ଡର ଯୋଗାଇ ଦିଆଯାଇଛି। ଦେଶରେ ଜୀବନ ବଞ୍ଚାଇବା କ୍ଷେତ୍ରରେ ଓଡ଼ିଶା ପ୍ରମୁଖ ଭୂମିକା ଗ୍ରହଣ କରିଥିଲା। ରାଜ୍ୟ ସରକାର ରାଉରକେଲା ଓ ଭୁବନେଶ୍ୱରରେ ହକି ବିଶ୍ୱକପ୍ ଆୟୋଜନ କରିଥିଲେ। ସ୍ୱଳ୍ପ ସମୟ ମଧ୍ୟରେ ରାଉରକେଲାଠାରେ ବିଶ୍ୱସ୍ତରୀୟ ଷ୍ଟାଡିୟମ ନିର୍ମାଣ କରାଯାଇପାରିଥିଲା। ଏହି ପାଳିରେ ମହାପ୍ରଭୁଙ୍କ ଆଶୀର୍ବାଦରୁ ଶ୍ରୀଜଗନ୍ନାଥ ପରିକ୍ରମା ପ୍ରକଳ୍ପ କାର୍ଯ୍ୟ ଶେଷ ହୋଇଛି। ୫୦୦ ବର୍ଷ ପରେ ପ୍ରଥମ ଥର ପାଇଁ ଏଭଳି ଏକ କାର୍ଯ୍ୟ ହାତକୁ ନିଆଯାଇଥିଲା ବୋଲି ଗଜପତି ମହାରାଜା ତାଙ୍କ ଅଭିଜ୍ଞତାରୁ କହିଛନ୍ତି। ସେହିପରି ମା' ସମଲେଇ ପ୍ରକଳ୍ପ ନିକଟରେ ଲୋକାର୍ପଣ କରାଯାଇଛି। ପ୍ରତି ପଞ୍ଚାୟତରେ ୨/୩ଟି ଧର୍ମାନୁଷ୍ଠାନକୁ ରୂପାନ୍ତରଣ କରିବା ପାଇଁ ଆମ ଓଡ଼ିଶା ନବୀନ ଓଡ଼ିଶା କାର୍ଯ୍ୟକ୍ରମ ଆରମ୍ଭ କରାଯାଇଛି। ମନ୍ତ୍ରିମଣ୍ଡଳ ଶପଥ ନେବା ପରଠାରୁ ୫-ଟିକୁ ପ୍ରଶାସନର ମୂଳମନ୍ତ୍ର ଭାବେ ଧରାଯାଇଛି। ଚାଷ ଜମିକୁ ଜଳସେଚନ ସୁବିଧା ଯୋଗାଇ ଦେବାକୁ ଦୀର୍ଘବର୍ଷ ଧରି ପଡ଼ିରହିଥିବା ଲୋୟର ସୁକତେଲ ପ୍ରକଳ୍ପ କାର୍ଯ୍ୟ ସମ୍ପୂର୍ଣ୍ଣ କରାଯାଇଛି।

ମିଶନ ଶକ୍ତି ସ୍ୱୟଂ ସହାୟକ ଗୋଷ୍ଠୀଙ୍କୁ ବିନା ସୁଧରେ ୧୫ ହଜାର କୋଟି ପ୍ରଦାନ କରାଯାଇଛି। ଏହା ରାଜ୍ୟର ମହିଳାଙ୍କୁ ସଶକ୍ତ କରିବାରେ ଏକ ସର୍ବକାଳୀନ ରେକର୍ଡ। ଭିତ୍ତିଭୂମି କ୍ଷେତ୍ରରେ ପୁଞ୍ଜିନିବେଶ କରିବାରେ ଓଡ଼ିଶା ଦେଶର ଦ୍ୱିତୀୟ ରାଜ୍ୟରେ ପରିଣତ ହୋଇଛି। ରାଜ୍ୟର ୧ କୋଟି ଲୋକ ଦାରିଦ୍ର୍ୟ ସୀମାରେଖା ଉପରକୁ ଯାଇଥିବା ନୀତି ଆୟୋଗଙ୍କ ରିପୋର୍ଟରେ ପ୍ରକାଶ ପାଇଛି। ରାଜ୍ୟ ସମସ୍ତ କ୍ଷେତ୍ରରେ ବିକାଶ କରୁଥିବା ବେଳେ ବିରୋଧୀ ଓଡ଼ିଶାକୁ ବଦନାମ କରିବାକୁ ଚେଷ୍ଟା କରୁଛନ୍ତି ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି।

# ବିଶ୍ୱ ଓଡ଼ିଆ ଭାଷା ସମ୍ମିଳନୀ ପ୍ରଦର୍ଶନୀ ବୁଲି ଦେଖିଲେ ୫-ଟି ଅଧ୍ୟକ୍ଷ



ଭୁବନେଶ୍ୱର, ୭।୨(ଅସମାପିକା ସାହୁ)

ବିଶ୍ୱ ଓଡ଼ିଆ ଭାଷା ସମ୍ମିଳନୀ ପରିସର ଜନତା ମଇଦାନଠାରେ ପ୍ରାଚୀନ, ମଧ୍ୟଯୁଗୀୟ ଏବଂ ଆଧୁନିକ ଆଦି ୩ଟି ବିଭାଗରେ ହେଉଥିବା ପ୍ରଦର୍ଶନୀକୁ ବୁଧବାର ୫-ଟି ଓ ନବୀନ ଓଡ଼ିଶା ଅଧ୍ୟକ୍ଷ କାର୍ତ୍ତିକ ପାଣ୍ଡିଆନ ବୁଲି ଦେଖିଛନ୍ତି। ଗୋଟିଏ ଛାତ ତଳେ ଓଡ଼ିଆ ଭାଷା, ସାହିତ୍ୟ, ଇତିହାସ ଏବଂ ଐତିହ୍ୟକୁ ନେଇ ପ୍ରଦର୍ଶିତ ବିଭିନ୍ନ ବିଷୟକୁ ଦେଖି ସେ ଖୁସିବ୍ୟକ୍ତ କରିଛନ୍ତି। ଏହି ଅବସରରେ ସେ ପ୍ରଦର୍ଶନୀ ଦେଖିବାକୁ ଆସିଥିବା ବିଭିନ୍ନ ସ୍କୁଲର ଛାତ୍ରୀଛାତ୍ରଙ୍କ ସହ କଥା ହୋଇଥିଲେ। ଏଭଳି ପ୍ରଦର୍ଶନୀ କିପରି ସେମାନଙ୍କ ମନକୁ ଛୁଉଁଛି ସେ ବିଷୟରେ ପିଲାଙ୍କୁ ପଚାରି ବୁଝିଥିଲେ। ସେଠାରେ ଥିବା ଭ୍ରାମ୍ୟମାଣ ପାଠାଗାରକୁ ଦେଖି ଏହା ଛାତ୍ରୀଛାତ୍ର ଓ ଯୁବପିଢ଼ିକୁ ପ୍ରେରଣା ଦେବ ବୋଲି ସେ ମତବ୍ୟକ୍ତ କରିଥିଲେ। ପରେ ପାଣ୍ଡିଆନ ପ୍ରଦର୍ଶନୀର ଆଧୁନିକ ବିଭାଗରେ ଥିବା 'ଡୋମ୍ ଅଫ୍ ଦ ଫ୍ୟୁଚର' କକ୍ଷକୁ ଯାଇଥିଲେ। ସେଠାରେ ପ୍ରଦର୍ଶିତ ଅତ୍ୟାଧୁନିକ ରୋବୋଟ୍, ଆଧୁନିକ ଓଡ଼ିଆ କି-ବୋର୍ଡ ଓ ଫଣ୍ଟ, ଓଡ଼ିଆ ୱିକିପିଡିଆ, ମୁଁ ଓଡ଼ିଆ ଇ-ଲର୍ନିଂ ଆପ୍ ଆଦି ଦେଖିଥିଲେ। ସମ୍ମିଳନୀରେ ଓଡ଼ିଆ ଭାଷା, ସାହିତ୍ୟ, ଇତିହାସ ଓ ଐତିହ୍ୟକୁ ନେଇ କରାଯାଇଥିବା ବିଶାଳ ପ୍ରଦର୍ଶନୀକୁ ଅତ୍ୟାଧୁନିକ ମେଟାଭର୍ସରେ ଉପସ୍ଥାପନ କରାଯାଇଛି। ପ୍ରଦର୍ଶନୀ ବୁଲିବା ଅବସରରେ ୫-ଟି ଅଧ୍ୟକ୍ଷ ମେଟାଭର୍ସରେ ଥିବା ସମ୍ପୂର୍ଣ୍ଣ କାର୍ଯ୍ୟକ୍ରମକୁ ଦେଖିଥିଲେ। ଅତ୍ୟାଧୁନିକ ଭିଆର୍ ଯୋଗେ ସେ ବିଶ୍ୱପ୍ରସିଦ୍ଧ କୋଣାର୍କ ମନ୍ଦିର ପରିଦର୍ଶନ କରିଥିଲେ। ଇଲେକ୍ଟ୍ରୋନିକ୍ ଓ ସୂଚନା ପ୍ରଯୁକ୍ତିବିଦ୍ୟା ବିଭାଗ ଏବଂ ଓକାକ ଦ୍ୱାରା କରାଯାଇଥିବା ଏହି ଉଦ୍ୟମକୁ ସେ ଭୂୟସୀ ପ୍ରଶଂସା କରିଥିଲେ। ଓଡ଼ିଶାର ପ୍ରମୁଖ ଐତିହ୍ୟସ୍ଥଳର ଥ୍ରିଡି ଭିଡିଓ ଏହାସହିତ ଯୋଡ଼ା ଯାଇଥିବାରୁ ଲୋକମାନେ ଦୂରରେ ଥାଇ ମଧ୍ୟ ଅନଲାଇନ୍ ମାଧ୍ୟମରେ ଏହି ସମ୍ମିଳନୀ ଏବଂ ଓଡ଼ିଶାର କଳା ଓ ଐତିହ୍ୟ ସହିତ ନିଜକୁ ଯୋଡ଼ି ପାରୁଛନ୍ତି। ସୂଚନାନୁଯାୟୀ, ପ୍ରଥମ ୫ଦିନ ମଧ୍ୟରେ ୨ ଲକ୍ଷରୁ ଅଧିକ ଲୋକ ଦେଶ ବିଦେଶରେ ଥାଇ ମେଟାଭର୍ସ ମାଧ୍ୟମରେ ପ୍ରଥମ ବିଶ୍ୱ ଓଡ଼ିଆ ଭାଷା ସମ୍ମିଳନୀ କାର୍ଯ୍ୟକ୍ରମରେ ଅନଲାଇନରେ ସାମିଲ ହୋଇପାରିଛନ୍ତି।

# ମହାପ୍ରଭୁଙ୍କୁ କ୍ଷମା ପ୍ରାର୍ଥନା କଲେ ଦୈତାରୀ ପଣ୍ଡା

ପୁରୀ, ୭।୨(ଅଜିତ୍ ମହାନ୍ତି)

**ମୁଖ୍ୟମନ୍ତ୍ରୀଙ୍କୁ ମହାପ୍ରଭୁଙ୍କ ସହ ତୁଳନାତ୍ମକ ବକ୍ତବ୍ୟ ପ୍ରସଙ୍ଗ**



ଯାତ୍ରା ଜଗତର ଜଣାଶୁଣା ଅଭିନେତା ଦୈତାରୀ ପଣ୍ଡା କିଛିଦିନ ତଳେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ସହ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ତୁଳନା କରିଥିଲେ, ଯାହାକୁ ନେଇ ପଣ୍ଡାଙ୍କ ବିରୋଧରେ ସାରା ରାଜ୍ୟରେ ପ୍ରତିକ୍ରିୟା ପ୍ରକାଶ ପାଇଥିଲା। ପଣ୍ଡା ପୁରୀ ଆସି ମହାପ୍ରଭୁଙ୍କୁ ଭୁଲ ମାଗିବା ପାଇଁ ବିଭିନ୍ନ ମହଲରୁ ଦାବି କରାଯାଇଥିଲା। ତେଣୁ ଶେଷରେ ବୁଧବାର ପଣ୍ଡା ପୁରୀ ଆସି ଶ୍ରୀମନ୍ଦିରରେ ମହାପ୍ରଭୁଙ୍କୁ ଦର୍ଶନ କରିବା ସହ ତାଙ୍କର ଏପରି ବକ୍ତବ୍ୟ ପାଇଁ ଭୁଲ୍ ମାଗିଛନ୍ତି।

ପଣ୍ଡା ପ୍ରଥମେ ପୁରୀ ଆସି ସିଂହଦ୍ୱାର ଥାନାକୁ ଯାଇଥିଲେ। ପରେ ଶ୍ରୀମନ୍ଦିର ଯାଇ ମହାପ୍ରଭୁଙ୍କୁ ଦର୍ଶନ କରି ସେ ଦେଇଥିବା ବିବାଦୀୟ ମନ୍ତବ୍ୟ ଉପରେ କ୍ଷମା ପ୍ରାର୍ଥନା କରିଥିଲେ। ସବୁଆଡୁ ବିରୋଧର ସ୍ୱର ତେଜିବା ପରେ ଶେଷରେ ସେ ଶ୍ରୀମନ୍ଦିର ଆସି ତାଙ୍କର ମନ୍ତବ୍ୟ ପାଇଁ ପଶ୍ଚାତ୍ତାପ କରିଥିବା ପଣ୍ଡା କହିଛନ୍ତି। ସେ ଆହୁରି କହିଛନ୍ତି ଯେ, ମଣିଷ ମାତ୍ରକେ ଭୁଲ ହୋଇଥାଏ। ମଣିଷ ଅନେକ ସମୟରେ ବେଳେବେଳେ କିଛି ଭୁଲ କରି ପକାଇଥାଏ। ସେ ମଧ୍ୟ ଭୁଲ୍ କରିଦେଇଛନ୍ତି। ସେ ଭାବପ୍ରବଣ ହୋଇ ଏଭଳି ମନ୍ତବ୍ୟ ଦେଇଥିଲେ। ଏହା ଅଗଣିତ ଦର୍ଶକଙ୍କ ମନକୁ ଦୁଃଖ ଦେବା ସହ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କୁ ଅପମାନିତ କରିଥିବା ଚର୍ଚ୍ଚାକୁ ଆସିଥିଲା। ତେଣୁ ଏପରି ଅପରାଧ ପାଇଁ ମହାପ୍ରଭୁଙ୍କ ସମେତ ସମସ୍ତ ସାଢ଼େ ଚାରିକୋଟି ଓଡ଼ିଆଙ୍କ ନିକଟରେ ସବିନୟ କ୍ଷମା ପ୍ରାର୍ଥନା କରୁଛି। ସମସ୍ତେ କ୍ଷମା କରିଦେବେ ବୋଲି ପଣ୍ଡା ଆଶାବ୍ୟକ୍ତ କରିଛନ୍ତି। ଏଭଳି ମନ୍ତବ୍ୟ କେହି ଦେବା ଉଚିତ ନୁହେଁ। ସେ ଜଣେ କଳାକାର। ତେଣୁ ମହାପ୍ରଭୁ ତାଙ୍କୁ କଳାକାର ହୋଇ ବଞ୍ଚିବାକୁ ଦିଅନ୍ତୁ ବୋଲି ସେ ପ୍ରାର୍ଥନା କରିଛନ୍ତି। ସେହିପରି ସବୁ ମହାପ୍ରଭୁଙ୍କ ଇଚ୍ଛାରେ ହେଉଛି। ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କୁ ଛାଡ଼ି ବଞ୍ଚିବା ଅସମ୍ଭବ। ତାଙ୍କ ନିକଟରେ ତୁଳସୀ ନ ଲଗାଇଲେ ଓ ନ ପାଇଲେ ସେ ବଞ୍ଚିପାରିବେନି ବୋଲି ପଣ୍ଡା କହିଛନ୍ତି। ଯାତ୍ରା ଅଭିନେତ୍ରୀ ରାଣୀ ପଣ୍ଡା ସୋସିଆଲ ମିଡିଆରେ ପଣ୍ଡାଙ୍କ ବିରୋଧରେ ମନ୍ତବ୍ୟ ଦେବା ସମ୍ପର୍କରେ ମଧ୍ୟ ସେ ପ୍ରତିକ୍ରିୟା ରଖିଛନ୍ତି। ପଣ୍ଡା କହିଛନ୍ତି, ପ୍ରତିଦିନ ରାଣୀ ପଣ୍ଡା ସୋସିଆଲ ମିଡିଆରେ ତାଙ୍କୁ ଗାଳିଗୁଲଜ କରୁଛନ୍ତି। ତେବେ ସେ ଜଣେ କଳାକାର ଏବଂ ମୁଁ ମଧ୍ୟ କଳାକାର। ତେଣୁ ମହାପ୍ରଭୁ ତାଙ୍କର ମଙ୍ଗଳ କରନ୍ତୁ ବୋଲି ସେ କାମନା କରିଥିବା ପଣ୍ଡା କହିଛନ୍ତି।

# ବିଜେଡି ଏମ୍‌ପି ସସ୍ମିତ ପାତ୍ରଙ୍କୁ ଶ୍ରେଷ୍ଠ ସାଂସଦ ପୁରସ୍କାର

ଭୁବନେଶ୍ୱର,୭।୨(ଅନିଲ ଦାସ)



ବିଜୁ ଜନତା ଦଳର ବରିଷ୍ଠ ରାଜ୍ୟ ସଭା ସଦସ୍ୟ ସସ୍ମିତ ପାତ୍ରଙ୍କୁ ଶ୍ରେଷ୍ଠ ସାଂସଦ ପୁରସ୍କାର ପ୍ରଦାନ କରାଯାଇଛି। ସେ ଲୋକମତ ସଂସଦୀୟ ପୁରସ୍କାର-୨୦୨୩ ଲାଭ କରିଛନ୍ତି। ସେହିପରି କଂଗ୍ରେସ ଲୋକ ସଭା ସଦସ୍ୟ ଶଶୀ ଥରୁର ମଧ୍ୟ ଏହି ପୁରସ୍କାର ଲାଭ କରିଛନ୍ତି। ସସ୍ମିତ ଓ ଶଶୀଙ୍କ ବ୍ୟତୀତ ଲୋକ ସଭା ଓ ରାଜ୍ୟ ସଭାର ଅନ୍ୟ ୬ ସଦସ୍ୟ ମଧ୍ୟ ବିଭିନ୍ନ କ୍ଷେତ୍ର ଲାଗି ପୁରସ୍କୃତ ହୋଇଛନ୍ତି। ଲୋକ ସଭା ସଦସ୍ୟ ତଥା ବହୁଜନ ସମାଜ ପାର୍ଟି ଏମ୍‌ପି ଡାନିସ ଅଲ୍ଲୀ ଓ ସିପିଏମ୍‌ର ରାଜ୍ୟ ସଭା ସଦସ୍ୟ ଜନ ବ୍ରିଟାସ ବେଷ୍ଟ ଡେବ୍ୟୁଟାଣ୍ଟ ଭାବେ ପୁରସ୍କୃତ ହୋଇଛନ୍ତି। ସମାଜବାଦୀ ପାର୍ଟି ରାଜ୍ୟ ସଭା ସଦସ୍ୟ ରାମ ଗୋପାଳ ଯାଦବ ଓ ଭାଜପା ଲୋକ ସଭା ସଦସ୍ୟ ମାନେକା ସଞ୍ଜୟ ଗାନ୍ଧୀଙ୍କୁ ଲାଇଫ୍‌ଟାଇମ ଆଚିଭମେଣ୍ଟ ପୁରସ୍କାର ମିଳିଛି। ଲୋକ ସଭାର ଶିରୋମଣି ଅକାଳୀ ଦଳର ଏମ୍‌ପି ହରସିମରତ କୌର ବାଦଲ ଏବଂ ଭାଜପା ରାଜ୍ୟ ସଭା ସଦସ୍ୟ ସରୋଜ ପାଣ୍ଡେଙ୍କୁ ସମ୍ପୃକ୍ତ ଗୃହରେ ଶ୍ରେଷ୍ଠ ମହିଳା ସାଂସଦ ଭାବରେ ପୁରସ୍କୃତ କରାଯାଇଛି। ପ୍ରତିବର୍ଷ ଲୋକ ସଭାରୁ ୪ଜଣ, ରାଜ୍ୟ ସଭାରୁ ୨ ଜଣଙ୍କୁ ଲୋକମତ ସଂସଦୀୟ ପୁରସ୍କାର ମିଳିଥାଏ। ପୁରସ୍କାର ବିତରଣ ଉତ୍ସବରେ କେନ୍ଦ୍ର ସଡ଼କ ପରିବହନ ଓ ରାଜପଥ ମନ୍ତ୍ରୀ ନୀତିନ ଗଡ୍‌କରୀ ମୁଖ୍ୟ ଅତିଥି ଭାବେ ଏବଂ ସାମାଜିକ ନ୍ୟାୟ ଏବଂ ସଶକ୍ତୀକରଣ ରାଷ୍ଟ୍ରମନ୍ତ୍ରୀ ରାମଦାସ ଅଠୱାଲେ ଯୋଗ ଦେଇଥିଲେ।

# ବାରବାଟୀ-କଟକ ନିର୍ବାଚନୀ ମାମଲାର ରାୟ ସଂରକ୍ଷିତ

କଟକ,୭।୨ (କାର୍ତ୍ତିକ ସାହୁ)

ହାଇକୋର୍ଟରେ ବାରବାଟୀ-କଟକ ନିର୍ବାଚନୀ ମାମଲାର ଶୁଣାଣି ବୁଧବାର ଶେଷ ହୋଇଛି। ହାଇକୋର୍ଟ ବିଚାରପତି ସଙ୍ଗମ କୁମାର ସାହୁ ମାମଲାର ଶୁଣାଣି ଶେଷ କରି ରାୟ ସଂରକ୍ଷିତ ରଖିଛନ୍ତି। ଆବେଦନକାରୀ ଦେବାଶିଷ ସାମନ୍ତରାୟ ଓ ପ୍ରତିପକ୍ଷ ବିଧାୟକ ମହମ୍ମଦ ମୋକିମଙ୍କ ପକ୍ଷରୁ ଯୁକ୍ତି ଉପସ୍ଥାପନ ଶେଷ ହୋଇଛି। ହାଇକୋର୍ଟଙ୍କ ନିର୍ଦ୍ଦେଶକ୍ରମେ ଉଭୟ ପକ୍ଷ ଉପସ୍ଥାପନ କରିଥିବା ବାଚନିକ ଯୁକ୍ତିକୁ ଲିଖିତ ଆକାରରେ ଅଦାଲତରେ ଦାଖଲ କରିଥିବା ଜଣାପଡିଛି।

ସୂଚନାଯୋଗ୍ୟ, ବାରବାଟୀ-କଟକ ବିଧାନସଭା ନିର୍ବାଚନ ମଣ୍ଡଳୀର ବିଜୟୀ ପ୍ରାର୍ଥୀ କଂଗ୍ରେସ ବିଧାୟକ ମହମ୍ମଦ ମୋକିମ୍‌ଙ୍କ ପ୍ରାର୍ଥିତ୍ୱକୁ ଅସିଦ୍ଧ ଘୋଷଣା କରିବାକୁ ହାଇକୋର୍ଟରେ ପରାଜିତ ପ୍ରାର୍ଥୀ ଦେବାଶିଷ ସାମନ୍ତରାୟଙ୍କ ପକ୍ଷରୁ ମାମଲା ରୁଜୁ କରାଯାଇଛି। ବିଧାୟକ ମୋକିମ୍ ତାଙ୍କ ସତ୍ୟପାଠରେ ଅନେକ ତଥ୍ୟ ଲୁଚାଇଥିବା ଆବେଦନକାରୀ ସାମନ୍ତରାୟ ଅଭିଯୋଗ କରିଛନ୍ତି। ଆବେଦନକାରୀ ସାମନ୍ତରାୟଙ୍କ ପକ୍ଷରୁ ଆଇନଜୀବୀ ମିଲନ୍ କାନୁନ୍‌ଗୋ, ଗୋପାଳ ଅଗ୍ରୱାଲ ଏବଂ ପ୍ରତିପକ୍ଷ ମୋକିମ୍‌ଙ୍କ ପକ୍ଷରୁ ଆଇନଜୀବୀ ବିଦ୍ୟାଧର ମିଶ୍ର ଓ ତରଣୀକାନ୍ତ ବିଶ୍ୱାଳ ମାମଲା ପରିଚାଳନା କରିଛନ୍ତି।

# ନିର୍ବାଚିତ ପ୍ରତିନିଧିଙ୍କ ସହଭାଗିତା ରହିବା ଉଚିତ: ହାଇକୋର୍ଟ

କଟକ,୭।୨ (କାର୍ତ୍ତିକ ସାହୁ)

**ଆମ ଓଡ଼ିଶା ନବୀନ ଓଡ଼ିଶା ପ୍ରକଳ୍ପକୁ ନେଇ ୪୧ ମାମଲା**

■ କାର୍ଯ୍ୟକାରିତା ପ୍ରସଙ୍ଗରେ ହସ୍ତକ୍ଷେପ କଲେନି

ରାଜ୍ୟ ସରକାରଙ୍କ ଆମ ଓଡ଼ିଶା ନବୀନ ଓଡ଼ିଶା ଯୋଜନାରେ ପ୍ରକଳ୍ପ ଚୟନ ଓ ସେଗୁଡ଼ିକର କାର୍ଯ୍ୟକାରିତା କ୍ଷେତ୍ରରେ ପଞ୍ଚାୟତର ନିର୍ବାଚିତ ଲୋକପ୍ରତିନିଧିଙ୍କର ସହଭାଗିତା ରହିବା ଉଚିତ ବୋଲି ହାଇକୋର୍ଟ ମତ ଦେଇଛନ୍ତି। ରାଜ୍ୟ ସରକାର ତୃଣମୂଳ ସ୍ତରର ଉନ୍ନତି ପାଇଁ ଆରମ୍ଭ କରିଥିବା ଆମ ଓଡ଼ିଶା ନବୀନ ଓଡ଼ିଶା ପ୍ରକଳ୍ପକୁ ନେଇ ହାଇକୋର୍ଟରେ ରୁଜୁ ୪୧ଟି ମାମଲାର ଏକତ୍ର ଶୁଣାଣି ହୋଇଛି। ହାଇକୋର୍ଟ ବିଚାରପତି ବି. ପି. ରାଉତରାୟଙ୍କ ଖଣ୍ଡପୀଠ ମାମଲାର ବିଚାର କରି ବୁଧବାର ରାୟ ପ୍ରକାଶ କରିଛନ୍ତି।

ଗ୍ରାମ୍ୟସ୍ତରରେ ଜନସାଧାରଣଙ୍କ ଉନ୍ନତି ଓ ବିକାଶ ନିମନ୍ତେ ରାଜ୍ୟ ସରକାର ଆରମ୍ଭ କରିଥିବା ଉପରୋକ୍ତ ଯୋଜନାଟି ସାମ୍ବିଧାନିକ ନିୟମ ଏବଂ ଓଡ଼ିଶା ଗ୍ରାମ ପଞ୍ଚାୟତ ଆଇନ ଅନୁଯାୟୀ କରାଯାଇଛି। ଅଦାଲତ ଯୋଜନାକୁ ଭଲ ଭାବେ ଅନୁଧ୍ୟାନ କରିବା ପରେ ଯୋଜନା ଅନ୍ତର୍ଗତ ପ୍ରକଳ୍ପ ଚୟନ, ଅନୁମୋଦନ, ଅର୍ଥ ପ୍ରଦାନ ଓ କାର୍ଯ୍ୟକାରିତା ଉପରେ କୌଣସି ହସ୍ତକ୍ଷେପ କରିବାକୁ ମନା କରିଦେଇଛନ୍ତି। ଅପରପକ୍ଷରେ ଆବେଦନକାରୀମାନେ ନିର୍ବାଚିତ ପ୍ରତିନିଧି ହୋଇଥିବା କାରଣରୁ ରାଜ୍ୟ ସରକାର ପଞ୍ଚାୟତ ସ୍ତରରେ ସେମାନଙ୍କୁ ସ୍ଥାନୀୟ ଉନ୍ନତି ପାଇଁ ଆମ ଓଡ଼ିଶା ନବୀନ ଓଡ଼ିଶା ଯୋଜନାରେ ସାମିଲ କରିବା ଦିଗରେ ବିବେଚନା କରିପାରିବେ ବୋଲି ହାଇକୋର୍ଟ ରାୟରେ ଉଲ୍ଲେଖ କରି ସମସ୍ତ ମାମଲାର ଅନ୍ତ ଘଟାଇଛନ୍ତି।

ମାମଲାର ବିବରଣୀ ଅନୁସାରେ, ଆମ ଓଡ଼ିଶା ନବୀନ ଓଡ଼ିଶା ଯୋଜନାରେ ଲୋକ ପ୍ରତିନିଧିମାନଙ୍କୁ ଉପେକ୍ଷା କରାଯାଉଥିବା ନେଇ କେତେଜଣ ସରପଞ୍ଚ ଏବଂ ୱାର୍ଡମେମ୍ବର ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। ଏ ସଂକ୍ରାନ୍ତରେ ରାଜ୍ୟର ବିଭିନ୍ନ ସ୍ଥାନରୁ ୪୧ଟି ମାମଲା ହାଇକୋର୍ଟରେ ରୁଜୁ ହୋଇଥିଲା। ତୃଣମୂଳ ସ୍ତରରେ ବିକାଶରେ ଲୋକ ପ୍ରତିନିଧିଙ୍କୁ ସାମିଲ କରାଯିବା ପାଇଁ ପଞ୍ଚାୟତିରାଜ ଆଇନରେ ସ୍ପଷ୍ଟ ଭାବେ ଉଲ୍ଲେଖ ରହିଛି। ମାତ୍ର ସେମାନଙ୍କୁ ଉପେକ୍ଷା କରି ଗତବର୍ଷ ଜୁଲାଇ ୧୧ରେ ରାଜ୍ୟ ସରକାର ଏକ ବିଧେୟକ ଆଣି ଆମ ଓଡ଼ିଶା ନବୀନ ଓଡ଼ିଶା ନାମକ ଯୋଜନାକୁ ବିଧିବଦ୍ଧ ଭାବେ ଆରମ୍ଭ କରିଥିଲେ। ଏହି ଯୋଜନାରେ ପ୍ରତି ପଞ୍ଚାୟତକୁ ୫୦ ଲକ୍ଷ ଟଙ୍କାର ଆର୍ଥିକ ସହାୟତା ଯୋଗାଇ ଦିଆଯିବ। ଏହି ଅନୁଦାନରେ ପଞ୍ଚାୟତର ସାଂସ୍କୃତିକ ଓ ପାରମ୍ପରିକ ଭିତ୍ତିଭୂମିର ବିକାଶ ସହ ଉନ୍ନତୀକରଣ କରାଯିବ। ସେଥିମଧ୍ୟରୁ ୧୦ ଲକ୍ଷ ଟଙ୍କା ଜଗନ୍ନାଥ ସଂସ୍କୃତିର ପ୍ରଚାର ପ୍ରସାର କରିବା, ଭାଗବତ ଟୁଙ୍ଗିର ପୁନରୁଦ୍ଧାର କରିବା, ସଭାଗୃହ ନିର୍ମାଣ କରିବା ଆଦି କାର୍ଯ୍ୟ ଅନ୍ତର୍ଭୁକ୍ତ ରହିଛି। ମାତ୍ର ନିର୍ବାଚିତ ଜନପ୍ରତିନିଧି, ସରପଞ୍ଚ, ସମିତିସଭ୍ୟ ପ୍ରମୁଖଙ୍କୁ ଏହି ଯୋଜନାରେ ଉପେକ୍ଷା କରାଯାଇଛି। ସରକାରୀ ଅଧିକାରୀ ସମ୍ପୂର୍ଣ୍ଣ ପ୍ରକଳ୍ପ ଚୟନ କରିବେ ଓ ତାଙ୍କ ଦ୍ୱାରା ସ୍ଥିରୀକୃତ ଠିକାଦାର ଏହି କାର୍ଯ୍ୟ କରିବେ ବୋଲି ଉଲ୍ଲେଖ ରହିଛି। ଏହାକୁ ବିରୋଧ କରି ନିର୍ବାଚିତ ଲୋକ ପ୍ରତିନିଧିମାନେ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ।



# ବେଦ ଓ ବିଜ୍ଞାନ



ଦେବଦତ୍ତ ପଟ୍ଟନାୟକ

ବେଦ ହିନ୍ଦୁମାନଙ୍କର ପବିତ୍ର ଶାସ୍ତ୍ର। ଏହାର ଧର୍ମୀୟ ଗୁରୁତ୍ୱ ରହିଛି। ଏହା ବ୍ୟତୀତ ବିଜ୍ଞାନ ସହିତ ବେଦର ସମ୍ପର୍କ ରହିଛି ବୋଲି ବହୁ ସମୟରେ ଯୁକ୍ତି ସାମ୍ନାକୁ ଆସିଥାଏ। ସେହି କ୍ରମରେ ନିକଟରେ ଜଣେ ବରିଷ୍ଠ ଭଦ୍ରବ୍ୟକ୍ତି ଯୁକ୍ତି ଉପସ୍ଥାପନ କରିଥିଲେ ଯେ, ୟୁରୋପୀୟମାନେ ବେଦରୁ ବିଜ୍ଞାନ ଚୋରି କରି ନେଇଛନ୍ତି। ସେ ବେଦରେ ବର୍ଣ୍ଣିତ ପଦଗୁଡ଼ିକ ଉଦ୍ଧୃତ କରି ପ୍ରମାଣ କରିବାକୁ ଲାଗିଲେ। କହିଲେ, ମାଧ୍ୟାକର୍ଷଣ ଶକ୍ତିଠାରୁ ଆରମ୍ଭ କରି ନିଉଟନ୍‌ଙ୍କ ପଦାର୍ଥ ବିଜ୍ଞାନ ପର୍ଯ୍ୟନ୍ତ ସବୁକିଛି ସଙ୍କେତ ଋକ୍‌ବେଦର ମନ୍ତ୍ରରେ ମିଳିପାରିବ। ସେହି ଭଦ୍ରବ୍ୟକ୍ତି ଜଣକ ଅଭିଭାଷଣ ରଖୁଥିବା ସମୟରେ ସେହି ରୁମ୍‌ରେ ଯେଉଁମାନେ ଉପସ୍ଥିତ ଥିଲେ, ସେମାନେ କେହି ବେଦ କିମ୍ବା ବିଜ୍ଞାନ ଜାଣି ନ ଥିଲେ। ତେଣୁ ଭଦ୍ରବ୍ୟକ୍ତି ଜଣଙ୍କୁ କେହି ଚ୍ୟାଲେଞ୍ଜ କରିପାରିଲେ ନାହିଁ। ଏଣୁ ଏହି ଧାରଣା ସମସ୍ତଙ୍କୁ ଭଲ ଲାଗିଲା। ଏହା ସମସ୍ତଙ୍କୁ ଭଲ ଅନୁଭବ ହେଉଥିବାରୁ ସମସ୍ତେ ତାଙ୍କ ସହ ସହମତ ଥିବା ଭଳି ମନେହେଉଥିଲା ।

ବେଦ ସହିତ ବିଜ୍ଞାନର ସମ୍ପର୍କ ରହିଥିବା ସତ୍ୟାସତ୍ୟ ଉପରେ ଦାବି କରାଯାଉଥିବା ଅନେକ ଲେଖା ଦେଖିବାକୁ ମିଳିଥାଏ। ଏଭଳି ଲେଖାର ସତ୍ୟତାକୁ ଯେତେବେଳେ ତୁମେ ପରଖିବ ଏବଂ ଅନ୍ୟ ଗ୍ରନ୍ଥଗୁଡ଼ିକ ସହିତ ବେଦର ଲେଖାକୁ ଅଧିକ ଯତ୍ନର ସହିତ ସମୀକ୍ଷା କରିବ, ତେବେ କିଛି ନିଆରା ଅନୁଭବ କରିପାରିବ। ଏଗୁଡ଼ିକରେ କେତେକେ ଉତ୍ସାହୀ ଅନଭିଜ୍ଞ ବ୍ୟକ୍ତିବିଶେଷ ଚତୁରତାର ସହିତ ଶବ୍ଦକୁ ଭିନ୍ନ ମୋଡ଼ ଦେଇଛନ୍ତି, ଯେଉଁଥିରେ ସେମାନେ ବିଜ୍ଞାନ ବିଷୟରେ ସେମାନଙ୍କର ଦୁର୍ବଳ ଧାରଣାକୁ ସୁହାଇଲା ଭଳି ଆଳଙ୍କାରିକ ଅଭିବ୍ୟକ୍ତିର ଅପବ୍ୟବହାର କରିଥିବା ଜାଣିବାକୁ ପାଇବ। ଏପରିକି ସେମାନେ ଏହାର ପ୍ରକୃତ ଅର୍ଥ ନ ଜାଣି ଅନ୍ୟର ଶବ୍ଦଗୁଡ଼ିକୁ ନିଜର କହି ବ୍ୟବହାର କରିଛନ୍ତି ବୋଲି ଅନୁଭବ କରିପାରିବ।

ଏହି ଦୁଃଖଦ ବିଷୟ କେବଳ ଭାରତ କିମ୍ବା ହିନ୍ଦୁମାନଙ୍କ ମଧ୍ୟରେ ସୀମିତ ରହିନାହିଁ। ଏଭଳି ଘଟଣା ଅନ୍ୟସବୁ ସ୍ଥାନରେ କିମ୍ବା ଧର୍ମରେ ଆମେ ଦେଖିବାକୁ ପାଇଥାଉ। ଉଦାହରଣ ସ୍ୱରୂପ, ଏପରି କିଛି ଲୋକ ଅଛନ୍ତି ଯେଉଁମାନେ ବାଇବେଲ୍ ପରେ ଆବିଷ୍କୃତ ସମୟ, ମହାକାଶ, ପଦାର୍ଥ, ଶକ୍ତି ପରି ବୈଜ୍ଞାନିକ ତତ୍ତ୍ୱ ବିଷୟରେ ସମସ୍ତ ସୂଚନା



ବାଇବେଲ୍‌ରେ ଉଲ୍ଲେଖ ରହିଛି ବୋଲି ଦାବି କରନ୍ତି। ଏପରିକି ନିକଟ ଅତୀତରେ ଆବିଷ୍କୃତ ସାଧାରଣ ବିଜ୍ଞାନ ତଥା ଜ୍ୟୋତିର୍ବିଜ୍ଞାନ ସମ୍ବନ୍ଧିତ ତତ୍ତ୍ୱଗୁଡ଼ିକର ବର୍ଣ୍ଣନା ବାଇବେଲ୍‌ରେ ରହିଥିବା ଅନେକେ କହନ୍ତି। ଇସ୍‌ଲାମ ଧର୍ମରେ ମଧ୍ୟ ସମାନ ପ୍ରକାର ବିଷୟ ଦେଖିବାକୁ ମିଳିଥାଏ। ଆମକୁ କୁହାଯାଏ ଯେ, କୋରାନରେ ବିଜ୍ଞାନ ସମ୍ପର୍କରେ ସବୁକିଛି ଅଛି। ଆପେକ୍ଷିକ ତତ୍ତ୍ୱଠାରୁ ଆରମ୍ଭ କରି କ୍ୱାଣ୍ଟମ ମେକାନିକ୍ସ ପର୍ଯ୍ୟନ୍ତ, ବିଗ୍ ବ୍ୟାଙ୍ଗ ସିଦ୍ଧାନ୍ତରୁ ଆରମ୍ଭ କରି ବ୍ଲାକ୍‌ହୋଲ ତଥା ଥର୍ମୋଡାଇନାମିକ୍ସ ପର୍ଯ୍ୟନ୍ତ ସବୁ ବୈଜ୍ଞାନିକ ଧାରଣା କୋରାନରେ ରହିଛି। ବାସ୍ତବରେ ଯେଉଁମାନେ ପବିତ୍ର ଶାସ୍ତ୍ର କୋରାନକୁ ପଢ଼ିନାହାନ୍ତି କିମ୍ବା ବିଜ୍ଞାନ ବିଷୟରେ ଭଲ ଜ୍ଞାନ ନାହିଁ , ସେମାନଙ୍କୁ ଏହି ସବୁ କଥା ଆକର୍ଷିତ କରେ। ଏପରିକି ଯେଉଁ ଲୋକମାନେ ଏହିସବୁ ବିଷୟ ସୃଷ୍ଟି କରୁଛନ୍ତି, ସେମାନେ ଏହାର ବିଶ୍ୱସନୀୟତା ଉପରେ ସମୀକ୍ଷା କରୁନାହାନ୍ତି। କହିବାକୁ ଗଲେ ସେମାନେ ସାଧାରଣ ଶ୍ରେଣୀର ବିଦ୍ୱାନ୍। ସେମାନଙ୍କର ଶାସ୍ତ୍ର ଏବଂ ପ୍ରାଚୀନ ଭାଷା କିମ୍ବା ବିଜ୍ଞାନ ସମ୍ପର୍କିତ କୌଣସି ଜ୍ଞାନ ନାହିଁ। ସେମାନେ ଯାହା କହିଛନ୍ତି, ତାହା ହେଉଛି ଆତ୍ମବିଶ୍ୱାସ ଯାହା ଏହି କ୍ଷେତ୍ରରେ କାର୍ଯ୍ୟ କରୁଛି ଏବଂ ସେମାନଙ୍କୁ ଦର୍ଶକମାନେ କିମ୍ବା ପାଠକେ ବିଶ୍ୱାସ କରିବାରୁ ସେମାନଙ୍କ କଥା ସତ୍ୟ ହୋଇଯାଇଛି।

ତେବେ ବିଜ୍ଞାନ ଏବଂ ଧର୍ମ ମଧ୍ୟରେ ଏହି ମାନସିକ ଉତ୍ତେଜନା ବା ଦ୍ୱନ୍ଦ୍ୱ ବାସ୍ତବରେ କ'ଣ ? ଦୀର୍ଘ ଦିନ ଧରି ଧର୍ମ ଦାବି କରିଆସୁଥିଲା ଯେ ଏହା ବିଶ୍ୱ ବିଷୟରେ ସତ୍ୟକୁ ଜାଣେ। କିନ୍ତୁ ତା'ପରେ ଯେତେବେଳେ ବିଜ୍ଞାନ ସାମ୍ନାକୁ ଆସିଲା ଏବଂ ଦୁନିଆକୁ ନୂତନ ଟେକ୍ନୋଲୋଜି (ପ୍ରଯୁକ୍ତି) ପ୍ରଦାନ କଲା, ସେତେବେଳେ ପ୍ରକୃତ ଭୌତିକ ସମସ୍ୟାର ସମାଧାନ ହେଲା। ଆଣ୍ଟିବାୟୋଟିକ, ବାଷ୍ପଚାଳିତ ଇଞ୍ଜିନ, ବିଦ୍ୟୁତ୍, କମ୍ପ୍ୟୁଟର ଆବିଷ୍କୃତ ହେବାରୁ ଏହା ସମ୍ଭବ ହୋଇପାରିଲା। ଧର୍ମୀୟ ମନ୍ତବ୍ୟ ଓ ଯୁକ୍ତିଗୁଡ଼ିକର ପ୍ରମାଣ କରାଯାଇପାରିଲା। ପ୍ରତିଶ୍ରୁତିର ମୂଲ୍ୟାୟନ ଏବଂ ପୂର୍ବାନୁମାନ ମଧ୍ୟ କରାଯାଇପାରିଲା। ଧର୍ମ ଯାହା କିଛି କରିପାରି ନ ଥିଲା ତାହା ବିଜ୍ଞାନ ଦ୍ୱାରା ସମ୍ଭବ ହେଲା। ତେଣୁ ବିଜ୍ଞାନ ଧର୍ମକୁ ଅତିକ୍ରମ କରିଗଲା। କେବଳ ଏତିକି ନୁହେଁ, ବିଜ୍ଞାନ ସମସ୍ତ ସମସ୍ୟାର ସମାଧାନ କରିପାରିବ ବୋଲି ଦାବି କଲା। ତଥାପି ଏକବିଂଶ ଶତାବ୍ଦୀରେ ଆମେ ଅନୁଭବ କରିଛୁ ଯେ ବିଜ୍ଞାନ ଓ ପ୍ରଯୁକ୍ତି ସବୁ ସମସ୍ୟାର ସମାଧାନ କରେ ନାହିଁ। ଯଦି ବିଜ୍ଞାନ କିଛି କରିଛି, ତେବେ ତାହା ସାମାଜିକ ଅସମାନତାକୁ ବୃଦ୍ଧି କରିବା ସହ ପରିବେଶ ପ୍ରଦୂଷଣକୁ ତୀବ୍ର କରିଛି ବୋଲି ଆମେ କହୁଛୁ। ବିଜ୍ଞାନ ବର୍ତ୍ତମାନ ଶତ୍ରୁ ହୋଇଯାଇଛି। ଏହା ସବୁ ସମସ୍ୟାର ନିବାରକ ବୋଲି ଯାହା ଦାବି କରାଯାଉଛି ତାହା ନୁହେଁ। ତେଣୁ ବର୍ତ୍ତମାନ ଧର୍ମ ଫେରିଛି ଏବଂ ତାହାର ହଜିଯାଇଥିବା ସ୍ଥିତିକୁ ପୁନର୍ବାର ପାଇବା ପାଇଁ ଜୋରସୋର ଉଦ୍ୟମ କରୁଛି।

ବିଜ୍ଞାନ ମୂଳତଃ ସନ୍ଦେହ ଏବଂ ମୂଲ୍ୟାୟନ ଉପରେ ଆଧାରିତ ବୋଲି କୁହାଯାଉଛି। ଏହା ମଧ୍ୟ କୁହାଯାଉଛି ଯେ, ବିଜ୍ଞାନ ଭୌତିକ ସମସ୍ୟାର ସମାଧାନ କରିପାରିବ, କିନ୍ତୁ ମାନସିକ ସମସ୍ୟା କିମ୍ବା ସାମାଜିକ ସମସ୍ୟା ନୁହେଁ। ବିଜ୍ଞାନ ବଡ଼ଧରଣର ଅସ୍ତ୍ରଶସ୍ତ୍ର ଏବଂ ପ୍ରଯୁକ୍ତିବିଦ୍ୟା ସୃଷ୍ଟି କରିପାରିବ, କିନ୍ତୁ ଏହା ଶାନ୍ତି ଏବଂ ସୌହାର୍ଦ୍ଦ୍ୟ ଆଣିପାରିବ ନାହିଁ। ଏହା ବ୍ୟତୀତ ବିଜ୍ଞାନ ଈର୍ଷା, ଗର୍ବ, ଅହଂକାରକୁ ହ୍ରାସ କରିପାରିବ ନାହିଁ ବୋଲି ଧାରଣା ସୃଷ୍ଟି ହେବାରେ ଲାଗିଛି। ସେଥିପାଇଁ ଅଧିକରୁ ଅଧିକ ଲୋକ ସେମାନଙ୍କ ସମସ୍ୟାର ସମାଧାନ ପାଇଁ ଧର୍ମ ଆଡ଼କୁ ମୁହାଁଉଛନ୍ତି। ଧର୍ମ ବିଶ୍ୱାସ ଓ କାହାଣୀ ଉପରେ ଆଧାରିତ ଏବଂ ଏହା ଗୁରୁଙ୍କ ବଚନ ଓ ଆଲେଖ୍ୟ ଉପରେ ନିର୍ଭର କରେ, ଯାହାଙ୍କ ନିକଟରେ ଜଣେ ବୌଦ୍ଧିକ ଏବଂ ଭାବନାତ୍ମକ ରୂପରେ ସମର୍ପଣ କରେ। ଦୁନିଆକୁ ଦେଖିବାର ଏହି ଦୁଇଟି ଦେଉଛି ସମ୍ପୂର୍ଣ୍ଣ ଭିନ୍ନ ପଥ ଏବଂ ଦୁଇଟିକୁ ତୁଳନା କରିବା କେବଳ ବୋକାମି, ମୂର୍ଖତା, ଅସୁରକ୍ଷିତତାର ପ୍ରାରମ୍ଭକୁ ସୂଚିତ କରେ।

–devduttofficial@gmail.com

# ଅନ୍ତିମ ଲକ୍ଷ୍ୟ



ଈପ୍ସିତା ମହାନ୍ତି

ସାଧାରଣ ଜୀବନରେ ଯଦି କେହି ଜଣେ ବ୍ୟକ୍ତିଙ୍କୁ ହତ୍ୟାକରେ, ତେବେ ମୃତକ ପକ୍ଷର ଲୋକମାନେ ତାକୁ ମାରିବା ପାଇଁ ପାଗଳ ହୋଇଉଠନ୍ତି। ବେଳେବେଳେ ଏହି ପାରସ୍ପରିକ ପ୍ରତିଶୋଧ ପ୍ରକ୍ରିୟା ଅନେକ ପିଢ଼ି ଧରି ଚାଲେ। ଯଦି ଆମେ କୌଣସି ବ୍ୟକ୍ତିଙ୍କୁ ସାହାଯ୍ୟ କରିଥାଉ କିମ୍ବା କାହାର ଜୀବନ ବଞ୍ଚାଇଥାଉ, ତେବେ ସେ ଆମକୁ ସାହାଯ୍ୟ କରିବାକୁ କିମ୍ବା ଆମ ଜୀବନ ବଞ୍ଚାଇବାକୁ ସର୍ବଦା ତତ୍ପର ହୋଇ ଉଠିଥାଏ। ଧର୍ମର ଭୂମିକା ମଧ୍ୟ ଠିକ୍ ଏହିଭଳି। ଧର୍ମକୁ ସୁରକ୍ଷା ଦେବା କିମ୍ବା ଥରେ ନିଜ ଭିତରେ ଧର୍ମକୁ ସ୍ଥାପିତ କରିବା ପରେ ଧର୍ମ ସଦୈବ ଆମକୁ ସୁରକ୍ଷା ଦେଇଚାଲେ।

ଆମେ ଯଦି ସୁରକ୍ଷା ନିୟମ ଅନୁସରଣ କରିବା, ତେବେ ସେହି ନିୟମଗୁଡ଼ିକ ପ୍ରତ୍ୟେକ ପରିସ୍ଥିତିରେ ଆମକୁ ସୁରକ୍ଷା ଦେବାରେ ସକ୍ଷମ ହୋଇଥାଏ। କିନ୍ତୁ ସୁରକ୍ଷା ନିୟମ ଭଙ୍ଗକଲେ ଜୀବନ ସଙ୍କଟରେ ପଡ଼ିଯାଏ। 'ଏଠାରେ ଗାଧୋଇବା କିମ୍ବା ପାଣି ଭିତରକୁ ଯିବା ନିଷେଧ' ଲେଖାଥିବା ସୂଚନା ଫଳକକୁ ଆମେ ଅନେକ ସମୟରେ ନଦୀ, ହ୍ରଦ ଆଦି ଜଳାଶୟ କୂଳରେ ଦେଖିଥାଉ। ଯଦି ଆମେ ଏହି ନିୟମ ଅନୁସରଣ କରୁ, ତେବେ ତାହା ଆମକୁ ସୁରକ୍ଷା ଦେଇଥାଏ। କିନ୍ତୁ ଆମେ ଯଦି ନିୟମ ଭାଙ୍ଗି ପାଣି ଭିତରକୁ ଯିବା, ତେବେ ପାଣିରେ ବୁଡ଼ିଯିବାର ଅଧିକ ସମ୍ଭାବନା ରହିଛି। ଏହା ବିପଦକୁ ନିମନ୍ତ୍ରଣ କଲାଭଳି କଥା। ଧର୍ମର ଅବସ୍ଥା ମଧ୍ୟ ଠିକ୍ ଏହିଭଳି। ଯଦି ଆମେ ଧର୍ମକୁ ଅନୁସରଣ କରୁ, ତେବେ ଧର୍ମ ଆମକୁ ସବୁଦିଗରୁ ସୁରକ୍ଷା ଦେଇଥାଏ। କିନ୍ତୁ ଆମେ ଯଦି ଠିକ୍ ଢଙ୍ଗରେ ଧର୍ମକୁ ଅନୁସରଣ ନ କରିବା, ତେବେ ସେହି ଧର୍ମ ପତନ ତଥା ବିନାଶର କାରଣ ପାଲଟିଯାଏ।

ପ୍ରଶ୍ନ ଉଠେ, ମୃତ ଧର୍ମର ତାତ୍ପର୍ଯ୍ୟ କ'ଣ ଏବଂ ସଂରକ୍ଷିତ ଧର୍ମ ଆମକୁ କିପରି ରକ୍ଷାକରେ ? ଯଦି ଆମେ ଧର୍ମକୁ ଠିକ୍‌ରୂପେ ବୁଝୁ, ତେବେ ସହଜରେ ଏହି ପ୍ରଶ୍ନର ଉତ୍ତର ପାଇଯିବା। ପ୍ରଶ୍ନ ହେଉଛି– ଧର୍ମ କ'ଣ ? ଧର୍ମର ଅନେକ ବ୍ୟାଖ୍ୟା ଏବଂ ସଂଜ୍ଞା ରହିଛି। ସ୍ୱଭାବ ବା ପ୍ରକୃତିକୁ ମଧ୍ୟ ଧର୍ମ କୁହାଯାଏ। ଏହି ଦୃଷ୍ଟିରୁ ଆମ ଆଚରଣକୁ ମଧ୍ୟ ଧର୍ମ କହନ୍ତି। କିନ୍ତୁ ପ୍ରତ୍ୟେକ ପ୍ରକାର ଆଚରଣ କ'ଣ ଧର୍ମ ହୋଇପାରେ? ବାସ୍ତବରେ ଭଲ ଆଚରଣ ଏବଂ ଭଲ ଅଭ୍ୟାସ ହେଉଛି ପ୍ରକୃତ ଧର୍ମ। ଧୈର୍ଯ୍ୟ, କ୍ଷମା, ସଂଯମତା, ଚୋରି ନ କରିବା, ଶୁଦ୍ଧତା (ପରିଷ୍କାରତା), ଇନ୍ଦ୍ରିୟଗୁଡ଼ିକର ନିୟନ୍ତ୍ରଣ, ବୁଦ୍ଧି, ଜ୍ଞାନ, ସତ୍ୟ ଏବଂ କ୍ରୋଧ ଏହି ଦଶଗୁଣ ଧର୍ମର ଗୁରୁତ୍ୱପୂର୍ଣ୍ଣ ଲକ୍ଷଣ ବା ବୈଶିଷ୍ଟ୍ୟ ଭାବେ ବିବେଚିତ। କୁହାଯାଏ, ଯାହାକୁ ଧାରଣ କରାଯାଏ ତାହା ହେଉଛି ଧର୍ମ। ଯଦି ଜଣେ ବ୍ୟକ୍ତି ଏଭଳି ବିଭିନ୍ନ ବୈଶିଷ୍ଟ୍ୟକୁ ଧାରଣ କରିଛନ୍ତି, ତେବେ ସେ କେବଳ ଜଣେ ଧାର୍ମିକ, ଅନ୍ୟଥା କିଛି ନୁହେଁ।

ଏହା ନିଃସନ୍ଦେହ ଯେ, ନିଜ ଭିତରେ ଭଲ ଅଭ୍ୟାସଗୁଡ଼ିକୁ ବିକଶିତ କରିବା ହିଁ ଧର୍ମ। ସ୍ଥାନ, କାଳ, ପାତ୍ର ଅନୁଯାୟୀ ଏହି ଅଭ୍ୟାସରେ ପାର୍ଥକ୍ୟ ରହିପାରେ। କିନ୍ତୁ ଯେଉଁ ଅଭ୍ୟାସ ଭଲ ନୁହେଁ, ଯାହା ଆମ ଆଚରଣକୁ ପ୍ରଦୂଷିତ କରୁଥାଏ, କଳୁଷିତ କରୁଥାଏ କିମ୍ବା ବିକୃତ କରେ, ତାହା ଧର୍ମରେ ଅନ୍ତର୍ଭୁକ୍ତ ହେବନାହିଁ। ଅର୍ଥାତ୍ ତାହା ଧର୍ମର ପଦବାଚ୍ୟ ନୁହେଁ। ଗାଣିତିକ ଭାଷାରେ ଧର୍ମ କେବଳ ସଦ୍‌ଗୁଣର ଏକ ସମାହାର ବା ସେଟ୍ ହୋଇପାରେ। ଯଦି ଆମର କୌଣସି କାର୍ଯ୍ୟ, ତାହା ଯେତେ ଭଲ ହେଉନା କାହିଁକି, ଅନ୍ୟମାନଙ୍କ ବିକାଶରେ ଯଦି ବାଧା ସୃଷ୍ଟି କରୁଥାଏ ଅବା ଅନ୍ୟ କୌଣସି ଉପାୟରେ ଅନ୍ୟମାନଙ୍କୁ ଯନ୍ତ୍ରଣା ଦେଉଥାଏ ତେବେ ତାହା ମଧ୍ୟ ଧର୍ମର ଶ୍ରେଣୀଭୁକ୍ତ ହୋଇ ନ ଥାଏ। ଭଗବାନ୍ ବୁଦ୍ଧଦେବ କହିଛନ୍ତି, ସମସ୍ତ ଜୀବଙ୍କ ପ୍ରତି ଦୟାଭାବ ହିଁ ଧର୍ମ। ପ୍ରକୃତ ଅର୍ଥରେ ଅନ୍ୟମାନଙ୍କ ପାଇଁ ଭଲ କରିବା, ଅନ୍ୟମାନଙ୍କୁ ସାହାଯ୍ୟ କରିବା ପୁଣ୍ୟ ହୋଇଥାଏ। ଏହାର ବିପରୀତ କାର୍ଯ୍ୟ ଅବା ଅନ୍ୟମାନଙ୍କୁ ଯନ୍ତ୍ରଣା ଦେବା ପାପ । ଯେଉଁ ଧର୍ମ, ଧର୍ମର ଲକ୍ଷଣ କିମ୍ବା କାର୍ଯ୍ୟକଳାପ ବ୍ୟକ୍ତିଙ୍କ ମଧ୍ୟରେ ଭଲଗୁଣ ବିକଶିତ କରେ ନାହିଁ ତାହା ଧର୍ମ ହୋଇପାରିବ ନାହିଁ। କେବଳ ବ୍ୟକ୍ତିବିଶେଷଙ୍କ ପାଇଁ ନୁହେଁ ବରଂ ସମାଜ ଲାଗି ମଧ୍ୟ ଏହା ସେତିକି ଅପରିହାର୍ଯ୍ୟ। ଯେଉଁ ସମାଜ ଧର୍ମ ଅର୍ଥାତ୍ ଉତ୍ତମ ଜୀବନ ମୂଲ୍ୟବୋଧକୁ ସୁରକ୍ଷା ଦେବାରେ ସକ୍ଷମ ହୁଏ, ସେହି ସମାଜ ବିନା ଦ୍ୱିଧାରେ ଅଗ୍ରଗତି କରିଥାଏ। କର୍ମକାଣ୍ଡ ଅବା ପ୍ରତୀକାତ୍ମକ କାର୍ଯ୍ୟ କୌଣସି ପରିସ୍ଥିତିରେ ଧର୍ମ ହୋଇ ନ ଥାଏ। ଏଗୁଡ଼ିକ ଆମକୁ ଭଲ ମନ୍ଦ ବିଷୟରେ ସ୍ମରଣ କରାଇବାରେ ଏକ ମାଧ୍ୟମ ମାତ୍ର। ତେଣୁ ଉତ୍ତମ ଜୀବନ ମୂଲ୍ୟବୋଧଗୁଡ଼ିକର ଅନୁସରଣ ହିଁ ଅନ୍ତିମ ଲକ୍ଷ୍ୟ ହେବା ଉଚିତ।।

ବୈପାରୀଗୁଡ଼ା, କୋରାପୁଟ,
ମୋ: ୬୩୭୦୬୭୯୪୦୫

## ଏଇ ଭାରତରେ

ମୌସୁମୀ କାପାଡ଼ିଆଙ୍କ ସାହସିକ ଯାତ୍ରା ଅନ୍ୟମାନଙ୍କ ପାଇଁ ଏକ ପ୍ରେରଣାଦାୟୀ କାହାଣୀ। ରିଜିଡ୍ ସ୍ପାଇନ ମସ୍କୁଲାର ଡିସ୍‌ଟ୍ରୋଫି( ଆର୍‌ଏସ୍‌ଏମ୍‌ଡି) ରୋଗରେ ପୀଡ଼ିତ ତାଙ୍କ ବଡ଼ ପୁଅ ବେଦାଂଶଙ୍କୁ ସାଙ୍ଗରେ ନେଇ ଭାରତର ୨୬ଟି ରାଜ୍ୟ ଭ୍ରମଣ କରିବା ସହ ୨୧ଟି ଦେଶ ବୁଲି ସାରିଲେଣି। ବେଦାଂଶ ଭଲରେ ଚାଲିପାରନ୍ତି ନାହିଁ କି ତାଙ୍କ ଶରୀରର ବିଭିନ୍ନ ଅଙ୍ଗ ମଧ୍ୟ ଠିକ୍ ଭାବେ ବିକଶିତ ହୋଇପାରିନାହିଁ। ତଥାପି ମୌସୁମୀ ତାଙ୍କ ଦିବ୍ୟାଙ୍ଗ ପୁଅଙ୍କୁ ନେଇ ଯାତ୍ରା ଜାରି ରଖିଛନ୍ତି। ବାଇକ୍‌ରେ ୧୫ଟି ଦୁର୍ଗମ ସ୍ଥାନକୁ ଯିବା ସହ ବିଭିନ୍ନ ଦେଶରେ ୧୨ଟି ପାହାଡ଼ ଚଢ଼ିସାରିଛନ୍ତି। ଲେହ ଲଦାଖକୁ ୧୦ ଦିନିଆ ବାଇକ୍ ଯାତ୍ରା ସହ ଅନ୍ୟ କେତୋଟି ଦୁଃସାହସିକ ଯାତ୍ରାରେ ସେ ତାଙ୍କ ଦିବ୍ୟାଙ୍ଗ ପୁତ୍ରକୁ ମଧ୍ୟ ସାଥିରେ ନେଇପାରିଛନ୍ତି। ମୌସୁମୀଙ୍କ ବୟସ ଏବେ ୪୫। ସେ ଦୁଇଟି ପୁତ୍ର ସନ୍ତାନର ଜନନୀ। ତାଙ୍କ ସ୍ୱାମୀଙ୍କ ସହ ସେ ଦୁବାଇରେ ରହୁଥିଲେ। ପରେ ବଡ଼ ପୁଅ ରୋଗଗ୍ରସ୍ତ ହେବା ପରେ ତା' ଚିକିତ୍ସା ପାଇଁ ମୁମ୍ବାଇ ଫେରିଆସିଲେ। ଏହି ସମୟରେ ବିଷାଦଗ୍ରସ୍ତ ହୋଇପଡ଼ିଲେ। କିନ୍ତୁ କାଉନସେଲିଂ ପରେ ନିଜକୁ ସୁଧାରି ଆଣି ଜୀବନକୁ ଏକ ଭିନ୍ନ ମାର୍ଗରେ ନେବା ପାଇଁ ସ୍ଥିର କରି ଏଭଳି ଦୁଃସାହସିକ ଯାତ୍ରା ଆରମ୍ଭ କରିଥିଲେ।

## ୫୦ ବର୍ଷ ତଳର ଧରିତ୍ରୀ

DHARITRI

୮ ଫେବୃଆରୀ ୧୯୭୫

- ଭାରତୀୟ ସମାଜ ମଙ୍ଗଳ ପରିଷଦର ସଭାପତି ମେରୀ କ୍ଲବୱାଲା ଯାଦବଙ୍କ ୬୬ ବର୍ଷ ବୟସରେ ପରଲୋକ।
- ସମସ୍ତିପୁର ବୋମା ବିସ୍ଫୋରଣ ଘଟଣାର ବିଚାର ବିଭାଗୀୟ ତଦନ୍ତ ପାଇଁ କେନ୍ଦ୍ର ସରକାରଙ୍କ ପକ୍ଷରୁ ଜଣକିଆ ତଦନ୍ତ କମିଶନ ଗଠିତ।
- ଇଥିଓପିଆର ଉତ୍ତରାଞ୍ଚଳ ପ୍ରଦେଶ ଏରିଟ୍ରିଆନରେ ଇଥିଓପିଆର ସୈନ୍ୟବାହିନୀ ଓ ବିଚ୍ଛିନ୍ନତାବାଦୀ ବିଦ୍ରୋହୀ ଗେରିଲାଙ୍କ ମଧ୍ୟରେ ସପ୍ତାହବ୍ୟାପୀ ଲଢ଼େଇରେ ଅନ୍ୟୂନ ୧୨୦୦ ବ୍ୟକ୍ତିଙ୍କ ପ୍ରାଣହାନି।

## su | do | ku — ସୁ–ଡୋ–କୁ

Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| 9 | | | | | 7 | 2 | 5 | 4 |
| | | 8 | | | | | | |
| | | | | | 6 | 9 | | |
| 1 | 7 | | 4 | | | | | |
| | | | 6 | | | | | 3 |
| | | | | 8 | 5 | | 1 | |
| | | | | | 8 | 4 | | 2 |
| | | 6 | 5 | | | 8 | | |
| | | 4 | | 6 | | | | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 5 | 9 | 1 | 6 | 8 | 3 | 2 | 7 | 4 |
| 2 | 8 | 7 | 5 | 9 | 4 | 1 | 3 | 6 |
| 3 | 6 | 4 | 1 | 7 | 2 | 9 | 5 | 8 |
| 6 | 7 | 5 | 4 | 1 | 9 | 8 | 2 | 3 |
| 1 | 4 | 8 | 2 | 3 | 7 | 5 | 6 | 9 |
| 9 | 3 | 2 | 8 | 5 | 6 | 4 | 1 | 7 |
| 7 | 5 | 3 | 9 | 2 | 8 | 6 | 4 | 1 |
| 8 | 2 | 6 | 3 | 4 | 1 | 7 | 9 | 5 |
| 4 | 1 | 9 | 7 | 6 | 5 | 3 | 8 | 2 |

ଗତକାଲିର ଉତ୍ତର

# ଓଡ଼ିଆ ଅସ୍ମିତା ଓ କୁନ୍ତଳା କୁମାରୀ



ଡ. ପ୍ରଫୁଲ୍ଲ କୁମାର ସାହୁ

ଅମୃତ ଅନ୍ୱେଷାର କବୀ କୁନ୍ତଳା କୁମାରୀ ସାବତ। ବିଶ୍ୱପ୍ରାଣତାର ଏକ ହିରଣ୍ମୟ ଅଙ୍ଗୀକାର। ଜୀବନ ବଞ୍ଚିବାର ଅବଧି (୮.୨.୧୯୦୦ – ୨୩.୮.୧୯୩୮) ସ୍ୱଳ୍ପ ହେଲେ ବି ତାଙ୍କ ସର୍ଜନଶୀଳ ପ୍ରତିଭାର ପ୍ରଚଣ୍ଡ ଘୂର୍ଣ୍ଣି ଆଗରେ ହାର ମାନିଛି କାଳ। ସମୟର କଷଟି ପଥରରେ ଶୁଦ୍ଧ ସୁବର୍ଣ୍ଣ ପରି ଅଲିଭା ହୋଇ ରହିଯାଇଛି ତାଙ୍କ ସାରସ୍ୱତ ପ୍ରତିଭାର ଦ୍ୟୁତି ଓ ଦୀପ୍ତି।

ନିଜ ମାଟିର ବାସ୍ନା ଓ ନିଃଶ୍ୱାସକୁ ନୈବେଦ୍ୟ କରି ସେ ଗଢ଼ିଛନ୍ତି କବିତାର କାୟାକଳ୍ପ। ଐଶୀ ଚେତନା, ପ୍ରକୃତି ପ୍ରେମ ଓ ସ୍ୱଦେଶ ପ୍ରୀତି– ଏହି ସମନ୍ୱିତ ଭାବଧାରାର କାବ୍ୟିକ ପରିପ୍ରକାଶ ହେଉଛି ଉତ୍କଳ ଭାରତୀ କୁନ୍ତଳା କୁମାରୀଙ୍କ 'ଅଞ୍ଜଳି' (୧୯୨୨), 'ଉଚ୍ଛ୍ୱାସ' (୧୯୨୪), 'ଆହ୍ୱାନ' (୧୯୩୦), 'ସ୍ଫୁଲିଙ୍ଗ' (୧୯୨୯), 'ଅର୍ଚ୍ଚନା' (୧୯୨୭), 'ଓଡ଼ିଆଙ୍କ କାନ୍ଦଣା' (୧୯୩୬) ଓ 'ପ୍ରେମ ଚିନ୍ତାମଣି' (୧୯୩୦) ଆଦି କବିତା ଗ୍ରନ୍ଥ। ଜୀବନ ଓ ଜଗତ ପ୍ରତି ଅକୁଣ୍ଠ ସ୍ନେହ, ଶ୍ରଦ୍ଧା ଓ ମମତ୍ୱବୋଧ ନେଇ ସେ ଖୋଜିଛନ୍ତି ବିଶ୍ୱ ବ୍ରହ୍ମାଣ୍ଡର ରହସ୍ୟମୟତା। 'ଅଞ୍ଜଳି' ସେହି ଅନ୍ତଃହୀନ ଅନ୍ୱେଷାର ଏକ ଶାବ୍ଦିକ ଉଦ୍‌ଭାସ। ଈଶ୍ୱରଙ୍କ ଚରଣ ତଳେ ଏହା ଶ୍ରଦ୍ଧା ଓ ପ୍ରେମର ଏକ ଅଞ୍ଜଳିଭରା ଆଧ୍ୟାତ୍ମିକ ତଲ୍ଲୀନତା। 'ଉଚ୍ଛ୍ୱାସ' କବିଙ୍କ ଅତୀନ୍ଦ୍ରିୟ ସୌନ୍ଦର୍ଯ୍ୟ ଚେତନାର ଅନ୍ୟ ଏକ ନନ୍ଦନ ସର୍ଜନ। ଗାନ୍ଧିଜୀଙ୍କ ଅସହଯୋଗ ଆନ୍ଦୋଳନର ପୃଷ୍ଠଭୂମି ଉପରେ ରଚିତ 'ଆହ୍ୱାନ'ର ଆବେଦନ ଏତେ ଅନ୍ତର୍ଭେଦୀ ଥିଲା ଯେ ତାହାକୁ ତତ୍କାଳ ବାଜ୍ୟାପ୍ତି ପାଇଁ ଘୋଷଣା କରିଥିଲେ ଇଂରେଜ ସରକାର। ପ୍ରତିଟି ଉତ୍କଳୀୟ ପ୍ରାଣରେ ବିଦ୍ରୋହର ବହ୍ନି ଜାଳିଦେବା ପାଇଁ କବିଙ୍କ ଅଗ୍ନିବର୍ଷୀ ଲେଖନୀରୁ ଝରିପଡ଼ିଛି ଅନ୍ୟ ଏକ ଦେଶାତ୍ମବୋଧକ ଓ କବିତାଗୁଚ୍ଛ 'ସ୍ଫୁଲିଙ୍ଗ'। ସଂକଳନର ଆଦ୍ୟଭାଗରେ କବିତାଗୁଡ଼ିକ ଯେତିକି ଉଦ୍‌ବୋଧନୀୟ ଶେଷାଂଶରେ କବି ସେତିକି ରହସ୍ୟବାଦୀ। ଜୀବନର ବିବିଧ ବର୍ଣ୍ଣାଳୀକୁ ଭାବ, ଆବେଗ, ଲଳିତପଣ ଓ ଶବ୍ଦର ଷୋଡ଼ଶ ଶୃଙ୍ଗାର ଭିତରେ ତୋଳି ଧରିବାର ନାନ୍ଦନିକ ପ୍ରୟାସରୁ ଜନ୍ମ ନେଇଛି କବିତା ସଙ୍କଳନ 'ଅର୍ଚ୍ଚନା' ଓ 'ଓଡ଼ିଆଙ୍କ କାନ୍ଦଣା'। ନାନା ବେଦନାବୋଧରେ ଆପ୍ଲୁତ ଉପରୋକ୍ତ ଦୁଇ କବିତାଗ୍ରନ୍ଥରେ କବି ଆଙ୍କିଛନ୍ତି ବନ୍ୟା, ବାତ୍ୟା ଓ ମରୁଡ଼ିକ୍ଲିଷ୍ଟ ଓଡ଼ିଶାର ମାର୍ମିକ ଚିତ୍ର।

ଗୀତି କବିତାର ସମାହାର ପ୍ରେମ ଚିନ୍ତାମଣିରେ ପ୍ରେମ ପାଇଁ ଶୁଦ୍ଧ ସମର୍ପଣର ସର୍ବୋଚ୍ଚ ସ୍ତରକୁ ଯାଇ କବି ସମର୍ପି ଦେଇଛନ୍ତି ନିଜକୁ। ପ୍ରେମିକା ଭାବରେ କବି କେତେବେଳେ ପାର୍ଥିବ ପ୍ରେମର ମାଧୁରିମାକୁ ଏଡ଼ିପାରି ନାହାନ୍ତି ତ କେତେବେଳେ ସାଧିକା ଭାବରେ ବିଶ୍ୱପ୍ରେମର ଲୀଳା ବିଳାସରେ ନିମଜ୍ଜି ଯାଇଛନ୍ତି ପୂରାପୂରି। ତେଣୁ ଭକ୍ତିରସ ସହିତ ସ୍ନିଗ୍ଧ ଅନୁରାଗର ରହସ୍ୟମୟ ରସାୟନରେ ଏଠି ସୃଷ୍ଟି ହୋଇଛି ଏକ ଭାବମୁଗ୍ଧ ତନ୍ମୟତା।

କବୀଙ୍କ ବହୁଚର୍ଚ୍ଚିତ କବିତା 'ଶେଫାଳି ପ୍ରତି' ତନ୍ମୟ କବିପ୍ରାଣର ଏକ ଚରମ ଅଭିବ୍ୟକ୍ତି। କ୍ଷୁଦ୍ର ଏକ ଶେଫାଳି ଫୁଲ କବିପ୍ରାଣରେ ସୃଷ୍ଟି କରିଛି ଅନନ୍ତ ଭାବନାର ଆଲୋଡ଼ନ। ଏକ ଭାବବିହ୍ୱଳ ଅବସ୍ଥାରେ ସ୍ୱଳ୍ପାୟୁ ଶେଫାଳିର ଅମୃତ ବିତରଣକୁ ଅନୁଭବ କରି ଥରି ଉଠିଛି କବୀଙ୍କ ହୃଦୟତନ୍ତ୍ରୀ। ଚକ୍ଷୁରୁ ଝରିପଡ଼ିଛି ଟୋପା ଟୋପା ପ୍ରେମାଶ୍ରୁ। ଅମୃତ ଅନ୍ୱେଷୀ ଦୃଷ୍ଟି ତାଙ୍କର ପ୍ରସରି ଯାଇଛି ସସୀମରୁ ଅସୀମ ଆଡ଼କୁ। ଜାଗତିକ ଅବସ୍ଥାର ବହୁ ଊର୍ଦ୍ଧ୍ୱକୁ ଉଠି କବୀ ନୈସର୍ଗିକ ସୌନ୍ଦର୍ଯ୍ୟର ବନ୍ଦନା କରିଛନ୍ତି ଏବଂ ତାହାର ଅଧିକାରିଣୀ ହେବା ପାଇଁ ପୋଷଣ କରିଛନ୍ତି ଏକ ଊର୍ଦ୍ଧ୍ୱାୟିତ ବାସନା। ସୌନ୍ଦର୍ଯ୍ୟର ପବିତ୍ରତା ଓ ଅନୁଭବର



ସୂକ୍ଷ୍ମତା ଭିତରେ ନିଜର ରହସ୍ୟମୟ ଚେତନାକୁ ବାଙ୍ମୟ ରୂପ ଦେଇ ଗାଇଛନ୍ତି– "ଶେଷ ଗତି ନୁହେଁ ମୋର ମୃତ୍ୟୁ କେଉଁ କାଳରେ, ମରିବାକୁ ଫୁଟି ନାହିଁ ଭବ ତରୁ ଡାଳରେ"।

ସମକାଳର ସମସ୍ୟା ଓ ସଙ୍କଟକୁ ଆଦୌ ବିସ୍ମରି ଯାଇନାହାନ୍ତି ସମାଜ ସଚେତନ ସ୍ରଷ୍ଟା କୁନ୍ତଳା କୁମାରୀ। କୁସଂସ୍କାର ଓ ଅନ୍ଧବିଶ୍ୱାସର ଅନ୍ଧକାର ଭିତରେ ବୁଡ଼ି ରହିଥିବା ଗୋଟାଏ ଜାତିକୁ ବାଟ କଢ଼େଇ ନେବା ପାଇଁ ଫକୀର ମୋହନ ଯେଉଁ ପ୍ରୟାସ ଆରମ୍ଭ କରିଥିଲେ, ତା'ର ସମ୍ଭାବନାପୂର୍ଣ୍ଣ ସ୍ୱପ୍ନମୟତାକୁ ଶବ୍ଦରେ ସାକାର କରିବାକୁ ଯାଇ ସେ ଗଢ଼ି ଦେଇଛନ୍ତି ଏକ ଭିନ୍ନ ଉଚ୍ଚତାର କଥା– କୋଣାର୍କ। ଆପଣା ଉପନ୍ୟାସ ଓ ପ୍ରବନ୍ଧରେ ସେ ଅସହାୟା ନାରୀମାନଙ୍କର ଆର୍ଥିକ, ଶୈକ୍ଷିକ ଓ ଚେତନାଗତ ବିକାଶକୁ ନେଇ ପ୍ରଶ୍ନ ଉଠେଇଛନ୍ତି ଏବଂ ବତେଇଛନ୍ତି ତା'ର ସମାଧାନର ପନ୍ଥା। ପତ୍ନୀତ୍ୱ ହିଁ ନାରୀର ସର୍ବଶ୍ରେଷ୍ଠ ସମ୍ପତ୍ତି ଓ ସମ୍ମାନ– ଏହି ବିଚାରବୋଧରୁ ବିଚ୍ୟୁତିହୀନତା ସତ୍ତ୍ୱେ ନାରୀର ଅଧିକାର ଓ ମର୍ଯ୍ୟାଦା ପ୍ରତିଷ୍ଠା ପାଇଁ ସ୍ପର୍ଦ୍ଧିତ ଭାବରେ ବିନ୍ୟସ୍ତ କରିଛନ୍ତି ନାରୀ ଅସ୍ତିତ୍ୱର କୋମଳ ଦିଗନ୍ତ। ନାରୀର ଯାବତୀୟ ସମସ୍ୟା ତଥା ତା'ର ଆବେଗ ଓ ଆଚରଣକୁ ସେ ଅନୁଭବ କରିଛନ୍ତି ଅନ୍ତରଙ୍ଗ ଭାବରେ। କଥାକଥାକେ କଳିଝଗଡ଼ା କରୁଥିବା ନାରୀଟିଏ ଭିତରେ ବି ସେ ଦେଖିଛନ୍ତି ଅନ୍ୟମାନଙ୍କ ପ୍ରତି ସ୍ନେହ, ଶ୍ରଦ୍ଧା ଅଜାଡ଼ିଦେବାର ଆପଣାପଣ। ତାଙ୍କ ଦୃଷ୍ଟିରେ ନାରୀ ଦିବ୍ୟଶକ୍ତିର ଅଧିକାରିଣୀ। ସେ ଛୁଇଁଦେଲେ ପଥର ବି ପାଲଟିଯାଏ ମଣି। ଅଥଚ ପୁରୁଷପ୍ରଧାନ ସମାଜ ବ୍ୟବସ୍ଥାରେ ନାନା ଅପବାଦ, ଲାଞ୍ଛନା ସହି ଯୁଗ ଯୁଗ ଧରି ସନ୍ତୁଳି ହେଉଛି ନାରୀ। ତା'ର ପ୍ରତିବାଦରେ 'ଭ୍ରାନ୍ତି', 'ନଅତୁଣ୍ଡୀ', 'କାଳିବୋହୂ', 'ପରଶମଣି' ଓ 'ରଘୁଅରକ୍ଷିତ' ଆଦି ଉପନ୍ୟାସରେ ସେ ବାଲ୍ୟ ବିବାହ, ବିଧବା ବିବାହ, ଅସ୍ପୃଶ୍ୟତା ନିବାରଣ ଓ ନାରୀ ଜାଗରଣ ଆଦି ପ୍ରସଙ୍ଗକୁ ନେଇ ସଚେତନ ଭାବରେ ଆୟୋଜନ କରିଛନ୍ତି ଏକ ସଂସ୍କାରଧର୍ମୀ ଦୃଶ୍ୟପଟ। କାଳିବୋହୂ (ଲକ୍ଷ୍ମୀ) ଭଳି ବେଦନା ଜର୍ଜରିତ ବାଲ୍ୟ ବିଧବାଙ୍କ ଉଦ୍ଦେଶ୍ୟରେ ତୋଳି ଧରିଛନ୍ତି ଏକ ସଂସ୍କାରସ୍ନାତ ମୁକ୍ତି ଚେତନାର ଫଳକ।

ସମକାଳୀନ ସ୍ରଷ୍ଟାମାନେ ବାଲ୍ୟ ବିଧବାର ବେଦନାସିକ୍ତ ଜୀବନ ପ୍ରତି କେବଳ ଶୁଷ୍କ ସମବେଦନା ଜଣାଇଥିବା ବେଳେ ବିପ୍ଳବିନୀ କୁନ୍ତଳା ନିଜର ଦମ୍ଭିଲାପଣ ନେଇ କାଳିବୋହୂ (ଲକ୍ଷ୍ମୀ)କୁ ଦେଖେଇଛନ୍ତି ସାମାଜିକ କୁସଂସ୍କାର ଭିତରୁ ମୁକୁଳି ଆସିବାର ରାସ୍ତା । ପଲ୍ଲୀକବି ନନ୍ଦ କିଶୋର ବଳ ସମାଜର ପ୍ରଥାବଦ୍ଧତା ବିରୋଧରେ ଲଢ଼ିବା ପରିବର୍ତ୍ତେ ବିଧବା ଉମାକୁ ମାରିଦେଇଛନ୍ତି ବିସୂଚିକାରେ (କନକଲତା)। ଧୋବୀକୁ ସନେଇ ସହିତ ବାହା ଦେବାକୁ ସାହସ କରିପାରି ନାହାନ୍ତି କାହ୍ନୁ ଚରଣ ମହାନ୍ତି (ଶାସ୍ତି)। ସଂସ୍କାରକ ଗୋଦାବରୀଶ ମହାପାତ୍ରଙ୍କ ଉମା ଓ ଗଉରୀ ଅଟକିଗଲେ ବିପ୍ଲବର ସ୍ଲୋଗାନ୍ ପାଖରେ (ବିଦ୍ରୋହିଣୀ)। କୁନ୍ତଳା କୁମାରୀ କିନ୍ତୁ କାଳୀବୋହୂ ଭିତରେ ଭରି ଦେଇଛନ୍ତି ଆଗକୁ ବଢ଼ିବାର ଦମ୍ଭିଲାପଣ। ଦଶବର୍ଷ ବୟସରେ ବିଧବା ହୋଇଥିବା କାଳିବୋହୂକୁ ଆତ୍ମହତ୍ୟା କରିବାକୁ ଦେଇନାହାନ୍ତି କି ତାକୁ ଖାଲି ଓଷା, ବ୍ରତ, ହବିଷ ଓ ଏକାଦଶୀ ଭିତରେ ଜଳିବାକୁ ଛାଡ଼ି ଦେଇ ନାହାନ୍ତି ସାରା ଜୀବନ। ସମାଜର ସବୁ ଅଡ଼ା ଆକଟକୁ ଅତିକ୍ରମ କରି ସେ ପାଠ ପଢ଼ିଛି ଓ ଜଣେ ପ୍ରଗତିଶୀଳ ଯୁବକକୁ ବିବାହ କରି ବାଲ୍ୟ ବିଧବାଙ୍କ ପାଇଁ ସୃଷ୍ଟି କରିଛି ଏକ ନୂଆ ଦିଗନ୍ତ।

କୁନ୍ତଳା କୁମାରୀଙ୍କ ମୂଳମନ୍ତ୍ର ଥିଲା ଉତ୍କଳର ଭୂମି, ଭାଷା ଓ ତା'ର ଅଧିବାସୀଙ୍କ ଉନ୍ନତି। ତାଙ୍କର ଏହି ଜାତିପ୍ରୀତିକୁ ଆକଳନ କରି ତାଙ୍କୁ 'ଉତ୍କଳ ଭାରତୀ' ଉପାଧିରେ ଭୂଷିତ କରିଥିଲା ପୁରୀର ମହିଳା ବନ୍ଧୁ ସମିତି। ତାଙ୍କ ମୃତ୍ୟୁରେ ଓଡ଼ିଶାର ବିଶିଷ୍ଟ ସାହିତ୍ୟିକ କାଳିନ୍ଦୀ ଚରଣ ପାଣିଗ୍ରାହୀ ଶ୍ରଦ୍ଧାଞ୍ଜଳି ଦେଇ ଲେଖିଥିଲେ "କୁନ୍ତଳାଙ୍କ ପରି ପ୍ରତିଭାଶାଳିନୀ ନାରୀକବି ଆଜିଯାଏ ଓଡ଼ିଶାରେ ଜନ୍ମିବାର ଦ୍ୱିତୀୟ ଉଦାହରଣ ଖୋଜିବା ପାଇଁ ବିଶୁଦ୍ଧତମ ଓଡ଼ିଆଭକ୍ତଙ୍କ ମୁଣ୍ଡ ମଧ୍ୟ ବୁଲେଇଦବ।

ଅବସରପ୍ରାପ୍ତ ଅଧ୍ୟକ୍ଷ
ବିଜୁ ପଟ୍ଟନାୟକ ନଗର, ଭଦ୍ରକ
ମୋ: ୬୩୭୧୬୪୨୪୬୪

## ପାଠକ ଶ୍ରେଷ୍ଠ ବିଚାରକ

### କାହା କଥା ଠିକ୍

ମହାଶୟ,

ଗତ କିଛିଦିନ ତଳେ ବିଭିନ୍ନ ଖବରକାଗଜରେ ନୀତି ଆୟୋଗର ଏକ ରିପୋର୍ଟ ପ୍ରକାଶ ପାଇଛି। ଏଥିରେ ଦର୍ଶାଯାଇଛି ଯେ, ୨୦୨୨–୨୩ ସୁଦ୍ଧା ଗତ ୯ ବର୍ଷ ଭିତରେ ଦେଶର ପାଖାପାଖି ୨୫ କୋଟି ଲୋକ ବହୁମୁଖୀ ଦାରିଦ୍ର୍ୟରୁ ମୁକ୍ତ ହୋଇଛନ୍ତି। ଠିକ୍ ସେହିଦିନ ଗଣମାଧ୍ୟମରେ ଅକ୍ସଫାମ୍ ରିପୋର୍ଟ ମଧ୍ୟ ପ୍ରକାଶ ପାଇଛି। ରିପୋର୍ଟ ଅନୁସାରେ, କରୋନା ପ୍ରଭାବରେ ୨୦୨୨–୨୩ ସୁଦ୍ଧା ୨ ବର୍ଷ ମଧ୍ୟରେ ବିଶ୍ୱର ୬୦ ପ୍ରତିଶତ ଗରିବଙ୍କ ଆୟ ହ୍ରାସ ପାଇଛି। ଅର୍ଥାତ୍ ସେମାନେ ଅଧିକ ଗରିବ ହୋଇଯାଇଛନ୍ତି। ଏହି ଦୁଇଟି ରିପୋର୍ଟ ପରସ୍ପର ବିରୋଧୀ ହୋଇଥିବାରୁ କାହା କଥା ଠିକ୍ ସେନେଇ ପାଠକଙ୍କ ମହଲରେ ଦ୍ୱନ୍ଦ୍ୱ ସୃଷ୍ଟି ହୋଇଛି। ଭାରତ ବିଶ୍ୱର ସର୍ବାଧିକ ଜନବହୁଳ ରାଷ୍ଟ୍ର ହୋଇଥିବାରୁ ଏଠାରେ ବିଶ୍ୱ ଅର୍ଥନୀତିର ପ୍ରଭାବ ପଡ଼ିବା ସ୍ୱାଭାବିକ୍। ଏଣୁ ନୀତି ଆୟୋଗ ରିପୋର୍ଟରେ ବାସ୍ତବତା ଅଛି କିମ୍ବା ଏହା ରାଜନୈତିକ ଉଦ୍ଦେଶ୍ୟ ପ୍ରଣୋଦିତ, ତାହା ସ୍ପଷ୍ଟ ହେବା ଉଚିତ।

–ଅକ୍ଷୟ କୁମାର ମହାନ୍ତି, ହାଜିପୁର, ବିରିଡ଼ି, ଜଗତ୍‌ସିଂହପୁର

## ଚିରନ୍ତନୀ

ନ ଭୁଲି ପଥ କେସନ ପୁଣି
ଅଜଣା ଦେଶେ ଆସିଲ ଚାଲି
ଶୀତ ବରଷା ନ ମାନି ତୁମେ
ଏ କି ମଉନ ବେଶରେ ଖାଲି।
–(ନିଜ ଭୁଲା)

–କାଳିନ୍ଦୀ ଚରଣ ପାଣିଗ୍ରାହୀ

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି–୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର–୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

**୫ ଲକ୍ଷରୁ ଅଧିକ ଟଙ୍କାର ହେରୋଇନ ଜବତ**

ଭୁବନେଶ୍ୱର,(ସୂର୍ଯ୍ୟକାନ୍ତ ବେହେରା): କ୍ୟାପିଟାଲ ଥାନା ଅନ୍ତର୍ଗତ ୟୁନିଟ-୨ ଅଞ୍ଚଳରେ ବେଆଇନ ଭାବେ ହେରୋଇନ ବେପାର କରୁଥିବାବେଳେ ଅବକାରୀ ବିଭାଗର ମୋବାଇଲ ୟୁନିଟ୍ ଚଢ଼ାଉ କରି ଜଣେ ନିଶା ବେପାରୀଙ୍କୁ ଗିରଫ କରିଛି । ଅଭିଯୁକ୍ତ ହେଲେ ଏୟାରପୋର୍ଟ ଥାନା ଅଞ୍ଚଳର ଅକୁଲା ଦଳେଇ(୫୪)। ତାଙ୍କଠାରୁ ୫୫ ଗ୍ରାମ ହେରୋଇନ ଜବତ ହୋଇଛି। ଜବତ ନିଶାଦ୍ରବ୍ୟର ମୂଲ୍ୟ ୫ ଲକ୍ଷ ଟଙ୍କାରୁ ଅଧିକ ହେବ। ଜାମିନ ନ ମିଳିବାରୁ ଅଭିଯୁକ୍ତଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି।



## ବିଏମ୍‌ସି ପକ୍ଷରୁ ମୁକ୍ତା କାର୍ଯ୍ୟାଦେଶ ବଣ୍ଟନ

ଭୁବନେଶ୍ୱର,୭।୨(ଅନୁରାଧା ମହାରଣା)- ଭୁବନେଶ୍ୱର ମହାନଗର ନିଗମ (ବିଏମ୍‌ସି) ପକ୍ଷରୁ ଗୁରୁବାର ମୁଖ୍ୟମନ୍ତ୍ରୀ କର୍ମ ତତ୍ପର ଯୋଜନା(ମୁକ୍ତା)ରେ ମଧ୍ୟ ବିଧାନସଭା ନିର୍ବାଚନମଣ୍ଡଳୀ ପାଇଁ ଦ୍ୱିତୀୟ ପର୍ଯ୍ୟାୟ କାର୍ଯ୍ୟାଦେଶ ବଣ୍ଟନ କରାଯାଇଛି। ବିଏମ୍‌ସି ମୁଖ୍ୟାଳୟରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ବିଧାୟକ ଅନନ୍ତ ନାରାୟଣ ଜେନା, ମେୟର ସୁଲୋଚନା ଦାସ, କମିଶନର ବିଜୟ ଅମୃତା କୁଲାଙ୍ଗେ, ଅତିରିକ୍ତ କମିଶନର ଶୁଭେନ୍ଦୁ କୁମାର ସାହୁ, ଘାସିରାମ ମୁର୍ମୁ, ଷ୍ଟାଣ୍ଡିଂ କମିଟିର ଅଧ୍ୟକ୍ଷ ଶ୍ରୀଧର ଜେନା, କୁମାରେନ୍ଦ୍ର ମହାପାତ୍ର, ସିଟି ଇଞ୍ଜିନିୟର ବିଳାସ କୁମାର ବେହେରା, ଡେପୁଟି କମିଶନର ଡକ୍ଟର ମନୋରଞ୍ଜନ ସାହୁ ପ୍ରମୁଖ ଉପସ୍ଥିତ ରହି କାର୍ଯ୍ୟାଦେଶ ବଣ୍ଟନ କରିଥିଲେ। ମୁକ୍ତା ଯୋଜନାରେ ଚଳିତ ଆର୍ଥିକ ବର୍ଷ ୨୦୨୩-୨୪ରେ ୨୦କୋଟି ଟଙ୍କା ବ୍ୟୟରେ ମୋଟ ୨୦୪ଟି ପ୍ରକଳ୍ପକୁ ରାଜ୍ୟ ସରକାର ମଞ୍ଜୁର କରିଥିବାବେଳେ ସେଥିମଧ୍ୟରୁ ପ୍ରଥମ ପର୍ଯ୍ୟାୟରେ ପ୍ରାୟ ୧୧ କୋଟି ଟଙ୍କା ବ୍ୟୟ ଅଟକଳରେ ୧୨୫ଟି ପ୍ରକଳ୍ପର କାର୍ଯ୍ୟାଦେଶ ବଣ୍ଟନ କରାଯାଇଥିଲା। ଏବେ ଦ୍ୱିତୀୟ ପର୍ଯ୍ୟାୟ କାର୍ଯ୍ୟାଦେଶ ବଣ୍ଟନ କରାଯାଇଛି। ଏଥିରେ ୪କୋଟି ୫୩ ଲକ୍ଷ ଟଙ୍କା ବ୍ୟୟ ଅଟକଳରେ ମୋଟ ୬୦ଟି ପ୍ରକଳ୍ପ ପାଇଁ କାର୍ଯ୍ୟାଦେଶ ପ୍ରଦାନ କରାଯାଇଛି।

# ସୋନା ସାଜିଲେ ସନ୍ଧ୍ୟାର ଆକର୍ଷଣ

## ଏକାମ୍ର ଉତ୍ସବର ପଞ୍ଚମ ସନ୍ଧ୍ୟା 'ବସନ୍ତର ସ୍ୱର'

ଭୁବନେଶ୍ୱର,୭।୨(ଶର୍ମିଷ୍ଠା ପାଣିଗ୍ରାହୀ)

ଏକାମ୍ର ଉତ୍ସବର ସଙ୍ଗୀତର ମୂର୍ଚ୍ଛନା ଦର୍ଶକ ଓ ଶ୍ରୋତଙ୍କୁ ମତୁଆଲା କରୁଛି। ବୁଧବାର ପଞ୍ଚମ ସନ୍ଧ୍ୟା 'ବସନ୍ତର ସ୍ୱର'ର ମୁଖ୍ୟ ଆକର୍ଷଣ ସାଜିଥିଲେ ବିଶିଷ୍ଟ କଣ୍ଠଶିଳ୍ପୀ ସୋନା ମହାପାତ୍ର। ସୋନାଙ୍କ କଣ୍ଠରେ ରଙ୍ଗବତୀ ଗୀତରେ ଦର୍ଶକ ଝୁମି ଉଠିଥିଲେ। ପରେ ପିୟା ତୁ ଆଜା, ରଙ୍ଗବତୀ, ଦିଲ୍ ଡୁବା ଆଦି ଗୀତ ଗାଇ ଲୋକଙ୍କ ମନରେ ଭିନ୍ନ ଉତ୍ସାହ ଭରିଦେଇଥିଲେ।

ବିଡିଏ ପକ୍ଷରୁ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଅତିଥି ଭାବେ ସୂଚନା ଓ ଲୋକସମ୍ପର୍କ ମନ୍ତ୍ରୀ ପ୍ରଦୀପ ଅମାତ ଓ ବିଧାୟକ ସୁବାଷ ଚନ୍ଦ୍ର ବେହେରା ଯୋଗଦେଇଥିଲେ। କୁଳଦୀପ ପଟ୍ଟନାୟକ ଆହେ ନୀଳ ଶଇଳ ସଙ୍ଗୀତ ଗାଇ ସାଂସ୍କୃତିକ ସନ୍ଧ୍ୟାର ଶୁଭାରମ୍ଭ କରିଥିଲେ। ଏହାପରେ ତାଙ୍କ କଣ୍ଠରୁ କେବେ ଆସି ତୁ କହିଦେବୁ ମୋତେ ଭଲପାଉ..., ରାଜହଂସୀ..., ଶୁନ୍ ମଇନା ... ଆଦି ସଙ୍ଗୀତ ଦର୍ଶକଙ୍କୁ ବେଶ ଛୁଇଁଥିଲା। ଏହା ପରେ କଣ୍ଠଶିଳ୍ପୀ ଋତୁରାଜ ମହାନ୍ତି ପୀୟା ପୀୟା ଗୀତରୁ ତାଙ୍କ ପ୍ରଦର୍ଶନ ଆରମ୍ଭ କରିଥିଲେ।



ସୋନା ମହାପାତ୍ରଙ୍କ ସହ ଅନ୍ୟ କଣ୍ଠଶିଳ୍ପୀମାନେ ଭାଷା ସମ୍ମିଳନୀର ଟାଇଟଲ ଟ୍ରାକ ଗାଉଛନ୍ତି।

ତେରୀ ଦିୱାନି, ରମତା ଯୋଗୀ, ଅଧୁରୀ ଜିନ୍ଦେଗି, ଓ ରେ ପିୟା ଭଳି ଅନେକ ଗୀତ ଗାଇଥିଲେ। ଏଥିସହ ପ୍ରଥମ ବିଶ୍ୱ ଓଡ଼ିଆ ଭାଷା ସମ୍ମିଳନୀର ଟାଇଟଲ୍ ଟ୍ରାକ୍ ଗାଇଥିଲେ। କଣ୍ଠଶିଳ୍ପୀ କ୍ରିଷ୍ଣା ବେଉରା, ସଙ୍ଗୀତ ନିର୍ଦ୍ଦେଶକ ପ୍ରେମ ଆନନ୍ଦ ମଧ୍ୟ ତାଙ୍କ ସହ ଷ୍ଟେଜ୍‌ରେ ରହି ଭାଷା ସମ୍ମିଳନୀର ଗୀତ ଗାଇଥିଲେ।

### 'ସମାଲୋଚନା ନୁହେଁ, ଉତ୍ସାହିତ କରନ୍ତୁ'

ଉତ୍ସବରେ ଯୋଗଦେଇ ସୋନା କହିଛନ୍ତି, ୬ବର୍ଷ ପରେ ପ୍ରଦର୍ଶନ ପାଇଁ ଭୁବନେଶ୍ୱର ଆସିଲି। ନୂଆ ଲାଗୁଛି ରାଜଧାନୀ। ଗଛରେ ଲାଇଟ୍ ଲାଗିଛି। ଲାଗୁଛି ଯେମିତି ସୁନ୍ଦର ନାରୀଟିଏ ହସୁଛି। ଟିକେ ନର୍ଭସ ବି ଅଛି। ଓଡ଼ିଆ, ହିନ୍ଦୀ ସବୁରେ କହିବି। ମାତ୍ର ମୁଁ ଓଡ଼ିଆ କୁହେ। ପିଲାଦିନୁ ମୁଁ ଓଡ଼ିଶାରେ ପ୍ରାୟ ରହିନି। ହେଲେ ଓଡ଼ିଶାର କଳା, ସଂସ୍କୃତି ମୋତେ ଭାରି ଭଲ ଲାଗେ। ମୁଁ ମଞ୍ଚରେ ପ୍ରଦର୍ଶନ କଲାବେଳେ ମୋ ପୋଷାକରେ ଯାହା ବି ହେଲେ ଆମ ହସ୍ତତନ୍ତର ଛିଟା ରହିଥିବ। ଓଡ଼ିଶାରୁ ଯାଇ ଅନେକ ବାହାରେ ଓଡ଼ିଶାକୁ ପ୍ରତିନିଧିତ୍ୱ କରୁଛନ୍ତି। ସେମାନଙ୍କୁ ଉତ୍ସାହିତ କରିବା ଆବଶ୍ୟକ। ଟିକିଏ ଭୁଲ୍ ହୋଇଗଲେ ସମାଲୋଚନା ଯେଭଳି ହେଉଛି ତାହା ଅଧିକ ନିରୁତ୍ସାହିତ କରିଦେଉଛି। ବାହାରେ ରାଜ୍ୟର ପରିଚୟ ବୃଦ୍ଧି କରିବାକୁ ଓଡ଼ିଶାର ଲୋକ ହିଁ ଆମକୁ ଅଧିକ ସହଯୋଗ କରିପାରିବେ ବୋଲି ସୋନା କହିଛନ୍ତି।



## ୩ ଦିନିଆ ଡ୍ରୋନ୍ ଶୋ ଆରମ୍ଭ

୩ଦିନିଆ ଡ୍ରୋନ୍ ଶୋ' ବୁଧବାରଠାରୁ ଆରମ୍ଭ ହୋଇଛି। ଏକାସଙ୍ଗେ ୨୦୦ ଡ୍ରୋନ ଆକାଶରେ ଉଡ଼ି ବିଭିନ୍ନ ଶୋ' ପ୍ରଦର୍ଶନ କରିଥିଲା। ଡ୍ରୋନ୍ ସହ ବିଭିନ୍ନ ରଙ୍ଗର ଆଲୋକ ଲଗାଯାଇଥିବାବେଳେ ଅନ୍ଧାର ଆକାଶରେ ସେସବୁ ଡ୍ରୋନ୍‌ରେ ଜୟ ଜଗନ୍ନାଥ, ଆମ ମନ୍ଦିର, ଭାଷା ହିଁ ଭବିଷ୍ୟତ ଆଦି ଲେଖାଯିବା ସହ ମନ୍ଦିର, ରସଗୋଲା ଆଦି ଚିତ୍ର ମଧ୍ୟ ପ୍ରଦର୍ଶିତ ହୋଇଥିଲା, ଯାହା ଉପସ୍ଥିତ ଦର୍ଶକ ଓ ଅତିଥିଙ୍କୁ ଆଚମ୍ବିତ କରିଦେଇଥିଲା। ୧୫ମିନିଟ୍ ଧରି ଏହି ଶୋ ଅନୁଷ୍ଠିତ ହୋଇଥିଲା।





ବିଏମ୍‌ସି ପକ୍ଷରୁ ନୀଳାଦ୍ରିବିହାରସ୍ଥିତ ୱେଲ୍‌ଥ ସେଣ୍ଟରରେ ବୁଧବାର ୭୩ଜଣ ସ୍ୱଚ୍ଛ କର୍ମୀଙ୍କୁ ସାଇକେଲ ବଣ୍ଟନ ଅବସରରେ ମେୟର ସୁଲୋଚନା ଦାସଙ୍କ ସହ ଅନ୍ୟମାନେ।

## ଛାତ୍ରୀଙ୍କୁ ଅଶାଳୀନ ବ୍ୟବହାର କରି ଟ୍ୟୁଶନ ଶିକ୍ଷକ ଗିରଫ

ଭୁବନେଶ୍ୱର,୭।୨(ସୂର୍ଯ୍ୟକାନ୍ତ ବେହେରା)

ଜଣେ ନାବାଳିକା ଛାତ୍ରୀଙ୍କୁ ଅଶାଳୀନ ବ୍ୟବହାର କରିବା ଅଭିଯୋଗରେ ଭରତପୁର ଥାନା ପୋଲିସ ଜଣେ ଟ୍ୟୁଶନ ଶିକ୍ଷକଙ୍କୁ ଗିରଫ କରି ବୁଧବାର କୋର୍ଟ ଚାଲାଣ କରିଛି। ଅଭିଯୁକ୍ତ ଶିକ୍ଷକ ହେଲେ ସ୍ଥାନୀୟ ଥାନା ଆଇଗିଣିଆ ଅଞ୍ଚଳରେ ରହୁଥିବା କେନ୍ଦ୍ରାପଡା ପାଟକୁରା ଥାନା ଅଞ୍ଚଳର ସୁଶୀଳ କୁମାର ପଣ୍ଡା। ଜାମିନ ନାମଞ୍ଜୁର ହେବାରୁ ତାଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି। ସୂଚନାନୁସାରେ, ଅଭିଯୋଗକାରୀ ଜଣକ ପଶ୍ଚିମବଙ୍ଗର ଅଧିବାସୀ ହୋଇଥିବାବେଳେ ଗତ ତିନିବର୍ଷ ହେବ ଭୁବନେଶ୍ୱରରେ ରହିଆସୁଛନ୍ତି। ତାଙ୍କ ନାବାଳିକା କନ୍ୟା ସହରର ଏକ ପ୍ରତିଷ୍ଠିତ ଇଂଲିଶ ମାଧ୍ୟମ ସ୍କୁଲ୍‌ରେ ପଢୁଥିବାରୁ ଘରେ ଓଡିଆ ପାଠ ପଢାଇବା ଲାଗି ସେ ଅଭିଯୁକ୍ତ ସୁଶୀଲଙ୍କୁ ନିଯୁକ୍ତି ଦେଇଥିଲେ। ସେ ସପ୍ତାହର ୨ଦିନ ତାଙ୍କ ଘରକୁ ଆସି ଝିଅକୁ ପାଠ ପଢାନ୍ତି। ପୂର୍ବଦିନଗୁଡ଼ିକ ଭଳି ଗତ ଜାନୁୟାରୀ ୨୫ ସନ୍ଧ୍ୟାରେ ଅଭିଯୁକ୍ତ ସୁଶୀଲ ନାବାଳିକା ଛାତ୍ରୀଙ୍କୁ ପାଠ ପଢାଉଥିବା ସମୟରେ ଭିତର ପାଖରୁ କବାଟ ବନ୍ଦ କରି ତାଙ୍କ ସହିତ ଜୋରଜବରଦସ୍ତ ଅଶାଳୀନ ବ୍ୟବହାର ପ୍ରଦର୍ଶନ କରିଥିଲେ। ପୁଣି ଏହାର ଦୁଇଦିନ ପରେ ଅଭିଯୁକ୍ତ ଜଣକ ପାଠ ପଢାଇବା ସମୟରେ ନାବାଳିକା ଛାତ୍ରୀଙ୍କୁ ଖରାପ ଭିଡିଓ ଦେଖିବା ଲାଗି ବାଧ୍ୟ କରିଥିଲେ। ଏନେଇ ଛାତ୍ରୀ ଜଣକ ପରିବାର ଲୋକଙ୍କୁ ଘଟଣା ସଂକ୍ରାନ୍ତରେ କହିବା ସହ ସେମାନଙ୍କ ସହଯୋଗରେ ଥାନାରେ ଅଭିଯୋଗ କରିଥିଲେ। ପୋଲିସ ଏକ ମାମଲା ନଂ.୬୯/୨୪ ରୁଜୁକରି ତଦନ୍ତ କରିଥିଲା।

### ପ୍ରେମ ସପ୍ତାହ

## ଆଜି ପ୍ରେମ ନିବେଦନ

ଭୁବନେଶ୍ୱର,୭।୨(ଶର୍ମିଷ୍ଠା ପାଣିଗ୍ରାହୀ)

'ପ୍ରେମ ସପ୍ତାହ' ବା ଭାଲେଣ୍ଟାଇନ ୱିକ୍ ଆରମ୍ଭ ହୋଇଯାଇଛି। ଏହି ସପ୍ତାହ ପାଳନର ବୁଧବାର ଥିଲା ପ୍ରଥମ ଦିନ। ପ୍ରଥମ ଦିନରେ ଗୋଲାପ ଦେଇ ଭଲ ପାଇବାର ସ୍ୱପ୍ନ ବାଣ୍ଟିଛନ୍ତି ପ୍ରେମୀ ଯୁଗଳ। ଗୁରୁବାର ହେଉଛି ପ୍ରପୋଜ୍ ଡେ' ବା ପ୍ରେମ ନିବେଦନ ଦିବସ। ଏହି ଦିବସରେ କିଏ ଗୋଲାପ ଫୁଲ ଦେଇକି ତ ଆଉ କିଏ ଅନ୍ୟ କିଛି ଉପହାର ଦେଇ ନିଜ ମନର କଥା ଅନ୍ୟକୁ କହିଥାନ୍ତି। ପରସ୍ପର ମଧ୍ୟରେ ପ୍ରେମ ନିବେଦନ ପାଇଁ ଓ ପ୍ରେମର କିଛି ମିଠାମିଠା କଥା ହେବାପାଇଁ ଏହି ଦିବସ ପ୍ରେମୀଯୁଗଳଙ୍କୁ



ଏକତ୍ରିତ କରିଥାଏ। ଅନେକଙ୍କ ସାଥୀ ଦୂରରେ ରହିଥାନ୍ତି। ସେଥିପାଇଁ ଭର୍ଚୁଆଲ ମାଧ୍ୟମରେ ଖୁସି କରିବାକୁ ମଧ୍ୟ ଅନେକ କିଛି କରିଥାନ୍ତି। ଛୋଟ ମେସେଜଟିଏ ମଧ୍ୟ ଏହି ଦିବସକୁ ଦ୍ୱିଗୁଣିତ କରିଥାଏ।

### ଫିକା ପଡ଼ିଲା ଗୋଲାପ ବିକ୍ରି

ବୁଧବାର ଗୋଲାପ ଦିବସ ଫିକା ପଡ଼ିଛି। ଦୋକାନଗୁଡ଼ିକରେ ଗୋଲାପ ଦିବସ ପାଇଁ ଧାଡ଼ି ହୋଇ ଗୋଲାପ ଫୁଲଠୁ ତୋଡ଼ା ସଜାଯାଇଥିଲା। ମାତ୍ର ଫିକା ପଡ଼ିଲା ବ୍ୟବସାୟ। ସାଧାରଣ ଦିନ ଭଳି ବିକ୍ରି ହୋଇଛି। ଦିବସ ପାଇଁ ସେମିତି ବିଶେଷ ବିକ୍ରି ହୋଇନାହିଁ। ୟୁନିଟ୍ ୪ରେ ଥିବା ବ୍ୟବସାୟୀ କହିଛନ୍ତି, ବର୍ଷକୁ ବର୍ଷ ଗୋଲାପ ଦିବସରେ ଗୋଲାପ ଫୁଲର ଚାହିଦା କମ୍ ହୋଇଯାଉଛି। କୋଭିଡ଼ ପରେ ଭାବୁଥିଲୁ ବୋଧେ ମହାମାରୀ ପାଇଁ ବ୍ୟବସାୟ ହେଉନି କିନ୍ତୁ ଏଥର ବି ସେମିତି ସମୟ ବଦଳିବା ସହ ଏହି ଦିବସଗୁଡ଼ିକରେ ବ୍ୟବସାୟ ମଧ୍ୟ କମି କମି ଯାଉଛି।

### ରେଲୱେ କର୍ମଚାରୀଙ୍କ ଘରୁ କଳାକନା ବୁଲାଇଲେ ଦୁର୍ବୃତ୍ତ

## ୪ଲକ୍ଷର ଅଳଙ୍କାର, ନଗଦ ୧୦ ହଜାର ଟଙ୍କା ଚୋରି

ଭୁବନେଶ୍ୱର,୭।୨(ସୂର୍ଯ୍ୟକାନ୍ତ ବେହେରା): ରାଜଧାନୀ ଭୁବନେଶ୍ୱର ଚୋର ଓ ଲୁଟେରାଙ୍କ ଚରାଭୂଇଁ ପାଲଟିଛି। ମଙ୍ଗଳବାର ବିଳମ୍ବିତ ରାତିରେ ପୁଣି ମଞ୍ଚେଶ୍ୱର ଥାନା ଅନ୍ତର୍ଗତ ଭୋଟପଡାରେ ଭଡାରେ ରହୁଥିବା ରେଳ କର୍ମଚାରୀ ପୂର୍ଣ୍ଣାନନ୍ଦ ଭୋଇଙ୍କ ଘରେ ଦୁର୍ବୃତ୍ତମାନେ କଳାକନା ବୁଲାଇଛନ୍ତି। ଏନେଇ ପୂର୍ଣ୍ଣାନନ୍ଦ ସ୍ଥାନୀୟ ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ଦୁର୍ବୃତ୍ତମାନେ ୩ରୁ ୪ ଲକ୍ଷ ଟଙ୍କାର ସୁନା ଅଳଙ୍କାର, ନଗଦ ୧୦ହଜାର ଟଙ୍କା ଓ ଅନ୍ୟାନ୍ୟ ସାମଗ୍ରୀ ଚୋରି ହୋଇଥିବା ନେଇ ଅଭିଯୋଗପତ୍ରରେ ଉଲ୍ଲେଖ କରିଛନ୍ତି। ପୋଲିସ ଘଟଣାସ୍ଥଳରେ ପହଞ୍ଚି ଆଖପାଖରେ ଲାଗିଥିବା ସିସିଟିଭି ଫୁଟେଜ ସଂଗ୍ରହ କରି ତଦନ୍ତ ଆରମ୍ଭ କରିଛି।

ସୂଚନାନୁସାରେ, ମଙ୍ଗଳବାର ସକାଳେ ପୂର୍ଣ୍ଣାନନ୍ଦ ଘରେ ତାଲା ପକାଇ ଶ୍ୱଶୁର ଘରକୁ ଯାଇଥିଲେ। ତାଙ୍କ ପୂର୍ବରୁ ପତ୍ନୀ ଓ ପିଲାମାନେ ଘରୁ ପଳାଇଥିଲେ। ତେଣୁ ଘରେ କେହି ନ ଥିବାର ସୁଯୋଗ ନେଇ ଲୁଟେରାମାନେ ବିଳମ୍ବିତ ରାତିରେ ଗେଟ ତାଲା ଭାଙ୍ଗି ଘରେ ପଶିଥିଲେ। ଗଡ଼ରେଜ ଭାଙ୍ଗି ସମସ୍ତ ସୁନା ଓ ରୁପା ଅଳଙ୍କାର ଚୋରି କରି ନେଇଥିଲେ। ଏଥିସହ ନଗଦ ୧୦ ହଜାର ଟଙ୍କା ଓ ଅନ୍ୟାନ୍ୟ ସାମଗ୍ରୀ ନେଇଯାଇଥିଲେ। ବୁଧବାର ସକାଳେ ପଡୋଶୀମାନେ ତାଲା ଭଙ୍ଗା ଯାଇଥିବା ଦେଖି ପୂର୍ଣ୍ଣାନନ୍ଦଙ୍କୁ ଫୋନ କରି କହିଥିଲେ। ଏହା ପରେ ପୂର୍ଣ୍ଣାନନ୍ଦ ଘରେ ପହଞ୍ଚି ଚୋରି ହୋଇଥିବା ଦେଖି ଥାନାରେ ଲିଖିତ ଅଭିଯୋଗ କରିଥିଲେ। ତେବେ ତାଲା ଭାଙ୍ଗି ରାତି ଅଧରେ ଚୋରି କରିବା ରାଜଧାନୀରେ ପ୍ରଥମ ଘଟଣା ନୁହେଁ। ବାରମ୍ବାର ଏମିତି ଘଟଣା ଘଟୁଥିଲେ ମଧ୍ୟ କମିଶନରେଟ ପୋଲିସ ଅପରାଧୀଙ୍କ ପାଖରେ ପହଞ୍ଚି ପାରୁନାହିଁ। ଜିଲା ପାଟ୍ରୋଲିଂ ଓ ଅଭିଯୁକ୍ତଙ୍କୁ ପୋଲିସ ଧରିପାରୁ ନ ଥିବାରୁ ଦିନକୁ ଦିନ ରାଜଧାନୀରେ ଚୋରି ବଢୁଥିବା ଅଭିଯୋଗ ହୋଇଛି।

## 'ଦୃଢ଼ ଇଚ୍ଛାଶକ୍ତି, କଠିନ ପରିଶ୍ରମ ଲକ୍ଷ୍ୟସ୍ଥଳରେ ପହଞ୍ଚାଏ'

ଭୁବନେଶ୍ୱର,୭।୨(ଅନୁରାଧା ମହାରଣା)

ଘାଟିକିଆସ୍ଥିତ ସରକାରୀ ଉଚ୍ଚ ବିଦ୍ୟାଳୟର ବାର୍ଷିକ ପୁରସ୍କାର ବିତରଣ ଉତ୍ସବ ବୁଧବାର ଉଦ୍‌ଘାଟିତ ହୋଇଯାଇଛି। ବିଦ୍ୟାଳୟର ଶିକ୍ଷକ ଜାନକୀ ବଲ୍ଲଭ ମିଶ୍ର ଅତିଥି ପରିଚୟ ପ୍ରଦାନ କରିବା ପରେ ମୁଖ୍ୟ ଅତିଥି ବିଦ୍ୟାଳୟ ଓ ଗଣଶିକ୍ଷାମନ୍ତ୍ରୀ ସୁଦାମ ମାର୍ଣ୍ଡି ଛାତ୍ରୀଛାତ୍ରଙ୍କ ଉତ୍ତମ ଶିକ୍ଷା ତଥା ଭବିଶ୍ୟତ ଗଠନ ଉପରେ ମତ ଦେଇଥିଲେ। ଦୃଢ଼ ଇଚ୍ଛାଶକ୍ତି ଓ କଠିନ ପରିଶ୍ରମ ଲକ୍ଷ୍ୟସ୍ଥଳରେ ପହଞ୍ଚାଇଥାଏ ବୋଲି ମନ୍ତ୍ରୀ କହିଥିଲେ। ସମ୍ମାନିତ ଅତିଥି ଭାବେ ବିଏମ୍‌ସି ମେୟର ସୁଲୋଚନା ଦାସ ବିଦ୍ୟାଳୟର ଉନ୍ନତି ପାଇଁ ସମସ୍ତ ସୁବିଧା ସୁଯୋଗ ପ୍ରଦାନ ନେଇ ପ୍ରତିଶ୍ରୁତି ଦେଇଥିଲେ। ଖୋର୍ଦ୍ଧା ଜିଲା ଶିକ୍ଷାଧିକାରୀ ବିଶ୍ୱନାଥ ତରାଇ ଛାତ୍ରୀଛାତ୍ରମାନଙ୍କୁ ଅଧ୍ୟବସାୟୀ ହୋଇ ବିଦ୍ୟାଳୟର ଯଶ ଅକ୍ଷୁଣ୍ଣ ରଖିବା ପାଇଁ ପରାମର୍ଶ ଦେଇଥିଲେ। ସ୍ଥାନୀୟ କର୍ପୋରେଟର କିରଣବାଳା ମାଝୀ, ଘାଟିକିଆ ଶିକ୍ଷା ଜାଗରଣ କମିଟିର ସଭାପତି ଦିଲ୍ଲୀପ କୁମାର ମାଝୀ, ମୋ ସ୍କୁଲ ଆଲୁମ୍ନି ପରିଷଦର ସଭାପତି ସମୀର ରଞ୍ଜନ ନନ୍ଦ, ବିଦ୍ୟାଳୟ ପରିଚାଳନା ପରିଷଦର ସଭାପତି ସନ୍ତୋଷ କୁମାର ପ୍ରଧାନ, ପ୍ରଧାନ ଶିକ୍ଷକ ପ୍ରଭାତ କୁମାର ରଥ ପ୍ରମୁଖ ଛାତ୍ରୀଛାତ୍ରଙ୍କ ଶିକ୍ଷା ଦିଗରେ ସୁଚିନ୍ତିତ ମତ ରଖିଥିଲେ। ଶିକ୍ଷା ଜାଗରଣ କମିଟିର ସଦସ୍ୟ ବିଭୂତି ଭୂଷଣ ଦାଶ, ଶିକ୍ଷୟିତ୍ରୀ ସ୍ମରିତା ଦାସ, କଲ୍ୟାଣୀ ଆଚାର୍ଯ୍ୟ, ନୀଳିମା ଶତପଥୀ, ସ୍ୱାଗତିକା ମହାନ୍ତି, ମମତା ନାୟକ, ଶିକ୍ଷକ ମିତ୍ରରଞ୍ଜନ ଦାଶ ଓ ଅଜୟ କୁମାର ନାୟକ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ବରିଷ୍ଠ ଶିକ୍ଷକ ବ୍ରହ୍ମାନନ୍ଦ ଓଝା ଧନ୍ୟବାଦ ଦେଇଥିଲେ।

## କୁଜିମହଲ ୟୁଜି ପ୍ରାଇମେରୀ ବିଦ୍ୟାଳୟର ବାର୍ଷିକ ଉତ୍ସବ

ଭୁବନେଶ୍ୱର,୭।୨(ଅନୁରାଧା ମହାରଣା)

ଚନ୍ଦକାସ୍ଥିତ କୁଜିମହଲ ୟୁଜି ପ୍ରାଇମେରୀ ବିଦ୍ୟାଳୟର ବାର୍ଷିକ ଉତ୍ସବ ତଥା ପୁରସ୍କାର ବିତରଣ ସମାରୋହ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ମୁଖ୍ୟମନ୍ତ୍ରୀଙ୍କ ମୁଖ୍ୟ ଉପଦେଷ୍ଟା ସୁରେଶ ଚନ୍ଦ୍ର ମହାପାତ୍ର ଯୋଗ ଦେଇଥିଲେ। ପଞ୍ଜାବ ନ୍ୟାଶନାଲ ବ୍ୟାଙ୍କର ଆଞ୍ଚଳିକ ମୁଖ୍ୟ(ଭୁବନେଶ୍ୱର) ଏ. ଉଦୟ ଭାସ୍କର ରେଡ୍ଡି ସମ୍ମାନିତ ଅତିଥି, ଏଆଇପିଏନ୍‌ବିଓଏର ଆସିଷ୍ଟାଣ୍ଟ ଜେନେରାଲ ସେକ୍ରେଟାରୀ ବୈଲୋଚନ



ସାହୁ ମୁଖ୍ୟବକ୍ତା ଭାବେ ଯୋଗ ଦେଇ ଛାତ୍ରୀଛାତ୍ରଙ୍କୁ ଉପାଦେୟ ପରାମର୍ଶ ଦେଇଥିଲେ। କାର୍ଯ୍ୟକ୍ରମରେ ଚନ୍ଦକା ସରପଞ୍ଚ ଅଜୟ ବେହେରା, ସମିତି ସଦସ୍ୟ ଆକାଶ ମାଝୀ, ସ୍କୁଲ ଅଧ୍ୟକ୍ଷ ସଞ୍ଜୟ କୁମାର ସାହୁ, ପୂର୍ବତନ ପ୍ରଧାନ ଶିକ୍ଷକ ପୂର୍ଣ୍ଣ ଚନ୍ଦ୍ର ପ୍ରଧାନ, ଗନ୍ଧର୍ବ ବେହେରା, ଧରଣୀଧର ବେହେରା, ଭାସ୍କର ବେହେରା, ଯୁଧିଷ୍ଠିର ଭୋଳ, ବାଇଧର ସାହୁ, ସୁକାନ୍ତ ବେହେରା, ଶତ୍ରୁଘ୍ନ ବେହେରା, ସନ୍ତୋଷ ପରିଡା, ପୁଲିନ ପ୍ରଧାନ, ଶିବାନନ୍ଦ ଭୋଳ ପ୍ରମୁଖ ଯୋଗଦେଇଥିଲେ। ବିଦ୍ୟାଳୟ ପାଇଁ ସ୍ୱତନ୍ତ୍ର ଅବଦାନ ପାଇଁ ନକୁଳ ପ୍ରଧାନଙ୍କୁ ପ୍ରଶଂସା କରାଯାଇଥିଲା।

## ୯ରୁ ଧଉଳି କଳିଙ୍ଗ ମହୋତ୍ସବ

### ବଢ଼ିଲା ପୁରସ୍କାର ରାଶି

ଭୁବନେଶ୍ୱର,୭।୨(ଶର୍ମିଷ୍ଠା ପାଣିଗ୍ରାହୀ)

ଆସନ୍ତା ୯ ତାରିଖରୁ ୩ଦିନିଆ ଧଉଳି-କଳିଙ୍ଗ ମହୋତ୍ସବ ଆରମ୍ଭ ହେବ। ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ, ଓଡିଶା ଡ୍ୟାନ୍ସ ଏକାଡେମୀ ଏବଂ ଓଡିଶା ସଙ୍ଗୀତ ନାଟକ ଏକାଡେମୀ ଓ ଆର୍ଟ ଭିଜନ ସହଯୋଗରେ ହେବାକୁ ଥିବା ଏହି ମହୋତ୍ସବରେ ଓଡିଶୀ ନୃତ୍ୟଶିଳ୍ପୀ ପଦ୍ମଶ୍ରୀ ମାଧବୀ ମୁଦ୍‌ଗଲଙ୍କୁ 'ବୁଦ୍ଧ ସମ୍ମାନ' ମିଳିବ। ଚଳିତ ବର୍ଷ ପୁରସ୍କାର ରାଶିକୁ ବୃଦ୍ଧି କରାଯାଇଥିବାବେଳେ ପୁରସ୍କାର ସ୍ୱରୂପ ତାଙ୍କୁ ୨ଲକ୍ଷ ଟଙ୍କା ପ୍ରଦାନ କରାଯିବ। ପୂର୍ବରୁ ଏହା ୧ଲକ୍ଷ ଥିଲା। ସେହିପରି ଗୁରୁ ଗଙ୍ଗାଧର ସ୍ମୃତି ସମ୍ମାନରେ ଗୁରୁ ରତିକାନ୍ତ ମହାପାତ୍ର, ଗୁରୁ ସିମାଞ୍ଚଳ ପାତ୍ର, ଗୁରୁ ଦେବେନ୍ଦ୍ର ନାରାୟଣ ଶତପଥୀ ଓ ଡ. ସିଦ୍ଧାର୍ଥ ମହାନ୍ତିଙ୍କୁ ୧ଲକ୍ଷ ଟଙ୍କା ଲେଖାଏ ପ୍ରଦାନ ପୂର୍ବକ ସମ୍ମାନିତ କରାଯିବ। ପୂର୍ବରୁ ଏହି ପୁରସ୍କାର ରାଶି ୫୦ହଜାର ଟଙ୍କା ଥିଲା। ବୁଧବାର ଡ୍ୟାନ୍ସ ଏକାଡେମୀ ପରିସରରେ ଆୟୋଜିତ ଖବରଦାତା ସମ୍ମିଳନୀରେ ଏନେଇ ସୂଚନା ଦିଆଯାଇଛି। ସମ୍ମିଳନୀରେ ଓଡ଼ିଆ ଭାଷା,ସାହିତ୍ୟ ଓ ସଂସ୍କୃତି ବିଭାଗର କମିଶନର ତଥା ସଚିବ ସୁଜାତା କାର୍ତ୍ତିକେୟନ, ବିଭାଗୀୟ ନିର୍ଦ୍ଦେଶକ ଦିଲୀପ ରାଉତରାଏ , ପଦ୍ମଶ୍ରୀ ଅରୁଣା ମହାନ୍ତି, ଓଡ଼ିଶା ସଙ୍ଗୀତ ନାଟକ ଏକାଡେମୀ ସଚିବ ପ୍ରବୋଧ ରଥ ଉପସ୍ଥିତ ଥିଲେ।



ଖବରଦାତା ସମ୍ମିଳନୀରେ ବିଭାଗର କମିଶନର ତଥା ସଚିବ ସୁଜାତା କାର୍ତ୍ତିକେୟନ ସୂଚନା ଦେଉଛନ୍ତି।

# ପୁଣି ଆନ୍ଦୋଳନକୁ ଓହ୍ଲାଇଲେ ମାଧ୍ୟମିକ ଶିକ୍ଷକ

### ପାଠପଢ଼ା, ପରୀକ୍ଷା ପ୍ରଭାବିତ ଆଶଙ୍କା

ଭୁବନେଶ୍ୱର, ୭।୨(ଅସମାପିକା ସାହୁ)

ବିଭିନ୍ନ ଦାବି ନେଇ ପୁଣି ଆନ୍ଦୋଳନକୁ ଓହ୍ଲାଇଛନ୍ତି ମାଧ୍ୟମିକ ଶିକ୍ଷକ। ସରକାର ଦେଇଥିବା ପ୍ରତିଶ୍ରୁତି ପୂରଣ ନ ହେବା ପ୍ରତିବାଦରେ ଓଡ଼ିଶା ମାଧ୍ୟମିକ ସ୍କୁଲ ଶିକ୍ଷକ ସଂଘ(ଓସ୍ଷ୍ଟା) ପକ୍ଷରୁ ବୁଧବାର ରାଜଧାନୀ ଲୋୟର ପିଏମ୍‌ଜିରେ ବଡ଼ ସମାବେଶ କରାଯାଇଥିଲା। ଏଥିରେ ହଜାର ହଜାର ଶିକ୍ଷୟିତ୍ରୀ, ଶିକ୍ଷକ, ଶିକ୍ଷା କର୍ମଚାରୀ, ଅଭିଭାବକ, ପୁରାତନ ଛାତ୍ର ଓ ପରିଚାଳନା କମିଟି ସଦସ୍ୟ ଏକତ୍ରିତ ହୋଇ ତୀବ୍ର ଅସନ୍ତୋଷ ପ୍ରକାଶ କରିଥିଲେ। ଅନୁଦାନ ପାଇନଥିବା ବିଦ୍ୟାଳୟକୁ ଅନୁଦାନ, ନୂତନ ଅନୁଦାନପ୍ରାପ୍ତ ବିଦ୍ୟାଳୟରୁ ଅବସର ନେଉଥିବା ଶିକ୍ଷକ ଓ କର୍ମଚାରୀଙ୍କୁ ଅବସରକାଳୀନ ସୁବିଧା ପ୍ରଦାନ, ୨୨୬ ଓ ୩୯୯ ବିଦ୍ୟାଳୟକୁ ସପ୍ତମ ବେତନ ପ୍ରଦାନ ଆଦି ଦାବି ପୂରଣ ପାଇଁ ସରକାର ବାରମ୍ବାର ପ୍ରତିଶ୍ରୁତି ଦେଇ ପାଳନ କରୁ



ଓଡ଼ିଶା ମାଧ୍ୟମିକ ସ୍କୁଲ୍ ଶିକ୍ଷକ ସଂଘ ପକ୍ଷରୁ ପିଏମ୍‌ଜିଠାରେ ଆୟୋଜିତ ଶୋଭାଯାତ୍ରା।

ନ ଥିବାରୁ ଶିକ୍ଷକମାନେ ଆନ୍ଦୋଳନକୁ ଓହ୍ଲାଇଥିବା ଓସ୍ଷ୍ଟାର ସାଧାରଣ ସମ୍ପାଦକ ରଞ୍ଜନ କୁମାର ଦାଶ କହିଛନ୍ତି। ଦାବି ପୂରଣ ଦିଗରେ ମୁଖ୍ୟମନ୍ତ୍ରୀ ନିଜେ ହସ୍ତକ୍ଷେପ କରନ୍ତୁ। ସମସ୍ୟା ସମାଧାନ ନ କଲେ ଓସ୍ଷ୍ଟା ଯେକୌଣସି ପରିସ୍ଥିତିକୁ ସମ୍ମୁଖୀନ ହେବାକୁ ବାଧ୍ୟ ହେବ। ଦାବି ପୂରଣ ନ ହେବା ପର୍ଯ୍ୟନ୍ତ ଏହି ଆନ୍ଦୋଳନ ଚାଲୁ ରହିବ ବୋଲି ଓସ୍ଷ୍ଟା ସଭାପତି ଅକ୍ଷୟ କୁମାର ମିଶ୍ର, କାର୍ଯ୍ୟକାରୀ ସଭାପତି ନୀଳମଣି ପୁରୋହିତ, ଯୁଗ୍ମ ସାଧାରଣ ସମ୍ପାଦକ ବ୍ରଜକିଶୋର ବିଶ୍ୱାଳ, କୋଷାଧ୍ୟକ୍ଷ ଅଶୋକ କୁମାର ମହାପାତ୍ର, ଶିକ୍ଷାପ୍ରଦୀପ ସମ୍ପାଦକ ଶଙ୍କର କୁମାର ସୁବୁଦ୍ଧି ପ୍ରମୁଖ ସରକାରଙ୍କ ନିକଟରେ ଦୃଢ଼ ଦାବି କରିଛନ୍ତି। ୩୦ ବର୍ଷରୁ ଅଧିକ ସମୟ ଧରି ନିରବଚ୍ଛିନ୍ନ ଚାକିରି କରିବା ପରେ ମଧ୍ୟ ଶୂନ୍ୟହସ୍ତରେ ଅବସର ଓ ୨୦ରୁ ୨୫ ବର୍ଷ ବିନା ଅନୁଦାନରେ କାମ କରିଥିବା ଶିକ୍ଷକଙ୍କୁ ନ୍ୟାୟ ପ୍ରଦାନ ଦାବିରେ ଶିକ୍ଷକମାନେ ଆନ୍ଦୋଳନକୁ ଓହ୍ଲାଇଥିବା ସେମାନେ କହିଛନ୍ତି।

ସେପଟେ ଶିକ୍ଷକଙ୍କ ଆନ୍ଦୋଳନ ଯୋଗୁ ପାଠପଢ଼ା ସହ ଆଗକୁ ହେବାକୁ ଥିବା ପରୀକ୍ଷା ପ୍ରଭାବିତ ହେବ ବୋଲି କୁହାଯାଉଛି। ମାଧ୍ୟମିକ ଶିକ୍ଷା ପରିଷଦ ଦ୍ୱାରା ପରିଚାଳିତ ମାଟ୍ରିକ ପରୀକ୍ଷା ଆସନ୍ତା ୨୦ ତାରିଖରୁ ଆରମ୍ଭ ହେବ। ୬ ଲକ୍ଷରୁ ଅଧିକ ଛାତ୍ରୀଛାତ୍ର ପରୀକ୍ଷାରେ ଅଂଶଗ୍ରହଣ କରିବେ। ପରୀକ୍ଷାର ସୁପରିଚାଳନା ପାଇଁ ପରିଷଦ ପକ୍ଷରୁ ସମସ୍ତ ପ୍ରସ୍ତୁତି ଶେଷ ପର୍ଯ୍ୟାୟରେ ପହଞ୍ଚିସାରିଥିବାବେଳେ ଏବେ ଶିକ୍ଷକ ଆନ୍ଦୋଳନ ପରୀକ୍ଷା ପରିଚାଳନାକୁ ନେଇ ଆଶଙ୍କା ଦେଖାଦେଇଛି।

## ସଂକ୍ଷେପରେ

### ହାତୀ ଉପଦ୍ରବ: ଚାରା ନଷ୍ଟ କଲେ, ପାଚେରି ଭାଙ୍ଗିଲେ

ଗମ୍ଭାରୀମୁଣ୍ଡା,୭।୨(ଦିଲୀପ ସ୍ୱାଇଁ)

ଖୋର୍ଦ୍ଧା ଜିଲା ଚିଲିକା ବ୍ଲକ ହରିପୁର ପଞ୍ଚାୟତ ଅନ୍ତର୍ଗତ କୁକୁଡାଝର ଓ ଶ୍ରୀଜଗନ୍ନାଥ ବିହାର ଅଞ୍ଚଳରେ ମଙ୍ଗଳବାର ରାତିରେ ଦନ୍ତା ହାତୀ ସହ ହାତୀପଲ ପଶି ଉପଦ୍ରବ କରିଛନ୍ତି। ସ୍ଥାନୀୟ ଅଞ୍ଚଳର ସଞ୍ଜୟ ବେହେରା ଓ ଅକ୍ଷୟ ଭୋଳଙ୍କ ନବ ନିର୍ମିତ ଫାର୍ମ ହାଉସ ଏବଂ ବଗିଚାରେ ପଶି ସେଠାର ଆମ୍ବ, ପଣସ ଓ ନଡ଼ିଆ ଚାରା ନଷ୍ଟ କରିବା ସହ ବିଭିନ୍ନ ଗଛପତ୍ର, ସ୍ଥାୟୀ ପାଚେରି ଭୁଶୁଡାଇ ଦେଇଛନ୍ତି। ଏଥିସହ ସ୍ଥାନୀୟ ମିଳନ ବାଳା ପ୍ରଧାନଙ୍କ ବାରିରେ ପଶିବା ପରେ ନିକଟ ହରିପୁର ଡିପିଏଫ୍ ଜଙ୍ଗଲକୁ ପଳାଇଛନ୍ତି। ଫଳରେ ସ୍ଥାନୀୟ ଅଞ୍ଚଳର ଲୋକଙ୍କ ମଧ୍ୟରେ ଏକ ପ୍ରକାର ଭୟର ବାତାବରଣ ଖେଳିଯାଇଛି। କ୍ଷୟକ୍ଷତିର ଆକଳନ ପାଇଁ ହରିପୁର ସରପଞ୍ଚ ଗୀତାଞ୍ଜଳି ବେହେରା ଓ ପ୍ରତିନିଧି ବିଜୟ ବେହେରା ଘଟଣାସ୍ଥଳରେ ପହଞ୍ଚି ଆବଶ୍ୟକ ପଦକ୍ଷେପ ନେବାକୁ ଟାଙ୍ଗୀ ବନ ବିଭାଗ ଅଧିକାରୀଙ୍କୁ ନିବେଦନ କରିଥିବା ଜଣାପଡ଼ିଛି।

### ମା' ଜାଗୁଳାଈ ଫୁଟ୍‌ବଲ ଟୁର୍ନାମେଣ୍ଟ: ସେମିରେ ଭୁବନେଶ୍ୱର

ବେଗୁନିଆ,୭।୨(ହରପ୍ରସନ୍ନ ପଣ୍ଡା)

ବେଗୁନିଆ ବ୍ଲକ ଅଧୀନ ଗୌଡିଆପଡ଼ା-ଇନ୍ଦିପୁର ଗ୍ରାମସ୍ଥିତ ଖେଳପଡ଼ିଆ ପରିସରରେ ଚାଲୁଥିବା ମା' ଜାଗୁଳାଈ ଫୁଟ୍‌ବଲ ଟୁର୍ନାମେଣ୍ଟର କ୍ୱାର୍ଟର ଫାଇନାଲ ମ୍ୟାଚ୍ ବୁଧବାର ଅନୁଷ୍ଠିତ ହୋଇଯାଇଛି। ଜୟଦୁର୍ଗା ଫୁଟ୍‌ବଲ କ୍ଲବ ଆନୁକୂଲ୍ୟରେ ଆୟୋଜିତ ମ୍ୟାଚ୍ ଟାଙ୍ଗୀର ରଘୁନାଥ କ୍ଲବ ଓ ଭୁବନେଶ୍ୱରର ନ୍ୟୁ ୟୁଥ୍ କ୍ଲବ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ଏଥିରେ ନ୍ୟୁ ୟୁଥ୍ କ୍ଲବ ୧-୦ ଗୋଲରେ ବିଜୟୀ ହୋଇ ସେମିରେ ପ୍ରବେଶ କରିଛି। ମ୍ୟାଚର ପ୍ରଥମାର୍ଦ୍ଧରେ ଏହି ଗୋଲ ସ୍କୋର ହୋଇଥିଲା। ମ୍ୟାଚ ରେଫରି ଚିତ୍ତରଞ୍ଜନ ପରିଡ଼ା, ସୁକାନ୍ତ ପ୍ରଧାନ ଏବଂ ଚିତ୍ରସେନ ପରିଡ଼ା ପରିଚାଳନା କରିଥିଲେ। ପୁରସ୍କାର ବିତରଣ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଶିକ୍ଷାବିତ୍ ଶେଖ ମଞ୍ଜୁର, ଅତିଥି ଭାବେ ପ୍ରଶାନ୍ତ ପାଢଶାଣୀ, ଲକ୍ଷ୍ମୀଧର ଚୌଧୁରୀ, କୃଷ୍ଣଚନ୍ଦ୍ର ବେହେରା, ବଳଭଦ୍ର ପାଢଶାଣୀ ପ୍ରମୁଖ ଯୋଗଦେଇ ଖେଳାଳିଙ୍କୁ ଉତ୍ସାହିତ କରିଥିଲେ। ଭୁବନେଶ୍ୱର ଦଳର ଖେଳାଳି ବିକ୍ରମ ନାୟକଙ୍କୁ ମ୍ୟାନ୍ ଅଫ୍ ଦି ମ୍ୟାଚ୍ ବିବେଚିତ କରାଯାଇଥିଲା। ଗୁରୁବାର ଭୁବନେଶ୍ୱର ସେଭେନ ଟୁ କ୍ଲବ ଓ ପାଇକି ଡିଗିରିଆର ଏଜେ କ୍ଲବ ମଧ୍ୟରେ ମ୍ୟାଚ୍ ଅନୁଷ୍ଠିତ ହେବ ବୋଲି ଆୟୋଜକ କ୍ଲବ ପକ୍ଷରୁ ସୂଚନା ଦିଆଯାଇଛି।

# କାମରେ ଲାଗୁନି ୨ ଥାନାର ନୂତନ କୋଠା

ଖୋର୍ଦ୍ଧା,୭।୨ (ପ୍ରଭାତ ପାଣିଗ୍ରାହୀ)

## ପୁରୁଣା କୋଠା ଫାଟିଲାଣି, ଅନାବନା ଗଛଲତା ମାଡ଼ିଗଲାଣି




ଖୋର୍ଦ୍ଧା ବକ୍ସି ଜଗବନ୍ଧୁ ବିଦ୍ୟାଧର ଉଚ୍ଚ ବିଦ୍ୟାଳୟ ଛାତ୍ରାବାସରେ ଚାଲିଛି ଆଦର୍ଶ (ଟାଉନ) ଥାନା। ଅନ୍ୟପଟେ ଟ୍ରାଫିକ ଛକ ନିକଟରେ ଆଦର୍ଶ ଥାନାର ନୂତନ କୋଠା ନିର୍ମାଣ ସରିଛି। ନିର୍ମାଣକୁ ପ୍ରାୟ ଏକ ବର୍ଷ ବିତିଲାଣି। ଅଥଚ ନୂତନ କୋଠାକୁ ଥାନା ସ୍ଥାନାନ୍ତର କରାଯାଉନାହିଁ। ବାଘମାରୀ ଥାନାର ସମାନ ଦୃଶ୍ୟ। ଏହି ଥାନା ନିକଟରେ ନୂତନ ଥାନା କୋଠା ନିର୍ମାଣ ସରିଛି। ତେବେ ଏହାକୁ ମଧ୍ୟ ସ୍ଥାନାନ୍ତର କରାଯାଇନାହିଁ। ସେପଟେ ସ୍ଥାନାଭାବ ଯୋଗୁ ଥାନାରେ କୌଣସି କାର୍ଯ୍ୟ ହୋଇପାରୁନଥିବା ବେଳେ ବିଭିନ୍ନ ଅଭିଯୋଗ ନେଇ ଆସୁଥିବା ଲୋକେ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଆଦର୍ଶ ଥାନାର ସମସ୍ୟା ନ କହିଲେ ଭଲ। ଏଠି ଅଭିଯୋଗକାରୀ ବସିବା ପାଇଁ ଆବଶ୍ୟକ ଚେୟାର ଟେବୁଲ ନାହିଁ। ଥାନାକୁ ଆସୁଥିବା ଲୋକେ ଗଛମୂଳେ ବସୁଥିବା ଦେଖିବାକୁ ମିଳିଛି। ଅନ୍ୟପଟେ ଲକ୍ଷାଧିକ ଟଙ୍କା ବ୍ୟୟରେ ନିର୍ମାଣ ହୋଇଥିବା ବାଘମାରୀ ଥାନାର କୋଠା ଭୂତକୋଠି ପାଲଟିଛି। କୋଠାର କାନ୍ଥ ଫାଟିଲାଣି। କୋଠା ଚାରିପଟେ ଅନାବନା ଗଛଲତା ମାଡ଼ିଗଲାଣି। ଖୋର୍ଦ୍ଧା ଆଦର୍ଶ ଥାନା କୋଠା ନିର୍ମାଣ ପାଇଁ ବିଜେବି ହାଇସ୍କୁଲର ଛାତ୍ରାବାସ କୋଠାକୁ ସ୍ଥାନାନ୍ତର ହୋଇଥିଲା। ଇତିମଧ୍ୟରେ ୫ବର୍ଷ ବିତିଗଲାଣି। କୋଠା ନିର୍ମାଣ ସରିଥିବା ସତ୍ତ୍ୱେ କାହିଁକି ଖୋର୍ଦ୍ଧା ପୋଲିସ ଛାତ୍ରାବାସ ଛାଡୁନି ବୋଲି କହି ବିଜେବି ହାଇସ୍କୁଲ ଆଲୁମିନି କମିଟି ସଦସ୍ୟ ଉଦ୍‌ବେଗ ପ୍ରକାଶ କରିଛନ୍ତି। ଏକ ବିଦ୍ୟାଳୟ ସମ୍ପତ୍ତିକୁ ଖୋର୍ଦ୍ଧା ପୋଲିସ ମାଡିବସିଥିବା ସାଧାରଣରେ ଆଲୋଚନା ହେଉଛି। ଗୁରୁତ୍ୱପୂର୍ଣ୍ଣ ଟାଉନ ଥାନା ଅଧୀନରେ ଖୋର୍ଦ୍ଧା ସହର ସମେତ ଆଖପାଖ ଗ୍ରାମାଞ୍ଚଳ ଥିବାବେଳେ ଉଭୟ ପାର୍ଶ୍ୱରେ ୧୬ ଓ ୫୭ ନମ୍ବର ଜାତୀୟ ରାଜପଥ ରହିଛି। ପ୍ରାୟ ଅଧିକାଂଶ ସମୟରେ ଆଇନଶୃଙ୍ଖଳା ପରିସ୍ଥିତି ସୃଷ୍ଟି ହୋଇଥାଏ। ଏହାର ନବକଳେବର ପାଇଁ ପୋଲିସ ପ୍ରଶାସନ କାହିଁକି ଗୁରୁତ୍ୱ ଦେଉନାହିଁ ବୋଲି ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଏନେଇ ଜନଜାଗରଣ ପରିବାର ଆବାହକ ରଣଜିତ ମହାପାତ୍ର କହିଛନ୍ତି, ସରକାର ଟାଉନ ଥାନାକୁ ଆଦର୍ଶ ଥାନା ଘୋଷଣା କରିଛନ୍ତି। ତେବେ ଗତ କିଛିବର୍ଷ ହେବ ଏହା ଛାତ୍ରାବାସରେ ଚାଲୁଛି। ଏକ ଶିକ୍ଷାନୁଷ୍ଠାନ ଜାଗାରେ ଥାନା ଚାଲୁଥିବାବେଳେ ନବନିର୍ମିତ କୋଠାକୁ ବାରମ୍ବାର ଦାବି ସତ୍ତ୍ୱେ ସ୍ଥାନାନ୍ତର କରାଯାଉନାହିଁ। ସେପଟେ ସ୍ଥାନାଭାବ ଯୋଗୁ ଲୋକେ ଘଣ୍ଟା ଘଣ୍ଟା ଧରି ଥାନାରେ ଠିଆହୋଇ ରହୁଛନ୍ତି। ଏଥିରୁ ବରିଷ୍ଠ ନାଗରିକ ମଧ୍ୟ ବାଦ ପଡୁନାହାନ୍ତି। ଥାନାରେ ବସିବା ପାଇଁ ଜାଗା ନ ଥିବାବେଳେ ଶୌଚାଳୟ, ପାନୀୟଜଳ ବ୍ୟବସ୍ଥା ନାହିଁ। ନୂତନ କୋଠା ନିର୍ମାଣକୁ ବର୍ଷେ ବିତିଲାଣି। ତଥାପି ଏହାକୁ କାହିଁକି କାର୍ଯ୍ୟକ୍ଷମ କରାଯାଉନାହିଁ ବୋଲି ସେ ପ୍ରଶ୍ନ କରିଛନ୍ତି। ଏନେଇ ସେ ଜିଲାପାଳ ଏବଂ ଏସ୍‌ପିଙ୍କ ଦୃଷ୍ଟି ଆକର୍ଷଣ କରିଥିବା ସୂଚନା ଦେଇଛନ୍ତି। ଖୁବଶୀଘ୍ର ଏହି ଦୁଇ ଥାନା ସ୍ଥାନାନ୍ତର କରାଯିବ ବୋଲି ଏସ୍‌ପି ସିଦ୍ଧାର୍ଥ କଟାରିଆ କହିଛନ୍ତି।

# ୧ ଲକ୍ଷ ୯୪ ହଜାର ୫୭୫ ଟଙ୍କା ମିଳିଲା



ଗମ୍ଭାରୀମୁଣ୍ଡା,୭।୨(ଦିଲୀପ ସ୍ୱାଇଁ)

## ଖୋଲିଲା ମା' ଭଗବତୀ ମନ୍ଦିରର ଭିତର ହୁଣ୍ଡି

ଦୀର୍ଘ ୫ ମାସର ବ୍ୟବଧାନ ପରେ ମା' ଭଗବତୀଙ୍କ ମନ୍ଦିର ହୁଣ୍ଡି ବୁଧବାର ଖୋଲାଯାଇଛି। ମନ୍ଦିର ପରିଚାଳନା କମିଟି ସଭାପତି ସ୍ଥାନୀୟ ତହସିଲଦାର ଟି. ପଦ୍ମନାଭ ଦୋରା, ଥାନା ଏସଆଇ ସଞ୍ଜୟ ପାତ୍ର ଓ କାର୍ଯ୍ୟନିର୍ବାହୀ ଅଧିକାରୀ ବାଳମୁକୁନ୍ଦ ଦାସ ମା'ଙ୍କ ପାଖରେ ପ୍ରଦୀପ ପ୍ରଜ୍ୱଳନ ପୂର୍ବକ ପୂଜାର୍ଚ୍ଚନା ପରେ ସମର୍ପିତ ହୋଇ ମା'ଙ୍କ ଭିତରହୁଣ୍ଡି ଖୋଲିଥିଲେ। ଏଥିରୁ ସମୁଦାୟ ୧ ଲକ୍ଷ ୯୪ ହଜାର ୫୭୫ ଟଙ୍କା ସହ ମଇଳା ଓ ପଥରଥାଇ ୧୮ କ୍ୟାରେଟ ବିଶିଷ୍ଟ ୦. ୬୧୦ ଗ୍ରାମ ଓଜନର ଏକ ସୁନାର କାନଫୁଲ, ୯. ୭୧୦ ଗ୍ରାମ ଓଜନର ଏକ ରୂପାର ଖଡୁ(ବଳା) ୦. ୧୬୦ ଗ୍ରାମର ଏକ ରୂପା ଆଖି ସଂଗ୍ରହ କରାଯାଇଛି। ଅର୍ଥକୁ ସ୍ଥାନୀୟ ୟୁକୋ ବ୍ୟାଙ୍କରେ ମା'ଙ୍କ କାର୍ଯ୍ୟାଳୟ ନାମରେ ଥିବା ଜମାଖାତାରେ ଜମା ରଖାଯିବା ସହିତ ସୁନା ରୂପା ଗହଣା କାର୍ଯ୍ୟାଳୟ ଟ୍ରେଜେରିରେ ରଖାଯାଇଛି। ଏଥିରେ କାର୍ଯ୍ୟାଳୟ କର୍ମଚାରୀ ସୁରେନ୍ଦ୍ର ସାହୁ, ଅକ୍ଷୟ ମିଶ୍ର, ଅଶ୍ୱିନୀ ମିଶ୍ର, କମଳ ମିଶ୍ର, ମନ୍ଦିର ପୂଜକ ପ୍ରକାଶ ଚନ୍ଦ୍ର ପରିଛା ସାଆନ୍ତ, ପାଳିଆ ମାଳି ସେବକ ଗୋପୀ ନାୟକ ପ୍ରମୁଖ ସହଯୋଗ କରିଥିଲ। ଏହି ଦାନ ଅର୍ଥ ମା'ଙ୍କ ଦୈନନ୍ଦିନ ନୀତିକାନ୍ତି ସେବାରେ ଲାଗିବ ବୋଲି ମନ୍ଦିର କାର୍ଯ୍ୟାଳୟରୁ ପ୍ରକାଶ ପାଇଛି।

# ଟିକାତାଳ ସ୍ୱାମୀ ବିବେକାନନ୍ଦ ସଂସ୍କୃତ ବିଦ୍ୟାପୀଠର ବାର୍ଷିକୋତ୍ସବ



ସ୍ୱାମୀ ବିବେକାନନ୍ଦ ସଂସ୍କୃତ ବିଦ୍ୟାପୀଠର ବାର୍ଷିକ ଉତ୍ସବରେ ଅତିଥିଙ୍କ ଗହଣରେ କୃତୀ ଛାତ୍ରୀଛାତ୍ର।

ବୋଲଗଡ଼,୭।୨(ଦେବବ୍ରତ ହୋତା)

ବୋଲଗଡ଼ ବ୍ଲକ ପିତୁକୁଳି ପଞ୍ଚାୟତ ଅଧୀନ ଟିକାତାଳସ୍ଥ ସ୍ୱାମୀ ବିବେକାନନ୍ଦ ସଂସ୍କୃତ ବିଦ୍ୟାପୀଠରେ ବାର୍ଷିକ ପୁରସ୍କାର ବିତରଣ ଉତ୍ସବ ବୁଧବାର ଅନୁଷ୍ଠିତ ହୋଇଯାଇଛି। ଅଶୋକ ସାହୁ ଏଥିରେ ସଭାପତିତ୍ୱ କରିଥିଲେ। ମୁଖ୍ୟ ଅତିଥି ଭାବେ ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ କୈଳାସ ନାଥ ସ୍ୱାଇଁ, ମୁଖ୍ୟବକ୍ତା ଭାବେ ଶିକ୍ଷାବିତ୍ ନାରାୟଣ ଛୁଆଳସିଂ ଯୋଗଦେଇ ସରକାରୀ ବିଦ୍ୟାଳୟ ଶିକ୍ଷା ବ୍ୟବସ୍ଥାରେ ଅଭିଭାବକଙ୍କ ଭୂମିକା ସମ୍ପର୍କରେ ଆଲୋଚନା କରିଥିଲେ। ସମ୍ମାନିତ ଅତିଥି ଭାବେ ଅନ୍ୟତମ ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ ଅମିତା ମିଶ୍ର, ପ୍ରାକ୍ତନ ମୁଖ୍ୟ ପଣ୍ଡିତ ନଳିନୀ ସାହୁ, ପ୍ରଧାନ ଶିକ୍ଷକ ମନୋଜ ଗୁମାନସିଂ, ଆଞ୍ଚଳିକ ସାଧନ କେନ୍ଦ୍ର ସଂଯୋଜକ ଗଙ୍ଗାଧର ବେହେରା, ସ୍ଥାନୀୟ ସରପଞ୍ଚ ଜୟନ୍ତୀ ପ୍ରଧାନ ପ୍ରମୁଖ ଯୋଗଦେଇଥିଲେ। ଏହି ଅବସରରେ ଓଡ଼ିଆ ଭାଷା ସାହିତ୍ୟର ବିଭିନ୍ନ ବିଭାଗରେ ଛାତ୍ରୀଛାତ୍ରଙ୍କ ଦକ୍ଷତା ପ୍ରଦର୍ଶନ ନିମନ୍ତେ ପୁରସ୍କାର ପ୍ରଦାନ କରାଯାଇଥିଲା। ଶିକ୍ଷକ ପ୍ରଫୁଲ୍ଲ ସିଂ ସଭାକୁ ସଂଯୋଜନା କରିଥିଲେ। ମୋ ସ୍କୁଲ ଆଲୁମ୍‌ନି କମିଟି ପକ୍ଷରୁ ଗୋପାଳ ବେହେରା, ଦୀପକ ପାଢଶାଣୀ, ନାରାୟଣ ସାମନ୍ତରାୟ, ପ୍ରଶାନ୍ତ ପାଲଟାସିଂ, ପଦ୍ମଲୋଚନ ମହାପାତ୍ର ପ୍ରମୁଖ ସହଯୋଗ କରିଥିଲେ। ପ୍ରଧାନଶିକ୍ଷକ ବିଦ୍ୟାଧର ସାହୁ ସ୍ୱାଗତ ଅଭିଭାଷଣ ପ୍ରଦାନ କରିଥିଲେ। ଗୋବିନ୍ଦ ବେହେରା ଧନ୍ୟବାଦ ଦେଇଥିଲେ। ଛାତ୍ରୀଛାତ୍ରମାନେ ମନୋଜ୍ଞ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ।

## ୫୩ ବରିଷ୍ଠ ନାଗରିକଙ୍କୁ ପରିଚୟପତ୍ର ବିତରଣ ଉତ୍ସବ

ଟାଙ୍ଗୀ- ଖୋର୍ଦ୍ଧା,୭।୨(ରଘୁନାଥ ସାହୁ)

ଟାଙ୍ଗୀ ଆଞ୍ଚଳିକ ବରିଷ୍ଠ ନାଗରିକ ମଞ୍ଚ ଆନୁକୂଲ୍ୟରେ ଟାଙ୍ଗୀ ଥାନା ପକ୍ଷରୁ ବରିଷ୍ଠ ନାଗରିକ ପରିଚୟପତ୍ର ବିତରଣ ଉତ୍ସବ ବୁଧବାର ଅନୁଷ୍ଠିତ ହୋଇଯାଇଛି। ବରିଷ୍ଠ ନାଗରିକ ମଞ୍ଚର ସଂଯୋଜକ ବିଜୟ ରାଉତ ଓ ବରିଷ୍ଠ ଖବରଦାତା ରଘୁନାଥ ସାହୁଙ୍କ ସଂଯୋଜନାରେ ଟାଙ୍ଗୀ, ବଡ଼ପାରୀ, କୁହୁଡ଼ି, ରତନପୁର, ମଙ୍ଗଳାଯୋଡ଼ି, ସୁନ୍ଦରପୁର, କଳକଳେଶ୍ୱର ପଞ୍ଚାୟତର ୫୩ଜଣ ବରିଷ୍ଠ ନାଗରିକଙ୍କୁ ପରିଚୟପତ୍ର ବିତରଣ କରାଯାଇଥିଲା। ମୁଖ୍ୟ ଅତିଥି ଭାବେ ଟାଙ୍ଗୀ ଥାନା ଆଇଆଇସି ସୁଶାନ୍ତ ବେହେରା, ସମ୍ମାନିତ ଅତିଥି ଭାବେ ଡାକ୍ତର ମଧୁସୂଦନ ସେନାପତି, ସାମାଜିକ କର୍ମୀ ଆଇନଜୀବୀ ରମେଶଚନ୍ଦ୍ର ବେହେରା ପ୍ରମୁଖ ଯୋଗଦେଇଥିଲେ। ପରିଚୟପତ୍ର ଦ୍ୱାରା ବରିଷ୍ଠ ନାଗରିକଙ୍କୁ ବିଭିନ୍ନ କ୍ଷେତ୍ରରେ ସୁବିଧା ମିଳିପାରୁଥିବା ଅତିଥିମାନେ କହିଥିଲେ। ବରିଷ୍ଠ ନାଗରିକଙ୍କ ବିଭିନ୍ନ ସମସ୍ୟାକୁ ଅଗ୍ରାଧିକାର ଭିତ୍ତିରେ ସମାଧାନ ଓ ସହଯୋଗ କରିବାକୁ ଆଇଆଇସି ବେହେରା ପ୍ରତିଶ୍ରୁତି ଦେଇଥିଲେ। ବରିଷ୍ଠ ନାଗରିକ ଘନଶ୍ୟାମ ମହାନ୍ତି, କୁବେର କଳସ, ଅରୁଣ ରଞ୍ଜନ ମହାନ୍ତି, ଗୋବିନ୍ଦଚନ୍ଦ୍ର ସାହୁ, କାହ୍ନୁଚରଣ ମିଶ୍ର, ଲିଙ୍ଗରାଜ ସାହୁ, ସଚିତ୍ର ସାମନ୍ତରାୟ, ପଠାଣି ସୁନ୍ଦରାୟ, ପ୍ରଶାନ୍ତ ବିଶ୍ୱାଳ, ମନୋଜ ମାନସିଂ, ଦିବାକର ରାଉତ, ଲକ୍ଷ୍ମୀଧର ଜେନା ପ୍ରମୁଖ ଉପସ୍ଥିତ ଥିଲେ। ଟାଙ୍ଗୀ ଥାନା ଅଧୀନ ସମସ୍ତ ପଞ୍ଚାୟତରେ ବରିଷ୍ଠ ନାଗରିକ ପରିଚୟପତ୍ର ବିତରଣ କାର୍ଯ୍ୟକ୍ରମ କରାଯିବ ବୋଲି ମଞ୍ଚ ପକ୍ଷରୁ ଘୋଷଣା କରାଯାଇଥିଲା।

## ତୀର୍ଥଯାତ୍ରାରେ ଗଲେ ୨୦୯ ବରିଷ୍ଠ ନାଗରିକ

ଖୋର୍ଦ୍ଧା,୭।୨ (ପ୍ରଭାତ ପାଣିଗ୍ରାହୀ)

ବରିଷ୍ଠ ନାଗରିକ ତୀର୍ଥ ଦର୍ଶନ ଲକ୍ଷ୍ୟରେ ରାଜ୍ୟ ସରକାର ବରିଷ୍ଠ ନାଗରିକ ତୀର୍ଥଯାତ୍ରା ଯୋଜନା (ବିଏସ୍‌କେୱାଇ) ଲାଗୁ କରିଛନ୍ତି। ଏହି କ୍ରମରେ ବୁଧବାର ଖୋର୍ଦ୍ଧା ଜିଲା ପର୍ଯ୍ୟଟନ କାର୍ଯ୍ୟାଳୟ ପରିସରରୁ ବରିଷ୍ଠ ନାଗରିକମାନେ ତିରୁପତି-ଭେଲୋର ଅଭିମୁଖେ ଯାତ୍ରା କରିଛନ୍ତି। ସେମାନେ ୧୩ ତାରିଖ ପର୍ଯ୍ୟନ୍ତ ଯାତ୍ରା କରିବେ। ଏହି ତୀର୍ଥଯାତ୍ରାରେ ଖୋର୍ଦ୍ଧା, କଟକ, ଜଗତ୍‌ସିଂହପୁର, ଢେଙ୍କାନାଳ ଓ କେନ୍ଦ୍ରାପଡ଼ା ଜିଲାର ବରିଷ୍ଠ ନାଗରିକ ରହିଛନ୍ତି। ଖୋର୍ଦ୍ଧା ଜିଲାର ୨୦୯ ଜଣ ବରିଷ୍ଠ ନାଗରିକ ଯାତ୍ରା କରୁଛନ୍ତି। ଏମାନଙ୍କ ସହ ୮ଜଣ ଅଭିଜ୍ଞ ଅଫିସର ରହିଛନ୍ତି। ଏହି ଅବସରରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ବିଧାୟକ ଜ୍ୟୋତିରୀନ୍ଦ୍ରନାଥ ମିତ୍ର, ଜିଲାପରିଷଦ ଅଧକ୍ଷା ରୂପଶ୍ରୀରାଣୀ ଗୁମାନସିଂ, ଜିଲାପାଳ ଚଞ୍ଚଳ ରାଣା, ଅତିରିକ୍ତ ଜିଲାପାଳ ସାଫଲ୍ୟ ମଣ୍ଡିତ ପ୍ରଧାନ, ବିଏସ୍‌କେୱାଇ ଉପଦେଷ୍ଟା ଦୁର୍ଗା ସାମନ୍ତରାୟ ପ୍ରମୁଖ ଯୋଗଦେଇ ତୀର୍ଥଯାତ୍ରୀଙ୍କ ଶୁଭ କାମନା କରିଥିଲେ।

## ପଞ୍ଚାୟତସ୍ତରୀୟ ସଚେତନତା ଶିବିର



ପଞ୍ଚାୟତସ୍ତରୀୟ ସଚେତନତା ଶିବିରରେ ମଞ୍ଚାସୀନ ଅତିଥି।

କୃଷ୍ଣପ୍ରସାଦ,୭।୨(କୈଳାସ ଚନ୍ଦ୍ର ପଟ୍ଟନାୟକ)

କୃଷ୍ଣପ୍ରସାଦ ବ୍ଲକ ସିଆଣ୍ଡି ଓ ସିଆଳ ପଞ୍ଚାୟତରେ ବୁଧବାର ଆମ ଓଡ଼ିଶା ନବୀନ ଓଡ଼ିଶା ପଞ୍ଚାୟତସ୍ତରୀୟ ସଚେତନତା ଶିବିର ଅନୁଷ୍ଠିତ ହୋଇଯାଇଛି। ସିଆଣ୍ଡି ସରପଞ୍ଚ ଆଦିତ୍ୟ ରଞ୍ଜନ ପଲେଇ ଏବଂ ସିଆଳ ସରପଞ୍ଚ ରବି ନାରାୟଣ ମାଝୀ ଏଥିରେ ସଭାପତିତ୍ୱ କରିଥିଲେ। ମୁଖ୍ୟ ଅତିଥି ଭାବେ ଜିଲା ପରିଷଦ ସଭ୍ୟ ଲକ୍ଷ୍ମୀଧର ସାହୁ ଯୋଗଦେଇ କାର୍ଯ୍ୟକ୍ରମ ଉଦ୍‌ଘାଟନ କରିଥିଲେ। ସମ୍ମାନିତ ଅତିଥି ଭାବେ ସାମାଜିକ କର୍ମୀ ପ୍ରାଣନାଥ ବିଶ୍ୱାଳ, ବାବୁଲା ନାୟକ, ରମେଶ ଚନ୍ଦ୍ର ତରେଇ, ପ୍ରଶାନ୍ତ ପଲାଇ, ଶିକ୍ଷାବିତ୍ ମୋଚିରାମ ନାୟକ, କନିଷ୍ଠ ଯନ୍ତ୍ରୀ କମଳାକାନ୍ତ ବାସ୍କେ, ସିପି ପ୍ରଭାତ ଜେନା, ଉମାକାନ୍ତ ମିଶ୍ର, ଏପିଓ ଅଭିନ୍ନ ପଲାଇ, ସିଆଣ୍ଡି ପିଇଓ ପଙ୍କଜଲୋଚନ ବିଶ୍ୱାଳ, ସିଆଳ ପିଇଓ ରଞ୍ଜନ ସେଠୀ ପ୍ରମୁଖ ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମରେ ରାଜ୍ୟ ସରକାରଙ୍କ ବିଭିନ୍ନ ଜନହିତକର ଯୋଜନା ବିଷୟରେ ସାଧାରଣ ଲୋକଙ୍କୁ ଅବଗତ କରାଯାଇଥିଲା।

# ଡିହଗାଁ କ୍ରିକେଟକୁ ହରାଇ ବାହାଡ଼ା କ୍ରିକେଟ ଟିମ୍ ବିଜୟୀ

ବୋଲଗଡ଼,୭।୨(ଦେବବ୍ରତ ହୋତା)

ବୋଲଗଡ଼ ବ୍ଲକ ବାଙ୍କୋଇ ପଞ୍ଚାୟତ କନ୍ତାଇଲୋ ଖେଳପଡ଼ିଆରେ ଚାଲିଥିବା ବାଲାଜୀ କ୍ରିକେଟ୍ ଟୁର୍ନାମେଣ୍ଟର ବୁଧବାର ତୃତୀୟ ଲିଗ୍ ମ୍ୟାଚ୍ ଅନୁଷ୍ଠିତ ହୋଇଯାଇଛି। ଉକ୍ତ ମ୍ୟାଚ୍‌ରେ ରଣପୁର ବ୍ଲକ ଡିହଗାଁ କ୍ରିକେଟ୍ ଟିମ୍‌କୁ ହରାଇ ଖଣ୍ଡପଡ଼ା ବ୍ଲକ ବାହାଡ଼ା କ୍ରିକେଟ୍ ଟିମ୍ ବିଜୟୀ ହୋଇଛି। ଟସ୍ ଜିତି ରଣପୁର ବ୍ଲକ ଡିହଗାଁ କ୍ରିକେଟ୍ ଟିମ୍ ବ୍ୟାଟିଂ କରି ୧୧. ୩ ଓଭରରେ ଅଲ୍ ଆଉଟ ହୋଇ ୮୨ ରନ୍ କରିଥିଲେ। ଜବାବରେ ବାହାଡ଼ା କ୍ରିକେଟ୍ ଟିମ୍ ୮.୪ ଓଭରରେ ୨ ଉଇକେଟ ହରାଇ ଆବଶ୍ୟକ ରନ୍ କରି ବିଜୟୀ ହୋଇଥିଲା। ଅମ୍ପାୟାର ଭାବେ ଶୁଭେନ୍ଦୁ ପ୍ରଧାନ, ବିକାଶ ପଣ୍ଡା ଓ ଦେବାଶିଷ ପାଇକରାୟ ମ୍ୟାଚ ପରିଚାଳନା କରିଥିଲେ। ବିଜେତା ଟିମର ଖେଳାଳି ହୁସେନ ମ୍ୟାନ୍ ଅଫ୍ ଦି ମ୍ୟାଚ୍ ବିବେଚିତ ହୋଇଥିଲେ। ମୁଖ୍ୟ ଅତିଥି ରୂପେ ଆରିକିମା ସରପଞ୍ଚ ପ୍ରମୋଦ ରାଉତରାୟ ଏବଂ ସମ୍ମାନିତ ଅତିଥି ରୂପେ ଅସରଳା ପଞ୍ଚାୟତ ସମିତିସଭ୍ୟ ପ୍ରତିନିଧି ଆଇନଜୀବୀ ପ୍ରଦୀପ ମହାପାତ୍ର, ଅସରଳା ପଞ୍ଚାୟତ ସମିତିସଭ୍ୟ ପ୍ରତିନିଧି ସୁଶାନ୍ତ ପାଇକରାୟ ଏବଂ ବାଙ୍କୋଇ ସମିତି ସଭ୍ୟ ରଞ୍ଜନ ଲେଙ୍କା ପ୍ରମୁଖ ଯୋଗଦେଇ ଖେଳାଳିଙ୍କୁ ଉତ୍ସାହିତ କରିଥିଲେ। ଗୁରୁବାର ଟୁର୍ନାମେଣ୍ଟର ୪ର୍ଥ ଲିଗ୍ ମ୍ୟାଚ୍ ବାଙ୍କୀ ବ୍ଲକ କଳାପଥର କ୍ରିକେଟ୍ ଟିମ୍ ଏବଂ ରଣପୁର ବ୍ଲକ ରାମବିଲ କ୍ରିକେଟ୍ ଟିମ୍ ମଧ୍ୟରେ ଅନୁଷ୍ଠିତ ହେବ ବୋଲି ସୂଚନା ରହିଛି।

## କୃଷକ ବୈଠକ ସଦନ, କଲ୍ୟାଣ ମଣ୍ଡପର ଶିଳାନ୍ୟାସ

ନିରାକାରପୁର,୭।୨(ମାନସ ଚନ୍ଦ୍ର ପଟ୍ଟନାୟକ)

ନିରାକାରପୁର ପଞ୍ଚାୟତରେ ଥିବା କାଶୀପୁର ନଂ-୨ ସମବାୟ ସମିତି ଲିମିଟେଡ ପରିସରରେ ମଙ୍ଗଳବାର କୃଷକ ବୈଠକ ସଦନ ସହିତ କଲ୍ୟାଣ ମଣ୍ଡପର ଶିଳାନ୍ୟାସ ଓ ଭୂମି ପୂଜନ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ଭୁବନେଶ୍ୱର ଏମ୍‌ପି ଅପରାଜିତା ଷଡ଼ଙ୍ଗୀ ଯୋଗଦେଇଥିଲେ। ଏଠାରେ କୃଷକ ସଭା ସଦନ ଓ କଲ୍ୟାଣ ମଣ୍ଡପ ନିର୍ମାଣ ହେଲେ ଖାଲି ଚାଷୀଭାଇ ମାନେ ଉପକୃତ ହେବେ ନାହିଁ, ଏହି କଲ୍ୟାଣ ମଣ୍ଡପରୁ ଆଦାୟ ଅର୍ଥ ମଧ୍ୟ ସମବାୟ ସମିତିର ଉନ୍ନତିରେ ସହାୟକ ହୋଇପାରିବ। ଯାହା ବିକାଶର ଏକ ଉଦାହରଣକୁ ନିଆଯାଇପାରେ। ତେଣୁ ସାମୁହିକ ବିକାଶ ନିମନ୍ତେ ଦଳକୁ ନ ଦେଖି ସମସ୍ତେ ଏକାଠି ହୋଇ କାର୍ଯ୍ୟ କରିବାକୁ ଏମ୍‌ପି ଷଡ଼ଙ୍ଗୀ ଯୁବ ପିଢିଙ୍କୁ ପରାମର୍ଶ ଦେଇଥିଲେ। ସମ୍ମାନିତ ଅତିଥି ଭାବେ ଭାଜପା ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ କାଳୁ ଚରଣ ଖଣ୍ଡୟତରାୟ, ଭାଜପା ଜିଲା ସଭାପତି ରଶ୍ମି ରଞ୍ଜନ ମହାପାତ୍ର, ସାମାଜିକ କର୍ମୀ ରାମ ନାରାୟଣ ଦାଶ, ୧୨ନଂ. ଜୋନ୍‌ର ମଣ୍ଡଳ ସଭାପତି ଆଲୋକ ରଞ୍ଜନ ଛୋଟରାୟ, କିଶୋର ବରାଳ ପ୍ରମୁଖ ଯୋଗ ଦେଇଥିଲେ। କମଳ ଲୋଚନ ପ୍ରଧାନ ମଞ୍ଚ ପରିଚାଳନା କରିଥିଲେ। ଅନୁଷ୍ଠାନ ସଭାପତି ପ୍ରଦୀପ୍ତ ଷଡ଼ଙ୍ଗୀ ସଭାପତିତ୍ୱ ସହ ଧନ୍ୟବାଦ ଦେଇଥିଲେ। ଏହି ପରିପେକ୍ଷୀରେ ସମିତିର କିଛି ସଭ୍ୟଙ୍କୁ ଉପଢୌକନ ଦିଆଯାଇ ସମ୍ବର୍ଦ୍ଧିତ କରାଯାଇଥିଲା। ଏହି ଗୃହ ନିର୍ମାଣ ପାଇଁ ସମିତି, ସ୍ଥାନୀୟ ବାସୀ, ଚାଷୀଙ୍କ ପକ୍ଷରୁ ବାରମ୍ବାର ଦାବି କରାଯାଇଥଲା। ଫଳରେ ବିଳମ୍ବରେ ହେଉ ପଛେ ଏହି ଗୃହ ନିର୍ମାଣ ପାଇଁ ଏମ୍‌ପିଙ୍କ ପାଣ୍ଠିରୁ ୧୦ ଲକ୍ଷ ଓ ଏମ୍‌ପିଙ୍କ ନିଜସ୍ୱ ହସ୍ତପାଣ୍ଠିରୁ ୩ଲକ୍ଷ ଟଙ୍କା ଅନୁଦାନ ହୋଇଥିବା ଏମ୍‌ପି ନିଜେ ସଭାରେ ପ୍ରକାଶ କରିଛନ୍ତି।




କଲ୍ୟାଣମଣ୍ଡପ ଶିଳାନ୍ୟାସ ଅବସରରେ ମଞ୍ଚାସୀନ ଅତିଥି।

## ମା' ରାମଚଣ୍ଡୀ କ୍ରିକେଟ ଟୁର୍ନାମେଣ୍ଟ: ସେମିରେ ମଞ୍ଚେଶ୍ୱର ଟିମ୍




ବୋଲଗଡ଼, ୭।୨(ଦେବବ୍ରତ ହୋତା)

ବୋଲଗଡ଼ ବ୍ଲକ ଅନ୍ତର୍ଗତ ଧଳାପଥର ଗ୍ରାମ ପଞ୍ଚାୟତ କୋଦୁଅବେରେଣୀ ଖେଳପଡ଼ିଆରେ ଚାଲିଥିବା ଦ୍ୱାଦଶତମ ମା' ରାମଚଣ୍ଡୀ କ୍ରିକେଟ ଟୁର୍ନାମେଣ୍ଟର ଅନ୍ତିମ କ୍ୱାର୍ଟର ଫାଇନାଲ ମ୍ୟାଚରେ ବୁଧବାର ଭୁବନେଶ୍ୱରର ମଞ୍ଚେଶ୍ୱର କ୍ରିକେଟ କ୍ଲବ ଓ ଖୋର୍ଦ୍ଧା କାଇପଦରର ସତ୍ୟପୀର ସ୍ପୋର୍ଟିଙ୍ଗ ମଧ୍ୟରେ ମୁକାବିଲା ହୋଇଥିଲା। ଏଥିରେ ମଞ୍ଚେଶ୍ୱର ଟିମ୍ କାଇପଦର ଦଳକୁ ୭ ଉଇକେଟରେ ହରାଇ ସେମି ଫାଇନାଲକୁ ଉନ୍ନୀତ ହୋଇଛି। ଟସ୍ ଜିତି କାଇପଦର ଟିମ୍ ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୨୦ ଓଭରରେ ୫ ଉଇକେଟ ହରାଇ ୨୨୮ ରନ କରିଥିଲା। ଜବାବରେ ମଞ୍ଚେଶ୍ୱର ଟିମ୍ ୧୬.୧ ଓଭରରେ ୩ ଉଇକେଟ ବିନିମୟରେ ବିଜୟ ପାଇଁ ଆବଶ୍ୟକ ୨୨୯ ରନ ସଂଗ୍ରହ କରି ମ୍ୟାଚ୍ ଜିତିଥିଲା। ଅମ୍ପାୟର ଭାବେ ସୁଧି ରଞ୍ଜନ ପଣ୍ଡା ଓ ବିନୟ ପାଇକରାୟ ମ୍ୟାଚ ପରିଚାଳନା କରିଥିଲେ। ଏହି ଟୁର୍ନାମେଣ୍ଟର ପୁରସ୍କାର ବିତରଣ ଉତ୍ସବରେ ଅତିଥି ଭାବେ ଅବସରପ୍ରାପ୍ତ ଶିକ୍ଷକ ଜୟକୃଷ୍ଣ ଦାସ ଓ ଆଦର୍ଶଶିକ୍ଷକ କୁମାର ଶତ୍ପଥୀଙ୍କ ଯୋଗଦେଇ ଖେଳାଳିମାନଙ୍କୁ ଉତ୍ସାହିତ କରିଥିବା ବେଳେ ଉନ୍ନତ ଖେଳ ପ୍ରଦର୍ଶନ ପାଇଁ ବିଜେତା ଦଳର ଖେଳାଳି ଅଭୟ ମଲ୍ଲିକଙ୍କୁ ମ୍ୟାନ ଅଫ ଦି ମ୍ୟାଚ୍ ପୁରସ୍କାର ପ୍ରଦାନ କରିଥିଲେ। କୋଦୁଅବେରେଣି ମା' ରାମଚଣ୍ଡୀ କ୍ରିକେଟ ଆସୋସିଏଶନ୍ ଦ୍ୱାରା ଆୟୋଜିତ ଏହି ଟୁର୍ନାମେଣ୍ଟ ପରିଚାଳନାରେ ଏହାର ସଦସ୍ୟମାନେ ସହଯୋଗ କରିଥିଲେ।

## ଟି-୧୦ କ୍ରିକେଟ ଟୁର୍ନାମେଣ୍ଟ: ଅରିସଲ ବିଜୟୀ

ଖୋର୍ଦ୍ଧା,୭।୨(ପ୍ରଭାତ ପାଣିଗ୍ରାହୀ)

ଖୋର୍ଦ୍ଧା ବ୍ଲକ କାଇପଦର ପଞ୍ଚାୟତ ଅନ୍ତର୍ଗତ ଦେଉଳଟାଙ୍ଗୀଠାରେ ମା' ବଘେଇ କ୍ରିକେଟ ଆସୋସିଏଶନ ଆନୁକୂଲ୍ୟରେ ଚାଲିଥିବା ଟି-୧୦ କ୍ରିକେଟ ଟୁର୍ନାମେଣ୍ଟର ୩ୟ ଦିବସରେ ବୁଧବାର ଅରିସଲ ଟିମ୍ ବିଜୟୀ ହୋଇଛି। ସ୍ଥାନୀୟ ଖେଳପଡ଼ିଆରେ ଭୁବନେଶ୍ୱରର ଅରିସଲ ଏବଂ ଟାଙ୍କେଳ ମଧ୍ୟରେ ମ୍ୟାଚ୍ ଅନୁଷ୍ଠିତ ହୋଇଥିଲା। ଅରିସଲ ଟିମ୍ ଟସ୍ ଜିଣି ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ଓଭରରେ ୪ ଉଇକେଟ ହରାଇ ୧୪୪ରନ ସଂଗ୍ରହ କରିଥିଲା। ଦଳ ପକ୍ଷରୁ ଶୁଭେନ୍ଦୁ ପ୍ରଧାନ ୩୮ ବଲ୍‌ରେ ୧୨୧ ରନ୍ କରିଥିଲେ। ଟାଙ୍କୋଳ ଦଳର ଅକ୍ଷୟ ସ୍ୱାଇଁ ୨ ଓଭର ବୋଲିଂ କରି ଗୋଟିଏ ଉଇକେଟ ନେଇଥିଲେ। ଜବାବରେ ଟାଙ୍କେଳ ୧୦ ଓଭର ଖେଳି ୯ ଉଇକେଟ ହରାଇ ୧୧୮ ରନ କରି ପରାସ୍ତ ହୋଇଥିଲା। ଅରିସଲ ଏହି ମ୍ୟାଚକୁ ୨୬ରନରେ ଜିତିଥିଲା। ଦଳର ଶୁଭେନ୍ଦ୍ର ପ୍ରଧାନ ୧୨୧ ରନ ସହ ଏକ ଉଇକେଟ ନେଇ ମ୍ୟାନ ଅଫ ଦି ମ୍ୟାଚ ବିବେଚିତ ହୋଇଥିଲେ। ମଦନମୋହନ ସ୍ୱାଇଁ ଓ ଗୋପିନାଥ ମାଝି ଅମ୍ପାୟରଂ କରିଥିବା ବେଳେ ଶିବାନୀ ମିଶ୍ର ସ୍କୋରର, ଶ୍ରଦ୍ଧାନନ୍ଦ ପ୍ରଧାନ ଭାଷ୍ୟକାର ଦାୟିତ୍ୱ ତୁଲାଇଥିଲେ। ଅତିଥି ଭାବେ ଯୋଗୀନାଥ ସେନାପତି, ଶ୍ୟାମସୁନ୍ଦର ଜେନା, ମାନସ ପ୍ରଧାନ, ଝଜ ସାମନ୍ତରା, ସୌମ୍ୟରଞ୍ଜନ ସ୍ୱାଇଁ, ନୃସିଂହ ପ୍ରଧାନ ପ୍ରମୁଖ ଯୋଗ ଦେଇ ଖେଳାଳିଙ୍କୁ ଉତ୍ସାହିତ କରିଥିଲେ।



## ଶ୍ରୀମନ୍ଦିର ହୁଣ୍ଡିରୁ ଆୟ



୭।୨।୨୦୨୪

| | |
|---|---|
| ୬,୩୫,୨୯୦ ଟଙ୍କା | |
| ସୁନା | ୪.୭୨୦ ଗ୍ରାମ୍ |
| ରୁପା | ୨୧.୬୫୦ ଗ୍ରାମ୍ |

### ସଂକ୍ଷେପରେ

## ନୂତନ ଅତିରିକ୍ତ ତହସିଲଦାରଙ୍କ ଯୋଗଦାନ



**କଣାସ,୭।୨(ବିଭୂତି ଭୂଷଣ ତ୍ରିପାଠୀ):** କଣାସ ତହସିଲ୍ କାର୍ଯ୍ୟାଳୟରେ ଦୀର୍ଘ ଦିନ ହେଲା ୨ଟି ଯାକ ଅତିରିକ୍ତ ତହସିଲଦାର ପଦବୀ ଖାଲି ପଡ଼ିଥିଲା। ଜନସାଧାରଣଙ୍କ ବାରମ୍ବାର ଦାବି ପରେ ମଙ୍ଗଳବାର ଜିଲାପାଳଙ୍କ ନିର୍ଦ୍ଦେଶକ୍ରମେ ଉପେନ୍ଦ୍ର ସେଠୀ ଅତିରିକ୍ତ ତହସିଲଦାର ଭାବେ କାର୍ଯ୍ୟଭାର ଗ୍ରହଣ କରିଛନ୍ତି। ସେଠୀ ପୂର୍ବରୁ କେନ୍ଦ୍ରାପଡ଼ା ସହଯୋଗ ଚକବନ୍ଦି ଅଧିକାରୀ ଭାବେ କାର୍ଯ୍ୟ କରୁଥିଲେ।

## ନୂଆ-ଓ ସାହିତ୍ୟ ପ୍ରତିଯୋଗିତା ଉଦ୍‌ଯାପିତ

**କାକଟପୁର,୭।୨(ଶୁଭଦର୍ଶନ ମିଶ୍ର):** ବାଙ୍ଗୁରୀଗାଁ ପ୍ରାଚୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ନୂଆ-ଓ ସାହିତ୍ୟ ପ୍ରତିଯୋଗିତା ବୁଧବାର ଉଦ୍‌ଯାପିତ ହୋଇଯାଇଛି। ଉତ୍ସବରେ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଅଧ୍ୟକ୍ଷ ଡ. ଦିଲୀପ ସେନାପତି ଅଧ୍ୟକ୍ଷତା କରିଥିଲେ। ମୁଖ୍ୟ ଅତିଥି ଭାବେ ଗୋପ ଉପନିବନ୍ଧକ ପ୍ରଭାତ ତରାଇ, ମୁଖ୍ୟବକ୍ତା ଜଗନ୍ନାଥ ସଂସ୍କୃତି ଗବେଷକ ପଣ୍ଡିତ ତ୍ରିଲୋଚନ ମିଶ୍ର, ସମ୍ମାନିତ ଅତିଥି ଭାବେ ବାଙ୍ଗୁରୀଗାଁ ଗୋଷ୍ଠୀ ସ୍ୱାସ୍ଥ୍ୟ ଚିକିତ୍ସାଧିକାରୀ ସମରଜିତ ମଲ୍ଲିକ, ବିଦ୍ୟାଶ୍ରୀ ରାଜନୀତି ବିଜ୍ଞାନ ବରିଷ୍ଠ ଅଧ୍ୟାପକ ବିଜୟ ମୁଦୁଲି ପ୍ରମୁଖ ଯୋଗଦେଇଥିଲେ। ଅତିଥିମାନେ ଛାତ୍ରୀଛାତ୍ରଙ୍କୁ ଜଗନ୍ନାଥ ସଂସ୍କୃତି ଓ ଓଡ଼ିଆ ଭାଷା ସାହିତ୍ୟ ବିଷୟରେ ଉଦ୍‌ବୋଧନ ଦେଇଥିଲେ। ନଳିନୀପ୍ରଭା ପ୍ରଧାନ, ଅଧ୍ୟାପକ ଉମା ଶଙ୍କର ନାୟକ, କାମଦେବ ରାଉତ, ସୁକାନ୍ତ ପୃଷ୍ଟି, ଅଶୋକ ସ୍ୱାଇଁ, ସରୋଜ ନାୟକ, ସ୍ନେହାଶିଷ ନାୟକ, ଦିଲୀପ ସ୍ୱାଇଁ, ପବିତ୍ର ନାୟକ ପ୍ରମୁଖ ଯୋଗଦେଇଥିଲେ। ରାଜକିଶୋର ମଲ୍ଲ ଉତ୍ସବକୁ ପରିଚାଳନା କରିଥିବାବେଳେ ଅଧ୍ୟାପକ ସୁରେନ୍ଦ୍ର ମାଣିକ ଧନ୍ୟବାଦ ଦେଇଥିଲେ। ଛାତ୍ରୀଛାତ୍ରମାନେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ।

## ପୋଲିସ ମନମୁଖୀ କାର୍ଯ୍ୟକୁ ନେଇ ଜିଲାପାଳଙ୍କ ଦ୍ୱାରସ୍ଥ

**ପୁରୀ, ୭।୨(ଅଜିତ୍ ମହାନ୍ତି)** ଶ୍ରୀଜଗନ୍ନାଥ ବଲ୍ଲଭ ମଠରେ ଶ୍ରୀଜଗନ୍ନାଥ ଯାତ୍ରୀ ଅଭ୍ୟର୍ଥନା କେନ୍ଦ୍ର ଓ ଶ୍ରୀମାର୍ଗ ପାଇଁ ଶ୍ରୀଜଗନ୍ନାଥ ବଲ୍ଲଭ ମଠ ନିକଟରୁ ଅନେକ ଲୋକଙ୍କୁ ବିସ୍ଥାପିତ କରାଯିବା ସହ ବହୁ ସଂଖ୍ୟାରେ ଗଛ ଲଗାଯାଇଥିଲା। ତେବେ ପ୍ରକଳ୍ପ ସମ୍ପୂର୍ଣ୍ଣ ହେବା ପରେ ମଧ୍ୟ ଏଯାଏ ସେମାନଙ୍କୁ କ୍ଷତିପୂରଣ ମିଳିନାହିଁ। ନିଜ ଜୀବନ ଜୀବିକା ପାଇଁ ସେମାନେ ନିଜ ଘର ସମ୍ମୁଖରେ ବିଭିନ୍ନ ଜିନିଷ ବିକ୍ରୟ କରି ପରିବାର ଭରଣପୋଷଣ କରୁଛନ୍ତି। ତେବେ ପୋଲିସ ସେମାନଙ୍କ ଜିନିଷକୁ ଫିଙ୍ଗି ଦେବାକୁ ତାଗିଦା କରୁଥିବା ସହ ଧମକ ଦେଉଛି। ଏପରି ଏକ ଅଭିଯୋଗ ବୁଧବାର ଜିଲାପାଳଙ୍କ ନିକଟରେ ପହଞ୍ଚିଛି। ଶ୍ରୀଜଗନ୍ନାଥ ବଲ୍ଲଭ ପରିସରରେ ଘର କରି ରହୁଥିବା ଅନିତା ଦାସ ଏଭଳି ଅଭିଯୋଗ ଆଣିଛନ୍ତି। ଏ ନେଇ ସେ ଜିଲାପାଳଙ୍କ ଦ୍ୱାରସ୍ଥ ହୋଇଛନ୍ତି। ଅପରପକ୍ଷରେ ଏହି ଘଟଣା ସମ୍ପର୍କରେ ଅବଗତ ନ ଥିବା ଏସ୍‌ପି ପିନାକ ମିଶ୍ର କହିଛନ୍ତି।

# ନିଶା କାରବାର ଉପରେ ପୋଲିସ ନଜର

### ୫୨୨ ଗ୍ରାମ୍ ବ୍ରାଉନସୁଗାର ଜବତ : ୨ ଗିରଫ
### ୨ଗାଡ଼ି, ମୋବାଇଲ ଜବତ

**ପୁରୀ, ୭।୨( ଅଜିତ୍ ମହାନ୍ତି)** ପୁରୀରେ ନିଶା କାରବାର ଉପରେ ପୋଲିସ ନଜର ରଖିଛି। ସମୁଦ୍ରକୂଳ ଥାନା ପୋଲିସ ୫୨୨ ଗ୍ରାମ ବ୍ରାଉନସୁଗାର ଜବତ କରିବା ସହ ୨ଜଣଙ୍କୁ ଗିରଫ କରିଛି। ସେମାନେ ହେଲେ ଖୋର୍ଦ୍ଧା ଗୁରୁଜଙ୍ଗର ଦେବାଶିଷ ଦାସ ଓରଫ ବାବୁଲ ଏବଂ ଶାଗୁଆନ ବଗିଚାର ଶୁଭମ ପଟ୍ଟନାୟକ। ଜବତ ବ୍ରାଉନସୁଗାରର ବଜାର ମୂଲ୍ୟ ୫୦ ଲକ୍ଷ ୨୦ ହଜାର ଟଙ୍କା ହେବ ବୋଲି ବୁଧବାର ଖବରଦାତା ସମ୍ମିଳନୀରେ ଏସ୍‌ପି ପିନାକ ମିଶ୍ର କହିଛନ୍ତି। ଏସ୍‌ପି ମିଶ୍ର କହିଛନ୍ତି, ପୋଲିସ ପକ୍ଷରୁ ନିଶା କାରବାର ବିରୋଧରେ ପଦକ୍ଷେପ ନିଆଯାଉଛି। ଏହି କ୍ରମରେ ସମୁଦ୍ରକୂଳ ଥାନା ଅଧିକାରୀ ଏବଂ ସିଟି ଡିଏସ୍‌ପିଙ୍କ ନେତୃତ୍ୱରେ ଗଠିତ ଟିମ୍ ଚଢାଉ କରି ବିପୁଳ ପରିମାଣର ବ୍ରାଉନ ସୁଗାର ଜବତ କରିଛି। ଏଥିସହ ୨ ବେପାରୀଙ୍କୁ ଗିରଫ କରାଯାଇଛି। ୨ଟି ଗାଡ଼ି ଓ ୨ଟି



ଖବରଦାତା ସମ୍ମିଳନୀରେ ଏସ୍‌ପି ପିନାକ ମିଶ୍ର ସୂଚନା ଦେଉଛନ୍ତି ।

ମୋବାଇଲ ଜବତ ହୋଇଛି।

ବିଶ୍ୱସ୍ତ ସୂତ୍ରରୁ ଖବର ପାଇ ସମୁଦ୍ରକୂଳ ଥାନା ପୋଲିସ ତାଳବଣିଆ ହେଲିପ୍ୟାଡ୍ ନିକଟରେ ଚଢ଼ାଉ ୨ ବେପାରୀଙ୍କୁ ଗିରଫ କରିଛି। ତେବେ ଘଟଣାସ୍ଥଳରୁ କ୍ରେତା ଫେରାର ହୋଇଯାଇଛନ୍ତି। ତାଙ୍କୁ ଗିରଫ କରିବା ପାଇଁ ପୋଲିସ ଚଢ଼ାଉ ଜାରି ରଖିଛି। ତଦନ୍ତ ଚାଲିଥିବାରୁ ଅଧିକ ସୂଚନା ସମୀଚନ ଦେବା ଉଚିତ୍ ନୁହେଁ ବୋଲି ଏସ୍‌ପି କହିଛନ୍ତି। ପୁରୀ ଏକ ପବିତ୍ର ସ୍ଥାନ ହୋଇଥିବାରୁ ଏଠାରେ ନିଶା କାରବାରର ସ୍ଥାନ ନାହିଁ। ତେଣୁ ଯେଉଁ ମିଶନ ମୋଡରେ ଡ୍ରାଇଭ ଚାଲୁରହିଛି ତାହାକୁ ଅଧିକ କ୍ରିୟାଶୀଳ କରାଯିବ। ଏ ନେଇ ସମସ୍ତ ପୋଲିସ ଅଫିସରମାନଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ଆଗାମୀ ଦିନରେ ନିଶା ବେପାରୀମାନଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ପୁରୀ ସହରରେ ନିଶା ବେପାରୀଙ୍କ ଉପରେ ଏଭଳି ଦୃଢ଼ କାର୍ଯ୍ୟାନୁଷ୍ଠାନ ଜାରୀ ରହିବ। ପୁରୀ ସହରକୁ ଧଳା ଜହରମୁକ୍ତ କରିବା ପାଇଁ ଏହି କାରବାରରେ ସଂପୃକ୍ତ ସମସ୍ତଙ୍କ ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ ସହ ଏହାର ମୂଳ ପର୍ଯ୍ୟନ୍ତ ପୋଲିସ ଯିବ। ଯେଉଁଠାରେ ଏପରି କାରବାର ହେଉଛି ସାଧାରଣ ଲୋକ ପୋଲିସ କିମ୍ବା ଏସ୍‌ପିଙ୍କୁ ଫୋନ ମାଧ୍ୟମରେ ସୂଚନା ଦେଇ ପାରିବେ। ସୂଚନା ଦେଇଥିବା ବ୍ୟକ୍ତିଙ୍କ ନାମ ଗୋପନ ରଖାଯିବ ବୋଲି ଏସ୍‌ପି ମିଶ୍ର କହିଛନ୍ତି। ଖବରଦାତା ସମ୍ମିଳନୀରେ ଅତିରିକ୍ତ ଏସ୍‌ପି ସୁଶିଲ କୁମାର ମିଶ୍ର ଏବଂ ବିଭିନ୍ନ ଥାନାର ଅଧିକାରୀମାନେ ଉପସ୍ଥିତ ଥିଲେ।

# ପ୍ରଥମ ପର୍ଯ୍ୟାୟରେ ୫୪ କେସ୍‌ର ଶୁଣାଣି


କାକଟପୁର ତହସିଲ କାର୍ଯ୍ୟାଳୟରେ ସିକିମ୍ ପ୍ରଜା କ୍ୟାମ୍ପ କୋର୍ଟରେ ଶୁଣାଣି ଚାଲିଛି ।

### କାକଟପୁର ତହସିଲରେ ସିକିମ ପ୍ରଜା କ୍ୟାମ୍ପ କୋର୍ଟ

**କାକଟପୁର,୭।୨(ଶୁଭଦର୍ଶନ ମିଶ୍ର):** ଓଡ଼ିଶା ଭୂସଂସ୍କାର ଆଇନ ୪ (୭) ଉପଧାରା ନିୟମ ୧୧ ଆଇନର ସଂଶୋଧନ କରି ସିକିମ ପ୍ରଜାଙ୍କ ନାମରେ ସ୍ଥିତିବାନ ପଟ୍ଟା ଦେବାକୁ ରାଜ୍ୟର ବିଭିନ୍ନ ତହସିଲରେ ଏବେ କ୍ୟାମ୍ପ କୋର୍ଟ ଚାଲିଛି। ଏହି ଅବସରରେ କାକଟପୁର ତହସିଲ ଅଧୀନରେ ଥିବା କାକଟପୁର, କଣ୍ଢାପଡ଼ା, ବାଙ୍ଗୁରୀଗାଁ ଓ (ଚିତ୍ରେଶ୍ୱରୀ) ଆଦି ୪ଟି (ରାଜସ୍ୱ) ସର୍କଲର ମୋଟ ୩୦୪ ଗୋଟି ସିକିମ୍ କେସ୍‌ର ଶୁଣାଣି ପାଇଁ କାକଟପୁର ତହସିଲ କାର୍ଯ୍ୟାଳୟ ପରିସରରେ ଦୁଇଦିନିଆ ସିକିମ୍ ପ୍ରଜା କ୍ୟାମ୍ପ କୋର୍ଟ ଅନୁଷ୍ଠିତ ହୋଇଯାଇଛି। ତହସିଲଦାର ଅଙ୍କିତା ଅନିନ୍ଦିତାଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଅନୁଷ୍ଠିତ ଏହି କୋର୍ଟରେ ମୋଟ ୩୦୪ଟି କେସ୍ ରହିଛି। ସେଥିମଧ୍ୟରୁ ୧୧୯ଟି କେସ୍ ଅଞ୍ଚଳର ମଠ, ମନ୍ଦିର, ସରକାରୀ ଜମି, ଭୂମିହୀନଙ୍କ ନାମରେ ରହିଛି। ବର୍ତ୍ତମାନ କାକଟପୁର ତହସିଲ ପକ୍ଷରୁ ୧୮୫ଟି କେସ୍ ଗ୍ରହଣ କରାଯାଇଥିବାବେଳେ ସେଥିମଧ୍ୟରୁ ପ୍ରଥମ ପର୍ଯ୍ୟାୟରେ ୫୪ଟି କେସ୍‌ର ସିକିମ ପ୍ରଜାମାନଙ୍କୁ ନୋଟିସ କରାଯାଇ ଶୁଣାଣି ହୋଇଛି ବୋଲି ତହସିଲଦାର ସୂଚନା ଦେଇଛନ୍ତି। ଏହି ଆଇନ ୧୯୭୫ରୁ ୧୯୭୭ ମସିହା ୨ବର୍ଷ ପାଇଁ ଲାଗୁ ହୋଇଥିଲା। ସେ ସମୟରେ ଷ୍ଟାଣ୍ଡାର୍ଡ ଏକରକୁ ୮୦୦ ଟଙ୍କା ଧାର୍ଯ୍ୟ କରାଯାଇଥିଲା। ପୁନର୍ବାର ସରକାର ୨୦୨୪– ୨୦୨୫ ମସିହାରେ ପ୍ରତି ଷ୍ଟାଣ୍ଡାର୍ଡ ଏକରକୁ ୧୪ ହଜାର ୨୦୦ ଟଙ୍କା ଧାର୍ଯ୍ୟ କରିଛନ୍ତି। ଫଳରେ ଦୀର୍ଘଦିନ ଧରି ସିକିମ ପ୍ରଜା ଭାବେ ଚାଷକରି ଆସୁଥିବା ଚାଷୀମାନେ ଜମି ମାଲିକମାନଙ୍କୁ ଷ୍ଟାଣ୍ଡାର୍ଡ ଏକର ପିଚ୍ଛା ୧୪ ହଜାର ୨୦୦ ଟଙ୍କା ଜମିର ମୂଲ୍ୟ ଦେଇ ତହସିଲରୁ ସ୍ଥାୟୀ ଜମିପଟ୍ଟା ପାଇ ଉପକୃତ ହୋଇପାରିବେ। ଏହି କୋର୍ଟ ଅବସରରେ ଅତିରିକ୍ତ ତହସିଲଦାର ହେମାଙ୍ଗିନୀ ମାଝୀ, ରାଜସ୍ୱ ପରିଦର୍ଶକ ସସ୍ମିତା ମହାରଣା, ରାଜସ୍ୱ ନିରୀକ୍ଷକ ରାଜଲକ୍ଷ୍ମୀ ସେନାପତିଙ୍କ ସମେତ ତହସିଲ କର୍ମଚାରୀମାନେ ଉପସ୍ଥିତ ଥିଲେ।

# ନିର୍ବାଚନମଣ୍ଡଳୀସ୍ତରୀୟ ଶକ୍ତି ସମ୍ବାଦ, ସମ୍ପର୍କ କର୍ମଶାଳା



ମଣ୍ଡଳୀସ୍ତରୀୟ ଶକ୍ତି ସମ୍ପର୍କ ଓ ସମ୍ବାଦ କର୍ମଶାଳାରେ ବରିଷ୍ଠ ଭାଜପା ନେତ୍ରୀ ପ୍ରଭାତୀ ପରିଡ଼ା ଓ ଅନ୍ୟମାନେ ।

**ନିମାପଡ଼ା,୭।୨(ରଞ୍ଜନ ପଟ୍ଟନାୟକ):** ଭାଜପାର ନିମାପଡ଼ା ନିର୍ବାଚନ ମଣ୍ଡଳୀସ୍ତରୀୟ ଶକ୍ତି ସମ୍ପର୍କ ଓ ସମ୍ବାଦ କର୍ମଶାଳା ନିମାପଡ଼ା ହାଟବଜାରସ୍ଥିତ ଦଳୀୟ କାର୍ଯ୍ୟାଳୟଠାରେ ବୁଧବାର ଅନୁଷ୍ଠିତ ହୋଇଥିଲା। ପୁରୀ ଜିଲା ମହିଳା ମୋର୍ଚ୍ଚା ସାଧାରଣ ସମ୍ପାଦିକା ମୀନଲତା ମହାନ୍ତି ଏଥିରେ ଅଧ୍ୟକ୍ଷତା କରିଥିଲେ। ମୋଦିଙ୍କ ମହିଳା କଲ୍ୟାଣକାରୀ ଯୋଜନା ଓ ଲକ୍ଷପତି ଦିଦିରେ ସ୍ୱୟଂ ସହାୟକ ଗୋଷ୍ଠୀ ଭଉଣୀଙ୍କୁ ସାମିଲ କରାଇବାକୁ ରାଜ୍ୟ ଭାଜପା ଦଳର ନେତୃତ୍ୱ ନିଷ୍ପତ୍ତି ନେଇଛନ୍ତି। ତାକୁ କାର୍ଯ୍ୟକାରୀ କରିବାକୁ ବରିଷ୍ଠ ଭାଜପା ନେତ୍ରୀ ପ୍ରଭାତୀ ପରିଡ଼ା ଓ ମହିଳା ମୋର୍ଚ୍ଚା ଜିଲା ସଭାନେତ୍ରୀ ଜ୍ୟୋତି ମହାପାତ୍ରଙ୍କ ଆହ୍ୱାନକ୍ରମେ ପ୍ରତି ଘରକୁ ଯାଇ ମହିଳା ଲାଭାର୍ଥୀଙ୍କୁ ଭେଟିବାକୁ ବରିଷ୍ଠ ନେତା ବିଜୟ ପଣ୍ଡା ମତ ପୋଷଣ କରିଥିଲେ। କର୍ମଶାଳାକୁ ଝିଲ୍ଲୀଲତା ଦାସ ଓ ସୌଦାମିନୀ ସେନାପତି ପ୍ରମୁଖ ପରିଚାଳନା କରିଥିଲେ। ପ୍ରତି ପଞ୍ଚାୟତରେ ସମ୍ପର୍କ ଓ ସମ୍ବାଦ କାର୍ଯ୍ୟକ୍ରମ କରିବାକୁ ଶକ୍ତି ସଖୀଙ୍କୁ ଚୟନ କରାଯାଇ ଦାୟିତ୍ୱ ଦିଆଯାଇଥିଲା। ପ୍ରତ୍ୟେକ ପଞ୍ଚାୟତରୁ ଆସିଥିବା ଶକ୍ତି ସଖୀମାନେ ଏକତ୍ରିତ ହୋଇ ପଦ୍ମଫୁଲ ଘରେ ଘରେ ଫୁଟାଇବାକୁ ନିଷ୍ପତ୍ତି ନେଇଥିଲେ। କୋଟକୁସଙ୍ଗ ସରପଞ୍ଚ ଜୟନ୍ତୀ ବିଶ୍ୱାଳ, ସାଇଁସ ଶାସନ ସମିତି ସଭ୍ୟା ସନ୍ଧ୍ୟାରାଣୀ ରଥ, କାଉନସିଲର ରଞ୍ଜିତା ପାତ୍ର, ବୀଣାପାଣି ଷଡ଼ଙ୍ଗୀ, ମନ୍ଦାକିନୀ ଭଞ୍ଜ, ପ୍ରତିମା ମୁଖୀ ପ୍ରମୁଖ ଉପସ୍ଥିତ ଥିଲେ।

## ପରିବାର ସମ୍ପର୍କ ପଦଯାତ୍ରାରେ କମ୍ପିଲା ଗାଁ

**ଗୋପ,୭।୨(ଭାରତୀ ଭୂଷଣ ଉପାଧ୍ୟାୟ):** ନବୀନ ପଟ୍ଟନାୟକଙ୍କ ବିକାଶ ମୂଳକ କାର୍ଯ୍ୟକୁ ନେଇ ସ୍ୱତଃ ପ୍ରବୃତ୍ତ ଭାବେ ସାଧାରଣ ଲୋକେ ପରିବାର ସମ୍ପର୍କ ପଦଯାତ୍ରାରେ ନିଜକୁ ସାମିଲ କରିବା ଗୋଟିଏ ବଡ଼ କଥା। ଗୋପ ବ୍ଲକ ଅଧୀନ ବଣିଆ ସାହି ଓ ଗଣେଶ୍ୱରପୁର ପଞ୍ଚାୟତରେ ବୁଧବାର ଅନୁଷ୍ଠିତ କାର୍ଯ୍ୟକ୍ରମରେ ନିମାପଡ଼ା ବିଧାୟକ ସମୀର ରଞ୍ଜନ ଦାଶ ଏହା କହିଛନ୍ତି। କାର୍ଯ୍ୟକ୍ରମରେ ନିମାପଡ଼ା ନଗର ସଭାପତି ଜୀବନାନନ୍ଦ ମହାପାତ୍ର, ଏମ୍‌ପିଙ୍କ ପ୍ରତିନିଧି ସୁକାନ୍ତ ମହାନ୍ତି, ପର୍ଯ୍ୟବେକ୍ଷକ ବିଜୟ ପଟ୍ଟନାୟକ, ବଣିଆସାହି ପଞ୍ଚାୟତର ପୂର୍ବତନ ସରପଞ୍ଚ ନିରଞ୍ଜନ ଶଗଡ଼ିଆ, ଗଣେଶ୍ୱରପୁର ପଞ୍ଚାୟତର ପୂର୍ବତନ ସରପଞ୍ଚ ପ୍ରହଲ୍ଲାଦ ସ୍ୱାଇଁ, ପୂର୍ବତନ ସମିତି ସଭ୍ୟ କରୁଣାକର ସାହୁ ପ୍ରମୁଖ ଯୋଗଦେଇଥିଲେ। ପଦଯାତ୍ରାରେ କେବଳ ଭାବର ଆଦାନ ପ୍ରଦାନ ସାଙ୍ଗକୁ ଅଧିକ କିପରି ବିକାଶ ମୂଳକ କାର୍ଯ୍ୟ ହେବ ବୋଲି ଅତିଥିମାନେ କହିଥିଲେ। ପଦଯାତ୍ରାରେ ବିଧାୟକ ଦାଶଙ୍କ ସମେତ ଅନ୍ୟ ନେତୃତ୍ୱମାନେ ଘରେ ଘରେ ଶଙ୍ଖର ପୋଷ୍ଟର ଲଗାଇଥିଲେ। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ନିର୍ଦ୍ଦେଶରେ ଏହି କାର୍ଯ୍ୟକ୍ରମ ଚାଲିଥିବାବେଳେ ଶହଶହ ମହିଳା, ପୁରୁଷ ନବୀନ ପଟ୍ଟନାୟକ ଜିନ୍ଦାବାଦ, ସମୀର ଦାଶ ଜିନ୍ଦାବାଦରେ ଗାଁଦାଣ୍ଡ କମ୍ପିଥିଲା।

# ଆମ ଓଡ଼ିଶା ନବୀନ ଓଡ଼ିଶା କାର୍ଯ୍ୟକ୍ରମ



କାର୍ଯ୍ୟକ୍ରମରେ ନିମାପଡା ବିଧାୟକ ସମୀର ରଞ୍ଜନ ଦାଶ ଏବଂ ଅନ୍ୟମାନେ ।

**ଚାରିଛକ,୭।୨(ଶିଶିର ସ୍ୱାଇଁ):** ଚାରିଛକ ଥାନା ଅଧୀନ ତୁଳସୀପୁର, ଛଣିଜଙ୍ଗ ଓ କଳାପାଞ୍ଚଣ ପଞ୍ଚାୟତରେ ନିମାପଡ଼ା ବିଧାୟକ ସମୀର ରଞ୍ଜନ ଦାଶଙ୍କ ନେତୃତ୍ୱରେ ଆମ ଓଡ଼ିଶା ନବୀନ ଓଡ଼ିଶା କାର୍ଯ୍ୟକ୍ରମ ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ ରାଜ୍ୟ ସରକାରଙ୍କ ଗ୍ରାମାଞ୍ଚଳ ଭିତ୍ତିଭୂମିର ବିକାଶ ଜଗନ୍ନାଥ ସଂସ୍କୃତିର ସଂରକ୍ଷଣ, ଧାର୍ମୀକ ସ୍ଥଳୀଗୁଡ଼ିକ ରୂପାନ୍ତକରଣ ମହିଳା ସଶକ୍ତୀକରଣ ଓ ଭିତ୍ତିଭୂମିର ବିକାଶ ପ୍ରମୁଖ ବିଷୟରେ ଲୋକଙ୍କୁ ସଚେତନ କରାଯାଇଥିଲା। ନିମାପଡ଼ା ବ୍ଲକ ଅଧ୍ୟକ୍ଷ ଶଙ୍କର ଭୋଇ, ୧୯ନଂ. ଜିଲା ପରିଷଦ ସଦସ୍ୟ ପ୍ରଦୀପ୍ତ ଖଟୋଇ, ନିମାପଡ଼ା ମଣ୍ଡଳ ସଭାପତି ଅଶୋକ ସାହୁ, ପୁରୀ ଏମ୍‌ପିଙ୍କ ପ୍ରତିନିଧି ବିଜୟ ପଟ୍ଟନାୟକ, ପୂର୍ବତନ ବ୍ଲକ ଉପାଦକ୍ଷ ଅଜୟ ସ୍ୱାଇଁ ପ୍ରମୁଖ ଯୋଗଦେଇଥିଲେ। ଛଣିଜଙ୍ଗ ସଭାପତି ବାବୁଲି ବାରିକ, ବିଜେଡି ନେତା ମହେନ୍ଦ୍ର ମହାପାତ୍ର, ସୂର୍ଯ୍ୟ ନାରାୟଣ ପରିଡ଼ା ଏବଂ ତୁଳସୀପୁର ସରପଞ୍ଚ ମଞ୍ଜୁଶ୍ରୀ ଭୋଇ, ବିଜେଡି ଯୁବନେତା ପ୍ରକାଶ ସାହୁ, ଅରକ୍ଷିତ ଭୋଇ ପ୍ରମୁଖ ସହଯୋଗ କରିଥିଲେ। ପଞ୍ଚାୟତରୁ ୧ ହଜାରରୁ ଊର୍ଦ୍ଧ୍ୱ ମହିଳା ଯୋଗ ଦେଇଥିଲେ।

# କର୍ମଚାରୀଙ୍କ ବିଭିନ୍ନ ସମସ୍ୟା ଉପରେ ଆଲୋକପାତ

### ଅଲ୍ ଇଣ୍ଡିଆ ଅଡିଟ ଓ ଆକାଉଣ୍ଟ ଆସୋସିଏଶନର କେନ୍ଦ୍ରୀୟ କାର୍ଯ୍ୟକାରିଣୀ ବୈଠକ



କେନ୍ଦ୍ରୀୟ କାର୍ଯ୍ୟକାରିଣୀ ବୈଠକରେ ମଞ୍ଚାସୀନ ଅତିଥି ।

**ପୁରୀ, ୭।୨(ଅଜିତ୍ ମହାନ୍ତି)** ଅଲ୍ ଇଣ୍ଡିଆ ଅଡିଟ ଏବଂ ଆକାଉଣ୍ଟ ଆସୋସିଏଶନର କେନ୍ଦ୍ରୀୟ କାର୍ଯ୍ୟକାରିଣୀ ବୈଠକ ବୁଧବାର ପୁରୀ ୟୁଥ ହଷ୍ଟେଲରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଆସୋସିଏଶନର ସଭାପତି କେ.ରମେଶ ସଭାପତିତ୍ୱ କରିଥିଲେ। ମହାସଚିବ ତାପସ ବୋଷଙ୍କ ଉପସ୍ଥିତିରେ ତଥା ଏଜି ଓଡ଼ିଶା ଆକାଉଣ୍ଟ ଆସୋସିଏଶନ ଭୁବନେଶ୍ୱର ଓ ପୁରୀର ମିଳିତ ସହଯୋଗରେ ଏହି ଦୁଇଦିନିଆ ବୈଠକ ଆୟୋଜନ କରାଯାଇଛି। କେନ୍ଦ୍ର ସରକାରଙ୍କ ଅଧୀନରେ କାର୍ଯ୍ୟରତ କର୍ମଚାରୀମାନଙ୍କର ବିଭିନ୍ନ ସମସ୍ୟା, କରୋନା ସମୟରେ ମିଳିନଥିବା ୧୮ ମାସର ମହଙ୍ଗାଭତ୍ତା, କର୍ମଚାରୀ ଅଭାବ ଆଦି ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗରେ ବୈଠକରେ ଆଲୋଚନା କରାଯାଇଥିଲା। ଦୀର୍ଘ ୧୮ ବର୍ଷ ପରେ ଓଡ଼ିଶାରେ ବିଶେଷକରି ପୁରୀରେ ଏହି ବୈଠକ ହେଉଥିବାରୁ କର୍ମକର୍ତ୍ତାମାନେ ଖୁସିବ୍ୟକ୍ତ କରିଛନ୍ତି। ବୈଠକ ପ୍ରାରମ୍ଭରେ କମିଟି ଅଧ୍ୟକ୍ଷ ପ୍ରଦୀପ୍ତ କୁମାର ପାତ୍ର ସ୍ୱାଗତ ଭାଷଣ ଦେଇଥିଲେ। ମୁଖ୍ୟ ଅତିଥି ଭାବେ ଡେପୁଟି ଆକାଉଣ୍ଟାଣ୍ଟ ଜେନେରାଲ ଏସ୍. ମନନ୍ ମାନିନୀ ଯୋଗଦେଇ ବିଭିନ୍ନ ପ୍ରସଙ୍ଗରେ ଆଲୋକପାତ କରିବା ସହ କାର୍ଯ୍ୟକର୍ତ୍ତାମାନଙ୍କୁ ଧନ୍ୟବାଦ ଦେଇଥିଲେ। କମିଟି ମୁଖ୍ୟ ତଥା ଆବାହକ ଅଶୋକ କୁମାର ପଟ୍ଟନାୟକ, ତାରାକାନ୍ତ ମହାପାତ୍ର, ଚିନ୍ମୟୀ ସାହୁ, ଅର୍ଜ୍ଜୁନ ଚରଣ ମାଝୀ, ରଞ୍ଜିତ କୁମାର, କାହ୍ନୁ ପାତ୍ର ପ୍ରମୁଖ ସଭା ପରିଚାଳନା କରିଥିଲେ। ଶେଷରେ କମିଟି ସଂଯୋଜକ ଅଭିରାମ ନାୟକ ଧନ୍ୟବାଦ ଦେଇଥିଲେ।

# କ୍ରୀଡ଼ା ଶିକ୍ଷାର ଏକ ଅଙ୍ଗ

### ଐଶାନେଶ୍ୱର ବିଦ୍ୟାପୀଠରେ କ୍ରୀଡ଼ା ଉତ୍ସବ



**ଅସ୍ତରଙ୍ଗ,୭।୨(ପ୍ରଦୀପ୍ତ ଦୀକ୍ଷିତ):** ଅସ୍ତରଙ୍ଗ ବ୍ଲକ ଅଧୀନ ଐଶାନେଶ୍ୱର ବିଦ୍ୟାପୀଠ, ଅଠତିରାରେ ବାର୍ଷିକ କ୍ରୀଡ଼ା ଉତ୍ସବ ବୁଧବାର ଅନୁଷ୍ଠିତ ହୋଇଯାଇଛି। ବିଭିନ୍ନ ବିଭାଗରେ ୨୬୦ଜଣ ଛାତ୍ରୀଛାତ୍ର ଭାଗ ନେଇଥିଲେ। ଉଦ୍‌ଯାପନୀ ଉତ୍ସବରେ ମୁଖ୍ୟ ଅତିଥି ଭାବେ ୨ ନଂ. ଜୋନ୍ ଜିଲାପରିଷଦ ସଭ୍ୟା ବନିତା ବେହେରା ଯୋଗଦେଇଥିଲେ। ମୁଖ୍ୟବକ୍ତା ଭାବେ ଅତିରିକ୍ତ ଶିକ୍ଷାଧିକାରିଣୀ ମମତା ମଞ୍ଜରୀ ଦେଇ, ସମ୍ମାନିତ ଅତିଥି ଭାବେ ପୂର୍ବତନ କ୍ରୀଡ଼ା ଶିକ୍ଷକ ପ୍ରମୋଦ ଲେଙ୍କା, ଶିକ୍ଷାବିତ୍ ଭ୍ରମରବର ସ୍ୱାଇଁ ଉପସ୍ଥିତ ଥିଲେ। ବିଦ୍ୟାଳୟ ପ୍ରଧାନଶିକ୍ଷକ ଦିଲୀପ ବିଶ୍ୱାଳ ସଭାପତିତ୍ୱ କରିଥିଲେ। କ୍ରୀଡ଼ା ଶିକ୍ଷାର ଏକ ଅଙ୍ଗ ହୋଇଥିବାରୁ ପିଲାମାନେ ଏହାକୁ ଗ୍ରହଣ କରିବା ଉଚିତ୍ ବୋଲି ଅତିଥିମାନେ ପରାମର୍ଶ ଦେଇଥିଲେ। କାର୍ଯ୍ୟକ୍ରମରେ ବିଦ୍ୟାଳୟର ସମସ୍ତ ଶିକ୍ଷୟିତ୍ରୀ ଶିକ୍ଷକ ସହଯୋଗ କରିଥିଲେ।

# ନବୀନଙ୍କୁ ୬ଷ୍ଠ ଥର ମୁଖ୍ୟମନ୍ତ୍ରୀ କରିବାକୁ ବିଧାୟକଙ୍କ ଗୁରୁମନ୍ତ୍ର

**ନିମାପଡ଼ା,୭।୨(ରଞ୍ଜନ ପଟ୍ଟନାୟକ):** ନିମାପଡ଼ା ବ୍ଲକ ଅଧୀନ ଡେଣୁଅ, ରଚିଲୋ ଓ ମିଟେଇପୁର ପଞ୍ଚାୟତରେ ବୁଧବାର ପଞ୍ଚାୟତସ୍ତରୀୟ 'ଆମ ଓଡ଼ିଶା ନବୀନ ଓଡ଼ିଶା' ସଚେତନତା ଶିବିର ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ବିଧାୟକ ସମୀର ରଞ୍ଜନ ଦାଶ ଯୋଗଦେଇ ନବୀନ ପଟ୍ଟନାୟକଙ୍କୁ ୬ଷ୍ଠ ଥର ମୁଖ୍ୟମନ୍ତ୍ରୀ କରିବା ସହିତ ନିମାପଡ଼ାରେ ୪ର୍ଥ ପାଇଁ ଶଙ୍ଖ ଚିହ୍ନକୁ ଜିତାଇବା ନିମନ୍ତେ ଉପସ୍ଥିତ କର୍ମୀ ଏବଂ ଜନସାଧାରଣଙ୍କୁ ନିବେଦନ କରିଥିଲେ। ଜଗନ୍ନାଥ ସଂସ୍କୃତିର ସଂରକ୍ଷଣ, ଗ୍ରାମାଞ୍ଚଳରେ ଥିବା ପୁରୁଣା ମଠ ଓ ମନ୍ଦିରର ରୂପାନ୍ତକରଣ, ଧାର୍ମିକ ସ୍ଥଳୀଗୁଡ଼ିକର ରୂପାନ୍ତକରଣ, ମହିଳା ସଶକ୍ତୀକରଣ ଓ ଭିତ୍ତିଭୂମିର ବିକାଶ, ବ୍ୟାଙ୍କିଙ୍ଗ୍ ଭିତ୍ତିଭୂମିର ବିକାଶ, ଉଚ୍ଚ ବିଦ୍ୟାଳୟଗୁଡ଼ିକର ରୂପାନ୍ତକରଣ, କ୍ରୀଡ଼ା ଭିତ୍ତିଭୂମିର ବିକାଶ, ସୁଗମ ପରିବହନର ବିକାଶ ବିଷୟରେ ଲୋକଙ୍କୁ ମୁଖ୍ୟଅତିଥି ସଚେତନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ବ୍ଲକ ଅଧ୍ୟକ୍ଷ ଶଙ୍କର ଭୋଇ, ବ୍ଲକ ଉପାଧ୍ୟକ୍ଷା ଅନସୂୟା ମହାନ୍ତି, ପୂର୍ବତନ ଉପାଧ୍ୟକ୍ଷ ଅଜୟ ସ୍ୱାଇଁ, ଜିଲା ପରିଷଦ ସଭ୍ୟ ପ୍ରଦୀପ୍ତ ଖଟୋଇ, ବ୍ଲକ ବିଜେଡି ସଭାପତି ଅଶୋକ ସାହୁ, ସରପଞ୍ଚ ମନୋସିନି ବେହେରା, ସମିତିସଭ୍ୟ ପ୍ରଭାକର ମଲ୍ଲିକ ପ୍ରମୁଖ ଅତିଥି ଭାବେ ଯୋଗଦେଇଥିଲେ। ସୁଶାନ୍ତ ନାୟକ, ପବିତ୍ର ମୋହନ ମହାପାତ୍ର ଓ ଦୁର୍ଯ୍ୟୋଧନ ବେହେରା କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। କାର୍ଯ୍ୟକ୍ରମରେ ୨ ହଜାରରୁ ଊର୍ଦ୍ଧ୍ୱ କର୍ମୀ ଏବଂ ଜନସାଧାରଣ ଯୋଗ ଦେଇଥିଲେ।

# ଫାଇନ ଡଲ୍‌ଫିନ ଚାମ୍ପିୟନ

### ଗୋପୀନାଥପୁର ପ୍ରିମିୟର ଲିଗ୍ ଉଦ୍‌ଯାପିତ



**କଣାସ,୭।୨(ବିଭୂତି ଭୂଷଣ ତ୍ରିପାଠୀ):** କଣାସ ବ୍ଲକ ଅଧୀନ ଗୋପୀନାଥପୁର ଗ୍ରାମପଞ୍ଚାୟତର ଗୋପୀନାଥପୁର ଖେଳପଡ଼ିଆରେ ମା' ଡୋମଣୀ କ୍ରିକେଟ୍ କ୍ଲବ ପକ୍ଷରୁ ଆୟୋଜିତ ଗୋପୀନାଥପୁର ପ୍ରିମିୟର ଲିଗ୍ କ୍ରିକେଟ୍ ମ୍ୟାଚ ବୁଧବାର ଉଦ୍‌ଯାପିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ସତ୍ୟବାଦୀ ବିଧାୟକ ଉମାକାନ୍ତ ସାମନ୍ତରାୟ, ଗଡିଶାଗୋଦା ଥାନାଧିକାରୀ ଦୁର୍ଗାଚରଣ ମହାପାତ୍ର, ଏଏସ୍‌ଆଇ ଭୀମସେନ ମାଝୀ, ସତ୍ୟବାଦୀ ଯୁବ ବିଜେଡି ସଭାପତି ବସନ୍ତ ଜେନା, ସାଗର ପ୍ରଧାନ, ଶିକ୍ଷାବିତ୍ ବିଜୟ ପ୍ରଧାନ, ଖବରଦାତା ହେମନ୍ତ ମହାରଥୀ, ଶଶାଙ୍କ ପ୍ରଧାନ, ଦୈତାରୀ ପ୍ରଧାନ, ରଶ୍ମିରଞ୍ଜନ ସାମନ୍ତରାୟ ପ୍ରମୁଖ ଅତିଥି ଭାବେ ଯୋଗଦେଇଥିଲେ। ଯୁବକଙ୍କ ମଧ୍ୟରେ ଭାଇଚାରା ସୃଷ୍ଟି ଲାଗି କ୍ରିକେଟ୍ ମ୍ୟାଚ ମୁଖ୍ୟ ଭୂମିକା ଗ୍ରହଣ କରୁଥିବା ଅତିଥିମାନେ ସୂଚନା ଦେଇଥିଲେ। ପ୍ରତିଯୋଗିତାରେ ୬ଟି ଦଳ ଭାଗ ନେଇଥିଲେ। ମ୍ୟାଚ୍‌ରେ ବିଗ ବ୍ରଦର୍ସ ପାଇକମରାକୁ ହରାଇ ଫାଇନ ଡଲଫିନ ଗୋପୀନାଥପୁର ଚାମ୍ପିୟନ ହୋଇଥିଲା। ବିଗ ବ୍ରଦର୍ସ ଟସ୍ ଜିତି ବ୍ୟାଟିଂ କରି ୧୬.୩ ଓଭରରେ ସମସ୍ତ ଉଇକେଟ୍ ହରାଇ ୧୩୬ ରନ୍ କରିଥିଲା। ଜବାବରେ ଫାଇନ ଡଲଫିନ ଗୋପୀନାଥପୁର ୧୫.୪ ଓଭରରେ ୭ ଉଇକେଟ ହରାଇ ୧୪୨ ରନ୍ କରି ବିଜୟୀ ହୋଇଥିଲା। ମିଲୁ ଜେନା ୩୩ ବଲ୍‌ରେ ୫୨ ରନ୍ କରି ଦଳକୁ ବିଜୟୀ କରିଥିବାରୁ ମ୍ୟାନ ଅଫ୍ ଦି ମ୍ୟାଚ୍ ବିବେଚିତ ହୋଇଥିଲେ। ବିଗ ବ୍ରଦର୍ସର ବାଦଲ ବରାଳ ୨୫୬ ରନ୍ କରିଥିବାରୁ ମ୍ୟାନ୍ ଅଫ୍ ଦି ସିରିଜ୍ ଭାବେ ବିବେଚିତ ହୋଇଥିଲେ। ଚାମ୍ପିୟନ ଦଳକୁ ଚାମ୍ପିୟନ ଟ୍ରଫି ଓ ରନର୍ସ ଅପ ଦଳକୁ ରନର୍ସ ଟ୍ରଫି ଅତିଥିମାନେ ପ୍ରଦାନ କରିଥିଲେ। ବିଜୟ ବେହେରା, ବ୍ରଜବନ୍ଧୁ ପ୍ରଧାନ ଓ ବିଭୂତି ପ୍ରଧାନ ଖେଳ ପରିଚାଳନା କରିଥିଲେ। ଆସୋସିଏଶନର ସମସ୍ତ ସଦସ୍ୟ ସହଯୋଗ କରିଥିଲେ।

## ସଂକ୍ଷେପରେ

### ବୁଥ୍ ସଶକ୍ତୀକରଣ କାର୍ଯ୍ୟକ୍ରମ ପାଇଁ ପ୍ରସ୍ତୁତି ବୈଠକ

**କଟକ ସଦର, ୭।୨ (ସୁଶାନ୍ତ କୁମାର ଜେନା)**

ବୁଥ୍ ସଶକ୍ତୀକରଣ ଓ ଗାଁକୁ ଚାଲ ଅଭିଯାନକୁ ସଫଳ କରିବା ପାଇଁ ବୁଧବାର କଟକ ସଦର ଭାଜପା ପକ୍ଷରୁ କିଶନନଗର ଥାନା ଅନ୍ତର୍ଗତ ଧରିଣାର ଗୋପ ମଠରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଇଂ. ପ୍ରକାଶ ଚନ୍ଦ୍ର ସେଠୀ ପୌରୋହିତ୍ୟ କରିଥିଲେ। ଦଳୀୟ ସଂଗଠନକୁ ତୃଣମୂଳ ସ୍ତରରୁ ମଜଭୁତ କରିବା ପାଇଁ ଆହ୍ୱାନ ଦିଆଯାଇଥିଲା। ଏହି ବୈଠକରେ କଟକ ସଦର ନିର୍ବାଚନ ମଣ୍ଡଳୀର ପ୍ରଭାରୀ ରଶ୍ମିରେଖା ଦାସ, ଓବିସି ମୋର୍ଚ୍ଚା ସଭାପତି ପ୍ରତାପ ରାଉତ, ପୂର୍ବତନ ସରପଞ୍ଚ ବିରଜା ସାହୁ, କେଳୁଚରଣ ମହାଲୀ, ଚିତ୍ତରଞ୍ଜନ ସାହୁ, ଉରାଳି ମଣ୍ଡଳ ସଭାପତି ପ୍ରଦୀପ ବେହେରା, ବିଶ୍ୱନାଥ ବସ୍ତିଆ ପ୍ରମୁଖ ଯୋଗଦେଇଥିଲେ।

### ବାଲିସାହି ଉନ୍ନୟନ ସମିତିର ନୂତନ କର୍ମକର୍ତ୍ତା

**କଟକ, ୭।୨ (କାର୍ତ୍ତିକ ସାହୁ)**

ବାଲିସାହି ଉନ୍ନୟନ ସମିତିର ନୂତନ କର୍ମକର୍ତ୍ତା ମନୋନୟନ ନୂଆପଡ଼ାସ୍ଥିତ ଆଖଣ୍ଡଳମଣି ମନ୍ଦିର ପରିସରରେ ଅନୁଷ୍ଠିତ ହୋଇଯାଇଛି। କମିଟିର ସଭାପତି ଭାବେ ଶିବଚରଣ ଦାସ, ଉପସଭାପତି ପ୍ରଦୀପ କୁମାର ତ୍ରିପାଠୀ, ସମ୍ପାଦକ ଗୋପବନ୍ଧୁ ତିୱାରି, ଯୁଗ୍ମ ସମ୍ପାଦକ ଚନ୍ଦ୍ରଶେଖର ଦାସ, ଭରତ ଚନ୍ଦ୍ର ଦାସ ଓ ମନୋରଞ୍ଜନ ସ୍ୱାଇଁ, କୋଷାଧ୍ୟକ୍ଷ ବିଷ୍ଣୁଚରଣ ଷଡ଼ଙ୍ଗୀ, ସମୀକ୍ଷକ ଭାବେ ପ୍ରବୀର କୁମାର ସ୍ୱାଇଁଙ୍କୁ ମନୋନୀତ କରାଯାଇଛି। ନୂତନ କମିଟି ଆଗାମୀ ୨ ବର୍ଷ ପର୍ଯ୍ୟନ୍ତ କାର୍ଯ୍ୟକ୍ଷମ ରହିବ। ଦୁଃଶାସନ ବେହେରା କାର୍ଯ୍ୟକ୍ରମ ପରିଚାଳନା ଓ ହରିହର ଦଳେଇ ଧନ୍ୟବାଦ ଦେଇଥିଲେ।

### ସ୍ୱାସ୍ଥ୍ୟସେବା ଶିବିର

**କଟକ ସଦର, ୭।୨ (ସୁଶାନ୍ତ କୁମାର ଜେନା)**

୪୨ମୌଜା ଥାନା ଅଧୀନ ରାଉତରାପୁରଠାରେ ପ୍ରଦ୍ୟୁମ୍ନ କିଶୋର ଟ୍ରଷ୍ଟ ପକ୍ଷରୁ ସ୍ୱାସ୍ଥ୍ୟସେବା ଶିବିର ବୁଧବାର ଅନୁଷ୍ଠିତ ହୋଇଯାଇଛି। ଆଧ୍ୟାତ୍ମିକ ଗୁରୁ ପ୍ରଦ୍ୟୁମ୍ନ କିଶୋର ଦେବ ଶିବିରକୁ ଉଦ୍‌ଘାଟନ କରିଥିଲେ। ଏଥିରେ ଓଡ଼ିଶା ଆୟୁର୍ବେଦ ସେବାସଂଘର ମୁଖ୍ୟ ଡା. ଦୀନବନ୍ଧୁ ମହାରଣା ଯୋଗଦେଇ କହିଛନ୍ତି, ସୁସ୍ଥ ଜୀବନଯାପନ ପାଇଁ ପ୍ରତ୍ୟେକ ବ୍ୟକ୍ତି ପ୍ରତିଦିନ ବ୍ୟାୟାମ କରିବା, ସିଝାପାଣି ପିଇବା, ବାସୀ ଓ ଛଣାଖାଦ୍ୟ ବର୍ଜନ କରିବା ସହିତ ଆୟୁର୍ବେଦ ଔଷଧ ସେବନ କରନ୍ତୁ। ଏହି ଅବସରରେ ସ୍ୱାସ୍ଥ୍ୟ ପରୀକ୍ଷା କରାଯାଇ ଆୟୁର୍ବେଦ ଔଷଧ ବିତରଣ କରାଯାଇଥିଲା। ଏଥିସହ ଏକ ସ୍ମରଣିକା 'ଦିବ୍ୟାନୁଭୂତି' ଉନ୍ମୋଚିତ ହୋଇଥିଲା। ଆୟୁର୍ବେଦ ଗବେଷକ ଡା. ମିନତି ମହାରଣା, ପ୍ରଜ୍ଞା ପାରମିତା ଦେବୀ, ମାନସୀ ଦେବୀ, ଦେବାଶିଷ ପରିଡା, ବିଶ୍ୱଜିତ ପରିଡା, କୃପାସିନ୍ଧୁ ବିଶ୍ୱାଳ ପ୍ରମୁଖ ଯୋଗଦେଇଥିଲେ।

### ଶିଳାନ୍ୟାସ ପାଇଁ ଭିତ୍ତିଭୂମି ଅନୁଧ୍ୟାନ କଲେ ଅଧିକାରୀ

**ଚୌଦ୍ୱାର, ୭।୨ (ଆଶୁତୋଷ ଦାସ)**

ଚୌଦ୍ୱାରଠାରେ ବନ୍ଦ ଓଟିଏମ୍ କାରଖାନା ଭିତ୍ତିଭୂମି ଉପରେ ନୂତନ ଶିଳ୍ପ ପ୍ରତିଷ୍ଠା ପାଇଁ ସରକାରୀସ୍ତରରେ ନିଷ୍ପତ୍ତି ନିଆଯାଇଛି। ଏଥିପାଇଁ ବିଭିନ୍ନ ବିଭାଗର ଅଧିକାରୀ ବୁଧବାର ଚୌଦ୍ୱାର ଆସି ଭିତ୍ତିଭୂମି ଅନୁଧ୍ୟାନ କରିଛନ୍ତି। ସରକାର ଓଟିଏମ୍‌ର ୫୨୨ ଏକର ଜମିକୁ ଇଡ୍‌କୋ ଜରିଆରେ ନିଜ ଅଧୀନକୁ ନେବା ପରେ ପ୍ରଥମ ପର୍ଯ୍ୟାୟରେ ୪୭୮ ଏକର ଜମିକୁ ଶିଳ୍ପସଂସ୍ଥା ୱେଲ ସ୍ପନ କମ୍ପାନୀ ଓ ଅନ୍ୟ କିଛି କମ୍ପାନୀକୁ ପ୍ରଦାନ କରିଛନ୍ତି। ଏହି ପରିପ୍ରେକ୍ଷୀରେ ଆସନ୍ତା ୧୭ ତାରିଖରେ ମୁଖ୍ୟମନ୍ତ୍ରୀ ୱେଲ୍ ସ୍ପନ୍ କମ୍ପାନୀର ନୂତନ ଶିଳ୍ପ ପ୍ରତିଷ୍ଠା ପାଇଁ ଭିତ୍ତିପ୍ରସ୍ତର ସ୍ଥାପନ କରିବାର କାର୍ଯ୍ୟକ୍ରମ ରହିଛି। ଇଡ୍‌କୋ ସିଜିଏମ୍, ଇଫ୍‌କୋ ସିଜିଏମ୍, କଟକ ସବ୍ କଲେକ୍ଟର, ସ୍ଥାନୀୟ ତହସିଲଦାର, ଆର୍‌ଆଣ୍ଡବି ଓ ବିଦ୍ୟୁତ୍ ବିଭାଗ ଅଧିକାରୀ ବୁଧବାର ଚୌଦ୍ୱାର ଆସି ବଧୀ ପଡ଼ିଆ ନିକଟରେ ଶିଳାନ୍ୟାସ ପାଇଁ ସ୍ଥାନ ନିରୂପଣ କରିଛନ୍ତି। ଏହି କାର୍ଯ୍ୟକ୍ରମରେ ବିଧାୟକ ସୌଭିକ୍ ବିଶ୍ୱାଳ, ପୌରାଧ୍ୟକ୍ଷା ମାନସୀ ସ୍ୱର୍ଣ୍ଣପ୍ରଭା ସାମଲ, ଉପାଧ୍ୟକ୍ଷ ଶୁଭେନ୍ଦୁ ସାମଲ, ଏମ୍‌ପିଙ୍କ ପ୍ରତିନିଧି ପ୍ରେମଚାନ୍ଦ ନାୟକ, ବିଧାୟକଙ୍କ ପ୍ରତିନିଧି ବିଷ୍ଣୁ ଚରଣ ପରିଡ଼ାଙ୍କ ସମେତ ସମସ୍ତ କାଉନ୍‌ସିଲର ଉପସ୍ଥିତ ଥିଲେ।

# ଏସ୍‌ସିବି ପରିସରରେ ଜେରକ୍ସ ସୁବିଧା ନାହିଁ

**କଟକ, ୭।୨ (ଶିଳ୍ପା ପ୍ରିୟଦର୍ଶିନୀ)**

■ ରୋଗୀ, ସମ୍ପର୍କୀୟଙ୍କୁ ବାହାରକୁ ଯିବାକୁ ପଡୁଛି
■ ମେଡିକାଲ କର୍ତ୍ତୃପକ୍ଷ ଦୃଷ୍ଟି ଦିଅନ୍ତୁ



ଏସ୍‌ସିବି ମେଡିକାଲ ପରିସରରେ ଜେରକ୍ସ ସୁବିଧା ନ ଥିବା ରୋଗୀ ସମ୍ପର୍କୀୟମାନେ ଅଭିଯୋଗ କରିଛନ୍ତି। ଫଳରେ ଜେରକ୍ସ କରିବା ପାଇଁ ସେମାନଙ୍କୁ ମେଡିକାଲ ବାହାରକୁ ଯିବାକୁ ପଡୁଛି। ଏହାକୁ ନେଇ ସେମାନଙ୍କ ମଧ୍ୟରେ ଅସନ୍ତୋଷ ଦେଖାଦେଇଛି। ତୁରନ୍ତ ମେଡିକାଲ କର୍ତ୍ତୃପକ୍ଷ ଏଥିପ୍ରତି ଦୃଷ୍ଟି ଦେବାକୁ ସେମାନେ ଦାବି କରିଛନ୍ତି।

ମିଳିଥିବା ସୂଚନା ଅନୁଯାୟୀ, ଏସ୍‌ସିବି ମେଡିକାଲରେ ସୁପରସ୍ପେସିଆଲ ଆଉଟ୍‌ଡୋର, ମେଡିସିନ ଆଉଟ୍‌ଡୋର, କାର୍ଡିଓଲୋଜି ଆଉଟଡୋର ଭଳି ଅନ୍ୟାନ୍ୟ ଆଉଟ୍‌ଡୋର ପ୍ରତିଦିନ ବାରି ଅନୁଯାୟୀ ରହିଥାଏ। ଫଳରେ ବିଭିନ୍ନ ଆଉଟ୍‌ଡୋର୍‌କୁ ପ୍ରତିଦିନ ରୋଗୀ ସେମାନଙ୍କ ସମ୍ପର୍କୀୟଙ୍କ ସହିତ ଆସିଥାନ୍ତି। ସେଠାରେ ଡାକ୍ତରଙ୍କ ପରାମର୍ଶକ୍ରମେ ବିଭିନ୍ନ ବିଭାଗକୁ ରୋଗୀ ଯାଇଥାନ୍ତି। ହେଲେ ସେମାନଙ୍କର ଆବଶ୍ୟକ ପରୀକ୍ଷା ଯଥା- ସିଟି ସ୍କାନ, ଏକ୍ସ-ରେ, ଅଲଟ୍ରାସାଉଣ୍ଡ ଆଦି ପାଇଁ ଉକ୍ତ ସ୍ଥାନରେ ପ୍ରେସ୍‌କ୍ରିପ୍‌ଶନ୍‌ର ଜେରକ୍ସ କପି ଆବଶ୍ୟକ ପଡେ। ଜେରକ୍ସ କପି ରଖିବା ପରେ ରୋଗୀଙ୍କର ପରୀକ୍ଷା କରାଯିବା ସହ ରିପୋର୍ଟ ପ୍ରଦାନ କରାଯାଇଥାଏ। ହେଲେ ଏ ସମ୍ପର୍କରେ ଅନେକ ରୋଗୀ ଓ ସେମାନଙ୍କ ସମ୍ପର୍କୀୟ ଜାଣି ନ ଥାନ୍ତି। ପରୀକ୍ଷା ପାଇଁ ଧାଡିରେ ଛିଡା ହୋଇଥିବା ରୋଗୀ ହଠାତ୍ ଏହା ଜାଣିବା ପରେ ଜେରକ୍ସ କରିବା ପାଇଁ ମେଡିକାଲ ବାହାରକୁ ଧାଇଁଥାଏ। ବୁଧବାର କେତେଜଣ ରୋଗୀ ଓ ସେମାନଙ୍କ ସମ୍ପର୍କୀୟ ଏଭଳି ସମସ୍ୟାର ସମ୍ମୁଖୀନ ହୋଇଛନ୍ତି। ଭଦ୍ରକରୁ ଏସ୍‌ସିବି ମେଡିକାଲକୁ ଆସିଥିବା ମନ୍ମଥ ମଲ୍ଲିକ ଓ ନରେନ୍ଦ୍ର ପ୍ରସାଦ ସାହୁ କହିଛନ୍ତି, ଏସ୍‌ସିବିକୁ ବିଶ୍ୱସ୍ତରୀୟ ମେଡିକାଲରେ ପରିଣତ କରାଯାଉଛି। ହେଲେ ଏଠାରେ ଛୋଟ ଛୋଟ ସମସ୍ୟା ରହିଛି। ରୋଗୀ ଚିକିତ୍ସା ପାଇଁ ଜେରକ୍ସ କପି ଆବଶ୍ୟକ ପଡିଲା। ହେଲେ ଏଠାରେ ଏଭଳି ବ୍ୟବସ୍ଥା ନ ଥିବାରୁ ରୋଗୀଙ୍କୁ ଛାଡି ଜେରକ୍ସ କରିବା ପାଇଁ ମେଡିକାଲ ବାହାରକୁ ଆସିବାକୁ ପଡିଲା। ଏ ଦିଗରେ ମେଡିକାଲ କର୍ତ୍ତୃପକ୍ଷ ଦୃଷ୍ଟି ଦେବାର ଆବଶ୍ୟକତା ରହିଛି। ସେହିପରି କେନ୍ଦୁଝରରୁ ଆସିଥିବା ସୁକାନ୍ତ ଗଡ଼ନାୟକ କହିଛନ୍ତି, ଚିକିତ୍ସା ପାଇଁ ମୋ ସ୍ତ୍ରୀ ୨୩ ଦିନ ହେବ ମେଡିକାଲରେ ଭର୍ତ୍ତି ହୋଇଛନ୍ତି। ସୁସ୍ଥ ହେବାରୁ ବୁଧବାର ତାଙ୍କୁ ଡିସ୍‌ଚାର୍ଜ କରାଯାଇଛି। ଏଥିପାଇଁ ସମସ୍ତ ପ୍ରେସ୍‌କ୍ରିପ୍‌ସନ୍‌ର ଜେରକ୍ସ କପି ଆବଶ୍ୟକ। ହେଲେ ମେଡିକାଲ ପରିସରରେ ଜେରକ୍ସ ବ୍ୟବସ୍ଥା ନ ଥିବାରୁ ବାହାରକୁ ଆସିବାକୁ ପଡିଥିବା ସେ କହିଛନ୍ତି। ଅପରପକ୍ଷରେ ଏସ୍‌ସିବି ମେଡିକାଲ ଅଧୀକ୍ଷକ ପ୍ରଫେସର ସୁଧାଂଶୁ ଶେଖର ମିଶ୍ର କହିଛନ୍ତି, ମେଡିକାଲ ପରିସରରେ ଜେରକ୍ସ ସୁବିଧା ରହିଛି। ଧୀରେ ଧୀରେ ସମସ୍ତ ବ୍ୟବସ୍ଥା ଉପରେ କାର୍ଯ୍ୟ କରାଯାଉଛି। ଜେରକ୍ସ ବ୍ୟବସ୍ଥା ସମ୍ପର୍କରେ କୌଣସି ରୋଗୀ ଓ ସେମାନଙ୍କ ସମ୍ପର୍କୀୟ ଅଭିଯୋଗ କରିନାହାନ୍ତି। ଗଣମାଧ୍ୟମରୁ ଏହା ଜାଣିବାକୁ ପାଇଲୁ। ଆଗାମୀ ଦିନରେ ରୋଗୀ ଓ ସେମାନଙ୍କ ସମ୍ପର୍କୀୟ କିଭଳି ଅସୁବିଧାର ସମ୍ମୁଖୀନ ନ ହେବେ ସେଥିପ୍ରତି ଦୃଷ୍ଟି ଦିଆଯିବ ବୋଲି ମିଶ୍ର କହିଛନ୍ତି।



କଟକ ବାଖରାବାଦସ୍ଥିତ ଗାନ୍ଧୀ ଭବନରେ ସାମାଜିକ ଅନୁଷ୍ଠାନ 'ସୁନାଦୁବ'ର ପ୍ରତିଷ୍ଠା ଉତ୍ସବରେ ଯୋଗଦେଇଥିବା ଅତିଥିବୃନ୍ଦ।

## ସରକାରୀ ଯୋଜନା ଲୋକଙ୍କୁ ଜଣାଅ

**ଚୌଦ୍ୱାର, ୭।୨ (ଆଶୁତୋଷ ଦାସ)**

### ସଚେତନତା ଶିବିର

ରାଜ୍ୟ ସରକାରଙ୍କ ଲୋକାଭିମୁଖୀ ଯୋଜନା ସମ୍ପର୍କରେ ଲୋକଙ୍କୁ ଅବଗତ କରିବା ନିମନ୍ତେ ନଖରା ପଞ୍ଚାୟତ ପକ୍ଷରୁ ଅଙ୍ଗତରାଡିହ କନକେଶ୍ୱର ମନ୍ଦିର ପଡିଆରେ ପଞ୍ଚାୟତ ସ୍ତରୀୟ ସଚେତନତା ଶିବିର ବୁଧବାର ଅନୁଷ୍ଠିତ ହୋଇଯାଇଛି। ବ୍ଲକ ଉପାଧ୍ୟକ୍ଷା ସୁପ୍ରିୟା ଜେଠୀଙ୍କ ପୌରୋହିତ୍ୟରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ବିଧାୟକ ସୌଭିକ୍ ବିଶ୍ୱାଳ, ଜିଲା ପରିଷଦ ସଭ୍ୟ ଚିତ୍ତରଞ୍ଜନ ସାମଲ, ବ୍ଲକ ଅଧ୍ୟକ୍ଷା ମିନାକ୍ଷୀ ଦାସ ଅତିଥି ଭାବେ ଯୋଗଦେଇ ରାଜ୍ୟ ସରକାରଙ୍କ ବିଭିନ୍ନ ଲୋକାଭିମୁଖୀ ଯୋଜନା ସମ୍ପର୍କରେ ଉପସ୍ଥିତ କର୍ମୀମାନଙ୍କୁ ଅବଗତ କରାଇଥିଲେ। ଏ ସମ୍ପର୍କରେ ଅନ୍ୟମାନଙ୍କୁ ଜଣାଇବାକୁ ମଧ୍ୟ କହିଥିଲେ। ଶିକ୍ଷାବିତ୍ ଧୀରେନ୍ଦ୍ର ନାଥ ଜେଠୀ ମଞ୍ଚ ପରିଚାଳନା କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ଅଭିଳାସ ସାହୁ, ପୂର୍ଣ୍ଣଚନ୍ଦ୍ର ନାୟକ, ମହେଶ୍ୱର ସିଂ, ଧନେଶ୍ୱର ଜେଠୀ, ଦୀଲ୍ଲିପ କୁମାର ଆଚାର୍ଯ୍ୟ, ସନ୍ତୋଷ ନାୟକ, ଆଲୋକ ରାଉତ, ପ୍ରମିଳା ଓଝା, ମଧୁସ୍ମିତା ମହାପାତ୍ର, ରଶ୍ମିତା ସାହୁଙ୍କ ସମେତ ବ୍ୟାଙ୍କ ମିତ୍ର, ପଞ୍ଚାୟତର ସମସ୍ତ ୱାର୍ଡ ମେମ୍ବର ଓ ଦଳୀୟକର୍ମୀ ଉପସ୍ଥିତ ଥିଲେ।

## ଏସ୍‌ସିବି ଅଧୀକ୍ଷକଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ



ଏସ୍‌ସିବି ଅଧୀକ୍ଷକଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଭାଜପା ପକ୍ଷରୁ ବିକ୍ଷୋଭ ପ୍ରଦର୍ଶନ।

**କଟକ, ୭।୨ (ଶିଳ୍ପା ପ୍ରିୟଦର୍ଶିନୀ)**

ଏସ୍‌ସିବି ମେଡିକାଲରେ ଅବ୍ୟବସ୍ଥାକୁ ନେଇ ଭାଜପା କଟକ ନଗର ପକ୍ଷରୁ ବୁଧବାର ଏସ୍‌ସିବି ଅଧୀକ୍ଷକଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଥିଲା। ଭାଜପା କଟକ ନଗର ସଭାପତି ଲଲାଟେନ୍ଦୁ ବଡୁଙ୍କ ନେତୃତ୍ୱରେ ଅନୁଷ୍ଠିତ ବିକ୍ଷୋଭରେ ଦଳୀୟ କର୍ମୀ ବିଶ୍ୱରଞ୍ଜନ ମିଶ୍ର, ମହେନ୍ଦ୍ର ମହାନ୍ତି, ରତନ ମହାନ୍ତି, ମନୋଜ ପତି, ନିରଞ୍ଜନ ବେହେରା, ସୁଶ୍ରୀ ରାଜନନ୍ଦିନୀ, ସୁବାସ ମହାନ୍ତି, କୀର୍ତ୍ତିଚନ୍ଦ୍ର ସାମଲ, ତପନ ବେହେରା, ମୁପାନା ରାଜେଶ ପ୍ରମୁଖ ସାମିଲ ହୋଇଥିଲେ।

ମିଳିଥିବା ସୂଚନା ଅନୁଯାୟୀ, ବାଲେଶ୍ୱର ଅଞ୍ଚଳର ବଳରାମ ମିଶ୍ର ନାମକ ଜଣେ ଶ୍ରମିକ ଦୁଇଦିନ ତଳେ ଭୁବନେଶ୍ୱରରେ ମେଶିନ୍‌ରେ କାମ କରୁଥିବାବେଳେ ବାମହାତରେ ଆଘାତ ଲାଗିଥିଲା। ଚିକିତ୍ସା ଲାଗି ତାଙ୍କୁ ଏସ୍‌ସିବି ମେଡିକାଲ କାଜୁଆଲ୍‌ଟିରେ ଭର୍ତ୍ତି କରାଯାଇଥିଲା। ତାଙ୍କର ତୁରନ୍ତ ଅସ୍ତ୍ରୋପଚାର କରାଯିବାକୁ କାର୍ଯ୍ୟରତ ଜଣେ ଡାକ୍ତର କହିବା ସହ ୫୦ ହଜାର ଟଙ୍କା ଯୋଗାଡ଼ କରିବାକୁ କହିଥିଲେ। ପରେ ଆହତଙ୍କ ବିଭିନ୍ନ ପରୀକ୍ଷା କରିବା ସହ ରକ୍ତ ଯୋଗାଡ଼ କରିବା ପାଇଁ ସମ୍ପର୍କୀୟଙ୍କୁ କହିଥିଲେ। ହେଲେ ଭର୍ତ୍ତି ହେବାର ୧୨ ଘଣ୍ଟା ପରେ ମଧ୍ୟ ଆହତଙ୍କୁ କେବଳ ଡ୍ରେସିଂ କରି ଡାକ୍ତର ଛାଡ଼ିଦେଇଥିଲେ। ଏ ସମ୍ପର୍କିତ ଖବର ଗଣମାଧ୍ୟମ ପାଖରେ ପହଞ୍ଚିବାରୁ ଏସ୍‌ସିବି କର୍ତ୍ତୃପକ୍ଷ ରବିବାର ବିଳମ୍ବିତ ରାତିରେ ବଳରାମଙ୍କ ଅସ୍ତ୍ରୋପଚାର କରିଥିଲେ। ତେବେ ଏଭଳି ଅବ୍ୟବସ୍ଥାକୁ ନେଇ ବଡୁ ପ୍ରଶ୍ନ ଉଠାଇଛନ୍ତି। ସେ କହିଛନ୍ତି, ଏସ୍‌ସିବି ମେଡିକାଲକୁ ବିଶ୍ୱସ୍ତରୀୟ କରିବା କେବଳ ନାଁରେ ସୀମିତ ରହିଛି। ଏଠାରେ ରୋଗୀ ସେବା ପ୍ରହସନ ପାଲଟିଛି। ରୋଗୀଙ୍କୁ ଘରୋଇ ନର୍ସିଂହୋମକୁ ନେବା ପାଇଁ ଡାକ୍ତର କହିବା ଲଜ୍ଜାଜନକ ବିଷୟ। ତୁରନ୍ତ ସମ୍ପୃକ୍ତ ଡାକ୍ତରଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ ପାଇଁ ସେ ଦାବି କରିଛନ୍ତି। ଏ ସମ୍ପର୍କରେ ଏସ୍‌ସିବି ଅଧୀକ୍ଷକ ପ୍ରଫେସର ସୁଧାଂଶୁ ଶେଖର ମିଶ୍ର କହିଛନ୍ତି, ଉକ୍ତ ଘଟଣାର ତଦନ୍ତ ଜାରି ରହିଛି। ଏଥିରେ ସତ୍ୟତା ଥିଲେ ସମ୍ପୃକ୍ତ ଡାକ୍ତରଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ।

## ୩ ପଞ୍ଚାୟତରେ ନୂଆ ଓଡ଼ିଶା ସଚେତନତା କାର୍ଯ୍ୟକ୍ରମ

**କଟକ ସଦର, ୭।୨ (ସୁଶାନ୍ତ କୁମାର ଜେନା)**

କଟକ ସଦର ବ୍ଲକ ଅନ୍ତର୍ଗତ ଅରିଲୋ, ସୋମପୁର, ବୋଧପୁର ପଞ୍ଚାୟତରେ ବୁଧବାର ନୂଆ ଓଡ଼ିଶା, ନବୀନ ଓଡ଼ିଶା ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଉପରୋକ୍ତ ପଞ୍ଚାୟତରେ ଆୟୋଜିତ କାର୍ଯ୍ୟକ୍ରମକୁ କଟକ ସଦର ବିଧାୟକ ଚନ୍ଦ୍ରସାରଥି ବେହେରା ଉଦ୍‌ଘାଟନ କରିଥିଲେ। ଏଥିରେ ଅତିରିକ୍ତ ବିଡିଓ ଝାଡେଶ୍ୱର ଦାସ, ଜିଲା ପରିଷଦ ଉପାଧ୍ୟକ୍ଷା ସୁଭଦ୍ରା ଦାସ, ପ୍ରମୋଦ ମହାପାତ୍ର, ସମର ବେହେରା, ଶରତ କୁମାର ରାୟ, ପୂର୍ବତନ ସରପଞ୍ଚ ରମେଶ ଚନ୍ଦ୍ର ସାହୁ ପ୍ରମୁଖ ଉପସ୍ଥିତ ଥିଲେ। ଅରିଲୋ ପଞ୍ଚାୟତରେ ସରପଞ୍ଚ ମମତା ମଲ୍ଲିକଙ୍କ ପୌରୋହିତ୍ୟରେ ଆୟୋଜିତ ସଭାରେ ସମିତି ସଭ୍ୟା ମମତା ବେହେରା, ନୋଡାଲ ଅଫିସର ସମାପିକା ନାୟକ, ସାମାଜିକ ସୁରକ୍ଷା ଅଧିକାରୀ ପ୍ରିୟଦର୍ଶିନୀ ମହାପାତ୍ର ଯୋଗଦେଇଥିଲେ। କମଳାକାନ୍ତ ଖୁଣ୍ଟିଆ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ସେହିପରି ସୋମପୁରଠାରେ ସରପଞ୍ଚ ପୀତାମ୍ବର ଦାସଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ସମିତି ସଭ୍ୟା କୁନି ଭୋଇ, ନୋଡାଲ ଅଫିସର ସୋନାଲି ପ୍ରିୟଦର୍ଶିନୀ, ନିର୍ବାହୀ ଅଧିକାରୀ ପାର୍ଥସାରଥୀ ଦାଶ, ଜିଆର୍‌ଏସ୍ ଆଜାଦ ଅଲ୍ଲୀ ଖାଁ ଯୋଗଦେଇଥିଲେ। ରୂପକ ସ୍ୱାଇଁ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ବୋଧପୁରଠାରେ ସରପଞ୍ଚ ପ୍ରଶାନ୍ତ ବେହେରାଙ୍କ ସଭାପତିତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ସମିତି ସଭ୍ୟା ଭାରତୀ ବିଶ୍ୱାଳ, କାର୍ଯ୍ୟନିର୍ବାହୀ ଅଧିକାରୀ ଦେବରାଜ ଦାଶ ପ୍ରମୁଖ ଯୋଗଦେଇଥିଲେ। ପୂର୍ବତନ ସରପଞ୍ଚ ନିର୍ମଳ ବେହେରା କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## 'ଇତିହାସକୁ ନୂତନ ଶୈଳୀରେ ଦେଖିଲେ ସତ୍ୟ ସାମ୍ନାକୁ ଆସେ'


ଆଲୋଚନାଚକ୍ରରେ ଛାତ୍ରୀଛାତ୍ରଙ୍କ ସହ ଅନ୍ୟମାନେ।

**କଟକ, ୭।୨ (କାର୍ତ୍ତିକ ସାହୁ)**

### ଶ୍ରୀ ଶ୍ରୀ ବିଶ୍ୱବିଦ୍ୟାଳୟରେ ଆଲୋଚନାଚକ୍ର

ଇତିହାସକୁ ସମ୍ପୂର୍ଣ୍ଣ ନୂତନ ଶୈଳୀରେ ଦେଖିଲେ ବହୁ ସତ୍ୟ ଓ ତଥ୍ୟ ଆପେ ଆପେ ସାମ୍ନାକୁ ଆସେ। କଲମ୍ବସ ଯେତେବେଳେ ଆମେରିକା ଆବିଷ୍କାର କଲେ, ସେତେବେଳେ ସେ କୌଣସି ନୂଆ ଦେଶ ଆବିଷ୍କାର ନିମନ୍ତେ ସାର୍ବଭୌମ ଅଧିକାରର ବ୍ୟବହାର କରିଥିଲେ। ବୋଧହୁଏ ଏହିପରି ଭାବରେ ହିଁ ଷୋଡ଼ଶ ଶତାବ୍ଦୀର ଶେଷ ଆଡ଼କୁ ପୃଥିବୀରେ ଉପନିବେଶବାଦ ଜନ୍ମ ନେଇଥିଲା ବୋଲି ହାଇଦ୍ରାବାଦ ବିଶ୍ୱବିଦ୍ୟାଳୟର ଇଂଲିଶ ବିଭାଗର ପୂର୍ବତନ ପ୍ରଫେସର ତଥା ବିଭାଗ ମୁଖ୍ୟ ପ୍ରଫେସର ସଚ୍ଚିଦାନନ୍ଦ ମହାନ୍ତି କହିଛନ୍ତି। କଳା, ସଞ୍ଚାର ଏବଂ ଇଣ୍ଡିକ ଷ୍ଟଡିଜ୍ (ଏଫ୍‌ଏସିଆଇଏସ୍) ଦ୍ୱାରା ଶ୍ରୀ ଶ୍ରୀ ବିଶ୍ୱବିଦ୍ୟାଳୟରେ ଷ୍ଟିଫେନ ଗ୍ରୀନବ୍ଲାଟ ଏବଂ ନୂତନ ଐତିହାସିକତା ଶୀର୍ଷକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି। ଏଥିରେ ଅତିଥି ବକ୍ତା ଭାବେ ପ୍ରଫେସର ମହାନ୍ତି ଯୋଗଦେଇ ଐତିହାସିକ ଗବେଷଣାର ମହତ୍ତ୍ୱ ବିଷୟରେ କହିଥିଲେ। ବିଶ୍ୱବିଦ୍ୟାଳୟ କୁଳପତି ଡ. ବି. ଆର୍. ଶର୍ମା, କାର୍ଯ୍ୟକାରୀ ପ୍ରବନ୍ଧକ ଡା. ଦୀପା ବିନୟ, ଏଫ୍‌ଏସିଆଇଏସ୍‌ର ଡିନ୍ ଗୁରୁ ରତିକାନ୍ତ ମହାପାତ୍ର ଏବଂ ବିଭାଗୀୟ ମୁଖ୍ୟ ପ୍ରଫେସର ଡ. କମଳା ପ୍ରସାଦ ମହାପାତ୍ର ମିଳିତ ଭାବେ ପ୍ରଫେସର ମହାନ୍ତିଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ପ୍ରଫେସର ମହାନ୍ତିଙ୍କ ପୁସ୍ତକ 'ଆର୍ଲି ୱିମେନ୍ସ ରାଇଟିଂସ ଇନ୍ ଓଡ଼ିଶା ଫ୍ରମ୍ ୧୮୯୮ ଟୁ ୧୯୫୦ : ଏ ଲଷ୍ଟ ଟ୍ରାଡିସନ' ଉନ୍ମୋଚିତ ହୋଇଥିଲା। ବିଶ୍ୱବିଦ୍ୟାଳୟରେ ହିନ୍ଦୁସ୍ତାନୀ ଭୋକାଲ ବିଭାଗର ପରଫର୍ମିଂ ଆର୍ଟ ସ୍ନାତକ ଛାତ୍ରୀଛାତ୍ରଙ୍କ ଦ୍ୱାରା ବନ୍ଦେ ଉତ୍କଳ ଜନନୀ ଗାନ କରାଯାଇଥିଲା। ଛାତ୍ରୀ ଅତସୀ ସିହ୍ନା ପ୍ରଶ୍ନୋତ୍ତର ଅଧିବେଶନ ପରିଚାଳନା ଏବଂ ଡ. ମଧୁମିତା ଦାସ ଧନ୍ୟବାଦ ଦେଇଥିଲେ।

## ଶ୍ୱଶୁରଘରୁ ଶିକ୍ଷକଙ୍କ ଝୁଲନ୍ତା ମୃତଦେହ ଜବତ

**ଖୁଣ୍ଟୁଣୀ, ୭।୨ (ସଚ୍ଚିଦାନନ୍ଦ ପଣ୍ଡା)**

ଖୁଣ୍ଟୁଣୀ ଥାନା ଅଧୀନ ଦ୍ୱାରାବତୀପୁର ଗ୍ରାମର ଶ୍ୱଶୁରଘରୁ ବୁଧବାର ସକାଳେ ଶିକ୍ଷକ ବୀରେନ୍ଦ୍ର କୁମାର ରାଉତଙ୍କ ଝୁଲନ୍ତା ମୃତଦେହ ପୋଲିସ ଜବତ କରିଛି। ପରେ ବ୍ୟବଚ୍ଛେଦ ପାଇଁ ଆଠଗଡ଼ ଡାକ୍ତରଖାନା ପଠାଇବା ସହ ଏକ ଅପମୃତ୍ୟୁ ମାମଲା(ନଂ.୩/୨୪) ରୁଜୁକରି ତଦନ୍ତ ଚଳାଇଛି। ମୃତକଙ୍କ ଘର ତିଗିରିଆ ଥାନା ଅଧୀନ ରଘୁରାମପୁର ଗ୍ରାମରେ ବୋଲି ଜଣାପଡିଛି। ମିଳିଥିବା ସୂଚନା ଅନୁଯାୟୀ, ବୀରେନ୍ଦ୍ର ଓ ତାଙ୍କ ସ୍ତ୍ରୀ ପ୍ରଣତୀ ଶିକ୍ଷକତା କରୁଥିଲେ। ଦ୍ୱାରାବତୀପୁରଠାରୁ ମାତ୍ର ୫ କି.ମି. ଦୂର ଜେନାପୁରଠାରେ ପ୍ରଣତୀ ଚାକିରି କରିଥିବାରୁ ସ୍ୱାମୀଙ୍କ ସହ ସେଠାରେ ଏକ ଭଡ଼ାଘରେ ରହୁଥିଲେ। ସେଠାରୁ ବୀରେନ୍ଦ୍ର ତିଗିରିଆ ଅଞ୍ଚଳର ଏକ ସ୍କୁଲରେ ଶିକ୍ଷକତା କରିବାକୁ ଯାଉଥିଲେ। ମଙ୍ଗଳବାର ରାତିରେ ବୀରେନ୍ଦ୍ର ତାଙ୍କ ଶ୍ୱଶୁରଘରକୁ ଆସି ରାତିରେ ଖାଇ ସାରି ଶୋଇଥିଲେ। ବୁଧବାର ସକାଳେ ଶୋଇବା ଘରୁ ବୀରେନ୍ଦ୍ରଙ୍କ ଝୁଲନ୍ତା ମୃତଦେହ ଦେଖିବାକୁ ମିଳିଥିଲା। ମୃତ୍ୟୁର କାରଣ ଜଣାପଡି ନ ଥିବାବେଳେ ସ୍ତ୍ରୀଙ୍କ ଶରୀର ଅସୁସ୍ଥ ଥିବା ଦୁଃଖରେ ସେ ମାନସିକ ଭାରସାମ୍ୟ ହରାଇ ଆତ୍ମହତ୍ୟା କରିଥିବା ଅନୁମାନ କରାଯାଉଛି। ଏ ନେଇ ପ୍ରଣତୀ ପୋଲିସକୁ ଲିଖିତ ଏତଲା ଦେଇଛନ୍ତି।

## ତିରୁପତି, ଭେଲୋର ଗଲେ ୨୪୩ ତୀର୍ଥଯାତ୍ରୀ

**କଟକ, ୭।୨ (କାର୍ତ୍ତିକ ସାହୁ)**

ବରିଷ୍ଠ ନାଗରିକ ତୀର୍ଥଯାତ୍ରା ଯୋଜନାରେ କଟକ ଜିଲାର ୨୪୩ ଜଣ ବରିଷ୍ଠ ନାଗରିକ ତିରୁପତି ଓ ଭେଲୋର ଅଭିମୁଖେ ବୁଧବାର ଯାତ୍ରା କରିଛନ୍ତି। କୃଷିମନ୍ତ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁ, କଟକ ମହାନଗର ନିଗମ ମେୟର ସୁବାସ ସିଂ, ଜିଲାପାଳ ବିନୀତ ଭରଦ୍ୱାଜ, ଅତିରିକ୍ତ ଜିଲାପାଳ ଶିବ ଟପୋ, ଉପନିର୍ଦ୍ଦେଶକ ତଥା ଜିଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଲଲାଟେନ୍ଦୁ ମହାପାତ୍ର ପ୍ରମୁଖ ଜିଲାପାଳଙ୍କ କାର୍ଯ୍ୟାଳୟରୁ ପତାକା ଦେଖାଇ ବରିଷ୍ଠ ନାଗରିକ ତୀର୍ଥଯାତ୍ରାର ଶୁଭାରମ୍ଭ କରିଥିଲେ। ତୀର୍ଥଯାତ୍ରୀମାନେ ୬ଟି ବସ୍ ଯୋଗେ ଭୁବନେଶ୍ୱର ଅଭିମୁଖେ ଯାତ୍ରା କରିଛନ୍ତି। ପୂର୍ବାହ୍ନ ୧୧ଟାରୁ ତୀର୍ଥଯାତ୍ରୀମାନଙ୍କର ପଞ୍ଜିକରଣ ଆରମ୍ଭ ହୋଇ ଅପରାହ୍ନ ୩ଟାରେ ତୀର୍ଥଯାତ୍ରା ଆରମ୍ଭ ହୋଇଥିଲା। ଯାତ୍ରା ଆରମ୍ଭ ପୂର୍ବରୁ ଜିଲାପାଳଙ୍କ ସଦ୍‌ଭାବନା ଗୃହରେ ଜିଲା ପ୍ରଶାସନ ପକ୍ଷରୁ ସମସ୍ତ ତୀର୍ଥଯାତ୍ରୀଙ୍କ ସହିତ ଆଲୋଚନା କରାଯାଇଥିଲା।


ଅତିଥିମାନେ ବରିଷ୍ଠ ନାଗରିକ ତୀର୍ଥଯାତ୍ରାର ଶୁଭାରମ୍ଭ କରୁଛନ୍ତି।

## ଧାରଣାରେ ବସିଲେ ଇଣ୍ଟିଗ୍ରେଟେଡ୍ ବି.ଏଡ୍. ବିଦ୍ୟାର୍ଥୀ

**କଟକ, ୭।୨ (କାର୍ତ୍ତିକ ସାହୁ)**

ରେଭେନ୍ସା ବିଶ୍ୱବିଦ୍ୟାଳୟର ଇଣ୍ଟିଗ୍ରେଟେଡ୍ ଡିଗ୍ରୀ ପାଠ୍ୟକ୍ରମରେ ଅଧ୍ୟୟନରତ ବିଦ୍ୟାର୍ଥୀମାନେ ବୁଧବାର କୁଳପତିଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଦେଇଥିଲେ। ଜାତୀୟ ସ୍ତରରେ ରେଭେନ୍ସା ବିଶ୍ୱବିଦ୍ୟାଳୟରୁ ବି.ଏଡ୍ ପାଠ୍ୟକ୍ରମରେ ଡିଗ୍ରୀଧାରୀଙ୍କୁ ଚାକିରି ଦେବାବେଳେ ଅବୈଧ ଘୋଷଣା କରାଯିବା ପ୍ରସଙ୍ଗରେ ସେମାନେ ଆନ୍ଦୋଳନ କରିଥିଲେ। ଏହି ମର୍ମରେ ଏକ ସ୍ମାରକପତ୍ର ସେମାନେ ବିଶ୍ୱବିଦ୍ୟାଳୟ କୁଳପତି ସଞ୍ଜୟ କୁମାର ନାୟକଙ୍କୁ ପ୍ରଦାନ କରିଛନ୍ତି।

ସୂଚନାନୁସାରେ, ରେଭେନ୍ସା ବିଶ୍ୱବିଦ୍ୟାଳୟରୁ ବି.ଏଡ୍. ଶିକ୍ଷାପ୍ରାପ୍ତ ବିଦ୍ୟାର୍ଥୀମାନେ ଡିଗ୍ରୀ ହାସଲ ପରେ ଜାତୀୟ ସ୍ତରୀୟ ନିଯୁକ୍ତିରୁ କ୍ରମାଗତ ବଞ୍ଚିତ ହେଉଛନ୍ତି। ଏହାଦ୍ୱାରା ସେମାନଙ୍କ ଭବିଷ୍ୟତ ନଷ୍ଟ ହେଉଛି। କେନ୍ଦ୍ରୀୟ ଅଧିକାରୀମାନଙ୍କ ଦ୍ୱାରା ରେଭେନ୍ସା


ରେଭେନ୍ସା ବିଶ୍ୱବିଦ୍ୟାଳୟ କୁଳପତିଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଛାତ୍ରୀଛାତ୍ର ଧାରଣାରେ ବସିଛନ୍ତି।

### କୁଳପତିଙ୍କୁ ସ୍ମାରକପତ୍ର ପ୍ରଦାନ

ବିଶ୍ୱବିଦ୍ୟାଳୟର ବି.ଏଡ୍. ପାଠ୍ୟକ୍ରମକୁ ଅବୈଧ ଦର୍ଶାଯିବା ପଛରେ ରହିଥିବା ନିର୍ଦ୍ଦିଷ୍ଟ କାରଣ ବାହାର କରିବାକୁ ଛାତ୍ରୀଛାତ୍ରମାନେ ଦାବି କରିଛନ୍ତି। କେନ୍ଦ୍ର ଶିକ୍ଷାମନ୍ତ୍ରୀ, କଟକ ଏମ୍‌ପିଙ୍କୁ ଭେଟି ଛାତ୍ରୀଛାତ୍ରମାନେ ସମସ୍ୟା ସମ୍ପର୍କରେ ଜଣାଇଥିଲେ ମଧ୍ୟ ସୁଫଳ ମିଳିନାହିଁ। ୨ ଦିନ ମଧ୍ୟରେ ସମସ୍ୟାର ସମାଧାନ ନ ହେଲେ ଏକ ପ୍ରତିନିଧି ମଣ୍ଡଳୀ କେନ୍ଦ୍ର ଶିକ୍ଷାମନ୍ତ୍ରୀଙ୍କୁ ଭେଟିବା ପାଇଁ ଯୋଜନା କରାଯାଇଥିବା ଆନ୍ଦୋଳନକାରୀ ଛାତ୍ରୀଛାତ୍ରମାନେ କହିଛନ୍ତି। ଦିବ୍ୟ ପ୍ରିୟଦର୍ଶନୀ, ଶୁଭ୍ରାଂଶୁ ପାଢ଼ୀ, ଏମ୍. ଆୟୁଷା, ଡି. କ୍ଷୀରାବ୍ଧି ତନୟା, ଅର୍ପିତା ମହାପାତ୍ର, ବିଦ୍ୟୁଲିମା ଆଚାର୍ଯ୍ୟ, ରତ୍ନବରଣ ଦାସ ପ୍ରମୁଖ ଆନ୍ଦୋଳନର ନେତୃତ୍ୱ ନେଉଛନ୍ତି।

# ଯୁବକଙ୍କୁ ରାସ୍ତାରେ ନିସ୍ତୁକ ପିଟିଲେ ଏଏସ୍ଆଇ

**ପିପିଲି, ୭।୨**
**(ପ୍ରଭାତ ମହାପାତ୍ର/ଦୁର୍ଗାମାଧବ ମିଶ୍ର)**

## ପିପିଲି ପୋଲିସର ଦବଙ୍ଗଗିରି, ଭିଡିଓ ଭାଇରାଲ



ପିପିଲି ପୋଲିସର ଦବଙ୍ଗଗିରି। ଜଣେ ଯୁବକଙ୍କୁ ରାସ୍ତାରେ ନିସ୍ତୁକ ମାଡ଼ ମାରିଲେ ପୋଲିସ ଅଧିକାରୀ। ଏହାର ଭିଡିଓ ଏବେ ଭାଇରାଲ ହେବାରେ ଲାଗିଛି। ପୋଲିସ ଅଧିକାରୀ ଜଣକ ବାଡ଼ିରେ ଯୁବକଙ୍କ ହାତ ଓ ଗୋଡ଼କୁ ନିସ୍ତୁକ ପିଟୁଥିବାର ଦୃଶ୍ୟ ସମସ୍ତଙ୍କୁ ଚକିତ କରିଛି। କାଳେ ଯୁବକ ଜଣକ ଖସି ପଳାଇବେ, ସେଥିପାଇଁ ଦୁଇଜଣ ପୋଲିସ କର୍ମଚାରୀ ତାଙ୍କ ଦୁଇହାତକୁ ବଳପୂର୍ବକ ଜାବୁଡ଼ି ଧରିଛନ୍ତି। ମାଡ଼ ଏତେ ଭୟଙ୍କର ଥିଲା ଯେ, ସେହି ବାଟ ଦେଇ ଯାଉଥିବା ବାଇକ ଆରୋହୀ ମଧ୍ୟ ଗାଡ଼ି ଅଟକାଇ ପୋଲିସ ବାବୁଙ୍କୁ ମାରିବାକୁ ବାରଣ କରୁଥିବାର ଦୃଶ୍ୟ ଭିଜୁଆଲରୁ ଜାଣିହେଉଛି। ମାତ୍ର ପରେ ପୋଲିସ ଡରରେ ସେଠାରୁ ସେ ପଳାଇଯାଉଥିବା ଭିଡିଓରୁ ଅନୁମାନ କରିହେଉଛି। ପିପିଲି ପୋଲିସର ଏଭଳି ଦବଙ୍ଗଗିରିକୁ ସାଧାରଣରେ ନିନ୍ଦା କରାଯିବା ସହ ୫-ଟି ବ୍ୟବସ୍ଥା ଉପରେ ମଧ୍ୟ ପ୍ରଶ୍ନ ଉଠିଛି।

ସୂଚନା ଅନୁଯାୟୀ, ଭାଇରାଲ ହେଉଥିବା ଭିଜୁଆଲ ୫ତାରିଖ ରାତି ପ୍ରାୟ ୧୦ଟା ସମୟର ବୋଲି କୁହାଯାଉଛି। ମାଡ଼ ଖାଉଥିବା ଯୁବକ ପିପିଲି ଥାନା ଭାରତୀପୁର ପଞ୍ଚାୟତ ଅଧୀନ ହସନପୁର ଗ୍ରାମର ନୃସିଂହ ପ୍ରଧାନ ଓରଫ ପାକୁ। ସେହିପରି ଏହି ଘଟଣାରେ ସମ୍ପୃକ୍ତ ଅଧିକାରୀ ଜଣକ ହେଲେ ପିପିଲି ଥାନା ଏଏସ୍ଆଇ ମନୋରଞ୍ଜନ ପରିଡ଼ା। ଗତ ୫ତାରିଖରେ ନୃସିଂହ ଡେଲାଙ୍ଗ ଛକ ନିକଟସ୍ଥ ନାଏରା ପେଟ୍ରୋଲ ପମ୍ପକୁ ନିଜ ଗାଡ଼ିରେ ତେଲ ପକାଇବାକୁ ଯାଇଥିଲେ। ସେଠାରେ ପୂର୍ବକଥାକୁ ନେଇ ପେଟ୍ରୋଲ ପମ୍ପ କର୍ମଚାରୀ ଓ ତାଙ୍କ ମଧ୍ୟରେ ବଚସା ହୋଇଥିଲା। ଏପରିକି ଉଭୟ ଗୋଷ୍ଠୀ ମଧ୍ୟରେ ସଂଘର୍ଷ ହେବାରୁ ସ୍ଥାନୀୟ ଲୋକେ ଏହାର ସାମୟିକ ସମାଧାନ କରିଥିଲେ। ପରେ ଖବର ପାଇ ଘଟଣାସ୍ଥଳରେ ପୋଲିସ ପହଞ୍ଚି ନୃସିଂହଙ୍କୁ ଖୋଜି ଡେଲାଙ୍ଗ ଛକଠାରେ କାବୁ କରିଥିଲେ। ଏହି ସମୟରେ ତାଙ୍କୁ ପୋଲିସ ଅଧିକାରୀ ଜଣକ ନିର୍ମମ ଭାବେ ପିଟୁଥିବା ଦୃଶ୍ୟ ନିକଟସ୍ଥ ସିସିଟିଭିରେ କଏଦ ହୋଇଥିଲା। ପରେ ଏହି ଭିଡିଓ ଭାଇରାଲ୍ ହୋଇଥିଲା। ଏ ସଂକ୍ରାନ୍ତରେ ଏଏସ୍ଆଇ ପରିଡ଼ାଙ୍କୁ ପଚାରିବାରେ କହିଛନ୍ତି, ଭୟ ଦେଖାଇବା ପାଇଁ ବାଡ଼ି ଉଞ୍ଚାଇଥିଲି। ତେବେ ଜୋରରେ ନୁହେଁ ହାଲ୍କା ଭାବେ ମାଡ଼ ମାରିଥିଲି ବୋଲି ପରିଡ଼ା ପ୍ରକାଶ କରିଛନ୍ତି। ସେହିପରି ଥାନା ଅଧିକାରୀ ଦୀପକ କୁମାର ଖଣ୍ଡାୟତରାୟ କହିଛନ୍ତି, ସମ୍ପୃକ୍ତ ଯୁବକ ଏକ ପେଟ୍ରୋଲ ଟାଙ୍କିରେ ବାରମ୍ବାର ଅପରାଧମୂଳକ କାର୍ଯ୍ୟ କରିବା ଅଭିଯୋଗରେ ପୋଲିସ ଦୃଷ୍ଟିରେ ଥିଲେ ଏବଂ ସେ ଧରା ପଡୁନଥିଲେ। ସମ୍ଭବତଃ ସେ ଧରାପଡ଼ିବା ପରେ ଏଭଳି ଘଟଣା ଘଟିଥିବ। ତେବେ ଏ ସମ୍ପର୍କରେ ସେ ସ୍ପଷ୍ଟ ଭାବେ ଅବଗତ ନ ଥିଲେ ମଧ୍ୟ ଭାଇରାଲ ହେଉଥିବା ଭିଡିଓରୁ ଜାଣିବାକୁ ପାଇଛନ୍ତି। ଅନ୍ୟପକ୍ଷରେ ଏହି ଘଟଣା ମାନବିକ ଅଧିକାର ଉଲ୍ଲଂଘନ କରିବା ସହ ଖାକିରେ ଦାଗ ଲଗାଇଛି। ରାଜ୍ୟ ସରକାରଙ୍କ ୫-ଟି ବ୍ୟବସ୍ଥା ଅନୁଯାୟୀ, ଅଭିଯୋଗକାରୀ ଏବଂ ଅଭିଯୁକ୍ତଙ୍କୁ ପୋଲିସ ଠିକ୍ ବ୍ୟବହାର ପ୍ରଦର୍ଶନ କରିବା କଥା। ତେବେ ଏ କ୍ଷେତ୍ରରେ ତା'ର ଉଲ୍ଲଘଂନ ହୋଇଛି। ତେଣୁ ସମ୍ପୃକ୍ତ ପୋଲିସ ଅଧିକାରୀଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ପାଇଁ ସାଧାରଣରେ ଦାବି ହେଉଛି।

## ରିପୋର୍ଟ ମାଗିଲେ ଏସ୍ପି

**ପୁରୀ, ୭।୨(ଅଜିତ ମହାନ୍ତି)**

ଜଣେ ଯୁବକଙ୍କୁ ପିପିଲି ପୋଲିସ ମାଡ଼ ମାରିବା ଘଟଣାକୁ ଏସ୍ପି ପିନାକ ମିଶ୍ର ଗୁରୁତ୍ୱର ସହ ନେଇଛନ୍ତି। ଏ ନେଇ ପିପିଲି ଥାନା ଅଧିକାରୀଙ୍କୁ ତୁରନ୍ତ ରିପୋର୍ଟ ଦେବାକୁ ଏସ୍ପି ନିର୍ଦ୍ଦେଶ ଦେଇଛନ୍ତି। ରିପୋର୍ଟ ମିଳିବା ପରେ ତାହାକୁ ଅନୁଧ୍ୟାନ କରାଯାଇ ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଏସ୍ପି ମିଶ୍ର କହିଛନ୍ତି।

## ସେଲ୍ଫି କର୍ନର ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍ଫି
metroselfie@gmail.com



@ ସୋନୁ



@ ବିକାଶ



@ ଡୋମା



@ ସଞ୍ଜୁ

ସେଲ୍ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟ ବିବେଚିତ ଫଟୋ ପ୍ରକାଶ ପାଇବ।

# ଅଭିନେତ୍ରୀ ରାନୀ ପ୍ରିୟଦର୍ଶିନୀଙ୍କୁ ଦୁର୍ବ୍ୟବହାର, ହତ୍ୟା ଧମକ

**ଭୁବନେଶ୍ୱର,୭।୨**
**(ସୂର୍ଯ୍ୟକାନ୍ତ ବେହେରା)**

କଟକ-ପୁରୀ ବାଇପାସ୍ ରୋଡରେ ଅଭିନେତ୍ରୀ ରାନୀ ପ୍ରିୟଦର୍ଶିନୀ ସାହୁଙ୍କୁ ମଙ୍ଗଳବାର ରାତିରେ କେତେଜଣ ମୁଖା ପିନ୍ଧା ଯୁବକ ଅଟକାଇ ବେକରେ ଛୁରି ଲଗାଇ ୧୦ ଲକ୍ଷ ଟଙ୍କା ମାଗିବା ସହ ଦୁର୍ବ୍ୟବହାର କରିଥିବା ନେଇ ସେ ମହିଳା ଥାନାରେ ବୁଧବାର ଅଭିଯୋଗ କରିଛନ୍ତି। ଗଜପତି ନାମକ ଜଣେ ୟୁଟ୍ୟୁବରଙ୍କ ନାମ ନେଇ ଦୁର୍ବୃତ୍ତମାନେ ତାଙ୍କୁ ବଳାତ୍କାର କରିବା ସହ ହତ୍ୟା କରିବା ପରେ ୭୨ ଖଣ୍ଡ କରିଦେବାକୁ ଧମକ ଦେଇଥିବା ରାନୀ ତାଙ୍କ ଏତଲାରେ ଦର୍ଶାଇଛନ୍ତି। ଏଥିସହ ରାନୀ ଓ ପରିବାର ଲୋକଙ୍କ ଜୀବନ ପ୍ରତି ବିପଦ ଥିବାରୁ ଅଭିଯୁକ୍ତଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ସେ ଅଭିଯୋଗପତ୍ରରେ ପୋଲିସକୁ ନିବେଦନ କରିଛନ୍ତି। ଅପରପକ୍ଷେ ଗଜପତି ନାମକ ଜଣେ ୟୁଟ୍ୟୁବର ମଧ୍ୟ ସୋସିଆଲ ମିଡିଆରେ ତାଙ୍କୁ ଖରାପ ଭାଷା ବ୍ୟବହାର କରି ଅଶାଳୀନ ମନ୍ତବ୍ୟ ଦେଉଥିବା ରାନୀ ଅଭିଯୋଗ କରିଛନ୍ତି। ଅଭିଯୋଗ ଆଧାରରେ ମହିଳା ଥାନା ପୋଲିସ ଘଟଣାର ତଦନ୍ତ ଆରମ୍ଭ କରିଛି।



ଗତ ୨୭ ତାରିଖରୁ ଆନ୍ଦୋଳନ ଚଳାଇଥିବା ଓୟୁଏଟିର ପ୍ରାଣୀ ଚିକିତ୍ସା ଓ ପ୍ରାଣୀ ପାଳନ ମହାବିଦ୍ୟାଳୟର ଛାତ୍ରୀଛାତ୍ରମାନେ ବୁଧବାରଠାରୁ ମହାବିଦ୍ୟାଳୟ ପରିସରରେ ଆମରଣ ଅନଶନ ଆରମ୍ଭ କରିଛନ୍ତି। **(ଫଟୋ-ବିକାଶ ନାୟକ)**

# ଭିଜିଲାନ୍ସକୁ ଲୋକାୟୁକ୍ତଙ୍କ ନୋଟିସ

**ଚୌଦ୍ୱାର କଲେଜ ମହିଳା ହଷ୍ଟେଲ ନିର୍ମାଣ ଦୁର୍ନୀତି ପ୍ରସଙ୍ଗ**

**ଭୁବନେଶ୍ୱର,୭।୨(ସତ୍ୟଜିତ୍ ରାଉତ)**

ଚୌଦ୍ୱାର କଲେଜ ହଷ୍ଟେଲ ନିର୍ମାଣ କାର୍ଯ୍ୟରେ ହୋଇଥିବା ଦୁର୍ନୀତି ପ୍ରସଙ୍ଗରେ ଲୋକାୟୁକ୍ତ ହସ୍ତକ୍ଷେପ କରିଛନ୍ତି। ଏ ସଂକ୍ରାନ୍ତରେ ଲୋକାୟୁକ୍ତଙ୍କ ପକ୍ଷରୁ ରାଜ୍ୟ ଭିଜିଲାନ୍ସ ନିର୍ଦ୍ଦେଶାଳୟକୁ ନୋଟିସ ଜାରି ହୋଇଛି। ଏହି ପ୍ରସଙ୍ଗରେ କେଉଁ ସବୁ ପଦକ୍ଷେପ ନିଆଯାଇଛି ତାହା ଜଣାଇବାକୁ ନୋଟିସ୍‌ରେ ଉଲ୍ଲେଖ ରହିଛି। ମୋଟ ୧ କୋଟି ୨୧ ଲକ୍ଷ ୨୬ ହଜାର ୬୦୫ ଟଙ୍କା ଖର୍ଚ୍ଚରେ ନିର୍ମିତ ମହିଳା ହଷ୍ଟେଲ ବାବଦରେ ପୂର୍ବରୁ ଉଚ୍ଚଶିକ୍ଷା ବିଭାଗର ସ୍ପେଶାଲ ଅଡିଟ୍ ଆପତ୍ତି ଉଠାଇଥିଲା। ତେବେ ଭିଜିଲାନ୍ସ ବିଭାଗକୁ ଲୋକାୟୁକ୍ତଙ୍କ ନୋଟିସ ଏବେ ଘଟଣାଟିକୁ ପୁଣିଥରେ ଚର୍ଚ୍ଚାକୁ ଆଣିଛି। ସମାଜସେବୀ ତଥା ଆଇନଜୀବୀ ଶୁଭେନ୍ଦୁ ମହାନ୍ତିଙ୍କ ପିଟିଶନର ବିଚାର କରି ଲୋକାୟୁକ୍ତ ବୁଧବାର ଏହି ନିର୍ଦ୍ଦେଶ ଦେଇଛନ୍ତି। ଆଗାମୀ ମାର୍ଚ୍ଚ ୧୨ରେ ଉପସ୍ଥିତ ରହି ଜବାବ ରଖିବାକୁ ଭିଜିଲାନ୍ସକୁ ନିର୍ଦ୍ଦେଶ ହୋଇଛି। ତେବେ ହଷ୍ଟେଲ ନିର୍ମାଣରେ ଆର୍ଥିକ ଅନିୟମିତତା, ଦୁର୍ନୀତି, ଜାଲିଆତି, ତତ୍କାଳୀନ କାର୍ଯ୍ୟକାରୀ ଅଧକ୍ଷମାନଙ୍କ ମନମାନି, ହଷ୍ଟେଲକୁ ଛାତ୍ରୀଙ୍କୁ ହସ୍ତାନ୍ତର ନ କରିବା, ଅଡିଟ କମ୍ପ୍ଲାୟନ୍ସ ବେଳେ ଉପଜିଲାପାଳଙ୍କ ସହମତି ନ ନେବା ଆଦି ଘଟଣାକୁ ନେଇ ଶୁଭେନ୍ଦୁ ହାଇକୋର୍ଟଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। କୋର୍ଟଙ୍କ ନିର୍ଦ୍ଦେଶକ୍ରମେ ସେ ଏହିସବୁ ଅଭିଯୋଗ ୨୦୨୦ ଅକ୍ଟୋବର ୨୦ରେ ଭିଜିଲାନ୍ସକୁ ପଠାଇବା ସହ ଉଚ୍ଚ ଶିକ୍ଷାବିଭାଗକୁ ମଧ୍ୟ ଜଣାଇଥିଲେ। ଉଚ୍ଚଶିକ୍ଷା ବିଭାଗ ପକ୍ଷରୁ ସ୍ପେଶାଲ ଅଡିଟ କରାଯାଇଥିଲା। ସ୍ପେଶାଲ ଅଡିଟ୍ ହଷ୍ଟେଲ ନିର୍ମାଣର ସମସ୍ତ ଖର୍ଚ୍ଚକୁ ବେଆଇନ ଓ ବେପରୁଆ କହି ଆପତ୍ତି ଉଠାଇଥିଲା।

# ବିଶ୍ୱ ଦକ୍ଷତା କେନ୍ଦ୍ରରେ ନାମଲେଖା: ୨୯ ତାରିଖ ଯାଏ ଅନ୍‌ଲାଇନ ଆବେଦନ

**ଭୁବନେଶ୍ୱର, ୭।୨(ଅସମାପିକା ସାହୁ)**

ବିଶ୍ୱ ଦକ୍ଷତା କେନ୍ଦ୍ରରେ ୨୦୨୪-୨୫ ବ୍ୟାଚ୍‌ରେ ନାମଲେଖା ଲାଗି ଆବେଦନ ପ୍ରକ୍ରିୟା ଆରମ୍ଭ ହୋଇଛି। ବିଭିନ୍ନ ଅତ୍ୟାଧୁନିକ ବିଷୟରେ ନାମଲେଖାଇବା ପାଇଁ ଆଗ୍ରହୀ ପ୍ରାର୍ଥୀମାନେ ବିଶ୍ୱ ଦକ୍ଷତା କେନ୍ଦ୍ରର ୱେବ୍‌ସାଇଟ www.worldskillcenter.org/admissionsରେ ୨୯ତାରିଖ ମଧ୍ୟରେ ଅନଲାଇନ ମାଧ୍ୟମରେ ଆବେଦନ କରିପାରିବେ। ନାମଲେଖା ବିଷୟରେ ଅଧିକ ସୂଚନା ପାଇଁ ଛାତ୍ରୀଛାତ୍ର ୧୮୦୦ ୨୬୬ ୬୦୦୨ ନମ୍ବରରେ ଯୋଗାଯୋଗ କରିବାକୁ କୁହାଯାଇଛି। ବିଶ୍ୱ ଦକ୍ଷତା କେନ୍ଦ୍ରର ସ୍କୁଲ ଅଫ୍ ଇଞ୍ଜିନିୟରିଂ ବିଭାଗରେ ମୋଟ ୫ଟି ଅତ୍ୟାଧୁନିକ ବିଷୟରେ ତାଲିମ ଦିଆଯାଉଛି। ଏହି ବିଷୟରେ ତାଲିମ ପାଇଁ ପ୍ରାର୍ଥୀମାନେ ଓଡ଼ିଶାର କୌଣସି ସରକାରୀ ବା ଘରୋଇ ଶିଳ୍ପ ତାଲିମ କିମ୍ବା ବୈଷୟିକ ଶିକ୍ଷାନୁଷ୍ଠାନରୁ ୨ ବର୍ଷିଆ ଆଇଟିଆଇ/୩ ବର୍ଷିଆ ଡିପ୍ଲୋମା କରିଥିବା ଆବଶ୍ୟକ।

# ଶ୍ରୀମନ୍ଦିର ଭିତର ଫଟୋ ଭାଇରାଲ

## ପୁଣି ସୁରକ୍ଷା ନେଇ ଉଠିଲା ପ୍ରଶ୍ନ

**ପୁରୀ, ୭।୨(ଅଜିତ୍ ମହାନ୍ତି)**



ପୁଣି ଶ୍ରୀମନ୍ଦିର ସୁରକ୍ଷା ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। କିଛି ମାସର ବ୍ୟବଧାନ ପରେ ଶ୍ରୀମନ୍ଦିର ଭିତର ଫଟୋ ଭାଇରାଲ ହୋଇଛି, ଯାହାକୁ ନେଇ ଅଗଣିତ ଜଗନ୍ନାଥପ୍ରେମୀ ଉଦ୍‌ବେଗ ପ୍ରକାଶ କରିଛନ୍ତି। କଡ଼ା ସୁରକ୍ଷା ବଳୟ ଭେଦ କରି ଶ୍ରୀମନ୍ଦିର ଭିତରକୁ ମୋବାଇଲ ଫୋନ କିପରି ଗଲା ତାହାକୁ ନେଇ ପ୍ରଶ୍ନ ଉଠିଛି।

ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ମନ୍ଦିର ଭିତରକୁ ମୋବାଇଲ ଫୋନ ନେଇ ଯିବା ଉପରେ କଟକଣା ଲାଗୁ କରାଯାଇଛି। ଏପରିକି ସେବାୟତ, ଶ୍ରୀମନ୍ଦିର କର୍ମଚାରୀ, ଜେଟିପି ଓ ପୋଲିସ କର୍ମଚାରୀଙ୍କୁ କ୍ୟାମେରା ଫୋନ ନେବା ଉପରେ କଟକଣା ଲାଗୁ କରାଯାଇଛି। ଅପରପକ୍ଷରେ ଶ୍ରୀମନ୍ଦିର ପ୍ରତି ଆତଙ୍କବାଦୀ ଆକ୍ରମଣ ଆଶଙ୍କା ରହୁଥିବାରୁ ପୋଲିସ ପ୍ରଶାସନ ପକ୍ଷରୁ ଶ୍ରୀମନ୍ଦିର ବାହାରେ ଓ ଭିତରେ ପୋଲିସ କଡ଼ା ସୁରକ୍ଷା ପ୍ରହରା ରହିଛି। ଶ୍ରୀମନ୍ଦିରକୁ ଯାଉଥିବା ଭକ୍ତଙ୍କୁ ତନ୍ନ ତନ୍ନ ଯାଞ୍ଚ କରାଯାଇ ଛଡ଼ାଯାଉଛି। ଏପରିକି ମାଇକ ଯୋଗେ ପ୍ରଚାର କରାଯାଇ ବାରଣ କରାଯାଉଛି। ତଥାପି ଶ୍ରୀମନ୍ଦିର ପରିସରକୁ କିପରି ମୋବାଇଲ ବା କ୍ୟାମେରା ଯାଇ ଶ୍ରୀମନ୍ଦିର ଭିତର ଫଟୋ ଉଠାଯାଇ ତାହାକୁ ସୋସିଆଲ ମିଡିଆରେ ଅପ୍‌ଲୋଡ୍ କରାଗଲା ସେ ନେଇ ପ୍ରଶ୍ନ ଉଠିଛି। ଜଣେ ଯୁବକ ସାମାଜିକ ଗଣମାଧ୍ୟମରେ ମନ୍ଦିର ବେଢାର ଫଟୋ ପୋଷ୍ଟ କରିଛନ୍ତି। ଫଟୋଟି ଏକ ପ୍ରଫେସନାଲ କ୍ୟାମେରାରେ ସୁଟ୍ କରାଯାଇଥିବା ଅନୁମାନ କରାଯାଉଛି। ତେବେ ସଂପୃକ୍ତ ଯୁବକ କିପରି ମୋବାଇଲ କିମ୍ବା କ୍ୟାମେରା ନେଇ ଶ୍ରୀମନ୍ଦିରରେ ପ୍ରବେଶ କଲେ, ତାକୁ ନେଇ ପ୍ରଶ୍ନ ସୃଷ୍ଟି ହୋଇଛି। ପ୍ରଶାସନ ପକ୍ଷରୁ କୌଣସି ଦୃଢ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉ ନ ଥିବାରୁ ବାରମ୍ବାର ଏପରି ଘଟଣା ଘଟୁଥିବା ସାଧାରଣରେ ଚର୍ଚ୍ଚା ହେଉଛି।

# ପଣାସଂକ୍ରାନ୍ତି, ଅଣସରକୁ ନେଇ ଦ୍ୱନ୍ଦ୍ୱ

- ୧୨ରେ ଚୂଡ଼ାନ୍ତ ନିଷ୍ପତ୍ତି
- ଶ୍ରୀମନ୍ଦିର ପର୍ବପର୍ବାଣି ପାଳନ ସଂକ୍ରାନ୍ତ ବୈଠକ
- ପଞ୍ଚକରେ ହେବନି ମହାପ୍ରଭୁଙ୍କ ଲକ୍ଷ୍ମୀନୃସିଂହ ବେଶ

**ପୁରୀ, ୭।୨(ଅଜିତ୍ ମହାନ୍ତି)**



୨୦୨୪-୨୫ ବର୍ଷ ପାଇଁ ଶ୍ରୀମନ୍ଦିରରେ ବିଭିନ୍ନ ପର୍ବପର୍ବାଣି କେଉଁଦିନ ପାଳନ ହେବ ସେନେଇ ବୁଧବାର ଶ୍ରୀମନ୍ଦିର କାର୍ଯ୍ୟାଳୟରେ ପଞ୍ଜିକାର ଓ ଗଣନାକାରୀଙ୍କୁ ନେଇ ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ ଅନୁଷ୍ଠିତ ହୋଇଯାଇଛି। ଶ୍ରୀମନ୍ଦିର ନୀତି ପ୍ରଶାସକଙ୍କ ଅଧକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ ପୂଜାପଣ୍ଡା ନିଯୋଗ, ମୁକ୍ତିମଣ୍ଡପ ପଣ୍ଡିତ ସଭାର ସଭ୍ୟ, ଦଇତାପତି ନିଯୋଗ, ପରିଚାଳନା କମିଟି ସଦସ୍ୟ ଏବଂ ବିଭିନ୍ନ ପଞ୍ଜିକାରୁ ଆସିଥିବା ଗଣନାକାରୀମାନେ ଉପସ୍ଥିତ ଥିଲେ। ୨୦୨୪-୨୫ ବର୍ଷର ଶ୍ରୀମନ୍ଦିର ପର୍ବପର୍ବାଣି ସହ ବିଭିନ୍ନ ତିଥି ନେଇ ଆଲୋଚନା କରାଯାଇଛି। ତେବେ ଆଗାମୀ ପଣାସଂକ୍ରାନ୍ତି ଏପ୍ରିଲ୍ ୧୩ କିମ୍ବା ୧୪ ତାରିଖରେ ପାଳନ ହେବ ସେନେଇ ବୈଠକରେ ଦ୍ୱନ୍ଦ୍ୱ ଉପୁଜିଥିଲା। ତେଣୁ ଆସନ୍ତା ୧୨ ତାରିଖରେ ପଞ୍ଜିକାର ଓ ଗଣନାକାରୀଙ୍କୁ ନିଆଯାଇ ଆଉ ଏକ ବୈଠକ କରାଯାଇ ଚୂଡ଼ାନ୍ତ ନିଷ୍ପତ୍ତି ନିଆଯିବ ବୋଲି ବୈଠକରେ ମତ ପ୍ରକାଶ ପାଇଛି। ବଜାରରେ ମିଳୁଥିବା କିଛି ପାଞ୍ଜିରେ ଆଗାମୀ ଏପ୍ରିଲ ୧୩ରେ ପଣା ସଂକ୍ରାନ୍ତି ପାଳନ ନେଇ ଉଲ୍ଲେଖ ରହିଥିବା ବେଳେ ପ୍ରତ୍ୟେକ ବର୍ଷ ଏପ୍ରିଲ ୧୪ରେ ଶ୍ରୀମନ୍ଦିରରେ ପଣା ସଂକ୍ରାନ୍ତି ପାଳନ କରାଯାଏ। ତେବେ ଶ୍ରୀମନ୍ଦିର ପ୍ରଶାସନ ଦ୍ୱାରା ସ୍ୱୀକୃତ ରାଧାରମଣ ପଞ୍ଜିକା ସହିତ ଅନ୍ୟ କିଛି ପଞ୍ଜିକାର ଗଣନାକାରୀ ଏପ୍ରିଲ୍ ୧୪ରେ ମହାବିଷୁବ ସଂକ୍ରାନ୍ତି ତଥା ପଣା ସଂକ୍ରାନ୍ତି ପାଳନ ନେଇ ତଥ୍ୟ ଦେଇଛନ୍ତି। ଯାହାକୁ ନେଇ ଲୋକେ ବିଭ୍ରାନ୍ତ ହେଉଥିବା ବେଳେ ଏହାକୁ ଦୂର କରିବା ପାଇଁ ଆସନ୍ତା ୧୨ ତାରିଖରେ ବିଭିନ୍ନ ପଞ୍ଜିକାର, ଗଣନାକାରୀଙ୍କୁ ଡକାଯାଇ ପୁନର୍ବାର ଏକ ବୈଠକରେ ସ୍ୱତନ୍ତ୍ର ଭାବେ ଗଣନା କରାଯାଇ ପଣା ସଂକ୍ରାନ୍ତି ପାଳନ ନେଇ ଥିବା ଦ୍ୱନ୍ଦ୍ୱ ଦୂର କରାଯିବ। ଉକ୍ତ ବୈଠକରେ ପଣା ସଂକ୍ରାନ୍ତି ପାଳନ ହେବା ସମ୍ପର୍କରେ ଚୂଡ଼ାନ୍ତ ନିଷ୍ପତ୍ତି ନିଆଯିବ। ଚଳିତ ବର୍ଷ ଅଧିବର୍ଷ ପଡୁଥିବାରୁ ଫେବୃଆରୀ ମାସଟି ୨୯ ଦିନିଆ ରହିଛି। ଏଣୁ ଏଭଳି ଦ୍ୱନ୍ଦ୍ୱ ସ୍ଥିତି ଉପୁଜିଥିବା ପଞ୍ଜିକାର କହିଛନ୍ତି।

ସେପଟେ ଚଳିତବର୍ଷ ମହାପ୍ରଭୁଙ୍କ ଅଣବସର ନୀତି ୧୫ ଦିନ ପରିବର୍ତ୍ତେ ୧୩ ଦିନ ପଡୁଛି। କ୍ଷୟ ତିଥି ଯୋଗୁ ଏଭଳି ସ୍ଥିତି ଉପୁଜିଥିବା ବେଳେ ମହାପ୍ରଭୁଙ୍କ ଅଣବସର ଓ ନେତ୍ରୋତ୍ସବ ନୀତି କିଭଳି ପାଳନ ହେବ ସେନେଇ ମଧ୍ୟ ବୈଠକରେ ଆଲୋଚନା ହୋଇଥିଲା। ପୂର୍ବରୁ ୧୯୫୯ ଏବଂ ୧୯୭୧-୭୨ ମସିହାରେ ଏଭଳି ସ୍ଥିତି ଯୋଗୁ ମହାପ୍ରଭୁଙ୍କର କିଭଳି ଅଣବସର, ନେତ୍ରୋତ୍ସବ ଓ ରଥଯାତ୍ରା ନୀତି ପାଳନ ହୋଇଥିଲା ସେନେଇ ଶ୍ରୀମନ୍ଦିରର ପୂର୍ବ ପଞ୍ଜିକା ଏବଂ ରେକର୍ଡକୁ ଅନୁଧ୍ୟାନ କରାଯାଇ ସବୁକିଛି ପାଳନ ହେବ ବୋଲି ସେବାୟତ କହିଛନ୍ତି। ସେହିପରି ଚଳିତ ବର୍ଷ ମହାକାର୍ତ୍ତିକ ମାସରେ ପଞ୍ଚକ ମଧ୍ୟ କ୍ଷୟ ତିଥି ଯୋଗୁ ପାଞ୍ଚଦିନ ପରିବର୍ତ୍ତେ ଚାରିଦିନ ପଡୁଛି। ତେଣୁ ମହାପ୍ରଭୁଙ୍କ ପଞ୍ଚକର ଲକ୍ଷ୍ମୀନୃସିଂହ ବେଶ କ୍ଷୟ ତିଥି ଯୋଗୁ ଅନୁଷ୍ଠିତ ହେବ ନାହିଁ ବୋଲି ସୂଚନା ଦିଆଯାଇଛି।

ବୈଠକ ସମ୍ପର୍କରେ ଶ୍ରୀମନ୍ଦିର ପରିଚାଳନା କମିଟି ସଦସ୍ୟ ମାଧବ ଚନ୍ଦ୍ର ପୂଜାପଣ୍ଡା କହିଛନ୍ତି, ପଞ୍ଜିକାରମାନଙ୍କୁ ନେଇ ଚଳିତବର୍ଷର ପର୍ବପର୍ବାଣି ପାଳନ ନେଇ ବୈଠକ ଅନୁଷ୍ଠିତ ହୋଇଥିଲା। ପ୍ରାୟ ସମସ୍ତ ତିଥି ବାରକୁ ନେଇ ଆଲୋଚନା ହୋଇଥିବା ବେଳେ କିଛି ବାକି ରହିଯାଇଛି। ପଣା ସଂକ୍ରାନ୍ତି, ନେତ୍ର ଉତ୍ସବ ଓ ପଞ୍ଚକ ବିଷୟରେ ପୁଣିଥରେ ଆଲୋଚନା କରାଯିବ। ପୂର୍ବ ପାଞ୍ଜିଗୁଡିକ ସମୀକ୍ଷା କରାଯିବ। ସେହିପରି ୪ଦିନ ପଞ୍ଚକ ପଡୁଥିବାରୁ ଲକ୍ଷ୍ମୀନୃସିଂହ ବେଶ କ୍ଷୟ ରହିବ। ତେଣୁ ଯେଉଁ ସବୁ ବିଷୟରେ କିଛି ସମସ୍ୟା ରହିଛି ସେନେଇ ଆସନ୍ତା ୧୨ ତାରିଖର ବୈଠକରେ ସ୍ଥିର କରାଯିବ। ସେହିପରି ବରିଷ୍ଠ ଦଇତାପତି ସେବକ ତଥା ପରିଚାଳନା କମିଟି ସଦସ୍ୟ ଦୁର୍ଗାଦାସ ମହାପାତ୍ର କହିଛନ୍ତି, ଶ୍ରୀମନ୍ଦିରରେ ପାଳିତ ହେଉଥିବା ପର୍ବପର୍ବାଣି ଦିନ ଧାର୍ଯ୍ୟ କରାଯାଇଛି। ତେବେ କେତେକ ବିବାଦ ରହିଥିବାରୁ ଆସନ୍ତା ୧୨ ତାରିଖରେ ବୈଠକ ବସି ଧାର୍ଯ୍ୟ କରାଯିବ। ପଣା ସଂକ୍ରାନ୍ତି ଓ ଅଣସର ନେଇ ଦ୍ୱନ୍ଦ୍ୱ ଦେଖାଯାଇଥିଲା। ଗତ ୨୦ରୁ ୨୫ ବର୍ଷ ମଧ୍ୟରେ ଏପରି ୧୩ଦିନିଆ ଅଣସର ପଡ଼ିବା ଦେଖିବାକୁ ମିଳିନାହିଁ। ସୂଚନା ଅନୁଯାୟୀ ୧୯୫୯, ୧୯୭୧ ଓ ୧୯୭୨ ମସିହାରେ ଏହିପରି ସମାନ ଦିନ ରହିଥିଲା। ସେ ସମୟର ପୁରୁଣା ରେକର୍ଡକୁ ତର୍ଜମା କରାଯିବା ପରେ ଯାହା କିଛି ନିଷ୍ପତ୍ତି ନିଆଯିବ।

# ଭାଜପାରେ ଗୋଷ୍ଠୀ ବିବାଦ, ନେତାଙ୍କ ସାମୂହିକ ଇସ୍ତଫା

ଗୁଣପୁର,୭।୨(ପ୍ରଦୀପ କୁମାର ପାଢୀ)

**ଗୁଣପୁର ନିର୍ବାଚନମଣ୍ଡଳୀ**

ସାଧାରଣ ନିର୍ବାଚନ ଆଉ କିଛି ଦିନ ବାକି ଥିବାବେଳେ ରାୟଗଡା ଜିଲା ଗୁଣପୁର ବିଧାନସଭା ନିର୍ବାଚନ ମଣ୍ଡଳୀର ଭାଜପା ନେତାମାନେ ବୁଧବାର ସାମୂହିକ ଇସ୍ତଫା ଦେଇଛନ୍ତି। ବିଧାନସଭା ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ବିଭିନ୍ନ ନଗର, ବ୍ଲକର ସଭାପତିଙ୍କ ସମେତ ଜିଲାର ପଦାଧିକାରୀମାନେ ଇସ୍ତଫାପତ୍ର ଜିଲା ସଭାପତିଙ୍କୁ ପ୍ରଦାନ କରିଥିବା ଜଣାପଡିଛି। ଗତ ୨୦ ତାରିଖରେ ପଦ୍ମପୁର ବଜାରଠାରେ କୈଳାସ ସାହୁଙ୍କୁ ଏସ୍‌ଟି ମୋର୍ଚ୍ଚାର ରାଜ୍ୟ ସମ୍ପାଦକ ବିଦ୍ୟାଧର ଶବର ଅସଭ୍ୟ ଭାଷାରେ ଗାଳିଗୁଲଜ କରିବା ସହ ମାଡ ମାରିଥିଲେ। ଏହି ସମୟରେ ଜିଲା ସାଧାରଣ ସମ୍ପାଦକ ହରେକୃଷ୍ଣ ପାଢି ଉପସ୍ଥିତ ରହି ସେମାନଙ୍କୁ ବୁଝାଶୁଝା କରିବା ପାଇଁ ଉଦ୍ୟମ କରିଥିଲେ। ସେଠାରୁ ବିଦ୍ୟାଧର ଚାଲିଯାଇ ୨ ଦିନ ପରେ ହରେକୃଷ୍ଣଙ୍କ ସମେତ କୈଳାସଙ୍କ ନାମରେ ପଦ୍ମପୁର ଥାନାରେ ଅଭିଯୋଗ କରିଥିଲେ। ଏହି ଘଟଣାକୁ ନେଇ ସେମାନେ ଜିଲାଠାରୁ ଆରମ୍ଭ କରି ରାଜ୍ୟ ପର୍ଯ୍ୟନ୍ତ ଦଳର ନେତୃମଣ୍ଡଳୀଙ୍କୁ ଅବଗତ କରିଥିଲେ। ହେଲେ ଏହାର କୌଣସି ସମାଧାନ ନ ହେବାରୁ ଏହାର ପ୍ରତିବାଦରେ ନଗର ସହ ବ୍ଲକର ସଭାପତିଠାରୁ ଜିଲା ପଦାଧିକାରୀ ପର୍ଯ୍ୟନ୍ତ ଦାୟିତ୍ୱରେ ଥିବା ନେତାମାନେ ସାମୂହିକ ଇସ୍ତଫା ଦେଇଥିବା ପତ୍ରରେ ଉଲ୍ଲେଖ କରିଛନ୍ତି।

କୁଜେନ୍ଦ୍ରି ମଣ୍ଡଳ ସଭାପତି ଧନଞ୍ଜୟ ବେହେରା, ଆଖୁସିଂ ମଣ୍ଡଳ ସଭାପତି ଉତ୍ତରା କୁମାର ସାହୁ, ଗୁଣପୁର ନଗର ସଭାପତି ବଦ୍ରିନାଥ ମହାନ୍ତି, ଜଗନ୍ନାଥପୁର ମଣ୍ଡଳ ସଭାପତି ଦିଲୀପ କୁମାର ଦାସ, ଜିଲା ସମ୍ପାଦକ ଦେବେନ୍ଦ୍ର ପଣ୍ଡା, ପଦ୍ମପୁର ମଣ୍ଡଳ ଉପ ସଭାପତି କୈଳାସ ସାହୁ, ଜିଲା ସାଧାରଣ ସମ୍ପାଦକ ହରେକୃଷ୍ଣ ପାଢି, ଜିଲା ଏସ୍‌ଟି ମୋର୍ଚ୍ଚାର ସଭାପତି ବିଜୟ କୁମାର ଶବର, ଗୁଡାରୀ ମଣ୍ଡଳ ସଭାପତି ଗୌରି ଶଙ୍କର ମିଶ୍ର, ଉପ ସଭାନେତ୍ରୀ ଗୌରୀ ମାଣ୍ଡାଙ୍ଗି, ଜିଲା ଉପସଭାପତି ଉଦୟ ନାଥ ପାଢି, ପଦ୍ମପୁର ମଣ୍ଡଳ ସଭାପତି ଜି.ରାମକିଷ୍ଟା, ଡମ୍ବସରା ମଣ୍ଡଳ ସଭାପତି ଉତ୍ତମ ଚୌଧୁରୀ ପ୍ରମୁଖ ଇସ୍ତଫା ପ୍ରଦାନ କରିଥିବା ଜଣାପଡିଛି।

ସୂଚନାଯୋଗ୍ୟ, ପଦ୍ମପୁରଠାରେ ହୋଇଥିବା ଘଟଣା ପରେ ଏସଟି ମୋର୍ଚ୍ଚାର ସମ୍ପାଦକ ବିଦ୍ୟାଧର ଶବର ଥାନାରେ ଅଭିଯୋଗ କରି ତାଙ୍କୁ ଗାଳିଗୁଲଜ କରିବା ସହ ମାଡ ମରାଯାଇଥିବା ଅଭିଯୋଗ କରିଥିଲେ। ଏହାକୁ ନେଇ ପଦ୍ମପୁର ଥାନାରେ ସେ ଲିଖିତ ଅଭିଯୋଗ କରିଥିଲେ। ସେମାନଙ୍କୁ ଗିରଫ କରିବାରେ ବିଳମ୍ବ କରାଯାଉଥିବାରୁ ଶବର ସାଂସ୍କୃତିକ ସଂଘ ପକ୍ଷରୁ ପଦ୍ମପୁରରେ ଗତ ୨ ତାରିଖରେ ବିଶାଳ ଆଦିବାସୀ ଶୋଭାଯାତ୍ରା କରାଯାଇଥିଲା। ଏପରି ଦୁଇଟି ଗୋଷ୍ଠୀ ମଧ୍ୟରେ ବିବାଦ ବଢିଯାଇଛି। ସାଧାରଣ ନିର୍ବାଚନ ଆଉ କିଛି ଦିନ ବାକି ରହିଥିବାବେଳେ ଦଳ ମଧ୍ୟରେ ସାମୂହିକ ଇସ୍ତଫା ପରିସ୍ଥିତି ଜଟିଳ କରିଛି। ଦୁଇ ଗୋଷ୍ଠୀ ମଧ୍ୟରେ ବିବାଦ ଦଳକୁ ଆଜି ବିପର୍ଯ୍ୟୟ ମୁହଁକୁ ଠେଲି ଦେଇଛି। ଏପରିସ୍ଥିତିରେ ଦଳୀୟ ନେତୃବୃନ୍ଦ କ'ଣ ପଦକ୍ଷେପ ନେଉଛନ୍ତି ତାହା ଦେଖିବାକୁ ବାକି ରହିଲା। ଏ ନେଇ ଜିଲା ସଭାପତି ଶିବ ପଟ୍ଟନାୟକଙ୍କ ସହ ଯୋଗାଯୋଗ କରାଯିବାରୁ ଏହା ୨ ଜଣଙ୍କ ମଧ୍ୟରେ ବିବାଦ। ସେମାନଙ୍କ ମଧ୍ୟରେ ଥିବା ବ୍ୟକ୍ତିଗତ ବିବାଦରେ ଦଳକୁ ଟାଣିବା ଠିକ ହୋଇନାହିଁ। ତଥାପି ସେମାନଙ୍କୁ ସମାଧାନ ପାଇଁ କିଛି ଦିନ ଅପେକ୍ଷା କରିବାକୁ କୁହାଯାଇଥିଲା। ଜିଲା କାର୍ଯ୍ୟାଳୟକୁ କୌଣସି ଇସ୍ତଫାପତ୍ର ହସ୍ତଗତ ହୋଇନାହିଁ। ଯଦି କୌଣସି ବ୍ୟକ୍ତି ଇସ୍ତଫା ଦିଅନ୍ତି ତେବେ କିଛି କହିବାର ନାହିଁ ବୋଲି ଜିଲା ସଭାପତି ଶିବ ପଟ୍ଟନାୟକ ତାଙ୍କ ପ୍ରତିକ୍ରିୟାରେ କହିଛନ୍ତି।

# ଟିକିଟିରେ ପାରିବାରିକ ରାଜନୀତି

ବ୍ରହ୍ମପୁର,୭।୨(ନରସିଂହ ସାହୁ)



ମନୋରଞ୍ଜନ ଦ୍ୟାନସାମନ୍ତରା



ଉଷା ଦେବୀ

ଗଞ୍ଜାମ ଜିଲାର ଅନ୍ୟତମ ଚର୍ଚ୍ଚିତ ନିର୍ବାଚନମଣ୍ଡଳୀ ଚିକିଟି। ୧୯୮୦ରୁ ୨୦୧୯ ସୁଦ୍ଧା ହୋଇଥିବା ୯ ବିଧାନସଭା ନିର୍ବାଚନରେ ଦୁଇ ପରିବାର କଂଗ୍ରେସର ଚିନ୍ତାମଣି ଦ୍ୟାନସାମନ୍ତରା ଓ ଚିକିଟି ରାଜପରିବାର ତଥା ବର୍ତ୍ତମାନର ମନ୍ତ୍ରୀ ଉଷା ଦେବୀଙ୍କ ମଧ୍ୟରେ ଲଢ଼େଇ ହେଉଛି। ଏହି ୨ ପରିବାର ଦଳର ଅନ୍ୟ ନେତା ଓ କର୍ମୀଙ୍କୁ ସୁଯୋଗ ଦେଉ ନ ଥିବା ତଥ୍ୟ ରହିଛି। ରାଣୀ ଓ ମଣି ପରିବାରର ପ୍ରତିଦ୍ୱନ୍ଦ୍ୱିତା ପାତ୍ରପୁର ଓ ଚିକିଟି ବ୍ଲକରେ ରାଜନୀତିକୁ ରୋଚକ କରୁଛି।

ତଥ୍ୟ ଅନୁସାରେ ୧୯୫୧-୫୨ରୁ ୧୯୬୧ ମଧ୍ୟରେ ହୋଇଥିବା ୩ ନିର୍ବାଚନରେ ଚିକିଟି ଓ ପାତ୍ରପୁର ଅଞ୍ଚଳ ବ୍ରହ୍ମପୁର ବିଧାନସଭା କ୍ଷେତ୍ରରେ ଥିଲା। ୧୯୬୭ରେ ନୂଆ ଚିକିଟି ନିର୍ବାଚନମଣ୍ଡଳୀ ଗଠିତ ହୋଇଥିଲା। ପ୍ରଥମ ନିର୍ବାଚନରେ ବିଶିଷ୍ଟ ସଂଗ୍ରାମୀ ସ୍ୱର୍ଗତ ଦିବାକର ପଟ୍ଟନାୟକ କଂଗ୍ରେସରୁ ବିଧାୟକ ହୋଇଥିଲେ। ୧୯୭୧ ନିର୍ବାଚନରେ ଚିକିଟି ରାଜା ସଚ୍ଚିଦାନନ୍ଦ ନାରାୟଣ ଦେଓ ଜନ କଂଗ୍ରେସରୁ ଜିତିଥିଲେ। ୧୯୭୪ ନିର୍ବାଚନରେ କଂଗ୍ରେସରୁ ସେ ପୁଣି ନିର୍ବାଚିତ ହୋଇଥିଲେ। ୧୯୭୭ରେ ଜନତା ପାର୍ଟି ପ୍ରାର୍ଥୀ ଜଗନ୍ନାଥ ପତି ପୂର୍ବତନ ମୁଖ୍ୟମନ୍ତ୍ରୀ କଂଗ୍ରେସର ବିନାୟକ ଆଚାର୍ଯ୍ୟଙ୍କୁ ପରାସ୍ତ କରିଥିଲେ। ୧୯୮୦ ନିର୍ବାଚନରେ କଂଗ୍ରେସ ଚିନ୍ତାମଣିଙ୍କୁ ଟିକେଟ ନ ଦେଇ ସଚ୍ଚିଦାନନ୍ଦଙ୍କୁ ପ୍ରାର୍ଥୀ କରିବାରୁ ଚିନ୍ତାମଣି ସ୍ୱାଧୀନ ଭାବେ ଲଢ଼ି ଚିକିଟି ରାଜାଙ୍କୁ ହରାଇଥିଲେ।

୧୯୮୫ ନିର୍ବାଚନରେ ରାଜପରିବାରର ଉଷା ଦେବୀ ଜନତା ପାର୍ଟିରୁ ମଇଦାନକୁ ଓହ୍ଲାଇଥିଲେ। ହେଲେ କଂଗ୍ରେସ ପ୍ରାର୍ଥୀ ଚିନ୍ତାମଣି ବିଜୟୀ ହୋଇଥିଲେ। ୧୯୯୦ ନିର୍ବାଚନରେ ଉଷା ଦେବୀ ଜନତା ଦଳରୁ ଏବଂ ଚିନ୍ତାମଣି କଂଗ୍ରେସରୁ ଲଢ଼ିଥିଲେ। ଏହି ନିର୍ବାଚନ ବେଳେ ଆରମ୍ଭ ହୋଇଥିଲା ହିଂସା ରାଜନୀତି। ତେବେ ଉଷା ନିର୍ବାଚିତ ହୋଇଥିଲେ। ସେହିପରି ୧୯୯୫ ନିର୍ବାଚନରେ ଜନତା ଦଳରୁ ଉଷା ପ୍ରତିଦ୍ୱନ୍ଦ୍ୱିତା କରି ସ୍ୱାଧୀନ ପ୍ରାର୍ଥୀ ଚିନ୍ତାମଣିଙ୍କ ଦ୍ୱାରା ପରାଜିତ ହୋଇଥିଲେ। ତେବେ ୨୦୦୦ରୁ ୨୦୧୯ ମଧ୍ୟରେ ହୋଇଥିବା ୫ ନିର୍ବାଚନରେ ଉଷା ଦେବୀ ବିଜେଡିରୁ ଲଗାତର ଜିତି ଏକାଧିକ ଥର କ୍ୟାବିନେଟ ମନ୍ତ୍ରୀ ପଦ ପାଇଛନ୍ତି। ସେହିପରି ୧୯୮୦ରୁ ୨୦୦୯ ସୁଦ୍ଧା ୭ ନିର୍ବାଚନ ଲଢ଼ି ଚିନ୍ତାମଣି ୩ ଥର ଜିତିଛନ୍ତି। ସେ ଉପବାଚସ୍ପତି ଓ ବାଚସ୍ପତି ମଧ୍ୟ ହୋଇଥିଲେ। ସବୁ ନିର୍ବାଚନରେ ଦୁଇ ପାରମ୍ପରିକ ପ୍ରତିଦ୍ୱନ୍ଦ୍ୱୀ ମଣି ଓ ରାଣୀଙ୍କ ଲଢ଼େଇ ଚର୍ଚ୍ଚାରେ ରହିଥାଏ।

୨୦୧୪ ନିର୍ବାଚନ ବେଳେ ବୟସାଧିକ ଯୋଗୁ ଚିନ୍ତାମଣି ନିର୍ବାଚନ ରାଜନୀତିରୁ ଦୂରେଇ ମଧ୍ୟମ ପୁତ୍ର ମନୋରଞ୍ଜନଙ୍କୁ ଛାଡ଼ିଥିଲେ। ମନୋରଞ୍ଜନ ଓ ଉଷାଙ୍କ ମଧ୍ୟରେ ୨୦୧୪ ନିର୍ବାଚନ ଲଢ଼େଇ ହୋଇଥିଲା। ଏଥିରେ ଉଷା ନିର୍ବାଚିତ ହୋଇଥିଲେ। ୨୦୧୯ ନିର୍ବାଚନରେ ମନୋରଞ୍ଜନ ଭାଜପାରୁ ପ୍ରାର୍ଥୀ ହୋଇଥିଲେ। ଉଷାଙ୍କ ସହ ତାଙ୍କର କଡ଼ା ଟକ୍କର ହୋଇଥିଲା। କଂଗ୍ରେସର ଦୁର୍ବଳ ପ୍ରାର୍ଥୀ ସୁବାସ ରାଉତଙ୍କ ଯୋଗୁ ଭାଜପାକୁ ଆଶାନୁରୂପ ଭୋଟ ମିଳିଥିଲା। ତଥାପି ଉଷା ୨୦ ହଜାର ଭୋଟ ବ୍ୟବଧାନରେ ନିର୍ବାଚିତ ହୋଇଥିଲେ। କିନ୍ତୁ ପରବର୍ତ୍ତୀ ପଞ୍ଚାୟତ ନିର୍ବାଚନରେ ରାଜନୀତି ବଦଳିଗଲା। ସମସ୍ତ କୌଶଳ ସତ୍ତ୍ୱେ ପାତ୍ରପୁର ବ୍ଲକ ଶାସନ ଭାଜପା ଦଖଲ କରିଛି। ଏହା ବିଜେଡିର ମୁଣ୍ଡବିନ୍ଧା ବଢ଼ାଇ ଦେଇଛି। ଆଗାମୀ ବିଧାନସଭା ନିର୍ବାଚନରେ ପାତ୍ରପୁର ବ୍ଲକ ଛଡ଼ାଇ ଆଣିବାକୁ ବିଜେଡି ରଣନୀତି ପ୍ରସ୍ତୁତ କରୁଥିବା ଜିଲା ସଭାପତି ରମେଶ ଚନ୍ଦ୍ର ଚ୍ୟାଉ ପଟ୍ଟନାୟକ ସୂଚନା ଦେଇଛନ୍ତି।

ସୂଚନାଯୋଗ୍ୟ, ଚିକିଟି ରାଜପରିବାରର ବୋହୂ, ଶ୍ୱଶୁର ୮ ଥର ବିଧାନସଭାକୁ ନିର୍ବାଚିତ ହୋଇଛନ୍ତି। ଆଗାମୀ ନିର୍ବାଚନରେ ଉଷାଙ୍କ ପୁଅ ଚିନ୍ମୟାନନ୍ଦ ଶ୍ରୀରୂପ ଦେଓ ବିଜେଡି ପ୍ରାର୍ଥୀ ହୋଇପାରନ୍ତି ବୋଲି କର୍ମୀ ମହଲରେ ଚର୍ଚ୍ଚା ଚାଲିଛି। ସେହିପରି ଦ୍ୟାନସାମନ୍ତରା ପରିବାରର ବାପା ଓ ପୁଅ ୯ ଥର ନିର୍ବାଚନ ଲଢ଼ି କେବଳ ଚିନ୍ତାମଣି ୩ ଥର ଜିତିଥିବା ତଥ୍ୟ ରହିଛି। ତେବେ ଉଭୟ ପରିବାର କର୍ମୀଙ୍କୁ ବାଟ ନ ଛାଡ଼ି ନିଜ ଘର ଭିତରେ ରାଜନୀତିକୁ ସୀମିତ ରଖୁଥିବା ସଚେତନ ମହଲ ଚର୍ଚ୍ଚା କରୁଛି। ଅପରପକ୍ଷରେ ୨୦୧୪ ନିର୍ବାଚନ ପର୍ଯ୍ୟନ୍ତ ଚିକିଟି ସେଗ୍‌ମେଣ୍ଟରେ ଭାଜପା ଭୋଟ ହାର ଅତି ନଗଣ୍ୟ ଥିବା ବେଳେ ୨୦୧୯ ନିର୍ବାଚନରେ ବହୁ ଗୁଣ ବଢ଼ି ଯାଇଥିଲା। ଆଗାମୀ ନିର୍ବାଚନରେ ଫଳାଫଳ କ'ଣ ହେବ ତାହାକୁ ଅପେକ୍ଷା।

# ନବ ଦମ୍ପତିଙ୍କୁ କଂଗ୍ରେସର ରସୁଣ ମାଳ ଉପହାର

ତିର୍ତ୍ତୋଲ,୭।୨(ଗୌରାଙ୍ଗ ଚରଣ ସ୍ୱାଇଁ)

**ରସୁଣ ଦର ବୃଦ୍ଧିକୁ ନେଇ ଅଭିନବ ପ୍ରତିବାଦ**



ସମ୍ପ୍ରତି ରସୁଣ ଦର ଅହେତୁକ ବୃଦ୍ଧି ନେଇ ଖାଉଟିମାନେ ଚିନ୍ତାରେ ପଡ଼ିଛନ୍ତି। ଏହି ଦରବୃଦ୍ଧି ନେଇ କଂଗ୍ରେସ ପକ୍ଷରୁ ଅଭିନବ ପ୍ରତିବାଦ କରାଯାଇଛି। ଜଗତ୍‌ସିଂହପୁର ଜିଲା ତିର୍ତ୍ତୋଲ ନିର୍ବାଚନମଣ୍ଡଳୀର କଂଗ୍ରେସ ନେତା ତଥା ଜିଲା ମୁଖପାତ୍ର ଇଂ. ହିମାଂଶୁ ଭୂଷଣ ମଲ୍ଲିକଙ୍କ ନେତୃତ୍ୱରେ ନବ ଦମ୍ପତିଙ୍କୁ ରସୁଣ ମାଳ ଉପହାର ଦିଆଯାଇଛି। ଯାହା ବୁଧବାର ସ୍ଥାନୀୟ ଅଞ୍ଚଳରେ ଚର୍ଚ୍ଚା ବିଷୟ ହୋଇଛି। ତିର୍ତ୍ତୋଲ ବ୍ଲକ ଗରାମ ଗାଁର ଜ୍ୟୋତି ରଞ୍ଜନ ମଲ୍ଲିକ ଓ ତପସ୍ୱିନିଙ୍କର ବିବାହ ଉତ୍ସବରେ କଂଗ୍ରେସ ପକ୍ଷରୁ ଏଭଳି ଅଭିନବ ପ୍ରତିବାଦ କରାଯାଇଛି। କଂଗ୍ରେସ ନେତା ଇଂ. ମଲ୍ଲିକ, ପିସିସି ସଭ୍ୟ ତଥା ଗୋବିନ୍ଦପୁର ସମିତିସଭ୍ୟ ଦେବପ୍ରସାଦ ନାୟକ, ବ୍ଲକ କଂଗ୍ରେସ ସଭାପତି ନିହାର ରଞ୍ଜନ ନାୟକ, ଉପସଭାପତି ଅଶ୍ୱିନୀ ସ୍ୱାଇଁ, ସରପଞ୍ଚ ପ୍ରଦ୍ୟୁମ୍ନ କିଶୋର ଚୟନୀ ଏଥିରେ ଉପସ୍ଥିତ ରହି ନବଦମ୍ପତିଙ୍କୁ ରସୁଣ ମାଳ ଉପହାର ଦେଇଛନ୍ତି। ଅନ୍ୟମାନଙ୍କ ମଧ୍ୟରେ ଯୁବ କଂଗ୍ରେସ କର୍ମୀ ରାକେଶ ସ୍ୱାଇଁ, ସୁଦାମ ସ୍ୱାଇଁ, ସାଇ ପ୍ରଭଞ୍ଜନ ମହାପାତ୍ର ପ୍ରମୁଖ ଏଥିରେ ସାମିଲ ହୋଇଥିଲେ। ରସୁଣ ଦର ୫୦୦ ଟଙ୍କା ପାର ହୋଇଥିବାରୁ ମୋଦି ସରକାର ତୁମେ ଦିଅ ଉତ୍ତର। ଆମ ପକ୍ଷରୁ ଭାଇଭାଉଜଙ୍କୁ ଏହି ମୂଲ୍ୟବାନ ଉପହାର ଲେଖା ଧରାଇ ଥିଲେ। ରସୁଣ ଦର ଭଳି ଦୁହିଁଙ୍କ ସମ୍ପର୍କ ଉଚ୍ଚରେ ରହୁ ବୋଲି କାମନା କରାଯାଇଥିଲା। ଉଭୟ ନବ ଦମ୍ପତି ଦୁହେଁ ଦୁହିଁଙ୍କ ବେକରେ ରସୁଣ ମାଳକୁ ପକାଇଥିଲେ। ରସୁଣ ଦର ବୃଦ୍ଧିକୁ ନେଇ ତିର୍ତ୍ତୋଲ ଯୁବ କଂଗ୍ରେସର ଏପରି କଟାକ୍ଷ ସାଧାରଣ ଓ ସୋସିଆଲ ମିଡିଆରେ ଚର୍ଚ୍ଚାର ଖୋରାକ ଯୋଗାଇଛି।

# ବିଜେଡିରେ ଯୋଗଦେଲେ ଶତାଧିକ ଭାଜପା, କଂଗ୍ରେସ କର୍ମୀ

ଭୁବନେଶ୍ୱର,୭।୨(ଅନିଲ ଦାସ)

ବାଲେଶ୍ୱର ଜିଲା ନୀଳଗିରି ନିର୍ବାଚନମଣ୍ଡଳୀର ଶତାଧିକ ଭାଜପା ଓ କଂଗ୍ରେସ କର୍ମୀ ବୁଧବାର ଶଙ୍ଖଭବନଠାରେ ମନ୍ତ୍ରୀ ତଥା ବାଲେଶ୍ୱର ଜିଲା ପର୍ଯ୍ୟବେକ୍ଷକ ପ୍ରତାପ ଦେବଙ୍କ ଉପସ୍ଥିତିରେ ବିଜେଡିରେ ଯୋଗଦେଇଛନ୍ତି। ଦଳରେ ସାମିଲ ହୋଇଥିବା ସମସ୍ତ କର୍ମୀଙ୍କୁ ଦେବ ଉପଢ଼ୌକନ ଦେଇ ସ୍ୱାଗତ କରିଛନ୍ତି। ଭାଜପା ଓ କଂଗ୍ରେସ କର୍ମୀଙ୍କ ବିଜେଡିରେ ଯୋଗଦାନ ଫଳରେ ବିଶେଷକରି ନୀଳଗିରି ନିର୍ବାଚନମଣ୍ଡଳୀରେ ଦଳୀୟ ସଙ୍ଗଠନ ଆହୁରି ମଜଭୁତ ହେବ ବୋଲି ସେ କହିଛନ୍ତି।

ମୁଖ୍ୟମନ୍ତ୍ରୀ ତଥା ବିଜେଡି ସୁପ୍ରିମୋ ନବୀନ ପଟ୍ଟନାୟକଙ୍କ ଲୋକାଭିମୁଖୀ କାର୍ଯ୍ୟକଳାପ ଓ ନୀତି ଆଦର୍ଶରେ ଅନୁପ୍ରାଣିତ ହୋଇ ବିଧିବଦ୍ଧ ଭାବେ ବିଜେଡିରେ ଯୋଗ ଦେଇଥିବା କର୍ମୀମାନେ କହିଛନ୍ତି। ଦଳରେ ଗ୍ରହଣ କରିଥିବାରୁ ସେମାନେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ, ଦଳର ସାଙ୍ଗଠନିକ ସମ୍ପାଦକ ପ୍ରଣବ ପ୍ରକାଶ ଦାସ ଏବଂ ସମସ୍ତ ନେତୃବୃନ୍ଦଙ୍କୁ କୃତଜ୍ଞତା ଜ୍ଞାପନ କରିଛନ୍ତି। ଏହି ମିଶ୍ରଣ ପର୍ବରେ ନୀଳଗିରି ଶିଶିର ଫାଉଣ୍ଡେଶନର ସଭାପତି ସବ୍ୟସାଚୀ ମହାପାତ୍ର, ମହିଳା ସଭାପତି ପରିସ୍ମିତା ଦାସ, ୬ନଂ ୱାର୍ଡ କାଉନସିଲର ପ୍ରତାପ ସେଠୀ, ନୀଳଗିରି ଏନ୍‌ଏସି ୱାର୍ଡ ନଂ.୬ର କଂଗ୍ରେସ ଯୁବନେତା ସନ୍ତୋଷ କୁମାର ମହାପାତ୍ର, ନିଗମ ରଞ୍ଜନ ରାଉତ, ଯୁବ କଂଗ୍ରେସ ସାଧାରଣ ସମ୍ପାଦକ ଡମ୍ବରୁଧର ବେହେରା,ପୂର୍ବତନ ସରପଞ୍ଚ ମଧୁସ୍ମିତା ସିଂ, ଚିନ୍ମୟ ଶରଣ ରାଉତ, ଭାଜପା ଯୁବ ନେତା ମୁକେଶ ସାହୁ, ଦେବାଶିଷ ନାୟକ, ସ୍ୱାଧୀନ ଜିଲା ପରିଷଦ ପ୍ରାର୍ଥୀ ମୋନାଲିସା ଦାସ, ଜଗବନ୍ଧୁ ବ୍ରହ୍ମ, ବୃନ୍ଦାବନ ପ୍ରଧାନ, ପୂର୍ବତନ ଭାଜପା ଜିଲା ପରିଷଦ ପ୍ରାର୍ଥୀ ଅର୍ଜ୍ଜୁନ ମାରାଣ୍ଡି, ପୂର୍ବତନ ସମିତି ସଭ୍ୟ ପତିତପାବନ ସିଂଙ୍କ ସହ ଶତାଧିକ ଭାଜପା ଓ କଂଗ୍ରେସ କର୍ମୀ ବିଜେଡିରେ ସାମିଲ ହୋଇଛନ୍ତି। ଏହି ମିଶ୍ରଣ ପର୍ବରେ ନୀଳଗିରି ନିର୍ବାଚନମଣ୍ଡଳୀର ପୂର୍ବତନ ବିଜେଡି ବିଧାୟକ ପ୍ରାର୍ଥୀ ସନ୍ତୋଷ ଖଟୁଆ ମଧ୍ୟ ଉପସ୍ଥିତ ଥିଲେ। ଶେଷରେ ବିଜେଡି ମୁଖପାତ୍ର ପ୍ରିୟବ୍ରତ ମାଝି ଧନ୍ୟବାଦ ଅର୍ପଣ କରିଥିଲେ।

# ଧର୍ମେନ୍ଦ୍ରଙ୍କୁ ପ୍ରଣବଙ୍କ ଟାର୍ଗେଟ

ଭୁବନେଶ୍ୱର,୭।୨(ଅନିଲ ଦାସ)

**ପରୀ ହତ୍ୟାକାଣ୍ଡ ପ୍ରସଙ୍ଗ**

ନୟାଗଡ଼ ପରୀ ହତ୍ୟାକାଣ୍ଡ ଘଟଣାରେ ବିଜେଡି ସାଙ୍ଗଠନିକ ସମ୍ପାଦକ ପ୍ରଣବ ପ୍ରକାଶ ଦାସ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କୁ ଟାର୍ଗେଟ କରିଛନ୍ତି। ସୋସିଆଲ ସାଇଟ୍ 'ଏକ୍ସ'ରେ କେନ୍ଦ୍ରମନ୍ତ୍ରୀଙ୍କୁ ସମାଲୋଚନା କରି ପ୍ରଣବ କହିଛନ୍ତି, ପରୀ ହତ୍ୟାକାରୀଙ୍କୁ ବଞ୍ଚାଇବାକୁ କେନ୍ଦ୍ରମନ୍ତ୍ରୀ ହୀନ ଉଦ୍ୟମ କରିଥିଲେ। ହାଇକୋର୍ଟରୁ ସୁପ୍ରିମକୋର୍ଟ ପର୍ଯ୍ୟନ୍ତ ନାମୀଦାମୀ ଓକିଲ ଲଗାଇ ମାମଲାକୁ ବିଳମ୍ବିତ ଆଉ ଦିଗହରା କରିବାକୁ ଉଦ୍ୟମ କରିଥିଲେ। ବ୍ୟକ୍ତିଗତ ରାଜନୈତିକ ସ୍ୱାର୍ଥ ପାଇଁ ତାଙ୍କ କାର୍ଯ୍ୟକୁ ଓଡ଼ିଶାବାସୀ ଦେଖିଛନ୍ତି। ଓଡ଼ିଶା ଇତିହାସରେ ଏଭଳି ନିମ୍ନସ୍ତରର ରାଜନୀତି କେବେ ଦେଖାଯାଇ ନ ଥିଲା। ଓଡ଼ିଶାର ରାଜନୀତିକୁ ସେ ବହୁ ତଳସ୍ତରକୁ ନେଇଗଲେ ବୋଲି ପ୍ରଣବ କହିଛନ୍ତି। ମଙ୍ଗଳବାର ରାୟ ପ୍ରକାଶ ପରେ ତାଙ୍କ ଅନ୍ତରାତ୍ମା କିଭଳି ତାଙ୍କୁ ଶାନ୍ତିରେ ରଖାଇ ଦେଉଛି। ନିଜେ ଆଇନା ସାମ୍ନାରେ ଠିଆ ହୋଇ ନିଜର ଅନ୍ତରାତ୍ମାକୁ ପଚାରନ୍ତୁ। ଆପଣ ଠିକ୍ କରିଛନ୍ତି ନା ଭୁଲ୍। ଏଥିପାଇଁ ସେ ଓଡ଼ିଶାବାସୀଙ୍କ ପାଖରେ କ୍ଷମା ମାଗନ୍ତୁ ବୋଲି ପ୍ରଣବ କହିଛନ୍ତି।

## ବିଜେଡି ନେତା ନିଜକୁ ପ୍ରଶ୍ନକରି ଯେଉଁ ଉତ୍ତର ପାଉଛନ୍ତି ତା'ର ସମୀକ୍ଷା କରନ୍ତୁ: ଭାଜପା

ଭୁବନେଶ୍ୱର,୭।୨(ସୁନିତ୍ ମିଶ୍ର)

ନିଜ ଦଳର ନେତା ନବ ଦାସଙ୍କ ହତ୍ୟାର ରହସ୍ୟ ଯେଉଁ ସରକାର ଏ ପର୍ଯ୍ୟନ୍ତ ଉନ୍ମୋଚନ କରିପାରିନାହିଁ, ସେମାନେ ଅନ୍ୟକୁ ଅଙ୍ଗୁଳି ନିର୍ଦ୍ଦେଶ କରୁଛନ୍ତି। ମମିତା ମେହେର, ପରୀ, କୁନ୍ଦୁଲି, ବେବିନା, ଇତିଶ୍ରୀ, ପିଙ୍କୁ ଭଳି ଘଟଣାକୁ ଚପାଇବା ପାଇଁ ବିଜେଡି ସରକାର କ'ଣ ଚେଷ୍ଟା କରିଛନ୍ତି, ତାହା ସମସ୍ତଙ୍କୁ ଜଣାଅଛି। ବିଜେଡି ନେତା ନିଜେ ନିଜକୁ ପ୍ରଶ୍ନ ପଚାରି ହୃଦୟରୁ ଆସୁଥିବା ଉତ୍ତରକୁ ସମୀକ୍ଷା କରନ୍ତୁ ବୋଲି 'ଏକ୍ସ'ରେ ଭାଜପା ବିଧାୟକ ଲଳିତେନ୍ଦୁ ବିଦ୍ୟାଧର ମହାପାତ୍ର କହିଛନ୍ତି।

ପରୀ ହତ୍ୟାକାଣ୍ଡ ଘଟଣାରେ କୋର୍ଟଙ୍କ ରାୟ ଆସିବା ପରେ ବିଜେଡି ନେତା ପ୍ରଣବ ପ୍ରକାଶ ଦାସ ସାମାଜିକ ଗଣମାଧ୍ୟମ ଜରିଆରେ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କୁ ଟାର୍ଗେଟ କରିଥିବା ବେଳେ ଭାଜପା ପକ୍ଷରୁ ପାଲଟା ଜବାବ ଦିଆଯାଇଛି। ଭାଜପା ନେତା ଲଳିତେନ୍ଦୁ ଏହି ପ୍ରସଙ୍ଗରେ ଆହୁରି କହିଛନ୍ତି, ବିଜେଡି ନେତା ପ୍ରଣବଙ୍କ ପାଠ କମ୍ ବସ୍ତାନି ବେଶି। ଏ କଥାକୁ ଆମେ ଥରେ ନୁହେଁ ବହୁ ଥର କହିସାରିଛୁ। ବିଜେଡି ନେତାମାନେ କେତେବେଳେ କ୍ରୀତଦାସର ଭୂମିକା ଦାୟିତ୍ୱରେ ରହୁଛନ୍ତି ତ କେତେବେଳେ ଟ୍ରାଫିକ କାର୍ଯ୍ୟରେ ନିୟୋଜିତ ହେଉଛନ୍ତି। ବିଜେଡି ନେତାଙ୍କଠାରୁ ଅବା କ'ଣ ଅଧିକ ଆଶା କରାଯାଇପାରେ। ପରୀ ଘଟଣା ଉପରେ ପ୍ରଣବ ପ୍ରକାଶ ଯାହା କହିଛନ୍ତି, ସେ କଥା ନିଜକୁ ପଚାରିଲେ ଭଲ ହେବ ବୋଲି ଲଳିତେନ୍ଦୁ କହିଛନ୍ତି।

# ୨୧ ଲୋକ ସଭା ଆସନ ପାଇଁ ଭାଜପାର ପ୍ରଭାରୀ, ସଂଯୋଜକ ନିଯୁକ୍ତ

ଭୁବନେଶ୍ୱର,୭।୨(ସୁନିତ୍ ମିଶ୍ର)

୨୦୨୪ ସାଧାରଣ ନିର୍ବାଚନ ପୂର୍ବରୁ ଭାଜପା ପକ୍ଷରୁ ୨୧ ଲୋକ ସଭା ଆସନ ଲାଗି ପ୍ରଭାରୀ ଏବଂ ସଂଯୋଜକ ଚୟନ କରାଯାଇଛି। ଦଳର ରାଜ୍ୟ ସଭାପତି ମନମୋହନ ସାମଲଙ୍କ ଅନୁମୋଦନକ୍ରମେ ବୁଧବାର ଏହି ତାଲିକା ଘୋଷଣା କରାଯାଇଛି। ବରଗଡ଼ ଲୋକ ସଭା ଆସନ ଲାଗି ସବିତା ନନ୍ଦ ପ୍ରଭାରୀ ଏବଂ ସୁରେଶ୍ୱର ଶତପଥୀଙ୍କୁ ସଂଯୋଜକ ଦାୟିତ୍ୱ ଦିଆଯାଇଛି। ସେହିପରି ସୁନ୍ଦରଗଡ଼ରେ ପ୍ରଭାରୀ ଦିନେଶ ଜୈନ ଏବଂ ବଟକିଶୋର ମିଶ୍ର ସଂଯୋଜକ, ସମ୍ବଲପୁର ପ୍ରଭାରୀ ମୁକ୍ତା ସାହୁ ଏବଂ ଗିରୀଶ ପଟେଲ ସଂଯୋଜକ, କେନ୍ଦୁଝରରେ ସଞ୍ଜୀବ ମହାନ୍ତି ପ୍ରଭାରୀ, ଶୁକଦେବ ମହାନ୍ତ ସଂଯୋଜକ, ମୟୂରଭଞ୍ଜ ପ୍ରଭାରୀ ଲମ୍ବୋଧର ନାୟକ, ବିଭୂତି ଭୂଷଣ ମହାନ୍ତଙ୍କୁ ସଂଯୋଜକ ନିଯୁକ୍ତ କରାଯାଇଛି। ସେହିପରି ବାଲେଶ୍ୱରରେ ଆଶୁତୋଷ ପରିଡ଼ା ପ୍ରଭାରୀ, ଶୁଭଙ୍କର ମହାପାତ୍ର ସଂଯୋଜକ, ଭଦ୍ରକରେ ବୈଦ୍ୟନାଥ ଚାଟାର୍ଜୀ ପ୍ରଭାରୀ, ଈଶ୍ୱର ଚନ୍ଦ୍ର ବେହେରାଙ୍କୁ ସଂଯୋଜକ, ଯାଜପୁରରେ ସିପ୍ରା ବାଜପେୟୀ ପ୍ରଭାରୀ ଏବଂ ବିକ୍ରମ ବିଶ୍ୱାଳ ସଂଯୋଜକ, ଢେଙ୍କାନାଳରେ ଗୋଳକ ପ୍ରସାଦ ମହାପାତ୍ରଙ୍କୁ ପ୍ରଭାରୀ, ପ୍ରେମାନନ୍ଦ ଜେନା ସଂଯୋଜକ, ବଲାଙ୍ଗୀରରେ ଭବେନ୍ଦ୍ର ପଣ୍ଡା ପ୍ରଭାରୀ ଏବଂ ଦିନେଶ ଶର୍ମା ସଂଯୋଜକ , କଳାହାଣ୍ଡିରେ ରମେଶ ଚନ୍ଦ୍ର ସାହୁ ପ୍ରଭାରୀ ଏବଂ ଶିବପ୍ରସାଦ ମୁଣ୍ଡଙ୍କୁ ସଂଯୋଜକ, ଗୋଦାବରୀଶ ପାତ୍ର(ସହସଂଯୋଜକ) ଦାୟିତ୍ୱ ପାଇଛନ୍ତି। ନବରଙ୍ଗପୁରରେ ମନିଜର ଆର୍ଯ୍ୟ ପ୍ରଭାରୀ ଏବଂ ରାମେଶ୍ୱର ଜେନାଙ୍କୁ ସହ ସଂଯୋଜକ, କନ୍ଧମାଳରେ ନିରଞ୍ଜନ ମିଶ୍ର ପ୍ରଭାରୀ, ପଦ୍ମଚରଣ ଦାସଙ୍କୁ ସଂଯୋଜକ, କଟକରେ ପ୍ରତାପ କୁମାର ମିଶ୍ର ପ୍ରଭାରୀ ଏବଂ ସୁକାନ୍ତ ବିଶ୍ୱାଳ ସଂଯୋଜକ, କେନ୍ଦ୍ରାପଡ଼ାରେ ବିନୋଦ ଦାସ ପ୍ରଭାରୀ ଏବଂ ସୁନାକର ବେହେରା ସଂଯୋଜକ, ସତ୍ୟବାଦୀ ଚଇନି(ସହସଂଯୋଜକ) ଦାୟିତ୍ୱ ପାଇଛନ୍ତି। ଜଗତ୍‌ସିଂହପୁରରେ ପବିତ୍ର ମୋହନ ଦାଶ ପ୍ରଭାରୀ, ଓମ୍‌ପ୍ରକାଶ ରାୟ ସଂଯୋଜକ, ପୁରୀରେ ଅମିୟ ଦାଶ ପ୍ରଭାରୀ, ଶଙ୍କର୍ଷଣ ପରିଡ଼ା ସଂଯୋଜକ, ଭୁବନେଶ୍ୱରରେ ଜୀବନ ସାହୁ ପ୍ରଭାରୀ, ବିଦ୍ୟୁତ୍ କାନ୍ତି ସଂଯୋଜକ, ଆସ୍କାରେ ଅଜୟ ମିଶ୍ର ପ୍ରଭାରୀ, ଯଜ୍ଞ ନାରାୟଣ ଦାସ ସଂଯୋଜକ, ବ୍ରହ୍ମପୁରରେ ଅଶୋକ କୁମାର ମିଶ୍ର ପ୍ରଭାରୀ, ସରୋଜ ସାବତ ସଂଯୋଜକ ଏବଂ କୋରାପୁଟରେ ଗୋବିନ୍ଦ ଜୈନଙ୍କୁ ପ୍ରଭାରୀ ଓ ତ୍ରିନାଥ ପଣ୍ଡାଙ୍କୁ ସଂଯୋଜକ ଦାୟିତ୍ୱ ଦିଆଯାଇଛି।

# ବିଜେଡିର ସାହା ଭରସା କଂଗ୍ରେସ: ନାଉରି

ଭୁବନେଶ୍ୱର,୭।୨(ସୁନିତ୍ ମିଶ୍ର)

ଓଡ଼ିଶାରେ ବିଜେଡି ଓ କଂଗ୍ରେସ ଭିତରେ ଅନେକ ଭିତିରି ବୁଝାମଣା ରହିଛି। କଂଗ୍ରେସ ବିଧାନସଭା ଭିତରେ ଓ ବାହରେ ବିଜେଡିକୁ ସହଯୋଗ କରିଆସୁଛି। ଏପରିକି ପରୋକ୍ଷ ଭାବେ ଓଡ଼ିଶାରେ କଂଗ୍ରେସ-ବିଜେଡି ମିଳିମିଶି ସରକାର ଚଳାଉଛନ୍ତି। ବାସ୍ତବରେ ବିଜେଡିର ସାହା ଭରସା କଂଗ୍ରେସ ଦଳ ଏବଂ କଂଗ୍ରେସ ନେତୃବୃନ୍ଦ ଆଶାବାଡ଼ି ବୋଲି ଭାଜପା ବିଧାୟକ ନାଉରି ନାୟକ କହିଛନ୍ତି।

ଏକ ପ୍ରେସ୍ ବିଜ୍ଞପ୍ତି ଜରିଆରେ ନାଉରି କହିଛନ୍ତି, ସ୍ୱାଧୀନତା ପରବର୍ତ୍ତୀ ସମୟରୁ ୨୦୧୪ ପର୍ଯ୍ୟନ୍ତ ସର୍ବାଧିକ ସମୟ କ୍ଷମତାରେ ଥିବା କଂଗ୍ରେସ ରାଜ୍ୟବାସୀଙ୍କ ପାଇଁ କ'ଣ କରିଛନ୍ତ। ଓଡ଼ିଶାର ବିକାଶ ପାଇଁ 'ଟଙ୍କା କ'ଣ ଗଛରେ ଫଳେ' ବୋଲି କହୁଥିବା କଂଗ୍ରେସ ଦଳ ଆଜି ଅନ୍ୟକୁ ଦୋଷ ଦେବା ଦୁର୍ଭାଗ୍ୟଜନକ। ତେବେ ଆପଣ ସେହି ସମୟରେ ତତ୍କାଳୀନ ପ୍ରଧାନମନ୍ତ୍ରୀଙ୍କ ଉକ୍ତ ବକ୍ତବ୍ୟ ସମୟରେ କାହିଁକି ଚୁପ୍ ରହିଥିଲେ। ୨୦୦୪ରୁ ୨୦୧୪ ଉପା ସରକାର ଅମଳର ୧୦ ବର୍ଷରେ ମାତ୍ର ୩ ଲକ୍ଷ କୋଟି ଟଙ୍କାର କେନ୍ଦ୍ରୀୟ ଅନୁଦାନ ରାଜ୍ୟକୁ ଆସିଥିବାବେଳେ ମୋଦି ସରକାରଙ୍କ ଗତ ୯ ବର୍ଷ ଶାସନରେ ଓଡ଼ିଶାକୁ ୧୮.୮୩ ଲକ୍ଷ କୋଟି ଟଙ୍କାର କେନ୍ଦ୍ରୀୟ ଅନୁଦାନ ମିଳିସାରିଛି, ଯାହାକୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି କାର୍ଯ୍ୟାନ୍ୱିତ କରିଛନ୍ତି। ଓଡ଼ିଶାର ବିକାଶ ପାଇଁ ମୋଦି ସଂକଳ୍ପବଦ୍ଧ ଏବଂ ମୋଦି ଗ୍ୟାରେଣ୍ଟିକୁ ରାଜ୍ୟବାସୀ ଆପଣାଇଛନ୍ତି। ରେଳପଥ, ରାଜପଥ, ଜଳପଥ, ଶିକ୍ଷା, ସାମାଜିକ ସୁରକ୍ଷା, ମହିଳା ସଶକ୍ତୀକରଣ, ସଂସ୍କୃତି, ମାନ୍ୟତା ଆଦି ପ୍ରସଙ୍ଗରେ ଓଡ଼ିଶାକୁ ମୋଦି ସରକାରଙ୍କ ଅବଦାନ କଂଗ୍ରେସ ଦଳ ପାଇଁ 'ଚିନ୍ତାର ବାହାରେ'। ନିଜ ଅସ୍ତିତ୍ୱ ପାଇଁ ସଂଘର୍ଷ କରୁଥିବା କଂଗ୍ରେସ ଦଳ ଏବଂ କଂଗ୍ରେସର ଶୀର୍ଷ ନେତା ରାହୁଲ ଗାନ୍ଧୀ, ଭାଜପା ଏବଂ ପ୍ରଧାନମନ୍ତ୍ରୀଙ୍କୁ ସମାଲୋଚନା କରିବାର ନୈତିକତା ହରାଇ ସାରିଛନ୍ତି। ଗତ ୨ ଦିନ ହେଲାଣି ରାହୁଲ ଓଡ଼ିଶାରେ ଅଛନ୍ତି ଏବଂ ଗୁରୁବାର ମଧ୍ୟ ଓଡ଼ିଶାରେ ରହିବେ ବୋଲି ନାଉରି କହିଛନ୍ତି।



ବିଜେଡି ସଦସ୍ୟମାନେ ବିଧାନସଭା ଗାନ୍ଧୀ ମୂର୍ତ୍ତି ତଳେ ବିକ୍ଷୋଭ କରୁଛନ୍ତି।




ବିଧାନସଭା ଗୃହ ବାହାରେ ଭାଜପା ସଦସ୍ୟମାନେ ଅର୍ପଣରଥ ଚାଉଳକୁ ନେଇ ବିକ୍ଷୋଭ କରୁଛନ୍ତି।

# ବାଚସ୍ପତିଙ୍କ ମାଇକ୍ ...

ପ୍ରଥମ ପୃଷ୍ଠାରୁ...

ବିଧାନସଭାରେ ପ୍ରବଳ ହୋହଲ୍ଲା କରିଥିଲେ। ବିଜେଡି ସଦସ୍ୟମାନେ ମଧ୍ୟ ପରୀ ପ୍ରସଙ୍ଗରେ ଭାଜପା କ୍ଷମାପ୍ରାର୍ଥନା କରୁ ଦାବି କରି ନିଜ ସିଟ୍ ନିକଟରେ ଛିଡ଼ା ହୋଇ ପାଟିତୁଣ୍ଡ କରିଥିଲେ। ଭାଜପା ସଦସ୍ୟମାନେ ଜୟ ଶ୍ରୀରାମ କହୁଥିବା ବେଳେ ବିଜେଡି ସଦସ୍ୟମାନେ ଜୟ ଜଗନ୍ନାଥ ସ୍ଲୋଗାନ ଦେଉଥିଲେ। ଗୃହ ଏକପ୍ରକାର ରଣକ୍ଷେତ୍ର ପାଲଟିଥିଲା। ପରିସ୍ଥିତି ନିୟନ୍ତ୍ରଣ ବାହାରକୁ ଯାଉଥିବା ଦେଖି ବାଚସ୍ପତି ମାତ୍ର ଅଧମିନିଟ ପରେ ଗୃହ କାର୍ଯ୍ୟକୁ ପର୍ବାହ୍ନ ୧୧ଟା ୩୦ ମିନିଟ ପର୍ଯ୍ୟନ୍ତ ମୁଲତବୀ ଘୋଷଣା କରିଥିଲେ। ଏହି ସମୟରେ ବିଜେଡି ସଦସ୍ୟମାନେ ବିଧାନସଭା ବାହାରେ ଥିବା ଗାନ୍ଧୀ ମୂର୍ତ୍ତି ନିକଟରେ ଧାରଣା ଦେଇଥିଲେ। ପରୀ ହତ୍ୟା ଘଟଣାକୁ ନେଇ ଭାଜପା ନେତାମାନେ ରାଜନୀତି କରିବା ସହ ତଦନ୍ତକୁ ବାଟବଣା କରିବାକୁ ଚେଷ୍ଟା କରିଛନ୍ତି। ପରୀ ହତ୍ୟାକାରୀଙ୍କୁ ସୁରକ୍ଷା ଦେବାକୁ ଉଦ୍ୟମ କରିଥିବା ଭାଜପା ନେତାମାନେ କ୍ଷମା ମାଗନ୍ତୁ ବୋଲି ଦାବି କରିଥିଲେ। ପୂର୍ବାହ୍ନ ୧୧ଟା ୩୦ ମିନିଟରେ ଗୃହ କାର୍ଯ୍ୟ ଆରମ୍ଭ ହୋଇଥିଲେ ମଧ୍ୟ ଭାଜପା ସଦସ୍ୟମାନେ ପୂର୍ବଭଳି ହଟ୍ଟଗୋଳ କରିଥିଲେ। ବାଚସ୍ପତି ଗୃହକୁ ୨ଟି ପର୍ଯ୍ୟାୟରେ ଅପରାହ୍ନ ୪ଟା ପର୍ଯ୍ୟନ୍ତ ମୁଲତବୀ ଘୋଷଣା କରିଥିଲେ।

ଅପରାହ୍ନରେ ମଧ୍ୟ ଗୃହକାର୍ଯ୍ୟ ସ୍ୱାଭାବିକ ହୋଇପାରି ନ ଥିଲା। ସମାନ ଅବସ୍ଥା ଦେଖିବାକୁ ମିଳିଥିଲା। ଭାଜପା ସଦସ୍ୟମାନେ ହାତରେ ପ୍ଲାକାର୍ଡ ଧରି ଜୋରଦାର ପ୍ରତିବାଦ କରିଥିଲେ। ଅର୍ପଣ ଚାଉଳକୁ ନେଇ ଭାଜପା ଓ ବିଜେଡି ସଦସ୍ୟଙ୍କ ମଧ୍ୟରେ ଆରୋପ ପ୍ରତ୍ୟାରୋପ ଦେଖିବାକୁ ମିଳିଥିଲା। ଏହି ସମୟରେ ଭାଜପା ସଦସ୍ୟ ନାଉରୀ ନାଏକ ବାଚସ୍ପତିଙ୍କ ପୋଡିୟମ ଉପରକୁ ଉଠି ମାଇକ୍‌କୁ ଟାଣି ଭାଙ୍ଗି ଦେଇଥିଲେ। ଦାବି ପୂରଣ ନ ହେବାରୁ ଅପରାହ୍ନରେ ଭାଜପା ସଦସ୍ୟମାନେ ବିଧାନସଭା କକ୍ଷ ତ୍ୟାଗ କରି ବାହାରକୁ ଚାଲି ଯାଇଥିଲେ। ଏହି ପ୍ରସଙ୍ଗକୁ ନେଇ ବୁଧବାର ସନ୍ଧ୍ୟାରେ ସେମାନେ ରାଜଭବନ ଯାଇ ରାଜ୍ୟପାଳଙ୍କୁ ଦାବିପତ୍ର ପ୍ରଦାନ କରିଛନ୍ତି।

# ଓଡ଼ିଶା ଟ୍ରାଭେଲ ବଜାରର ୫ମ ସଂସ୍କରଣ ଉଦ୍‌ଘାଟିତ

ଭୁବନେଶ୍ୱର ,୭।୨(ଅଭୟ ଦାଶ)




ଫେଡେରେଶନ ଅଫ୍ ଇଣ୍ଡିଆନ ଚାମ୍ବର୍ସ ଅଫ୍ କର୍ମସ ଆଣ୍ଡ ଇଣ୍ଡଷ୍ଟ୍ରି (ଫିକି) ଏବଂ ଓଡ଼ିଶା ସରକାରଙ୍କ ପର୍ଯ୍ୟଟନ ବିଭାଗର ମିଳିତ ସହଯୋଗରେ କୋଣାର୍କ ଇକୋ ରିଟ୍ରିଟ୍‌ଠାରେ ଆୟୋଜିତ ୩ ଦିନିଆ ଓଡ଼ିଶା ଟ୍ରାଭେଲ ବାଜରର ୫ମ ସଂସ୍କରଣକୁ ବୁଧବାର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଭର୍ଚୁଆଲ ମାଧ୍ୟମରେ ଉଦ୍‌ଘାଟନ କରିଛନ୍ତି। ଏହି ଅବସରରେ ନବୀନ ପଟ୍ଟନାୟକ କହିଛନ୍ତି, ନିକଟ ଅତୀତରେ ଓଡ଼ିଶା ଅନେକ ଉତ୍କୃଷ୍ଟ ପର୍ଯ୍ୟଟନର ଅନୁଭୂତି ସୃଷ୍ଟି ଓ ଆରମ୍ଭ କରିବା ପାଇଁ ମହତ୍ତ୍ୱପୂର୍ଣ୍ଣ ପଦକ୍ଷେପ ଗ୍ରହଣ କରିଛି। ଏହି ପରିପ୍ରେକ୍ଷୀରେ ପର୍ଯ୍ୟଟନ ବିଭାଗର ନିର୍ଦ୍ଦେଶକ ସଚିନ ରାମଚନ୍ଦ୍ର ଯାଦବ ରାଜ୍ୟର ପ୍ରଚାରପ୍ରସାର ପାଇଁ ଓଡ଼ିଶା ଟୁରିଜମ୍‌ର ପଦକ୍ଷେପଗୁଡ଼ିକ ଉପରେ ବିସ୍ତୃତ ଆଲୋଚନା କରିଥିଲେ। ଓଟିଡିସିର ଚେୟାରମ୍ୟାନ ଡା. ଲେନିନ୍ ମହାନ୍ତି କହିଥିେ ଭ୍ରମଣ ଓ ପର୍ଯ୍ୟଟନ ଶିଳ୍ପର ହିତାଧିକାରୀଙ୍କ ସହ ଯୋଗାଯୋଗ କରିବା ପାଇଁ ଏକ ପ୍ଲାଟ୍‌ଫର୍ମ ପ୍ରଦାନ ସହ ସେମାନଙ୍କୁ ରାଜ୍ୟର ଟୁରିଜମ୍ ପ୍ରଡକ୍ଟଗୁଡ଼ିକର ଅନୁଭୂତି ସମ୍ପର୍କରେ ମତବ୍ୟକ୍ତ କରିଥିଲାବେଳେ ସ୍ୱସ୍ତି ଗ୍ରୁପ୍‌ର ସିଏମ୍‌ଡି ଡ. ଜେ.କେ. ମହାନ୍ତି ହୋଟେଲ ଶିଳ୍ପର ବିକାଶ ଏବଂ ଟୁର୍ ଅପରେଟର ଓ ଟ୍ରାଭେଲ ଏଜେଣ୍ଟ ସମୁଦାୟର ଅନୁଭୂତି ସମ୍ପର୍କରେ କହିଥିଲେ। ଅପରପକ୍ଷରେ ଫିକିର ବରିଷ୍ଠ ଉପଦେଷ୍ଟା ମାନବ ମଜୁମଦାର କହିଥିଲେ,ଓଡ଼ିଶା ଟ୍ରାଭେଲ ବଜାରର ୫ମ ସଂସ୍କରଣ କେବଳ ସାରା ବିଶ୍ୱର ଭ୍ରମଣ ଏବଂ ପର୍ଯ୍ୟଟନ ଶିଳ୍ପର ଅଂଶୀଦାରମାନଙ୍କ ସହ ବାର୍ତ୍ତାଳାପ କରିବା ପାଇଁ ନୁହେଁ ବରଂ ସେମାନଙ୍କୁ ଆମର ଉତ୍ପାଦକୁ ଅନୁଭବ କରାଇବା ପାଇଁ ଏକ ସର୍ବବୃହତ୍ ପ୍ଲାଟ୍‌ଫର୍ମ ପାଲଟିଛି। ଏହାଦ୍ୱାରା ସେମାନେ ଆମ ରାଜ୍ୟକୁ ଦକ୍ଷତାର ସହ ଉଦ୍ଦିଷ୍ଟ ଦର୍ଶକଙ୍କ ନିକଟରେ ମାର୍କେଟିଂ କରିପାରିବେ।

ଉଲ୍ଲେଖଯୋଗ୍ୟ,ପ୍ରଦଶର୍ନର ପ୍ରଥମ ଦିନରେ ଆଲୋଚନାଚକ୍ର ପର୍ଯ୍ୟଟନ ନିର୍ଦ୍ଦେଶକ ସଚିନ ଆର୍. ଯାଦବଙ୍କ ନେତୃତ୍ୱରେ 'ଓଡ଼ିଶାର ପର୍ଯ୍ୟଟନ ସମ୍ଭାବନାର ଉନ୍ମୋଚନ' ଶୀର୍ଷକ ବିଷୟବସ୍ତୁ ଉପରେ ଅନୁଷ୍ଠିତ ହୋଇଥିଲା। ଉକ୍ତ ଆଲୋଚନାଚକ୍ରରେ ଏମ୍ଆଇସିଇ, ବିଳାସପୂର୍ଣ୍ଣ କ୍ରୁଜ୍ ଏବଂ ହାଉସ୍ ବୋଟ୍, ହେରିଟେଜ୍ ପ୍ୟାଲେସ ଏବଂ ଡିଏମ୍‌ସି ଭଳି କ୍ଷେତ୍ରର ପ୍ୟାନେଲିଷ୍ଟମାନେ ଯୋଗଦେଇଥିଲେ। ସ୍ୱସ୍ତି ଗ୍ରୁପ୍ ସିଏମ୍‌ଡି ଡ. ଜେ.କେ. ମହାନ୍ତି, ଆଟମୋସ୍‌ଫିୟର ହୋଟେଲ ଆଣ୍ଡ ରିସୋର୍ଟସର ସୌଭାଗ୍ୟ ମହାପାତ୍ର, କାମତ ହୋଟେଲର ନିର୍ଦ୍ଦେଶକ ବିଶାଲ କାମତ, ମେଫେୟାର ହୋଟେଲ ଆଣ୍ଡ ରିସୋର୍ଟର ଅଧ୍ୟକ୍ଷ ତଥା ନିର୍ଦ୍ଦେଶକ ମନୋଜ କୁମାର ଗୌଡ଼, ଏଟି ସିଜନ୍ସ ଆଣ୍ଡ ଭେକେଶନ ଟ୍ରାଭେଲ ପ୍ରାଇଭେଟ୍ ଲିମିଟେଡ୍‌ର ଏମ୍‌ଡି ଅମରେଶ ତିୱାରୀ, ଆଇଏଟିଓ ଓଡ଼ିଶା ଚାପ୍ଟରର ଅଧ୍ୟକ୍ଷ ଗଗନ ଷଡ଼ଙ୍ଗୀ ଓ ବେଲଗଡ଼ିଆ ପ୍ୟାଲେସ୍‌ର ନିର୍ଦ୍ଦେଶିକା ମୃଣାଳିକା ଭଞ୍ଜଦେଓ ପ୍ରମୁଖ ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ପରିଶେଷରେ ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା।

# ୩ ଦିନିଆ ଓଟିବି ଏକ୍ସପୋ

ଭୁବନେଶ୍ୱର, ୭।୨




ଓଡ଼ିଶା ସରକାରଙ୍କ ପର୍ଯ୍ୟଟନ ବିଭାଗ ଏବଂ ଫେଡେରେଶନ ଅଫ୍ ଇଣ୍ଡିଆନ ଚାମ୍ବର୍ସ ଅଫ୍ କର୍ମସ ଆଣ୍ଡ ଇଣ୍ଡଷ୍ଟ୍ରି (ଫିକି)ର ମିଳିତ ସହଯୋଗରେ ଏକ ୩ ଦିନିଆ ପ୍ରଦର୍ଶନୀ ତଥା ୫ମ ଓଡ଼ିଶା ଟ୍ରାଭେଲ ବଜାର-୨୦୨୪ ପୁରୀର କୋଣାର୍କ ଇକୋ ରିଟ୍ରିଟ୍‌ଠାରେ ଉଦ୍‌ଘାଟିତ ହୋଇଯାଇଛି। ଏହି ପରିପ୍ରେକ୍ଷୀରେ ଓଡ଼ିଶା ପର୍ଯ୍ୟଟନ ବିକାଶ ନିଗମ (ଓଟିଡିସି)ର ଅଧ୍ୟକ୍ଷ ଡା. ଲେନିନ୍ ମହାନ୍ତି ସମ୍ମାନିତ ଅତିଥି ଭାବେ ଯୋଗଦେଇ ଏହାର ଉଦ୍‌ଘାଟନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ପର୍ଯ୍ୟଟନ ବିଭାଗ ନିର୍ଦ୍ଦେଶକ ସଚିନ ରାମଚନ୍ଦ୍ର ଯାଦବଙ୍କ ସମେତ ଉଭୟ ପର୍ଯ୍ୟଟନ ବିଭାଗ ଓ ଫିକିର ବହୁ ବରିଷ୍ଠ ଅଧିକାରୀ ଓ ଅନ୍ୟମାନେ ଉପସ୍ଥିତ ଥିଲେ। ଅପରପକ୍ଷରେ ମଧ୍ୟ ଓଡ଼ିଶା ପର୍ଯ୍ୟଟନ ବିକ୍ରେତାମାନଙ୍କର ଏକ ପ୍ରଦର୍ଶନୀ ଏବଂ ବି୨ବି ବୈଠକ ମଧ୍ୟ ଶୁଭାରମ୍ଭ ହୋଇଯାଇଛି। ଉଲ୍ଲେଖଯୋଗ୍ୟ, ୨୦୨୪ ଫେବୃଆରୀ ୯ ପର୍ଯ୍ୟନ୍ତ ହେବାକୁ ଥିବା ଏହି ମେଗା ପ୍ରଦର୍ଶନୀରେ ଆସାମ, ଛତିଶଗଡ଼, ଦିଲ୍ଲୀ, ଗୋଆ, ଗୁଜରାଟ, ଜମ୍ମୁ ଓ କଶ୍ମୀର, ଝାଡ଼ଖଣ୍ଡ, କର୍ନାଟକ, କେରଳ, ମଧ୍ୟପ୍ରଦେଶ, ମହାରାଷ୍ଟ୍ର, ରାଜସ୍ଥାନ, ତାମିଲନାଡୁ, ତେଲଙ୍ଗାନା, ତ୍ରିପୁରା, ଉତ୍ତରପ୍ରଦେଶ, ଉତ୍ତରାଖଣ୍ଡ ଏବଂ ପଶ୍ଚିମବଙ୍ଗ ଭଳି ୧୮ଟି ରାଜ୍ୟରୁ ମୋଟ ୭୦ ଘରୋଇ ଟୁର୍ ଅପରେଟରଙ୍କ ସମେତ ବେଲଜିୟମ, ଇଣ୍ଡୋନେସିଆ, ମାଲେସିଆ, ମ୍ୟାନ୍‌ମାର,ନେଦରଲାଣ୍ଡ,ସିଙ୍ଗାପୁର, ଦକ୍ଷିଣ ଆଫ୍ରିକା, ସ୍ପେନ୍, ଶ୍ରୀଲଙ୍କା, ଥାଇଲାଣ୍ଡ, ତୁର୍କୀ, ବ୍ରିଟେନ ଏବଂ ଭିଏଟ୍‌ନାମ ଭଳି ୧୬ଟି ଦେଶରୁ ୬୦ଜଣ ବିଦେଶୀ ଟୁର୍ ଅପରେଟର ଯୋଗଦେଇଛନ୍ତି। ଅପରପକ୍ଷରେ ଏହି ୩ ଦିନିଆ ପ୍ରଦର୍ଶନୀରେ ଓଡ଼ିଶାର ପର୍ଯ୍ୟଟନ ଅଂଶୀଦାରମାନେ ସେମାନଙ୍କର ବିଭିନ୍ନ ଉତ୍ପାଦ ଓ ସେବା ସମ୍ପର୍କିତ ଆକର୍ଷଣୀୟ ଷ୍ଟଲ୍ କରିଛନ୍ତି। ଉକ୍ତ ଷ୍ଟଲ୍ ଜରିଆରେ ଅଂଶୀଦାରମାନେ ଉଭୟ ଘରୋଇ ଓ ବିଦେଶୀ ପରିଦର୍ଶକଙ୍କୁ ସେମାନଙ୍କ ସେବା ପ୍ରଦାନ ଓ ପ୍ରଦର୍ଶନ କରୁଛନ୍ତି।

# ଓଡ଼ିଶା ବଜାରରେ ରେନୋ ସିରିଜ୍‌ର ଅନାବରଣ




ରେନାଲ୍ଟ ଭୁବନେଶ୍ୱର ପରିସରରେ ରେନୋ ସିରିଜ ଉନ୍ମୋଚନ ଅବସରରେ ଆମନ୍ତ୍ରିତ ଅତିଥି ଓ ଡିଲର କର୍ତ୍ତୃପକ୍ଷ ଉପସ୍ଥିତ ଅଛନ୍ତି।




ରେନାଲ୍ଟ ଭୁବନେଶ୍ୱର ନର୍ଥ ପରିସରରେ ରେନୋ ସିରିଜ୍‌ର ଆନୁଷ୍ଠାନିକ ଅନାବରଣ ଉତ୍ସବରେ ଆମନ୍ତ୍ରିତ ଅତିଥି ଓ ଡିଲର କର୍ତ୍ତୃପକ୍ଷ ଉପସ୍ଥିତ ଅଛନ୍ତି।

ଭୁବନେଶ୍ୱର ,୭।୨

ରେନାଲ୍ଟ ଇଣ୍ଡିଆ ପ୍ରାଇଭେଟ୍ ଲିମିଟେଡ୍ ବା ରେନୋ ଇଣ୍ଡିଆର ବହୁ ପ୍ରତୀକ୍ଷିତ ତଥା ଅତ୍ୟାଧୁନିକ ଜ୍ଞାନକୌଶଳରେ ନିର୍ମିତ ରେନୋ ସିରିଜ (ରେନାଲ୍ଟ ରେଞ୍ଜ)ର ସର୍ବଭାରତୀୟ ଉନ୍ମୋଚନ ନିକଟରେ ହୋଇଯାଇଛି। ଏପରିକି ରେନୋ ଇଣ୍ଡିଆ ତା'ର ଅଲ୍ ନ୍ୟୁ କାଇଗର, ଟ୍ରାଇବର ଏବଂ କ୍ୱିଡ୍ ମଡେଲକୁ ଓଡ଼ିଶା ବଜାରରେ ପ୍ରବେଶ ସହ ଅନାବରଣ କରାଇଛି।

ଉଲ୍ଲେଖଯୋଗ୍ୟ, ଅଲ୍ ନ୍ୟୁ କାଇଗର, ଟ୍ରାଇବର ଏବଂ କ୍ୱିଡ୍ ମଡେଲରେ ଅନେକ ଅତ୍ୟାଧୁନିକ ବୈଶିଷ୍ଟ୍ୟ ସହ ଆକର୍ଷଣୀୟ ଡିଜାଇନ, କଲର ଏବଂ ୧୪ରୁ ଅଧିକ ସେଫ୍ଟି ଫିଚର ସାମିଲ ରହିଥିବାବେଳେ ଉପରୋକ୍ତ ମଡେଲଗୁଡ଼ିକ ୪ରୁ ଅଧିକ ଭାରିଆଣ୍ଟରେ ଉପଲବ୍ଧ। ଏହି ପରିପ୍ରେକ୍ଷୀରେ କମ୍ପାନୀର ସ୍ୱୀକୃତିପ୍ରାପ୍ତ ଡିଲର ରେନାଲ୍ଟ ଭୁବନେଶ୍ୱର ପକ୍ଷରୁ ଏକ ସ୍ୱତନ୍ତ୍ର ଅନାବରଣ ଉତ୍ସବର ଆୟୋଜନ କରାଯାଇଥିଲା। ଏହି ଅବସରରେ ମହିନ୍ଦ୍ରା ଫାଇନାନ୍ସର ଓଡ଼ିଶା ହେଡ୍ ଅଭିଜିତ ମହାପାତ୍ର, ଏସ୍‌ବିଆଇର ଆଞ୍ଚଳିକ ମୁଖ୍ୟ ଅନୀଲ କୁମାର ମିଶ୍ର, ରେନୋ ଇଣ୍ଡିଆର ଆର୍‌ଏମ୍ ଅମର ପ୍ରତାପ ସିଂ, ଗର୍ଗସନ ଗ୍ରୁପ୍‌ର ଏମ୍‌ଡି ସତୀଶ ଗର୍ଗ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇ ରେନୋ ସିରିଜ୍‌ର ଅନାବରଣ ସହ ବଜାର ପ୍ରବେଶ କରାଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ରେନାଲ୍ଟ ଭୁବନେଶ୍ୱରର ଜିଏମ୍ ଅମୂଲ୍ୟ ରତନ ଦାଶ ଏବଂ ଗର୍ଗ ପରିବାରବୃନ୍ଦ ଓ ଅନ୍ୟମାନେ ଉପସ୍ଥିତ ଥିଲେ। ସେହିଭଳି କମ୍ପାନୀର ସ୍ୱୀକୃତିପ୍ରାପ୍ତ ଡିଲର ରେନାଲ୍ଟ ଭୁବନେଶ୍ୱର ନର୍ଥ ପରିସରରେ ମଧ୍ୟ ରେନୋ ସିରିଜ୍‌ର ସ୍ୱତନ୍ତ୍ର ଅନାବରଣ ଉତ୍ସବର ଆୟୋଜନ କରାଯାଇଥିଲା। ଉକ୍ତ ଉତ୍ସବରେ ରେନୋ ଇଣ୍ଡିଆର ଆର୍‌ଏମ୍ ଅମର ପ୍ରତାପ ସିଂ,ଚୋଳ ଫାଇନାନ୍ସର ଆର୍‌ଏସ୍‌ଏମ୍ ମହମ୍ମଦ ଇମତିଆଜ ଅହମ୍ମଦଙ୍କ ସମେତ ରେନାଲ୍ଟ ଭୁବନେଶ୍ୱର ନର୍ଥ ଏମ୍‌ଡି ଆଦର୍ଶ ଧାୱାନ ସମ୍ମାନିତ ଅତିଥି ଭାବେ ଯୋଗ ଦେଇ ଏହାର ଅନାବରଣ ସହ ବଜାର ପ୍ରବେଶ କରାଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ରେନାଲ୍ଟ ଭୁବନେଶ୍ୱର ନର୍ଥ ଜିଏମ୍ (ସେଲ୍‌ସ) ବିଭୂତି ଭୂଷଣ ଭୂୟାଁ ଓ ଅନ୍ୟମାନେ ଉପସ୍ଥିତ ଥିଲେ।

# ଏସ୍‌ବିଆଇ ଲାଇଫ୍‌ର ନୂତନ ଅଭିଯାନ

ଭୁବନେଶ୍ୱର,୭।୨

ଦେଶର ପ୍ରମୁଖ ଘରୋଇ ବୀମା କମ୍ପାନୀ ଏସ୍‌ବିଆଇ ଲାଇଫ୍ ଇନ୍‌ସ୍ୟୁରାନ୍ସର ନୂତନ ଅଭିଯାନ 'ଆପ୍‌ନେ ଲିଏ, ଆପ୍‌ନୋ କେ ଲିଏ'ର ଶୁଭାରମ୍ଭ କରାଯାଇଛି।

ଏ ସମ୍ପର୍କରେ ଏସ୍‌ବିଆଇ ଲାଇଫ୍‌ର ବ୍ରାଣ୍ଡ୍, କର୍ପୋରେଟ୍ କମ୍ୟୁନିକେଶନ ଓ ସିଏସ୍‌ଆର୍ ମୁଖ୍ୟ ରବୀନ୍ଦ୍ର ଶର୍ମା କହିଛନ୍ତି, ଗ୍ରାହକମାନଙ୍କ ଆବଶ୍ୟକତା ପୂରଣ କରିବାରେ ଏସ୍‌ବିଆଇ ଲାଇଫ୍ ସଦାସର୍ବଦା ତତ୍ପର ରହିଛି। ଦେଶବାସୀଙ୍କୁ ଜାଗ୍ରତ କରିବା ଲାଗି 'ରେସ୍‌ପନ୍‌ସିବଲ ଆମ୍ବିସନ'ର ଆବଶ୍ୟକତାରେ ବୃଦ୍ଧି ଘଟିଛି, ଯେଉଁଠାରେ ବ୍ୟକ୍ତିଗତ ସ୍ୱପ୍ନ ସହ ପରିବାର ଦାୟିତ୍ୱ ତୁଲାଇବା ସମାଜର ଏକ ନିୟମରେ ପରିଣତ ହୋଇଛି। ଏହା କେବଳ ଏକ ଅଭିଯାନ ନୁହେଁ, ବରଂ ଯେଉଁ ବିଶ୍ୱାସ ଓ ଭରସା ଲାଗି ଏସ୍‌ବିଆଇ ଲାଇଫ୍ ପରିଚିତ, ଏହା ତାହାର ଏକ ପ୍ରତିଫଳନ। ଆମର ପ୍ରଚଳିତ ଅଭିଯାନ ବ୍ୟକ୍ତିଗତ ଅଭିଳାଷ ଓ ପରିବାର ଦାୟିତ୍ୱ ଭିତରେ ଥିବା ସନ୍ତୁଳନକୁ କୃତଜ୍ଞତାର ସହ ପାଳନ କରୁଛି ଯାହା ଏସ୍‌ବିଆଇ ଲାଇଫ୍‌କୁ ନିର୍ଦ୍ଧାରଣ କରୁଥିବା ବିଶ୍ୱାସ, ଭରସା ଓ ପ୍ରତିବଦ୍ଧତାକୁ ପ୍ରତିଫଳିତ କରୁଛି। ସେହିଭଳି ଆଜିର ଯୁଗରେ ବ୍ୟକ୍ତିଦ୍‌ଗତ ଇଚ୍ଛା ଓ ପରିବାର ପ୍ରତିବଦ୍ଧତା ଅଙ୍ଗାଅଙ୍ଗୀ ଭାବେ ଜଡ଼ିତ ଥିବା ବେଳେ ଏସ୍‌ବିଆଇ ଲାଇଫ୍‌ର ଏହି ଅଭିଯାନ ସେମାନଙ୍କୁ ସମ୍ମାନ ଜଣାଉଛି। ଯେଉଁମାନେ ନିର୍ଭୟର ସହ ସେମାନଙ୍କ ସ୍ୱପ୍ନକୁ ପୂରଣ କରିବା ଦିଗରେ ଅଗ୍ରସର ହେଉଛନ୍ତି ଏବଂ ଜଣେ ଦାୟିତ୍ୱବାନ ପରିବାର ସଦସ୍ୟର ଭୂମିକା ଗ୍ରହଣ କରୁଛନ୍ତି। ଏହି ଅଭିଯାନରେ ଋଷଭ ନାମକ ଜଣେ ପିତାଙ୍କ କାହାଣୀକୁ ଦର୍ଶାଯାଇଛି ଯିଏ ଜୀବନରେ ଜଣେ ଉଦ୍ୟୋଗୀ ହେବା ଯାତ୍ରାରେ ବାହାରିବା ସହ ବହୁ ଆହ୍ୱାନର ସାମ୍ନା କରୁଛନ୍ତି।

# ନ୍ୟାଶନାଲ ଗ୍ରୀନ୍ ମେଟାଲ କନ୍‌ଫରେନ୍ସ ଉଦ୍‌ଯାପିତ

ଭୁବନେଶ୍ୱର, ୭।୨




ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ ଓଡ଼ିଶା ଏବଂ ବିଜୁ ପଟ୍ଟନାୟକ ଜାତୀୟ ଇସ୍ପାତ ପ୍ରତିଷ୍ଠାନ (ବିପିଏନ୍‌ଏସ୍ଆଇ) ର ମିଳିତ ସହଯୋଗରେ ଆୟୋଜିତ ୨ଦିନିଆ 'ନ୍ୟାସନାଲ୍ ଗ୍ରୀନ୍ ମେଟାଲ୍ କନଫରେନ୍ସ-୨୦୨୪' ବୁଧବାର ଉଦଯାପିତ ହୋଇଯାଇଛି। ଏହି ଅବସରରେ ଆମନ୍ତ୍ରିତ ଅତିଥି ଓ ବକ୍ତାଙ୍କ ସମେତ ଶିଳ୍ପ ବିଶେଷଜ୍ଞମାନେ ସେମାନଙ୍କର ମତ ଉପସ୍ଥାପନ ସହ ସମ୍ମିଳନୀର ବିଷୟବସ୍ତୁ ଉପରେ ବିସ୍ତୃତ ଆଲୋଚନା କରାଯାଇଥିଲା। ବିଶେଷ କରି ଏହି ୨ଦିନିଆ ସମ୍ମିଳନୀର ମୂଳ ଉଦ୍ଦେଶ୍ୟ ଥିଲା '୨୦୭୦ ସୁଦ୍ଧା ଆମକୁ ଅଙ୍ଗାରକାମ୍ଳ ବା କାର୍ବନ ନିର୍ଗମନକୁ 'ଜିରୋ' ବା ଶୂନ କରିବା' ଯେଉଁଥି ପାଇଁ ପରିବେଶ ପ୍ରଦୂଷଣ ନିୟନ୍ତ୍ରଣ, ମନିଟରିଂ ଏବଂ ସର୍କୁଲାର୍ ଇକୋନୋମି ଆଦିରେ ସାମ୍ପ୍ରତିକ ଟେକ୍ନୋଲୋଜି ଧାରାକୁ ଆଲୋକିତ କରିବା ସହ ଏ କ୍ଷେତ୍ରରେ ପ୍ରଯୁକ୍ତିବିଦ୍ୟାର ଅଗ୍ରଗତି, ବିକଳ୍ପ ଶକ୍ତି, ସ୍ଥାୟୀ ଖଣି, ନୂତନ ନିରାପତ୍ତା ସର୍କୁଲାର, ଅର୍ଥନୀତି ପରିଚାଳନା ଓ ସବୁଜ ପରିବେଶ ପାଇଁ ବିନା ଖର୍ଚ୍ଚରେ କ୍ଷମତା ସୃଷ୍ଟି କରିବା ସହ ଏହାକୁ ହାସଲ କରିବା ପାଇଁ ଏକ ସୁଗମ ପରିବର୍ତ୍ତନକୁ ରାସ୍ତା ଦେଖାଇବା।

ସେହିଭଳି ସମ୍ମିଳନୀର ଦ୍ୱିତୀୟ ଦିନରେ ୬ଟି ଅଧିବେଶନ ଆୟୋଜିତ ହୋଇଥିଲା। ପରିଶେଷରେ ଅଂଶଦାର ଓ ଉଲ୍ଲେଖନୀୟ ଅବଦାନ ପ୍ରଦାନ କରିଥିବା ଶିଳ୍ପ ପ୍ରତିଷ୍ଠାନଗୁଡ଼ିକୁ ସମ୍ବର୍ଦ୍ଧିତ କରାଯାଇଥିଲା।

# ପ୍ରଚଳନ ହେବନି ପ୍ଲାଷ୍ଟିକ୍ ନୋଟ୍

ଭୁବନେଶ୍ୱର,୭।୨
(ଅନୁରାଧା ମହାରଣା)

କାଗଜ ନୋଟ୍ ବଦଳରେ ପ୍ଲାଷ୍ଟିକ୍ ନୋଟ୍ ପ୍ରଚଳନ ନେଇ ଗତ କିଛିଦିନ ଚର୍ଚ୍ଚା ଜୋର ଧରିଛି। ଏହା ମଧ୍ୟରେ ସଂସଦରେ ମଧ୍ୟ ଏହି ପ୍ରଶ୍ନ ଉଠିଛି। ରାଜ୍ୟ ସଭା ପ୍ରଶ୍ନକାଳରେ ସାଂସଦ ଅନିଲ ଦେଶାଇ ପଚାରିଥିଲେ, ଅନେକ ଦେଶରେ ପ୍ଲାଷ୍ଟିକ୍ ନୋଟ୍ ଦୀର୍ଘସ୍ଥାୟୀ ବୋଲି ପ୍ରମାଣିତ ହୋଇଛି ଏବଂ ପ୍ଲାଷ୍ଟିକ୍ ନୋଟ୍‌ରୁ ନକଲି ମୁଦ୍ରା ପ୍ରସ୍ତୁତ କରିବା ମଧ୍ୟ ସହଜ ନୁହେଁ। ଏଭଳି ସ୍ଥିତିରେ କେନ୍ଦ୍ର ସରକାର ପ୍ଲାଷ୍ଟିକ୍ ନୋଟ୍ ଜାରି କରିବାକୁ ବିଚାର କରିବେ କି? ଏହି ପ୍ରଶ୍ନର ଉତ୍ତରରେ କେନ୍ଦ୍ର ଅର୍ଥ ରାଷ୍ଟ୍ରମନ୍ତ୍ରୀ ପଙ୍କଜ ଚୌଧୁରୀ କହିଛନ୍ତି , ରିଜର୍ଭ ବ୍ୟାଙ୍କ ଅଫ୍ ଇଣ୍ଡିଆ(ଆର୍‌ବିଆଇ) ଅଧିନିୟମ ୧୯୩୪ ର ଧାରା ୨୫ ଅନୁଯାୟୀ ପ୍ଲାଷ୍ଟିକ୍ ନୋଟ୍ ଜାରି କରିବା ନେଇ ସରକାର କୌଣସି ନିଷ୍ପତ୍ତି ନେଇନାହାନ୍ତି। ସେ କହିଛନ୍ତି, ଭାରତୀୟ ନୋଟ୍‌ଗୁଡ଼ିକର ସ୍ଥାୟିତ୍ୱ ଏବଂ ଏହାର ଜାଲ୍ କାରବାରକୁ ରୋକିବା ଏକ ନିରନ୍ତର ପ୍ରକ୍ରିୟା। ଆର୍‌ବିଆଇର ରିପୋର୍ଟ ଅନୁଯାୟୀ ୨୦୨୨-୨୩ ଆର୍ଥିକ ବର୍ଷରେ ନୋଟ୍ ମୁଦ୍ରଣ ପାଇଁ ଖର୍ଚ୍ଚ ମୋଟ ୪୬୮୨.୮୦ କୋଟି ଟଙ୍କା ହୋଇଥବାବେଳେ ପ୍ଲାଷ୍ଟିକ୍‌ମୁଦ୍ରା ଛାପିବାରେ କୌଣସି ଖର୍ଚ୍ଚ ହୋଇନାହିଁ। ଆର୍‌ବିଆଇର ୨୦୧୫-୧୬ ବାର୍ଷିକ ରିପୋର୍ଟ ଅନୁଯାୟୀ, କୋଟି କୋଟି ଟଙ୍କା ପ୍ଲାଷ୍ଟିକ୍ ନୋଟ୍ ଜାରି କରିବାକୁ ଯୋଜନା କରାଯାଇଥିଲା। ରିଜର୍ଭ ବ୍ୟାଙ୍କ ଅଫ୍ ଇଣ୍ଡିଆ ନୋଟ୍ ମୁଦ୍ରାନ ପ୍ରାଇଭେଟ୍ ଲିମିଟେଡ୍ ଏବଂ ସିକ୍ୟୁରିଟି ପ୍ରିଣ୍ଟିଂ ଏବଂ ମେଣ୍ଟିଂ କର୍ପୋରେଶନ ଅଫ୍ ଇଣ୍ଡିଆ ଏହି ପ୍ରକଳ୍ପ ହାତକୁ ନେଇଥିଲେ। ମାତ୍ର ଉଚ୍ଚ ତାପମାତ୍ରାରେ ପ୍ଲାଷ୍ଟିକ୍ ନୋଟ୍‌ରେ ନିଆଁ ଲାଗିବା ଆଶଙ୍କା ଥିବାରୁ ଏହି ପ୍ରକଳ୍ପ ସ୍ଥଗିତ ରଖାଯାଇଥିଲା।

# ବ୍ୟାଙ୍କିଙ୍ଗ୍ କ୍ଷେତ୍ରରେ ଦକ୍ଷତା ପ୍ରଦର୍ଶନକୁ ଗୁରୁତ୍ୱ




ଭୁବନେଶ୍ୱର,୭।୨

ଓଡ଼ିଶା ଗ୍ରାମ୍ୟ ବ୍ୟାଙ୍କ(ଓଜିବି) ପକ୍ଷରୁ ନିକଟରେ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମର ଆୟୋଜନ କରାଯାଇଥିଲା। ଉକ୍ତ କାର୍ଯ୍ୟକ୍ରମରେ ଇଣ୍ଡିଆନ ଓଭରସିଜ୍ ବ୍ୟାଙ୍କର ଏମ୍‌ଡି ତଥା ସିଇଓ ଅଜୟ କୁମାର ଶ୍ରୀବାସ୍ତବ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲାବେଳେ ଓଜିବିର ଅଧ୍ୟକ୍ଷ ଋଷି ସିଂହଙ୍କ ସମେତ ବ୍ୟାଙ୍କର ସମସ୍ତ କାର୍ଯ୍ୟକର୍ତ୍ତା ସାମିଲଥିଲେ। ଏହି ଅବସରରେ ଶ୍ରୀବାସ୍ତବ ଓଜିବିର ଦକ୍ଷତା ବିକାଶ କେନ୍ଦ୍ର, ପ୍ରଥମ ପ୍ରଶିକ୍ଷଣ ବର୍ଷର ସୂଚୀ ଉନ୍ମୋଚନ ସହିତ ବ୍ୟାଙ୍କର ଦ୍ୱିସ୍ତରୀୟ ବାୟୋମେଟ୍ରିକ୍ ପ୍ରମାଣୀକରଣର ମଧ୍ୟ ଶୁଭାରମ୍ଭ କରିଥିଲେ। ଏହି ପରିପ୍ରେକ୍ଷୀରେ ଶ୍ରୀବାସ୍ତବ କହିଥିଲେ ବ୍ୟାଙ୍କର ବ୍ୟବସାୟକୁ ଆଗକୁ ବଢ଼ାଇବା ସହିତ ବ୍ୟାଙ୍କିଙ୍ଗ୍ କ୍ଷେତ୍ରରେ ନିଜର ଦକ୍ଷତା ପ୍ରଦର୍ଶନ କରିବା ପାଇଁ ସେ ସବୁବର୍ଗର ଅଧିକାରୀ ଓ କର୍ମଚାରୀମାନଙ୍କୁ ପରାମର୍ଶ ଦେଇଥିଲେ। ଅପରପକ୍ଷରେ ବ୍ୟାଙ୍କ ବିଭିନ୍ନ ସରକାରୀ ଯୋଜନା ଯଥା ପିଏମ୍ ସ୍ୱନିଧି, ପିଏମ୍ ବିଶ୍ୱକର୍ମା, ମୁଦ୍ରା ଯୋଜନାରେ ଋଣ ପ୍ରଦାନ କରିବା ସହିତ ନୂତନ ସଞ୍ଚୟ ଖାତା ଖୋଲିବା ସହ ଜନଧନ, ପିଏମ୍ ଏସ୍‌ବିୱାଇ, ପିଏମ୍ ଜେଜେବିୱାଇ ଏବଂ ଅଟଳ ପେନ୍‌ସନ ଆଦି ଯୋଜନାରେ ସମସ୍ତ ଓଡ଼ିଶାବାସୀଙ୍କୁ ଅନ୍ତର୍ଭୁକ୍ତ କରିବା ପାଇଁ ଅଜୟ ବିସ୍ତୃତ ଭାବେ ମତପ୍ରକାଶ କରିଥିଲେ। ସେହିପରି ରାଜ୍ୟରେ ଓଜିବି ଅର୍ଜନ କରିଥିବା ସୁନାମ ପାଇଁ ସେ ପ୍ରଶଂସା ମଧ୍ୟ କରିଥିଲେ।

ଉଲ୍ଲେଖଯୋଗ୍ୟ, ଇଣ୍ଡିଆନ ଓଭରସିଜ୍ ବ୍ୟାଙ୍କ (ଓଜିବିର ପ୍ରାୟୋଜକ ବ୍ୟାଙ୍କ)ର ଏମ୍‌ଡି ତଥା ସିଇଓ ଅଜୟ କୁମାର ଶ୍ରୀବାସ୍ତବ ନିକଟରେ ଓଡ଼ିଶା ଆସିଥିଲେ। ଏହି ଗସ୍ତସୂଚୀ ଅନୁଯାୟୀ ସେ ଭୁବନେଶ୍ୱରର ଗଣ୍ଡମୁଣ୍ଡାସ୍ଥିତ ଓଜିବିର ମୁଖ୍ୟ କାର୍ଯ୍ୟାଳୟ ପରିଦର୍ଶନ କରିଥିଲେ। ଏହି ପରିପ୍ରେକ୍ଷୀରେ ଓଜିବିର ଅଧ୍ୟକ୍ଷ ଋଷି ସିଂହଙ୍କ ସମେତ ବ୍ୟାଙ୍କର ସମସ୍ତ କାର୍ଯ୍ୟକର୍ତ୍ତା ମଧ୍ୟ ସାମିଲଥିଲେ। ଶ୍ରୀବାସ୍ତବଙ୍କ ଗସ୍ତ ଅବସରରେ ମଧ୍ୟ ଏକ ସ୍ୱତନ୍ତ୍ରସଭାର ଆୟୋଜନ କରାଯାଇଥିଲା।

# ଜ୍ୟୋତି ଅଲ୍ଟିଗ୍ରୀନ୍‌ର ମେଗା ଡେଲିଭରି ସେରିମନି

ଭୁବନେଶ୍ୱର,୭।୨




ଦେଶର ପ୍ରମୁଖ ଇ ଯାନ ନିର୍ମାତା ଅଲ୍ଟିଗ୍ରୀନ୍ ପ୍ରପ୍ୟୁଲଶନ ଲାବ୍‌ସ ପ୍ରାଇଭେଟ୍ ଲିମିଟେଡ୍‌ର ବହୁ ପ୍ରତୀକ୍ଷିତ ତଥା ଅତ୍ୟାଧୁନିକ ଜ୍ଞାନକୌଶଳରେ ନିର୍ମିତ ଅଲ୍ଟିଗ୍ରୀନ୍ ଏନ୍‌ଇଇଭି ହାଇ ଡେକ୍‌କୁ ଏକ ମେଗା ଡେଲିଭରି ମିଳିଛି। ଏପରିକି କମ୍ପାନୀର ସ୍ୱୀକୃତିପ୍ରାପ୍ତ ଡିଲର ଜ୍ୟୋତି-ଆଲ୍ଟିଗ୍ରୀନ୍ ଭୁବନେଶ୍ୱର ପୁରୀ ବାଇପାସ୍ ରୋଡ୍ ଶୋ'ରୁମ୍ ଜରିଆରେ ଉକ୍ତ ଡେଲିଭରି ଯୋଗାଇ ଦିଆଯିବ ବୋଲି ଜ୍ୟୋତି ଗ୍ରୁପ୍ ପକ୍ଷରୁ ବିସ୍ତୃତ ସୂଚନା ଦିଆଯାଇଛି। ଉଲ୍ଲେଖଯୋଗ୍ୟ, ପ୍ରଥମ ପର୍ଯ୍ୟାୟରେ ଜେଭୋ ଇଣ୍ଡିଆକୁ ୨୫ଟି ୩ଚକିଆ ଇ-କାର୍ଗୋ ଏନ୍‌ଇଇଭି ଡେଲିଭରି ଦିଆଯାଇଛି। ପରବର୍ତ୍ତୀ ପର୍ଯ୍ୟାୟରେ ବଳକା ଗାଡି ସହ ମୋଟ ୧୫୦ଅଲ୍ଟିଗ୍ରୀନ ଏନ୍‌ଇଇଭି ହାଇ ଡେକ୍ ସମ୍ପୃକ୍ତ ସଂସ୍ଥାକୁ ଯୋଗାଇ ଦିଆଯିବ। ଏହି ପରିପ୍ରେକ୍ଷୀରେ ବୁଧବାର ଭୁବନେଶ୍ୱରସ୍ଥିତ ଜ୍ୟୋତି ଅଟୋମୋଟିଭର ଜ୍ୟୋତି-ଆଲ୍ଟିଗ୍ରୀନ୍ ଶୋ'ରୁମ୍‌ଠାରେ ଏକ ମେଗା ଡେଲିଭରି ସେରିମନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଉକ୍ତ କାର୍ଯ୍ୟକ୍ରମରେ ଯୋଗଦେଇ ଜ୍ୟୋତି ଗ୍ରୁପ୍‌ର ସିଇଓ ତଥା ପରିଚାଳନା ନିର୍ଦ୍ଦେଶକ ଦେବଜ୍ୟୋତି ପଟ୍ଟନାୟକ ଜ୍ୟୋତି-ଅଲ୍ଟିଗ୍ରୀନ୍ ଶୋ'ରୁମ୍‌ରେ ଜେଭୋ ଇଣ୍ଡିଆର ସିଇଓ ଆଦିତ୍ୟ ସିଂହ ରତ୍ନୁଙ୍କୁ ୨୫ଟି ଅଲ୍ଟିଗ୍ରୀନ ଏନ୍‌ଇଇଭି ହାଇ ଡେକ୍‌ର ଚାବି ହସ୍ତାନ୍ତର କରିଛନ୍ତି। ଏ ସମ୍ପର୍କରେ ଜ୍ୟୋତି ଗ୍ରୁପ୍‌ର ସିଇଓ ତଥା ପରିଚାଳନା ନିର୍ଦ୍ଦେଶକ ଦେବଜ୍ୟୋତି ପଟ୍ଟନାୟକ କହିଥିଲେ, ଓଡ଼ିଶା ଅଲ୍ଟିଗ୍ରୀନ୍ ପାଇଁ ସବୁଠାରୁ ଆଶାଜନକ ବଜାର ଏବଂ ଜ୍ୟୋତି ଅଟୋମୋଟିଭ୍ ଦ୍ରୁତ ଅଭିବୃଦ୍ଧି ପଥରେ ବଜାରର ନେତୃତ୍ୱ ନେଉଛି, ଅଲ୍ଟିଗ୍ରୀନ୍‌ର ବୈଦ୍ୟୁତିକ ୩ଚକିଆ ଯାନଗୁଡ଼ିକର ପ୍ରଦର୍ଶନ,ବିଶ୍ୱସନୀୟତା, ପରିସୀମା ଏବଂ ପରିବେଶ ଲାଭ ପାଇଁ ଗ୍ରାହକମାନେ ତାହାକୁ ଭଲ ଭାବେ ଗ୍ରହଣ କରିଛନ୍ତି। ସେହିଭଳି ଜେଭୋ ଇଣ୍ଡିଆର ସିଇଓ ଆଦିତ୍ୟ ସିଂହ ରତନୁ କହିଛନ୍ତି, ସମଗ୍ର ଭାରତରେ ସ୍ଥାୟୀ ପରିବହନ ସମାଧାନକୁ ପ୍ରୋତ୍ସାହିତ କରିବାରେ ଆଲ୍ଟିଗ୍ରୀନ୍ ସହ ସହଭାଗିତା କରି ଆମେ ବେଶ୍ ଉତ୍ସାହିତ ଅଛୁ। ସବୁଜ ଓ ସ୍ଥାୟୀ ଭବିଷ୍ୟତ ଯାତ୍ରାରେ ଏନ୍‌ଇଇଭିର ବିତରଣ ଏକ ଗୁରୁତ୍ୱପୂର୍ଣ୍ଣ ମାଇଲଖୁଣ୍ଟ ହୋଇଥିଲାବେଳେ ଆମେ ଆଲ୍ଟିଗ୍ରୀନ୍ ଏବଂ ଜ୍ୟୋତି ଅଟୋମୋଟିଭ୍ ସହିତ ଆମର ଭାଗୀଦାରି ଜାରି ରଖିବାକୁ ଚାହୁଁଛୁ ଏବଂ ଓଡ଼ିଶା (ଭୁବନେଶ୍ୱର)ରେ ସେବା ଯୋଗାଇବା ପାଇଁ ଆମର ବୈଦ୍ୟୁତିକ ଯାନର ଫ୍ଲିଟ୍‌କୁ ବିସ୍ତାର କରିବାକୁ ଚାହୁଁଛୁ। ସେହିପରି ଅଲ୍ଟିଗ୍ରୀନ୍‌ର ଜାତୀୟ ବିକ୍ରି ମୁଖ୍ୟ ପ୍ରଶାନ୍ତ ଶଙ୍କେଶ୍ୱର କହିଛନ୍ତି, ଆମ ସହଯୋଗୀ ଜେଭୋ ଇଣ୍ଡିଆ ଓ ଜ୍ୟୋତି ମୋଟର୍ସ ସହ ଏହି ମାଇଲଖୁଣ୍ଟ ମୁହୂର୍ତ୍ତକୁ ପାଳନକରି ଆମେ ବେଶ୍ ଉତ୍ସାହିତ ଅଛୁ। ଏପରିକି ଆମର ୧୫୦ଇଲେକ୍ଟ୍ରିକ୍ ତିନି ଚକିଆ କାର୍ଗୋ ଏନ୍‌ଇଇଭିର ଡେଲିଭରି ଭାରତରେ ସ୍ଥାୟୀ ଗମନାଗମନ ସୁବିଧାର ବର୍ଦ୍ଧିତ ଚାହିଦାକୁ ପ୍ରତିଫଳିତ କରୁଛି।

## ଜନ୍ମଦିନର ଶୁଭେଚ୍ଛା

ନାମ: ...................................

ବୟସ:...................................

ଜନ୍ମ ତାରିଖ: ...........................



ଗୁନ୍‌ଗୁନ୍
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।


# ପ୍ରତିଦିନ କଞ୍ଚାମାଂସ ଖାଇବାର ନିଶା



**ନୂଆଦିଲ୍ଲୀ**

ଦୁନିଆରେ ଦୁଇ ପ୍ରକାରର ଲୋକ ଅଛନ୍ତି। କେତେଜଣ ଶାକାହାରୀ ହୋଇଥିବା ବେଳେ ଆଉ କିଛି ଲୋକ ମାଂସାହାରୀ ହୋଇଥାନ୍ତି। କିନ୍ତୁ ମାଂସାହାରୀ ହୋଇଥିବା ବ୍ୟକ୍ତିମାନଙ୍କ ମଧ୍ୟରୁ କେତେଜଣ ଏପରି ବି ଅଛନ୍ତି, ଯେଉଁମାନେ ରନ୍ଧା ମାଂସ ଖାଇବା ପରିବର୍ତ୍ତେ କଞ୍ଚା ମାଂସ ଖାଇବାକୁ ଭଲ ପାଆନ୍ତି। ଆଜି ଆମେ ଆପଣଙ୍କୁ ଏପରି ଜଣେ ବ୍ୟକ୍ତିଙ୍କ ବିଷୟରେ କହିବାକୁ ଯାଉଛୁ, ଯିଏ ଲୁଣ, ହଳଦୀ, ଲଙ୍କା ଆଦି ସହ କଞ୍ଚା ଚିକେନ ଖାଇବାକୁ ପସନ୍ଦ କରନ୍ତି। ଏହିପରି କଞ୍ଚା ମାଂସ ଖାଇବା ପଛରେ ଏକ ଉଦ୍ଦେଶ୍ୟ ଥିବାର ସମ୍ପୃକ୍ତ ବ୍ୟକ୍ତି ଜଣକ ପ୍ରକାଶ କରିଛନ୍ତି। ଆଜିକାଲି ଲୋକେ ଅଧିକ ସ୍ୱାସ୍ଥ୍ୟ ସଚେତନ ହେବାକୁ ପସନ୍ଦ କରିଥିବା ବେଳେ, ଜନ୍ ନାମକ ଜଣେ ବ୍ୟକ୍ତି କଞ୍ଚା ଚିକେନ ଖାଇ ନିଜର ହାସ୍ୟାସ୍ପଦ ପରୀକ୍ଷଣ ଜାରି ରଖିଛନ୍ତି। ଏପରି କରି ସେ ଲୋକଙ୍କୁ ଜଣାଇବାକୁ ଚାହାନ୍ତି ଯେ କଞ୍ଚା ମାଂସ ଖାଇବା ସ୍ୱାସ୍ଥ୍ୟ ପକ୍ଷେ ଆଦୌ ଅହିତକର ନୁହେଁ। ନିଜେ କରୁଥିବା ଏକ ବିଜ୍ଞାନ ପରୀକ୍ଷଣର ଅଂଶ ଭାବେ ଜନ୍ ପ୍ରତିଦିନ କଞ୍ଚା ଚିକେନ୍ ଖାଇ ଏକ୍ସପେରିମେଣ୍ଟ କରୁଥିବା ସୂଚନା ଦେଇଛନ୍ତି। ସେ ତାଙ୍କ ସୋସିଆଲ୍ ମିଡିଆ ଆକାଉଣ୍ଟରୁ କଞ୍ଚା ଚିକେନ୍ ଖାଇବାର ଅନେକ ଭିଡିଓ ଶେୟାର କରିଛନ୍ତି। ଜନ୍ କହିଛନ୍ତି, ସେ ଚଳିତ ବର୍ଷ ଜାନୁଆରୀ ୧୯ରୁ ପ୍ରତିଦିନ କଞ୍ଚା ଚିକେନ୍ ଖାଉଛନ୍ତି। ଏହିପରି କରିବାର ପ୍ରାୟ ୩ ସପ୍ତାହ ହୋଇଯାଇଥିଲେ ମଧ୍ୟ ଏପର୍ଯ୍ୟନ୍ତ ଅସୁସ୍ଥ ହୋଇ ନ ଥିବା କହିଛନ୍ତି ଜନ୍। ଯେତେବେଳେ ବି କେହି କୌଣସି ଏକ କାର୍ଯ୍ୟକୁ ନ କରିବା ପାଇଁ ତାଙ୍କୁ କୁହନ୍ତି, ସେହିପରି କାର୍ଯ୍ୟକୁ ସେ ସମ୍ପୂର୍ଣ୍ଣ ଉତ୍ସାହର ସହ ଆରମ୍ଭ କରୁଥିବା କହିଛନ୍ତି। କିନ୍ତୁ ଜନ୍‌ଙ୍କ ଭିଡିଓ ଦେଖୁଥିବା ଅନେକ ଲୋକ କମେଣ୍ଟ ମାଧ୍ୟମରେ ତାଙ୍କୁ ଏପରି ନ କରିବାକୁ ପରାମର୍ଶ ଦେଇଛନ୍ତି।

# ଅଲଗା ହେଲେ ଈଶା, ଭରତ



**ମୁମ୍ବାଇ**

ବଲିଉଡ ଅଭିନେତ୍ରୀ ଈଶା ଦେଓଲ୍ ଓ ତାଙ୍କ ସ୍ୱାମୀ ଭରତ ତାଖ୍‌ତାନି ପରସ୍ପର ଠାରୁ ଅଲଗା ହେବାକୁ ନିଷ୍ପତ୍ତି ନେଇଛନ୍ତି। ଏନେଇ ଉଭୟ ଏକ ମିଳିତ ବିବୃତି ଜାରି କରିଛନ୍ତି। କିଛି ଦିନ ହେବ ଈଶା ଓ ଭରତଙ୍କ ମଧ୍ୟରେ ମତଭେଦର ଖବର ସାମନାକୁ ଆସୁଥିଲା। ଉଭୟ ସର୍ବସାଧାରଣରେ ଅନେକ ଦିନ ହେଲା ଏକାଠି ଦେଖାଯାଉ ନ ଥିବାରୁ ଏପରି ଚର୍ଚ୍ଚା ଲାଗି ରହିଥିଲା। ସାମାଜିକ ଗଣମାଧ୍ୟମରେ ଈଶାଙ୍କ ପ୍ରଶଂସକ ଦାବି କରିଛନ୍ତି ଯେ ଭରତ ତାଙ୍କ ସ୍ତ୍ରୀଙ୍କୁ କିଛି ଦିନ ହେବ ପ୍ରତାରଣା କରିଆସୁଥିଲେ। ସେହିପରି ବେଙ୍ଗାଲୁରୁରେ ନୂଆବର୍ଷର ଏକ ପାର୍ଟିରେ ଈଶାଙ୍କ ବିନା ଭରତଙ୍କୁ ଦେଖିବାକୁ ମିଳିଥିବାର ଚର୍ଚ୍ଚା ଜୋର ଧରିଥିଲା। ତେବେ ସେତେବେଳେ ଏହି ରିପୋର୍ଟଗୁଡ଼ିକ ଉପରେ ଦେଓଲ୍ ପରିବାର ପକ୍ଷରୁ କୌଣସି ପ୍ରତିକ୍ରିୟା ମିଳିପାରି ନ ଥିଲା।। ୨୯ ଜୁନ୍ ୨୦୧୨ରେ ଈଶା ଓ ଭରତ ଇସ୍କନ ମନ୍ଦିରରେ ଅତି ନିରାଡମ୍ବର ଭାବରେ ବିବାହ କରିଥିଲେ। ବର୍ତ୍ତମାନ ଏହି ଦମ୍ପତିଙ୍କର ଦୁଇ ଝିଅ ରାଧା (୬) ଓ ମିରାୟା (୪) ମଧ୍ୟ ରହିଛନ୍ତି। ସୂଚନାଯୋଗ୍ୟ, ଭରତ ତାଖ୍‌ତାନି ମୁମ୍ବାଇର ଏଚ.ଆର. କଲେଜରୁ ବାଣିଜ୍ୟ ଏବଂ ଅର୍ଥନୀତିରେ ସ୍ନାତକ ହାସଲ କରିଥିବା ବେଳେ ଏକ ଆନ୍ତଃ ବିଦ୍ୟାଳୟ ପ୍ରତିଯୋଗିତା ସମୟରେ ତାଙ୍କର ଈଶାଙ୍କ ସହ ସାକ୍ଷାତ୍ ହୋଇଥିଲା ଏବଂ ଏହିଠାରୁ ହିଁ ଉଭୟଙ୍କ ମଧ୍ୟରେ ଘନିଷ୍ଠତା ଆହୁରି ବଢ଼ିଥିଲା। କଲେଜ ପଢ଼ା ଶେଷ ହେବା ପରେ ଭରତ ପିତାଙ୍କ ବ୍ୟବସାୟକୁ ସମ୍ଭାଳି ଥିଲେ। ଆର.ଜି. ବେଙ୍ଗଲ ପ୍ରାଇଭେଟ ଲିମିଟେଡ୍ ନାମକ ଏକ କମ୍ପାନୀର ମାଲିକ ଥିବା ଭରତ ବୃତ୍ତିରେ ଜଣେ ହୀରା ବ୍ୟବସାୟୀ।


## CLASSIFIED DISPLAY

TARIFF — MORE SPACE • SAME PRICE — GST 5%

| For Single Day | | For 7 Days | | For 15 Days | | For 30 days | |
|---|---|---|---|---|---|---|---|
| 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

**TO-LET FOR OFFICE**
(1000 sqft to 4000 sqft)
Wide parking area, Lift facility & Security facility
At Jharapada Ganesh Mandap Chhack, Bhubaneswar
7978450312
8908183997

**OAS HUB**
Make your dreams into reality
OAS / IAS
JOIN NEW PRELIMS TO PERSONALITY TEST (P2P) BATCH.
For Odisha Administrative Services.
ADMISSION OPEN NOW
Somi Palace, Plot No. M5/17, Ground Floor, Acharya Vihar, Bhubaneswar
Contact Us:
8926232634
9827166018

**ADMISSION OPEN**
B.Ed, M.Ed, B.P.Ed.
Equivalent of Utkal University
Lowest Fees
Odisha School of Professional Studies
Address:
Plot No.N2/57, 2nd Floor, Near N2 Park, IRC Village, Nayapalli, Bhubaneswar- 751015
CONTACT NO.
7008096933
9692828174

**ପାଠକଙ୍କ ପାଇଁ ସୂଚନା:** କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।


# ୨୨ ବର୍ଷ ହେଲା ନିଖୋଜ ଥିଲେ, ଯୋଗୀ ହୋଇ ଫେରିଲେ

**ଅମେଠି**

ଉତ୍ତରପ୍ରଦେଶର ଅମେଠିରେ ଏକ ଆଶ୍ଚର୍ଯ୍ୟଜନକ ଘଟଣା ସାମନାକୁ ଆସିଛି। ୨୨ ବର୍ଷ ତଳେ ନିଜ ପରିବାରଠାରୁ ନିଖୋଜ ହୋଇଯାଇଥିବା ଏକ ବାଳକ ସନ୍ନ୍ୟାସୀ ବେଶରେ ନିଜ ଗ୍ରାମକୁ ଫେରିଥିଲେ। ଯେତେବେଳେ ଗ୍ରାମବାସୀ ସମ୍ପୃକ୍ତ ସନ୍ନ୍ୟାସୀଙ୍କର ପରିଚୟ ଜାଣିପାରିଥିଲେ ସେମାନଙ୍କର ଖୁସିର ସୀମା ରହି ନ ଥିଲା। ଉକ୍ତ ସନ୍ନ୍ୟାସୀଙ୍କ ପରିବାର ନିଜ ଗ୍ରାମ ଛାଡ଼ି ଦିଲ୍ଲୀରେ ବସବାସ କରୁଥିଲେ। ସମ୍ପର୍କୀୟଙ୍କଠାରୁ ନିଖୋଜ ଥିବା ପୁଅ ଫେରିଆସିବା ଖବର ପାଇ ଉକ୍ତ ସନ୍ନ୍ୟାସୀଙ୍କ ମାତାପିତା ଗାଁକୁ ଆସି ସନ୍ନ୍ୟାସୀ ବେଶରେ ନିଜ ପୁଅଙ୍କୁ ଭେଟିଥିଲେ। ତେବେ ନିଜ ପରିବାର ଓ ସମ୍ପର୍କୀୟଙ୍କୁ ଭେଟିବାକୁ ଗ୍ରାମକୁ ଆସି ନ ଥିବା କହିଥିଲେ ଉକ୍ତ ସନ୍ନ୍ୟାସୀ। ଜଣେ ସନ୍ନ୍ୟାସୀ ହିସାବରେ ନିଜ ମା'ଙ୍କ ଠାରୁ ଭିକ୍ଷା ଗ୍ରହଣ କରିବାର ଅନୁଷ୍ଠାନ ପୂରଣ କରିବାକୁ ସେ ଆସିଥିବା ନେଇ ଜଣାଇଥିଲେ। ଉକ୍ତ ଅନୁଷ୍ଠାନକୁ ପୂରଣ କରି ସେ ନିଜ ପରିବାରଠାରୁ ବିଦାୟ ନେଇଥିଲେ। ସୂଚନାଯୋଗ୍ୟ, ୨୦୦୨ ମସିହାରେ ଉତ୍ତରପ୍ରଦେଶର ଅମେଠି ଜିଲାର ଖରୌଲୀ ଗ୍ରାମରେ ରହୁଥିବା ଏକ ପରିବାରର ଜଣେ ୧୦ ବର୍ଷର ବାଳକ ନିଖୋଜ ହୋଇଯାଇଥିଲେ। ପରିବାର ଲୋକେ ପିଲାଟିକୁ ବହୁତ ଖୋଜିଥିଲେ ମଧ୍ୟ ପାଇପାରିନଥିଲେ।




Classified Everyday
0674-2580101, 2549949










ଧ-୨୪୪୯

**SALE**

ଝିଅ ବିଭାଘର ପାଇଁ ସୁନ୍ଦରପଦାର ଖେତ୍ରପାଳ ମୌଜାରେ ଘରବାଡ଼ି ପ୍ଲଟ୍ ବିକିବି, sqft.699/-. 9439493164. D-75903

ଭୁବନେଶ୍ୱର ପଟିଆ ରେଲୱେ ଷ୍ଟେଶନ ପାଖରେ **100ft. roadside yellowzone 30ft.** ରାସ୍ତା ଥାଇ ସଙ୍ଗେସଙ୍ଗେ ଘର କଲାଭଳି ପୋଜେସନ୍ ପ୍ଲଟ୍ ମିଳୁଛି। **7978701424, 9937025614.** D-75299

ଭୁବନେଶ୍ୱର ଜଟଣୀଗେଟ୍ କିଛି ଦୂରତାରେ 1200sqft., 3,60,000/- ଛତାବର Bypass sqft.-500/-. 9776974912. D-75904

**କଟକ-ଭୁବନେଶ୍ୱର ମଧ୍ୟରେ ନିର୍ମିତ Grandbazar (NH-16) ଏବଂ SUM-2 (Hospital) ଠାରୁ ଅଳ୍ପ ଦୂରତାରେ ଘରବାରି ପ୍ଲଟ୍ କିଣନ୍ତୁ - 9658562429.** D-75906




Shop / Godown/ Office-10-Bapujinagar, BBSR. 9556700943, 7683912628. D-74715

Newly health benefited Spa Expert Therapist at Mastercanteen. Contact: 7749034655. D-75193

**Relax, Refresh your body, Mind at Saikrupa Spa with best therapies. 8984068077.** D-2369

Newly open SPA positively health benefits (Expert therapist). Contact: 9124527170. D-75197

**Newly open SPA positively health benefits with expert therapist. 9090400507.** D-75198

Spa Kerala body Massage best Therapist @699/- Bhubaneswar. kajal-9337672475. D-2397

Refreshments body massage Therapy with experience therapists, Ashirvad Panchakarma Spa, Keshari Mall, Bhubaneswar. 8926173473. D-46569

**ପାଠକଙ୍କ ପାଇଁ ସୂଚନା–** କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

**AFFIDAVIT**

By virtue of an affidavit No. 67AA087146 dated 2.2.2024 sworn before Executive Magistrate, Mahanga, I Himanshu Sekhar Mallik, Vill.- Haribhaktapur, P.O.- Lalitagiri, Dist.- Cuttack hereby declare that my name has recorded as Hiamnshu Sekhar Mallik in my Aadhaar Card xxxxxxxx4059. Hence, Hiamnshu Sekhar Mallik and Himanshu Sekhar Mallik same and one person. D-2458

I, Nemichand Sovalchand Jain, R/o Plot No.6, Chintamaniswar, Fishery Lane, Budheswari, Laxmisagar, Bhubaneswar-751006, Dist.- Khordha have changed my name to Nemichand Jain all future purposes. D-2460

See Career Appointment on every Wednesday & Saturday


## ଅନ୍ୟାନ୍ୟ ଖବର

# ୨୦୨୭ ସୁଦ୍ଧା ସରିବ ଭୁବନେଶ୍ୱର ମେଟ୍ରୋ ରେଳ ପ୍ରକଳ୍ପ କାର୍ଯ୍ୟ

**ଭୁବନେଶ୍ୱର,୭।୨(ସୁନିତ୍ ମିଶ୍ର)**



ଭୁବନେଶ୍ୱର ମେଟ୍ରୋ ରେଳ ପ୍ରକଳ୍ପର ପ୍ରଥମ ପର୍ଯ୍ୟାୟ କାର୍ଯ୍ୟ ସମ୍ପର୍କରେ ରାଜ୍ୟସ୍ତରୀୟ ପ୍ରକଳ୍ପ ତଦାରଖ କମିଟି ବୈଠକ ବୁଧବାର ଅପରାହ୍ନରେ ମୁଖ୍ୟ ଶାସନ ସଚିବ ପ୍ରଦୀପ କୁମାର ଜେନାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଲୋକସେବା ଭବନ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ଏହି ବୈଠକରେ ଉକ୍ତ ପ୍ରକଳ୍ପ ନିମନ୍ତେ ପାଣ୍ଠି ବ୍ୟବସ୍ଥା, ବୈଷୟିକ ନିର୍ଦ୍ଦିଷ୍ଟତା, ବିଭିନ୍ନ ସ୍ଥାନରେ ଷ୍ଟେଶନ ଯୋଜନା, ପ୍ଲାଟ୍‌ଫର୍ମ ବ୍ୟବସ୍ଥା ଆଦି ସମ୍ପର୍କରେ ଆଲୋଚନା କରାଯାଇଛି। ଆସନ୍ତା ୬ରୁ ୮ ମାସ ମଧ୍ୟରେ ପ୍ରକଳ୍ପ ଅନୁସାରେ ଭୂମି ଯୋଜନା ଓ ଗଠନ ବ୍ୟବସ୍ଥା, ସିଭିଲ କାମ, ବିଭିନ୍ନ ଉପଯୋଗିତା ସ୍ଥାନାନ୍ତର ଆଦି ସମ୍ପର୍କରେ ଟେଣ୍ଡର କାର୍ଯ୍ୟ ସରିବ ବୋଲି ଜଣାପଡ଼ିଛି। ୨୦୨୪ ଜାନୁଆରୀ ପହିଲାରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଏହି ପ୍ରକଳ୍ପ ପାଇଁ ଭିତ୍ତି ପ୍ରସ୍ତର ସ୍ଥାପନ କରିଥିଲେ। ୨୦୨୭ ଡିସେମ୍ବର ସୁଦ୍ଧା ଏହି ପ୍ରକଳ୍ପ ସମ୍ପୂର୍ଣ୍ଣ ହେବା ଲକ୍ଷ୍ୟ ରହିଛି। ସୂଚନାଯୋଗ୍ୟ, ବିଜୁ ପଟ୍ଟନାୟକ ଅନ୍ତର୍ଜାତୀୟ ବିମାନବନ୍ଦରରୁ ତ୍ରିଶୂଳିଆ ପର୍ଯ୍ୟନ୍ତ ମେଟ୍ରୋ ରେଳ ନିର୍ମାଣ ପାଇଁ ଦିଲ୍ଲୀ ମେଟ୍ରୋ ରେଳ ନିଗମ(ଡିଏମ୍‌ଆର୍‌ସି) ଟର୍ନ-କି ପରାମର୍ଶଦାତା ଭାବେ ଏହି ପ୍ରକଳ୍ପ କାର୍ଯ୍ୟକାରୀ କରିବାକୁ ଭୁବନେଶ୍ୱର ମେଟ୍ରୋ ରେଳ ନିଗମ ସହ ଚୁକ୍ତି ସ୍ୱାକ୍ଷର କରିଛି। ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ରାଜ୍ୟ ଉନ୍ନୟନ କମିଶନର ଅନୁ ଗର୍ଗ, ଗୃହ ଓ ନଗର ଉନ୍ନୟନ ବିଭାଗ ଅତିରିକ୍ତ ମୁଖ୍ୟ ଶାସନ ସଚିବ ଜି. ମାଥିଭାଥାନନ୍, ଅର୍ଥ ବିଭାଗ ପ୍ରମୁଖ ଶାସନ ସଚିବ ବିଶାଳ କୁମାର ଦେବ, ବାଣିଜ୍ୟ ଓ ପରିବହନ ବିଭାଗ ସ୍ୱତନ୍ତ୍ର ଶାସନ ସଚିବ(ରେଳ ନିଗମ) ମନୋଜ କୁମାର ମିଶ୍ରଙ୍କ ସମେତ କମିଟିର ଅନ୍ୟ ସଦସ୍ୟମାନେ ଉପସ୍ଥିତ ଥିଲେ। ଏହି ବୈଠକ ପୂର୍ବରୁ ଭୁବନେଶ୍ୱର ମେଟ୍ରୋ ରେଳ କର୍ପୋରେଶନ ନିର୍ଦ୍ଦେଶକ ମଣ୍ଡଳୀ ପରିଷଦର ୨ୟ ବୈଠକ ମୁଖ୍ୟ ଶାସନ ସଚିବଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଥିଲା। ବୈଠକରେ ଭୁବନେଶ୍ୱର ମେଟ୍ରୋ ରେଳ ପ୍ରକଳ୍ପର ୧ମ ପର୍ଯ୍ୟାୟ କାର୍ଯ୍ୟର ସ୍ଥିତି ସମ୍ପର୍କରେ ଉପସ୍ଥାପନ କରାଯିବା ସହ ବୋର୍ଡର କାର୍ଯ୍ୟ ପରିଚାଳନା ସମ୍ପର୍କିତ ବିଭିନ୍ନ ଆଲୋଚନା କରାଯାଇଛି। ବୈଠକରେ ପରିଷଦର ସଭ୍ୟ ସଭ୍ୟାମାନେ ଯୋଗଦେଇ ଆଲୋଚନାରେ ଅଂଶ ଗ୍ରହଣ କରିଥିଲେ।

## ପ୍ରଥମ ପୃଷ୍ଠାରୁ

### ଓଡ଼ିଆ ଭାଷା ଗବେଷଣା ...

ଡିଜିଟାଲ ଓଡ଼ିଆ ସମ୍ମିଳନୀ ଆୟୋଜନ କରାଯିବ। ସମ୍ମିଳନୀ ମାଧ୍ୟମରେ ବିଶେଷଜ୍ଞ ଓ ଭାଷାବିତ୍‌ମାନଙ୍କୁ ଏକାଠି କରାଯିବ ବୋଲି ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ମନ୍ତ୍ରୀ ଅଶ୍ୱିନୀ ପାତ୍ର କହିଛନ୍ତି। ପ୍ରଥମ ବିଶ୍ୱ ଓଡ଼ିଆ ଭାଷା ସମ୍ମିଳନୀରେ ଗୃହୀତ ପ୍ରସ୍ତାବ ଭିତ୍ତିରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଗ୍ରହଣ କରିଥିବା ନିଷ୍ପତ୍ତି ସମ୍ପର୍କରେ ମନ୍ତ୍ରୀ ପାତ୍ର ବୁଧବାର ବିଧାନସଭାରେ ଏହି ଘୋଷଣା କରିଛନ୍ତି। ମନ୍ତ୍ରୀ ଆହୁରି ମଧ୍ୟ କହିଛନ୍ତି, କମ୍ପ୍ୟୁଟର କି-ବୋର୍ଡ ଏବଂ ଫଣ୍ଟରେ ବ୍ୟବହୃତ ଓଡ଼ିଆ ଲିପିର ମାନକୀକରଣ ନିମନ୍ତେ ଏକ ବିଶେଷଜ୍ଞ କମିଟି ଗଠନ କରାଯିବ। ଏହି କମିଟି ଏକ ନିର୍ଦ୍ଦିଷ୍ଟ ସମୟସୀମା ମଧ୍ୟରେ ଏହାର କାର୍ଯ୍ୟକାରିତା ନିମନ୍ତେ ପ୍ରସ୍ତାବ ଦେବେ। ସେହିଭଳି ରାଜ୍ୟ ସରକାର ପ୍ରଥମ ପର୍ଯ୍ୟାୟରେ ୧,୫୦୦ ହାଇସ୍କୁଲରେ ସ୍ୱତନ୍ତ୍ର ଭାବେ ଓଡ଼ିଆ ଶିକ୍ଷକ ନିଯୁକ୍ତି ଦେବେ। ପରବର୍ତ୍ତୀ ପର୍ଯ୍ୟାୟରେ ନିର୍ଦ୍ଦିଷ୍ଟ ସମୟସୀମା ମଧ୍ୟରେ ସମସ୍ତ ହାଇସ୍କୁଲ ଏହି କାର୍ଯ୍ୟକ୍ରମର ଅନ୍ତର୍ଭୁକ୍ତ ହେବ। ୧୦୦ ବର୍ଷରୁ ଊର୍ଦ୍ଧ୍ୱ ସ୍କୁଲ ଓ କଲେଜଗୁଡ଼ିକୁ ୧ କୋଟି ଟଙ୍କା ଓ ସ୍ୱାଧୀନତା ପୂର୍ବର ବିଶ୍ୱବିଦ୍ୟାଳୟକୁ ୨ କୋଟି ଟଙ୍କାର ଐତିହ୍ୟ ଅନୁଦାନ ଯୋଗାଇ ଦିଆଯିବ। ଏହା ଆମ ଓଡ଼ିଆ-ମାଧ୍ୟମ ଶିକ୍ଷା ବ୍ୟବସ୍ଥାର ସୁରକ୍ଷା ଓ ଅଭିବୃଦ୍ଧି ପାଇଁ ବ୍ୟବହୃତ ହେବ। ଏକ ଅନୁବାଦ ନୀତି ପ୍ରଣୟନ କରି ଭାରତ ତଥା ବିଶ୍ୱର ଅନ୍ୟାନ୍ୟ ଭାଷାରେ ଓଡ଼ିଆ ପୁସ୍ତକର ଅନୁବାଦ ପାଇଁ ଅନୁଦାନର ବ୍ୟବସ୍ଥା କରାଯିବ। ବିଭିନ୍ନ ବିଷୟରେ ଓଡ଼ିଆ ଭାଷାର ବ୍ୟବହାରକୁ ସରଳ ଓ ସୁଗମ କରିବା ପାଇଁ ଏକ ସଂଶୋଧିତ ଶବ୍ଦାବଳୀ ଓ ଶବ୍ଦକୋଷ ପ୍ରସ୍ତୁତ କରିବା ନିମନ୍ତେ ଓଡ଼ିଆ ଶବ୍ଦକୋଷ କମିଟି ଗଠନ ହେବ। ଓଡ଼ିଆ ଭାଷାରେ ବିଜ୍ଞାନ, ବୈଷୟିକ ଶିକ୍ଷା ଓ ଡାକ୍ତରୀ ପାଠ୍ୟକ୍ରମକୁ ପ୍ରୋତ୍ସାହିତ କରିବା ନିମନ୍ତେ ଏକ ମଧ୍ୟବର୍ତ୍ତିକାଳୀନ ନୀତି ପ୍ରଣୟନ କରାଯିବ। ବର୍ତ୍ତମାନ ଓ ଭବିଷ୍ୟତର ଆବଶ୍ୟକତାକୁ ଦୃଷ୍ଟିରେ ରଖି ଓଡ଼ିଆ ଭାଷାରେ ପ୍ରୟୋଜନ ଥିବା ପ୍ରାସଙ୍ଗିକ ପୁସ୍ତକ ପ୍ରକାଶନ ପାଇଁ ରାଜ୍ୟ ସରକାର ପ୍ରୋତ୍ସାହନ ଯୋଗାଇ ଦେବେ। ଭବିଷ୍ୟତ ପିଢ଼ିଙ୍କ ମଧ୍ୟରେ ଓଡ଼ିଆ ଭାଷାକୁ ଲୋକପ୍ରିୟ କରିବା ପାଇଁ ନିର୍ଦ୍ଧାରିତ ସମୟସୀମା ମଧ୍ୟରେ ସ୍ୱତନ୍ତ୍ର କାର୍ଯ୍ୟକ୍ରମ ଗ୍ରହଣ କରାଯିବ। ଏଥିରେ ପ୍ରତିବର୍ଷ ଓଡ଼ିଆ ଭାଷାର ୧୦୦ଜଣ ଉଦୀୟମାନ ପ୍ରତିଭାଙ୍କୁ ଚୟନ କରାଯାଇ ମୁଖ୍ୟମନ୍ତ୍ରୀଙ୍କ ଦ୍ୱାରା ସେମାନଙ୍କୁ ସମ୍ମାନିତ କରାଯିବ। ଭାଷା ବୃତ୍ତି ପୁରସ୍କାର ରାଶିର ପରିମାଣ ଓ ସଂଖ୍ୟା ବୃଦ୍ଧି କରାଯିବ। ଛାତ୍ରୀଛାତ୍ରଙ୍କ ମଧ୍ୟରେ ଓଡ଼ିଆ ବକ୍ତୃତା ପ୍ରତିଯୋଗିତା ପାଇଁ 'ମୁଖ୍ୟମନ୍ତ୍ରୀ କପ୍' ଆରମ୍ଭ ହେବ। ରାଜ୍ୟରେ ଯୁବଗୋଷ୍ଠୀଙ୍କ ମଧ୍ୟରେ ପଠନ ଅଭ୍ୟାସ ବୃଦ୍ଧି ପାଇଁ ସର୍ବସାଧାରଣ ପାଠାଗାର ଅଭିଯାନ ଆରମ୍ଭ କରାଯିବ। ଭାରତ ମଧ୍ୟରେ ଓ ବାହାରେ ଥିବା ଓଡ଼ିଆ ସଂଗଠନଗୁଡ଼ିକୁ ଏହି ଓଡ଼ିଆ ପାଠାଗାର ସ୍ଥାପନ ପାଇଁ ସହଯୋଗ ଯୋଗାଇ ଦିଆଯିବ। ରାଜ୍ୟ ଓ ଦେଶ-ବିଦେଶରେ ଓଡ଼ିଆ ଭାଷାର ପ୍ରଚାର ପ୍ରସାର ପାଇଁ ଓଡ଼ିଆ ଭଉଣୀଭାଇଙ୍କ ଭିତରେ ସ୍ୱେଚ୍ଛାକୃତ ମନୋଭାବର ବିକାଶ ଉଦ୍ଦେଶ୍ୟରେ ରାଜ୍ୟ ସରକାର ପ୍ରୋତ୍ସାହନ ଯୋଗାଇ ଦେବେ। କଟକସ୍ଥିତ ପ୍ରିଣ୍ଟିଂ ମ୍ୟୁଜିୟମକୁ 'ଜାତୀୟ ମ୍ୟୁଜିୟମ' ରୂପେ ପରିବର୍ତ୍ତିତ କରାଯିବ। ଏଥିରେ ସାରା ବିଶ୍ୱର ମୁଦ୍ରଣ ପରମ୍ପରା ପ୍ରଦର୍ଶିତ କରାଯିବ। ଓଡ଼ିଶା ନୌବାଣିଜ୍ୟ ଏବଂ ଦକ୍ଷିଣ-ପୂର୍ବ ଏସୀୟ ପ୍ରତିଷ୍ଠାନକୁ ଏକ ଉତ୍କର୍ଷ କେନ୍ଦ୍ର ରୂପେ ବିକଶିତ କରାଯିବ। ଏଥିପାଇଁ ବର୍ଷକୁ ୨ କୋଟି ଟଙ୍କାର ଅନୁଦାନ ଦିଆଯିବ। ଓଡ଼ିଆ ଭାଷାରେ ଶିଶୁସାହିତ୍ୟର ବିକାଶ ପାଇଁ ରାଜ୍ୟ ସରକାର ସମସ୍ତ ପ୍ରକାର ସହଯୋଗ ଓ ପ୍ରୋତ୍ସାହନ ଯୋଗାଇଦେବେ। ଭାରତ ତଥା ବିଦେଶର ବିଭିନ୍ନ ବିଶ୍ୱବିଦ୍ୟାଳୟରେ ଓଡ଼ିଆ ଚେୟାର ପ୍ରତିଷ୍ଠା ପାଇଁ ପଦକ୍ଷେପ ନିଆଯିବ। ପ୍ରାରମ୍ଭରେ ୫ଟି ବିଶ୍ୱବିଦ୍ୟାଳୟରେ ଏଥିପାଇଁ ପ୍ରସ୍ତୁତି ଆରମ୍ଭ ହୋଇଛି। ଓଡ଼ିଆ ଅଧ୍ୟୟନ ବିଷୟକୁ ନେଇ ଏକ ବାର୍ଷିକ ଆନ୍ତର୍ଜାତିକ ଗବେଷଣା ପତ୍ରିକା ଓଡ଼ିଆ ବିଶ୍ୱବିଦ୍ୟାଳୟ ପକ୍ଷରୁ ପ୍ରକାଶିତ ହେବ। ଓଡ଼ିଶା ବାହାରେ ବସବାସ କରୁଥିବା ଓଡ଼ିଆଙ୍କ ପାଇଁ ଅଷ୍ଟମ ଶ୍ରେଣୀ ପର୍ଯ୍ୟନ୍ତ ଏକ ଓଡ଼ିଆ ଲର୍ନିଂ ମ୍ୟାନେଜମେଣ୍ଟ ସିଷ୍ଟମ ପ୍ରସ୍ତୁତ କରାଯିବ। ଏହାଦ୍ୱାରା ଓଡ଼ିଶା ତଥା ବାହାରେ ରହୁଥିବା ଛାତ୍ରୀଛାତ୍ର ଅନଲାଇନରେ ଓଡ଼ିଆ ଭାଷା ଶିକ୍ଷା କରିବା ସହିତ ସାର୍ଟିଫିକେଟ ମଧ୍ୟ ପାଇପାରିବେ। ଏହି ସମସ୍ତ ସୁବିଧା ଓଡ଼ିଆ ଭର୍ଚୁଆଲ ଏକାଡେମୀ ୱେବ୍‌ସାଇଟରେ ଉପଲବ୍ଧ ହେବ। ମୂଲ୍ୟବାନ୍ ନଥିପତ୍ରଗୁଡ଼ିକର ଉପଯୁକ୍ତ ପଞ୍ଜୀକରଣ, ସଂରକ୍ଷଣ ଓ ପ୍ରସାରଣ ପାଇଁ ସଂଗ୍ରହାଳୟ ଏବଂ ଅଭିଲେଖାଗାରକୁ ଯଥେଷ୍ଟ ଆର୍ଥିକ ଅନୁଦାନ ପ୍ରଦାନ କରାଯିବ ବୋଲି ମନ୍ତ୍ରୀ ପାତ୍ର କହିଛନ୍ତି। ପ୍ରଥମ ବିଶ୍ୱ ଓଡ଼ିଆ ଭାଷା ସମ୍ମିଳନୀର ବିଭିନ୍ନ ଅଧିବେଶନରେ ଆଲୋଚିତ ବିଷୟ ଓ ପ୍ରବାସୀ ଓଡ଼ିଆଙ୍କ ସହିତ ୫-ଟି ଅଧ୍ୟକ୍ଷଙ୍କ ଆଲୋଚନା ଆଧାରରେ ଏହିସବୁ ନିଷ୍ପତ୍ତିକୁ ମୁଖ୍ୟମନ୍ତ୍ରୀଙ୍କ ୫-ଟି ପଦକ୍ଷେପ ଅଧୀନରେ ସ୍ୱଚ୍ଛ ଓ ସମୟାନୁବଦ୍ଧ ଭାବେ କାର୍ଯ୍ୟକାରୀ କରାଯିବ ବୋଲି ମନ୍ତ୍ରୀ କହିଛନ୍ତି।

### ସରକାର ପାଇଛନ୍ତି ...

ଓ ଅନୁଗୋଳ ଜିଲାକୁ ଭାଙ୍ଗି ୩ଟି ଲେଖାଏ ଜିଲା କରିବା ପାଇଁ ସରକାରଙ୍କ ନିକଟରେ ଦାବି ହୋଇଛି । ବରଗଡ଼ରୁ ପଦ୍ମପୁର, କଳାହାଣ୍ଡିରୁ ଧର୍ମଗଡ଼, ମୟୂରଭଞ୍ଜରୁ ପଶ୍ଚିମ ମୟୂରଭଞ୍ଜ, ରାଇରଙ୍ଗପୁର, ଖିଚିଂ ଏବଂ କରଞ୍ଜିଆ, ସୁନ୍ଦରଗଡ଼ରୁ ବଣାଇ, ରାଉରକେଲା, ବଲାଙ୍ଗୀରରୁ ଟିଟିଲାଗଡ଼, କଣ୍ଟାବାଞ୍ଜି, ପାଟନାଗଡ଼, ଅନୁଗୋଳରୁ ତାଳଚେର ଓ ପାଲଲହଡ଼ା ଗଡ଼ଜାତ, ଖୋର୍ଦ୍ଧାରୁ ଭୁବନେଶ୍ୱର, ଗଞ୍ଜାମରୁ ଘୁମସର, ଆସ୍କା, ବ୍ରହ୍ମପୁର ଓ ଭଞ୍ଜନଗର, କଟକରୁ ଚଣ୍ଡିଖୋଲ ଏବଂ ଆଠଗଡ଼କୁ ଜିଲା କରିବାକୁ ଦାବି ହୋଇଛି। ସେହିପରି ସମ୍ବଲପୁରରୁ କୁଚିଣ୍ଡା, କନ୍ଧମାଳରୁ ବାଲିଗୁଡ଼ା, କେନ୍ଦୁଝରରୁ ଆନନ୍ଦପୁର, ବାଲେଶ୍ୱରରୁ ନୀଳଗିରି, ସୋର ଓ ଜଳେଶ୍ୱର, ପୁରୀରୁ ନିମାପଡ଼ା ଏବଂ ରାୟଗଡ଼ା ଜିଲାରୁ ଗୁଣୁପୁରକୁ ଜିଲା ମାନ୍ୟତା ଦେବା ଲାଗି ସରକାରଙ୍କ ନିକଟକୁ ପ୍ରସ୍ତାବ ଆସିଛି। ମନ୍ତ୍ରୀ କହିଛନ୍ତି ଯେ ସମସ୍ତ ମାନଦଣ୍ଡକୁ ବିଚାରକୁ ନେଇ ଦାବି ଉପରେ ଉପଯୁକ୍ତ ସମୟରେ ରାଜ୍ୟ ସରକାର ପଦକ୍ଷେପ ଗ୍ରହଣ କରିବେ। ନୂତନ ଜିଲା ଗଠନ କରିବା ସମ୍ବନ୍ଧୀୟ ଏକ ପିଆଇଏଲ୍ ସୁପ୍ରିମକୋର୍ଟଙ୍କ ନିକଟରେ ଦାଖଲ ହୋଇଛି। ବିନାନୁମତିରେ କୌଣସି ଚୂଡ଼ାନ୍ତ ନିଷ୍ପତ୍ତି ଗ୍ରହଣ ନ କରିବାକୁ ସୁପ୍ରିମକୋର୍ଟ ରାଜ୍ୟ ସରକାରଙ୍କୁ ନିର୍ଦ୍ଦେଶ ଦେଇଛନ୍ତି।

# ଯଦି ରାଜି ହୋଇଥାଆନ୍ତି...

କଳାକାର ଜୀବନରେ ଅନେକ ଉତ୍ଥାନ ପତନ ଆସେ। ଅଫରଟିଏ ପାଇଲେ ତାହାକୁ ଆଧାରକରି ସେ କିପରି ନିଜ କ୍ୟାରିୟରକୁ ଆଗେଇନେବ ସେନେଇ ବେଶ୍ ତତ୍ପର ଥାଏ। ହେଲେ ବେଳେବେଳେ ଭଲ ଅଫର ହାତରୁ ଖସି ଯାଏ କିମ୍ବା କୌଣସି କାରଣବଶତଃ ତାହାକୁ ହାତଛଡ଼ା କରିବାକୁ ପଡ଼ିଥାଏ। ଦେଖୁନାହାନ୍ତି, ନିଜ ଅଭିନୟ ଜୀବନର ପ୍ରଥମ ଅବସ୍ଥା ବିଷୟରେ ରୋମନ୍ଥନ କରୁ କରୁ ଦୀପିକା ପାଦୁକୋନ୍ କେମିତି ଇମୋଶନାଲ ହୋଇପଡୁଛନ୍ତି। ବଲିଉଡ୍‌ର ଅନ୍ୟତମ ବରିଷ୍ଠ ତଥା ଲୋକପ୍ରିୟ ନିର୍ଦ୍ଦେଶକ ସଞ୍ଜୟ ଲୀଲା ଭଁସାଲିଙ୍କ ପ୍ରୋଜେକ୍ଟରେ କିଏ ବା କାମ କରିବାକୁ ନ ଚାହେଁ? ଯେତେବେଳେ ଦୀପିକା ବଲିଉଡ୍‌ରେ ଏଣ୍ଟ୍ରି କରିବାକୁ ସ୍ଥିର କଲେ ସେତେବେଳେ ତାଙ୍କୁ ଏହି ନିର୍ଦ୍ଦେଶକ 'ସାୱରିୟାଁ' ଫିଲ୍ମରେ ଅଭିନୟ କରିବାକୁ ଅଫର ଦେଇଥିଲେ। କିନ୍ତୁ କେତେକ କାରଣ ବଶତଃ ଦୀପିକା ଏହି ଅଫରଟିକୁ ହାତଛଡା କରିଥିଲେ। ଏ ନେଇ ସେ କୁହନ୍ତି, 'ଏକଥା ସତ ଯେ ସେତେବେଳେ ମୁଁ ଏକ ସୁବର୍ଣ୍ଣ ସୁଯୋଗ ହାତଛଡା କରିଥିଲି। କିନ୍ତୁ ତା' ବ୍ୟତୀତ ମୋ ପାଖରେ ଅନ୍ୟ କିଛି ଉପାୟ ନ ଥିଲା। ସେକଥା ମନେପଡିଲେ ଦୁଃଖ ଲାଗେ, ହେଲେ ଆଉ ତ କିଛି କରିହେବନି। ଯାହା ଘଟିଯାଇଛି ତାହାକୁ କେବଳ ମନ ଭିତରେ ସ୍ମୃତି ପରି ସାଇତି ରଖିବାକୁ ହେବ।' ଏହି ଫିଲ୍ମରେ ନବାଗତା ଭାବରେ ଅନିଲ କପୁରଙ୍କ କନ୍ୟା ସୋନମ୍ କପୁରଙ୍କୁ ସାଇନ୍ କରାଯାଇଥିଲା ଏବଂ ନାୟକ ଭୂମିକାରେ ଅଭିନୟ କରିଥିଲେ ରଣବୀର କପୁର। ସୂଚନାଯୋଗ୍ୟ, ପରବର୍ତ୍ତୀ ସମୟରେ ଫରହା ଖାଁଙ୍କ 'ଓମ୍ ଶାନ୍ତି ଓମ୍'ରେ ଶାହରୁଖଙ୍କ ଅପୋଜିଟ୍‌ରେ ନିଜର ସୋଲୋ ନାୟିକା କ୍ୟାରିୟର ଆରମ୍ଭ କରିଥିଲେ ଦୀପିକା।


ଦୀପିକା

# ଓଡ଼ିଆ ସିନେମାରେ ସଂଳାପ ପ୍ରସଙ୍ଗ

ସିନେମାରେ କାହାଣୀ ଓ ସଂଳାପ ଲେଖକଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ। ସେମାନଙ୍କ ଲେଖାର ପ୍ରଭାବ ସବୁ ସମୟରେ ରହୁଛି ଓ ରହିବ। ଓଡ଼ିଆ ସିନେମା ଜଗତର ବରିଷ୍ଠ ସଂଳାପକାର ତଥା ନାଟ୍ୟକାର ବିଜୟ ମିଶ୍ର ପାଖାପାଖି ୬୦ଟି ସିନେମାର ସଂଳାପ ରଚନା କରି ଯେଉଁ ଛାପ ଛାଡିଦେଇ ଯାଇଛନ୍ତି ତାହା ସବୁଦିନ ପାଇଁ ସ୍ମରଣୀୟ ହୋଇ ରହିବ। ତାଙ୍କ ସଂଳାପ ଦର୍ଶକମାନଙ୍କ ହୃଦୟରେ ଏକ ସ୍ୱତନ୍ତ୍ର ସ୍ଥାନ ଅଧିକାର କରିଥିଲା। କେବଳ ସେତିକି ନୁହେଁ, ସେ ସମୟରେ ନବାଗତ ସଂଳାପକାରମାନଙ୍କ ପାଇଁ ସେ ଜଣେ ମାର୍ଗଦର୍ଶକ ସାଜିଥିଲେ। ସଂଳାପ ରଚନାରେ କେବଳ ରେକର୍ଡ ସୃଷ୍ଟିକଲେ ହେବନାହିଁ। ସେଗୁଡିକ ଏଭଳି ହେବା ଦରାକର, ଯାହାକୁ ସବୁଦିନ ପାଇଁ ସିନେପ୍ରେମୀ ମନେରଖିବେ। ଅନ୍ୟ ସିନେମାରୁ କପି କରି ସଂଳାପ ଲେଖିଦେଲେ ଦାୟିତ୍ୱ ସିନା ତୁଟିଯାଏ, ହେଲେ ସେଗୁଡିକ ଯେ ଉତ୍ତରା ସଂଳାପ ତାହା ପରବର୍ତ୍ତୀ ସମୟରେ ଜଣାପଡିଯାଏ। ତେଣୁ ସଂଳାପ ରଚନା ସମୟରେ ନିଜ ମନର ପରିଭାଷାକୁ ସେଥିରେ ଫୁଟାଇପାରିଲେ କାହାଣୀଟି ସେଥିରେ ସ୍ପଷ୍ଟ ଭାବରେ ପ୍ରତିଫଳିତ ହୋଇଥାଏ। ଆମ ଓଡ଼ିଆ ସିନେମାରେ ବିଶିଷ୍ଟ ତଥା ସ୍ମରଣୀୟ ସଂଳାପକାର ଭାବରେ କେବଳ ବିଜୟ ମିଶ୍ର ନୁହନ୍ତି, ଶୀର୍ଷାନନ୍ଦ ଦାସ କାନୁନ୍‌ଗୋ, ଡ. ସୁବୋଧ ପଟ୍ଟନାୟକ, ନିଜାମ ଆଦିଙ୍କୁ ଏହି ତାଲିକାରେ ସାମିଲ କରାଯାଇପାରେ।

ସଂଳାପରେ ଏଭଳି ମସଲା ରହିବା ଦରକାର, ଯାହାଦ୍ୱାରା ସେହି ସିନେମାଟି ଦେଖିବା ପରେ ଦର୍ଶକ ସେଗୁଡିକୁ ମନେ ପକାଉଥିବେ। ଗୋଟିଏ ଉଦାହରଣ ଦେଲେ ଠିକ୍ ହେବ। ବଲିଉଡ୍‌ର ବ୍ଲକ୍ ବଷ୍ଟର ଫିଲ୍ମ 'ଶୋଲେ'। ଏହାର ସଂଳାପ ଲେଖି ସଲିମ୍-ଜାଭେଦ (ସଲିମ ଖାଁ, ଜାଭେଦ ଅଖତର) ଅମର। ଓଡ଼ିଆ ସନେମା ଉପରେ ଦୃଷ୍ଟିନିକ୍ଷେପ କଲେ 'ଶେଷ ଶ୍ରାବଣ', 'କାବେରୀ', 'ସ୍ତ୍ରୀ', 'ଗପ ହେଲେ ବି ସତ', 'ଫୁଲ ଚନ୍ଦନ' ଭଳି ସିନେମାର ସଂଳାପ ଲେଖିଥିବା ବ୍ୟକ୍ତିବିଶେଷଙ୍କୁ ଏବେ ବି ସ୍ମରଣ କରାଯାଇଥାଏ। ଏମାନେ କେବେ ନିଜର ଆତ୍ମପ୍ରଚାର କରୁ ନ ଥିଲେ। ସେମାନଙ୍କ ସିନେମାର ପ୍ରଭାବ ଗନ୍ଧ ଆଜି ସୁବାସିତ ହୋଇ ମହକୁଛି। ବିଶିଷ୍ଟ ସଂଳାପ ଲେଖକ ଶୀର୍ଷାନନ୍ଦ ଦାସ କାନୁନ୍‌ଗୋ ଲେଖିଥିବା ପ୍ରମୁଖ ସିନେମା ମଧ୍ୟରେ ରହିଛି 'ଏଇ ଆମ ସଂସାର', 'ସାକ୍ଷୀ ରହିବ ମୋ ଶଙ୍ଖାସିନ୍ଦୂର', 'ସତମିଛ', 'ରାମଲକ୍ଷ୍ମଣ', 'ସକଳ ତୀର୍ଥ ତୋ ଚରଣେ', 'ରାକ୍ଷୀ ଭିଜିଗଲା ଆଖି ଲୁହରେ', 'ଧର୍ମନିକିତି', ଏବଂ 'ଭାଇ ହେଲା ଭଗାରି'। ଜଣେ ଗୀତିକାର ଭାବରେ ସୁନାମ ଅର୍ଜନ କରିବା ପରେ ସଂଳାପ ରଚନାରେ ରୁଚି ରଖିଥିବା ନିଜାମ 'ବଡ଼ ଭାଉଜ', 'ହିସାବ କରିବ କାଳିଆ', 'ସାବିତ୍ରୀ', 'କାଶିଆ କପିଳା', 'ତୁମକୁ ପାରୁନି ତ ଭୁଲି' ଏବଂ 'ମା ମୋତେ ଶକ୍ତି ଦେ' ଆଦି ସିନେମାର ସଂଳାପ ଲେଖିଥିଲେ।

କେବଳ ଜଣେ ଅଭିନେତା, ପ୍ରଯୋଜକ କିମ୍ବା ନିର୍ଦ୍ଦେଶକ ନୁହନ୍ତି, ସଂଳାପକାର ଭାବେ ପ୍ରଶାନ୍ତ ନନ୍ଦ ମଧ୍ୟ ସୃଷ୍ଟି କରିଛନ୍ତି ସ୍ୱତନ୍ତ୍ର ପରିଚୟ। ତାଙ୍କର ରଚିତ ସଂଳାପକୁ ଆଧାରକରି ନିର୍ମିତ ପ୍ରମୁଖ ସିନେମାଗୁଡିକ ମଧ୍ୟରେ ରହିଛି 'ବଳିଦାନ', 'ମା ଓ ମମତା', 'ପୂଜା', 'ହିସାବ ନିକାଶ', 'ସ୍ୱପ୍ନସାଗର', 'ବଗୁଲା ବଗୁଲି', 'କଣ୍ଢେଇ', 'ଯା'ଦେବୀ ସର୍ବଭୂତେଷୁ', 'ଜୀଅନ୍ତା ଭୂତ' ଏବଂ 'ଥୁକୁଲୁ'। ଏହାବ୍ୟତୀତ କବିଚନ୍ଦ୍ର କାଳୀ ଚରଣ ପଟ୍ଟନାୟକଙ୍କ 'ଲଳିତା' ଓ 'ନାରୀ', ଶାରଦା ପ୍ରସନ୍ନ ନାୟକଙ୍କ 'ଜୟଦେବ', 'ସ୍ତ୍ରୀ', 'ସଂସାର', ଗୁରୁକୃଷ୍ଣ ଗୋସ୍ୱାମୀଙ୍କ 'ସୂର୍ଯ୍ୟମୁଖୀ' ସିନେମା। ଦର୍ଶକାଦୃତ ହୋଇପାରିଥିଲା। ଭୁବନେଶ୍ୱର ମହାପାତ୍ରଙ୍କ 'ସିନ୍ଦୂର ବିନ୍ଦୁ' ଯଦି ଉଦାହରଣ ନେବା, ତେବେ ଯଥେଷ୍ଟ ହେବ।



ବର୍ତ୍ତମାନର ସଂଳାପକାରଙ୍କ ମଧ୍ୟରେ ସମ୍ପ୍ରତି ଶଙ୍କର ତ୍ରିପାଠୀ ଜଣେ ସଫଳ ବ୍ୟକ୍ତିତ୍ୱ। ତାଙ୍କ ସଂଳାପ ରଚିତ 'ପୁଷ୍କରା' ସଫଳତା ଲାଭ କଲା। ନିକଟରେ ସଂଳାପକାର ଡ. ରଜନୀ ରଞ୍ଜନ ନିଜର ୧୦୦ତମ ସିନେମାର ସେଲିବ୍ରେଶନ କରିଛନ୍ତି। ଉତ୍ତାରି କେହି କେବେ ଶୀର୍ଷରେ ପହଞ୍ଚିବନାହିଁ। ଏହା ଏକ ବୃଥା ଆସ୍ଫାଳନ। ମୌଳିକତାକୁ ନେଇ ସିନେମା ଜଗତ ବଞ୍ଚିଥାଏ। ତେଣୁ ଭଲ ତଥା ମନଲାଖି ସଂଳାପ ଚିରଦିନ ପାଇଁ ଅମର ହୋଇ ରହିବା ଏକ ସ୍ୱାଭାବିକ କଥା। ନା, ଆପଣ କ'ଣ କହୁଛନ୍ତି!

–ଦିଲୀପ ହାଲି
ବଡ଼ଗଡ଼, ଭୁବନେଶ୍ୱର-୧୮
ମୋ : ୯୮୨୧୦୦୯୨୫୨

# କାର୍‌ପ୍ରିୟ ଜନ୍

ଜନ୍ ଆବ୍ରାହମ୍ ମଡେଲିଂରୁ କ୍ୟାରିୟର ଆରମ୍ଭ କରିଥିଲେ। କିନ୍ତୁ ପରବର୍ତ୍ତୀ ସମୟରେ ସେ ଅଭିନୟ କ୍ଷେତ୍ରରେ ନିଜ ଦକ୍ଷତା ଦେଖାଇସାରିଛନ୍ତି। କେବଳ ସେତିକି ନୁହେଁ, ଇତିମଧ୍ୟରେ ସେ କେତୋଟି ସିନେମାର ପ୍ରଯୋଜନା ମଧ୍ୟ କରିସାରିଛନ୍ତି। ତାଙ୍କର ଏକ ନିଆରା ଅଭ୍ୟାସ ରହିଛି। ବିଶେଷଭାବରେ କାର ପ୍ରତି ତାଙ୍କର ରହିଛି ଦୁର୍ବଳତା। କୌଣସି ନୂଆ ମଡେଲର କାର୍ ବଜାରକୁ ଆସିଲେ ତାହାକୁ ସେ କିଣିବାକୁ ପଛାଇ ନ ଥାନ୍ତି। ଏ ନେଇ ଜନ୍ କୁହନ୍ତି, 'କାର୍ ପ୍ରତି ମୋର ସଉକ୍ ଅନେକ ଦିନରୁ ରହିଛି। ସ୍କୁଲରେ ପଢ଼ିବା ସମୟରେ ମୁଁ ବିଭିନ୍ନ ଡିଜାଇନ୍‌ବିଶିଷ୍ଟ କାର୍ ବିଷୟରେ ଜାଣିବାକୁ ଚେଷ୍ଟା କରୁଥିଲି। ସେଥିପାଇଁ ନୂଆ ନୂଆ ମଡେଲ କାର୍ କିଣିବା ମୋର ସଉକରେ ପରିଣତ ହୋଇଛି। ମୋ ପାଖରେ ଅନେକ ନାମୀଦାମୀ କମ୍ପାନୀର କାର୍ ରହିଛି।' ଜନ୍‌ଙ୍କ ଅଭିନୀତ ପ୍ରଥମ ସିନେମା 'ଜିସ୍ମ' ୨୦୦୩ରେ ରିଲିଜ୍ ହୋଇଥିଲା। ଏହି ଫିଲ୍ମରୁ ହିଁ ସେ ନିଜର ଅଭିନୟ ଦକ୍ଷତା ଦେଖାଇବାରେ ସକ୍ଷମ ହୋଇଥିଲେ। 'ଗରମ ମସଲା' ଫିଲ୍ମରେ ତାଙ୍କର କମେଡି ଦର୍ଶକଙ୍କୁ ପ୍ରଭାବିତ କରିଥିଲା।


ଜନ୍

# ଡରେଇବେ ଶ୍ରଦ୍ଧା

ଶକ୍ତି ତନୟା ଶ୍ରଦ୍ଧା କପୁର ଏବେ ଦର୍ଶକଙ୍କୁ ଡରାଇବେ। କାରଣ ଏଥିରେ ତାଙ୍କର ଗେଟ୍‌ଅପ୍ କଥା ଛାଡ଼ନ୍ତୁ, ଭୂମିକାଟି ଯେଉଁଭଳି ହୋଇଛି ତାହାକୁ ମନେ ପକାଇଲେ ହୁଏତ ଅନେକଙ୍କ ମନରେ ଭୟ ସଞ୍ଚାର ହୋଇପାରେ। ହଁ, କଥା କ'ଣ କି, ନିର୍ମାଣାଧୀନ ହିନ୍ଦୀ ସିନେମା 'ସ୍ତ୍ରୀ-୨'ରେ ଶ୍ରଦ୍ଧା ଜଣେ ଡାହାଣୀ ଭୂମିକାରେ ଅଭିନୟ କରୁଛନ୍ତି। ନିଶାର୍ଦ୍ଧରେ ଶୂନ୍‌ଶାନ ରାସ୍ତାରେ ଧଳା ଶାଢ଼ି ପରିହିତା ଜଣେ ମହିଳା ଠିଆ ହୋଇଥିବ। ସେହି ରାସ୍ତାରେ ଯାଉଥିବା ଲୋକମାନଙ୍କୁ ଲିଫ୍ଟ ମାଗିବା ବାହାନାରେ ଲୁଟ୍‌ତରାଜ କରିବା ହେଲା ତାହାର କାମ। ଆଉ ଏଭଳି ଏକ ରୋଲ୍‌ରେ ଶ୍ରଦ୍ଧା ଦର୍ଶକଙ୍କ ସାମ୍ନାକୁ ଆସୁଛନ୍ତି। 'ଯେତେବେଳେ ଏହି ଫିଲ୍ମର ନିର୍ଦ୍ଦେଶକ ଅମର କୌଶିକ ମୋତେ ଏଭଳି ଭୂମିକା ବିଷୟରେ ସୂଚନା ଦେଲେ ସେତେବେଳେ ତାହାକୁ କିପରି ତୁଲାଇବି ଟିକେ ଦ୍ୱନ୍ଦ୍ୱରେ ପଡିଥିଲି। କିନ୍ତୁ ଯେତେବେଳେ ଶୁଟିଂ ଆରମ୍ଭ ହେଲା ଏବଂ ମୁଁ ଡାହାଣୀ ଗେଟ୍‌ଅପରେ କ୍ୟାମେରା ସାମ୍ନା କଲି ସେତେବେଳେ ମୋ ମନରେ ସ୍ୱତଃ ଦୃଢ଼ ଭାବନା ଆସିଯାଇଥିଲା ଯେ ଏହି ରୋଲକୁ ମୁଁ ଫୁଲ୍ ଜଷ୍ଟିସ ଦେଇପାରିବି।' ଏକ ରହସ୍ୟ ରୋମାଞ୍ଚଭରା କାହାଣୀକୁ ନେଇ ଏହି ଫିଲ୍ମଟି ପ୍ରସ୍ତୁତ ହେଉଛି। ଏଥିରେ ଶ୍ରଦ୍ଧାଙ୍କ ବ୍ୟତୀତ ରାଜ କୁମାର ରାଓ ଏବଂ ନମ୍ରତା ଭାଟିଆଙ୍କୁ ମଧ୍ୟ ଦେଖିବାକୁ ମିଳିବ। ଫିଲ୍ମଟି ଚଳିତ ବର୍ଷ ଅଗଷ୍ଟ ୩୦ରେ ରିଲିଜ ହେବାର ଯୋଜନା ରହିଛି।


ଶ୍ରଦ୍ଧା

# କୁଲ୍ କୁଲ୍ ପୂଜା

ଦକ୍ଷିଣ ଭାରତୀୟ ସିନେମାରେ ପୂଜା ହେଗ୍‌ଡେ ଏକ ପରିଚିତ ନାମ। ଅଭିନୟ ଜଗତରେ ସେ ୧୨ ବର୍ଷ ପୂରଣ କରିଛନ୍ତି। ଆଉ ଏହା ଭିତରେ ସେ ଅନେକ ତେଲୁଗୁ, ତାମିଲ ସିନେମାରେ ଅଭିନୟ କରି ଦର୍ଶକଙ୍କର ମନ ଜିଣିବାରେ ସକ୍ଷମ ହୋଇଛନ୍ତି। ପୂଜାଙ୍କର ବଲିଉଡ୍ କ୍ୟାରିୟର ଆରମ୍ଭ ହୋଇଥିଲା ୨୦୧୬ରୁ। ଐତିହାସିକ କାହାଣୀକୁ ନେଇ ଆଧାରିତ ଏହି ଫିଲ୍ମଟି ଥିଲା 'ମହେଞ୍ଜୋଦାରୋ'। ଆଶୁତୋଷ ଗୋୱାରିକରଙ୍କ ନିର୍ଦ୍ଦେଶିତ ଉକ୍ତ ଚିତ୍ରରେ ତାଙ୍କର ନାୟକ ସାଜିଥିଲେ ହୃତିକ ରୋଶନ। କିନ୍ତୁ ବକ୍ସ ଅଫିସରେ ଫିଲ୍ମଟି ଫ୍ଲପ୍ ହୋଇଥିଲା। ତା'ପରେ ସେ 'ହାଉସ୍‌ଫୁଲ୍-୪', 'ରାଧେଶ୍ୟାମ', 'ସର୍କସ' ଏବଂ ଗତବର୍ଷ ରିଲିଜ୍ ହୋଇଥିବା 'କିସିକା ଭାଇ କିସିକା ଜାନ୍'ରେ ଅଭିନୟ କରିସାରିଛନ୍ତି। ବଲିଉଡ୍‌ରେ ସିନେମା ସଂଖ୍ୟାକୁ ନେଇ ଆଦୌ ବିଚଳିତ ନୁହନ୍ତି ସେ। ଏ ବିଷୟରେ ପୂଜା କହନ୍ତି, 'ଦୁଇ/ଚାରିଟି ହିନ୍ଦୀ ସିନେମାରେ ରୋଲ୍ କଲେ ଯେ ମୁଁ ଷ୍ଟାର ହୋଇଯିବି-ଏକଥା ଭାବିବା ଠିକ୍ ନୁହେଁ। ୟା ଭିତରେ ମୁଁ ଅନେକ ତେଲୁଗୁ ଏବଂ ତାମିଲ ଫିଲ୍ମରେ ଅଭିନୟ କରିସାରିଛି। ମୁଁ ଧୀରେ ସୁସ୍ଥେ ଆଗେଇବାକୁ ଚାହେଁ।' ପୂଜା ପ୍ରଥମେ ଏକ ତେଲୁଗୁ ଫିଲ୍ମ 'ମୁଗାମୁଡ୍ଡି'ରେ ଅଭିନୟ କରିଥିଲେ। ବର୍ତ୍ତମାନ ତାଙ୍କ ହାତରେ ଗୋଟିଏ ହିନ୍ଦୀ ସିନେମା ରହିଛି, ଯାହାର ଟାଇଟଲ ହେଉଛି 'ଦେବା'।


ପୂଜା

## ନୂଆ ସିନେମା

# ସିନ୍ଦୂରା

ଏକ ଗାଁରେ ରହୁଥିବା ଯୁବକଟିଏ ସ୍ୱପ୍ନ ଦେଖେ, ଦିନେନା ଦିନେ ସେ ଜଣେ ନାମୀ ୟୁଟ୍ୟୁବର ହେବ। ହେଲେ କେବଳ ଭାବିଲେ ତ ହେବନାହିଁ, ଏଥିପାଇଁ ପ୍ରଗାଢ଼ ନିଷ୍ଠା ଏବଂ ଅଧ୍ୟବସାୟର ଆବଶ୍ୟକତା ରହିଛି। ତେବେ ପିଲାଟି ନିଜର ସ୍ୱପ୍ନକୁ କିପରି ସାକାର କରୁଛି ତାହାକୁ ନେଇ କାହାଣୀ ଗତିଶୀଳ। ଏହାକୁ ଆଧାରକରି ନିର୍ମିତ ହୋଇଛି ନୂଆ ଓଡ଼ିଆ ସିନେମା 'ସିନ୍ଦୂରା'। ଏଥିରେ ଏକ ଭିନ୍ନ ଧରଣର ଭୂମିକାରେ ପରଦା ଉପରକୁ ଆସିବେ ଅଭିଷେକ ଗିରି। ରାସେଶ୍ୱରୀ ଏଣ୍ଟରଟେନ୍‌ମେଣ୍ଟ ବ୍ୟାନରରେ ଏହା ହେଉଛି ଷଷ୍ଠ ଚଳଚ୍ଚିତ୍ର। ଏହାର କାହାଣୀ ରଚନା ସହ ନିର୍ଦ୍ଦେଶନା ଭାର ସମ୍ଭାଳିଛନ୍ତି ବିରଞ୍ଚି ନାରାୟଣ ପଣ୍ଡା। ଚିତ୍ରଟିର ପ୍ରଯୋଜନା କରିଛନ୍ତି ଦିଲୀପ ଦାସ। ଏହାପୂର୍ବରୁ ଅଭିଷେକ 'ଏଇ ଆକାଶ ତଳେ' ଏବଂ 'ଆଡିୟୁ ଗୋଦାର୍ଡ' ଭଳି ଫିଲ୍ମରେ ଅଭିନୟ କରିସାରିଛନ୍ତି। 'ସିନ୍ଦୂରା'ରେ ଅଭିଷେକଙ୍କ ନାୟିକା ସାଜିଛନ୍ତି 'ପୁଷ୍କରା' ଫେମ୍ ସୁପ୍ରିୟା। ଏମାନଙ୍କ ବ୍ୟତୀତ ଉଷସୀ ମିଶ୍ର, ଜୀବନ ପଣ୍ଡା, ପ୍ରଜ୍ଞା, ଶଙ୍କର, ପୃଥ୍ୱୀରାଜ, ପ୍ରମୋଦ ରଥ, ନାଟ୍ୟକାର ବିଜୟ ଦାସ, ସନ୍ଧ୍ୟା ଦାସ, ସାରେଗାମା ଓ ଶିଶୁ କଳାକାର ସାଇଶ୍ରଦ୍ଧାଙ୍କୁ ଏଥିରେ ଦେଖିବାକୁ ମିଳିବ। ଫିଲ୍ମର ଗୀତଗୁଡ଼ିକୁ ସ୍ୱରରେ ସଜାଇଛନ୍ତି ଆଗଧାଡ଼ିର ସ୍ୱର ସଂଯୋଜକ ପ୍ରେମାନନ୍ଦ। ସଂଳାପ ରଚନା କରିଛନ୍ତି ନାଟ୍ୟକାର ବିଜୟ ଦାସ। 'ଫିଲ୍ମଟିର କାହାଣୀରେ ନୂତନତ୍ୱ ରହିଛି। କେବଳ କାହାଣୀ ନୁହେଁ, ଏହାର ସଂଳାପ, ଗୀତ ଏବଂ ଦୃଶ୍ୟାୟନ ଉପରେ ଯଥେଷ୍ଟ ନଜର ଦିଆଯାଇଛି। ଫିଲ୍ମଟି ସବୁଦୃଷ୍ଟିରୁ ଦର୍ଶକଙ୍କୁ ପ୍ରଭାବିତ କରିବ ବୋଲି କହନ୍ତି ନିର୍ଦ୍ଦେଶକ ବିରଞ୍ଚି ନାରାୟଣ ପଣ୍ଡା।


ଅଭିଷେକ ଗିରି


'ମୋ କାହାଣୀରେ ତୋରି ନାଁ' ଫିଲ୍ମରେ ଲୁବୁନ୍-ଅଙ୍କିତା


'କେମିତି ଏ ସମ୍ପର୍କ' ଫିଲ୍ମରେ ଏଲିନା-ଆକାଶ


'ଆସିକ୍ ସରେଣ୍ଡର ହେଲା' ଫିଲ୍ମରେ ସମ୍ଭବ-ଜୟା

## ପରଦାରେ

# ଏକାଥରେ ତିନି

ଚଳିତ ମାସ ୯ ତାରିଖରେ ଏକାଥରେ ତିନୋଟି ସିନେମା ପରଦା ଉପରକୁ ଆସୁଛି। ସେଗୁଡିକ ହେଲା, 'କେମିତି ଏ ସମ୍ପର୍କ', 'ଆସିକ୍ ସରେଣ୍ଡର ହେଲା' ଏବଂ 'ମୋ କାହାଣୀରେ ତୋରି ନାଁ'। ସମ୍ପର୍କର ଭିନ୍ନ ଭିନ୍ନ ରୂପକୁ ନେଇ ଗତିଶୀଳ କାହାଣୀକୁ ଆଧାରକରି ନିର୍ମିତ ହୋଇଛି ନବାଗତ ରୂପେଶ କୁମାରଙ୍କ ପ୍ରଯୋଜିତ ଏବଂ ହିମାଂଶୁ ପରିଜା (ଚଣ୍ଡୀ)ଙ୍କ ନିର୍ଦ୍ଦେଶିତ ଓଡ଼ିଆ ସିନେମା 'କେମିତି ଏ ସମ୍ପର୍କ।' ଏହି ଚିତ୍ରର ନାୟକ ସାଜିଛନ୍ତି ଆକାଶ ଦାସ ନାୟକ। ତାଙ୍କ ଅପୋଜିଟ୍‌ରେ ଅଛନ୍ତି ଦୁଇ ଜଣ ନାୟିକା-ଏଲିନା ସାମନ୍ତରାୟ ଏବଂ ଲିପ୍‌ସା ମିଶ୍ର। ଫିଲ୍ମରେ ସଂଯୋଜିତ ଗୀତଗୁଡିକୁ ସ୍ୱର ଦେଇଛନ୍ତି ଅଭିଜିତ ମଜୁମଦାର। ରୂପେଶ କୁମାରଙ୍କ କାହାଣୀକୁ ଆଧାରକରି ସଂଳାପ ରଚନା କରିଛନ୍ତି ଚିନ୍ମୟ ଦାସ ପଟ୍ଟନାୟକ। ଆକାଶ, ଏଲିନା ଏବଂ ଲିପ୍‌ସାଙ୍କ ବ୍ୟତୀତ ପ୍ରଦ୍ୟୁମ୍ନ ଲେଙ୍କା, ଅସିତ ପତି, ଜୀବନ ପଣ୍ଡା, ଉଷସୀ ମିଶ୍ର, ନମିତା ଦାସ, ଗୁଡ୍ଡୁ ପ୍ରମୁଖ କଳାକାର ଅଭିନୟ କରିଛନ୍ତି।

ଅନ୍ୟପକ୍ଷରେ ତିତ୍‌ଲି ପ୍ରଡକ୍ସନ ଏବଂ ଏଲ୍‌ଟି ପ୍ରଡକ୍ସନ ବ୍ୟାନରରେ ନିର୍ମିତ ହୋଇଛି 'ମୋ କାହାଣୀରେ ତୋରି ନାଁ'। ଏହାର ଚିତ୍ରନାଟ୍ୟ ରଚନା କରିବା ସହ ନିର୍ଦ୍ଦେଶନା ଦେଇଛନ୍ତି ଆଗଧାଡିର କୋରିଓଗ୍ରାଫର ଯୋଡି ଲୁବୁନ୍-ତୁବୁନ୍। କେବଳ ସେତିକି ନୁହେଁ, ଲୁବୁନ୍ ଚିତ୍ରଟିର ନାୟକ ସାଜିଛନ୍ତି। ଏଥିରେ ତାଙ୍କ ସହ ସ୍କ୍ରିନ୍ ଶେୟାର କରିଛନ୍ତି ଅଙ୍କିତା ଦାଶ। ଫିଲ୍ମଟିର ସହ-ପ୍ରଯୋଜନା କରିଛନ୍ତି ତିତ୍‌ଲି ମହାନ୍ତି ଏବଂ ଦେବାଶିଷ ମହାନ୍ତି। ଏହାର ପ୍ରଯୋଜନା କରିବା ସହ କାହାଣୀ ରଚନା କରିଛନ୍ତି ପ୍ରୀତିଶ ମହାନ୍ତି। ସଂଳାପ ଲେଖିଛନ୍ତି ସଞ୍ଜୟ ମହାକୁଡ଼। ଡା. ନିର୍ମଳ ନାୟକଙ୍କ ରଚିତ ଗୀତଗୁଡିକୁ ସ୍ୱର ଦେଇଛନ୍ତି ଅଭିଜିତ ମଜୁମଦାର। ଏହାର ଅନ୍ୟାନ୍ୟ ଭୂମିକାରେ ପିଣ୍ଟୁ ନନ୍ଦ, ପ୍ରିୟଙ୍କା ମହାପାତ୍ର, ସରୋଜ ଦାସ, ଧାରା ଶ୍ରାବଣୀ, ଗୁଡ୍ଡୁ, କାଳିଆ ପ୍ରମୁଖ କଳାକାରଙ୍କୁ ଦେଖିବାକୁ ମିଳିବ। ବିଶ୍ୱାସ ଏଣ୍ଟରଟେନ୍‌ମେଣ୍ଟ ବ୍ୟାନରରେ ନିର୍ମିତ ହୋଇଛି 'ଆସିକ୍ ସରେଣ୍ଡର ହେଲା।' ଏହାର ନିର୍ଦ୍ଦେଶକ ହେଉଛନ୍ତି ରାଜା ଡି। ଗୀତଗୁଡିକୁ ସ୍ୱରରେ ସଜାଇଛନ୍ତି ଆଗଧାଡିର ସଙ୍ଗୀତ ନିର୍ଦ୍ଦେଶକ ପ୍ରେମାନନ୍ଦ। ଫିଲ୍ମର ନାୟକ ସାଜିଛନ୍ତି ସମ୍ଭବ ମାନସିଂ ଏବଂ ତାଙ୍କ ସହ ନାୟିକା ଭାବରେ ସ୍କ୍ରିନ୍ ଶେୟାର କରିଛନ୍ତି ଜୟା ବିଶ୍ୱାସ। ଏମାନଙ୍କ ବ୍ୟତୀତ ଏହାର ଅନ୍ୟାନ୍ୟ ଭୂମିକାରେ ମିହିର ଦାସ, ମନୋଜ ମିଶ୍ର, ବଣ୍ଟି ଅନୁଗୁଳିଆ, ଅଶୋକ ଦାସ, ପ୍ରତିଭା ପଣ୍ଡା, ପିୟାଲି ପ୍ରମୁଖ କଳାକାରଙ୍କୁ ଦେଖିବାକୁ ମିଳିବ।

# ଆଇପିଏଲ୍‌ରେ ଫେରିବେ ପନ୍ତ

ମେଲବୋର୍ନ,୭।୨(ପି.ଟି.)

ଭାରତୀୟ କ୍ରିକେଟ ଦଳର ଷ୍ଟାର ଉଇକେଟକିପର ରିଷଭ ପନ୍ତ ଆସନ୍ତା ଆଇପିଏଲରେ ପ୍ରତ୍ୟାବର୍ତ୍ତନ କରିବେ। ଦିଲ୍ଲୀ କ୍ୟାପିଟାଲ୍ସର ମୁଖ୍ୟ କୋଚ୍ ରିକି ପଣ୍ଟିଂ ଏହି ସୂଚନା ଦେଇଛନ୍ତି। ତେବେ ପନ୍ତ କେବଳ ଜଣେ ବ୍ୟାଟର ଭାବରେ ଖେଳିବେ ବୋଲି ପଣ୍ଟିଂ ସ୍ପଷ୍ଟ କରିଛନ୍ତି। ଡିସେମ୍ବର ୨୦୨୨ରେ ଏକ ଭୟାବହ ସଡକ ଦୁର୍ଘଟଣାରେ ଗୁରୁତର ଆହତ ହୋଇଥିଲେ ପନ୍ତ। ଲିଗାମେଣ୍ଟ ରି-କନ୍‌ଷ୍ଟ୍ରକଶନ ସର୍ଜରୀ ପରେ ଦୀର୍ଘଦିନ ଧରି ସେ କ୍ରିକେଟରୁ ଦୂରେଇ ରହିଛନ୍ତି। ପଣ୍ଟିଂ ଏକ ସାକ୍ଷାତକାରରେ ଏହି ସୂଚନା ଦେବା ସହ କହିଛନ୍ତି, ପନ୍ତ ସୁସ୍ଥ ହୋଇ ଅଭ୍ୟାସ ଆରମ୍ଭ କରିଛନ୍ତି। ଏହାର ଏକାଧିକ ଭିଡିଓ ବର୍ତ୍ତମାନ ସୋସିଆଲ ମିଡିଆରେ ଦେଖିବାକୁ ମିଳୁଛି। ତେବେ ଆଇପିଏଲ୍‌କୁ ଆଉ ମାତ୍ର ୬ ସପ୍ତାହ ଥିବା ବେଳେ ପନ୍ତ କେତେ ମାତ୍ରାରେ ଉପଲବ୍ଧ ରହିବେ ତାହା କହିବା ସମ୍ଭବ ନୁହେଁ ବୋଲି ପଣ୍ଟିଂ ସ୍ପଷ୍ଟ କରିଛନ୍ତି। ପନ୍ତ ଉଇକେଟ କିପିଂ କରିବେ କି ନାହିଁ ତାହା ମଧ୍ୟ ଚୂଡ଼ାନ୍ତ ହୋଇନାହିଁ। ତେବେ ଆଇପିଏଲ୍‌ର ୧୪ ମ୍ୟାଚ୍‌ରୁ



ସେ ୧୦ ମ୍ୟାଚ୍‌ରେ ଖେଳିବା ନେଇ ଆଶା କରାଯିବ। ପନ୍ତ ଏଭଳି ଜଣେ ଖେଳାଳି ସେ ଯେତିକି ମ୍ୟାଚ୍ ଖେଳିବେ ତାହା ଆମ ପାଇଁ ବୋନସ ହେବ ବୋଲି କହିଛନ୍ତି ପଣ୍ଟିଂ। ଏହା ସହ ତାଙ୍କୁ ଜଣେ ବ୍ୟାଟର କିମ୍ବା ଇମ୍ପାକ୍ଟ ପ୍ଲେୟର ଭାବରେ ବ୍ୟବହାର ମଧ୍ୟ କରାଯାଇ ପାରିବ ବୋଲି ସେ କହିଛନ୍ତି । ଗତ ବର୍ଷ ଆମେ ପନ୍ତଙ୍କୁ ମିସ୍ କରିଥିଲୁ। ବିଗତ ୧୨-୧୩ ମାସ ତାଙ୍କ ପାଇଁ ବେଶ୍ କଷ୍ଟସାଧ୍ୟ ରହିଛି। ତେବେ ସେ ଜଣେ ଲଢୁଆ ମନୋଭାବର ବ୍ୟକ୍ତିତ୍ୱ। ଚଳିତ ଆଇପିଏଲ୍‌ରେ ସେ ଦୃଢ଼ ପ୍ରତ୍ୟାବର୍ତ୍ତନ କରିବେ ବୋଲି କହିଛନ୍ତି ପଣ୍ଟିଂ। ସେହିପରି ଯଦି ପନ୍ତ ନ ଖେଳନ୍ତି ତେବେ ଡେଭିଡ୍ ୱାର୍ନର ଦଳର ନେତୃତ୍ୱ ନେବେ ବୋଲି ପଣ୍ଟିଂ ସ୍ପଷ୍ଟ କରିଛନ୍ତି। ୱାର୍ନର ଓ ମିଚେଲ ମାର୍ଶଙ୍କ ଉପରେ ଟପ୍ ଅର୍ଡର ଭାର ରହିଥିବା ବେଳେ ହ୍ୟାରୀ ବ୍ରୁକ୍‌ଙ୍କ କାନ୍ଧରେ ଫିନିଶର ଭାର ରହିବ। ବୋଲିଂରେ କୁଲଦୀପ ଯାଦବ ଓ ଅକ୍ଷର ପଟେଲଙ୍କ ପରି ଚମତ୍କାର ସ୍ପିନର ରହିଥିବା ବେଳେ ଆନରିଚ୍ ନୋର୍ଜେ ଓ ଝାଏ ରିଚାର୍ଡସନଙ୍କ ଉପସ୍ଥିତି ଦଳକୁ ଶକ୍ତିଶାଳୀ କରିବ। ୨୦୨୨ରେ କ୍ୟାପିଟାଲ୍ସ ପଞ୍ଚମ ସ୍ଥାନରେ ରହିଥିବା ବେଳେ ବିଗତ ସଂସ୍କରଣରେ ନବମ ସ୍ଥାନରେ ରହିଥିଲା।



କଳିଙ୍ଗ ଷ୍ଟାଡିୟମରେ ଚାଲିଥିବା ଏଫ୍‌ଆଇଏଚ୍ ମହିଳା ହକି ପ୍ରୋ ଲିଗ୍‌ରେ ବୁଧବାର ଅନୁଷ୍ଠିତ ଭାରତ-ଅଷ୍ଟ୍ରେଲିଆ ମ୍ୟାଚର ଏକ ସଂଘର୍ଷପୂର୍ଣ୍ଣ ମୁହୂର୍ତ୍ତ। (ଫଟୋ: ବିକାଶ ନାୟକ)

# କ୍ୱାର୍ଟରରେ ୩ ଭାରତୀୟ

ସୋଫିଆ,୭।୨(ପି.ଟି.)

ବୁଧବାର ଆରମ୍ଭ ହୋଇଥିବା ୭୫ତମ ଷ୍ଟ୍ରାଣ୍ଡଜା ମେମୋରିଆଲ ବକ୍ସିଂରେ ଭାରତୀୟ ବକ୍ସରଙ୍କ ଦମଦାର ପ୍ରଦର୍ଶନ ଜାରି ରହିଛି। ରାଜ୍ୟଗୋଷ୍ଠୀ ସ୍ୱର୍ଣ୍ଣ ପଦକ ବିଜେତା ଅମିତ ପଙ୍ଘାଲଙ୍କ ସମେତ ଆକାଶ ଓ ଅଭିମନ୍ୟୁ ଲୌରା କ୍ୱାର୍ଟର ଫାଇନାଲରେ ପ୍ରବେଶ କରିଛନ୍ତି। ୫୧ କିଗ୍ରା ଓଜନ ବର୍ଗରେ ଅମିତ ପଙ୍ଘାଲ ୫-୦ରେ ରୁଡିକ୍ ମାକସିମ୍‌ଙ୍କୁ ପରାସ୍ତ କରିଥିଲେ। ଅମିତ୍ ନିଜ ରକ୍ଷଣାତ୍ମକ ଟେକ୍‌ନିକ୍‌ରେ ୟୁକ୍ରେନର ରୁଡିକଙ୍କୁ ମାତ ଦେଇଥିଲେ। ୭୧ କିଗ୍ରା ଓଜନ ବର୍ଗରେ ଆକାଶ ଫ୍ରାନ୍ସର ଟ୍ରାଓରେ ମକାନଙ୍କୁ ୩-୧ରେ ପରାସ୍ତ କରିଥିଲେ। ୮୦ କିଗ୍ରା ଓଜନ ବର୍ଗରେ ଅଭିମନ୍ୟୁ ଚମତ୍କାର ପ୍ରଦର୍ଶନ କରିବା ସହ ପ୍ରାଧାନ୍ୟ ବିସ୍ତାର କରି ଖେଳିଥିଲେ।

# ଭାରତର କ୍ରମାଗତ ତୃତୀୟ ପରାଜୟ

ଭୁବନେଶ୍ୱର, ୭।୨
(ତପନ ସ୍ୱାଇଁ)

କଳିଙ୍ଗ ଷ୍ଟାଡିୟମରେ ଚାଲିଥିବା ଏଫ୍‌ଆଇଏଚ୍ ମହିଳା ହକି ପ୍ରୋ ଲିଗ୍‌ରେ ଭାରତର ଲଜ୍ଜାଜନକ ପ୍ରଦର୍ଶନ ଅବ୍ୟାହତ ରହିଛି। କ୍ରମାଗତ ୩ ମ୍ୟାଚ ହାରି ଘରୋଇ ଦଳ ପରାଜୟରେ ହ୍ୟାଟ୍ରିକ କରିଛି। ଫଳରେ ୯ ଦଳ ବିଶିଷ୍ଟ ପଏଣ୍ଟ ଟେବୁଲରେ ୮ ନମ୍ବର ସ୍ଥାନରେ ରହିଛି। ପ୍ରଥମ ଦୁଇ ମ୍ୟାଚରେ ଯଥାକ୍ରମେ ଚାଇନାଠାରୁ ୧-୨ ଓ ନେଦରଲାଣ୍ଡଠାରୁ ୧-୩ରେ ହାରିଥିବା ଭାରତୀୟ ଦଳ ବୁଧବାର ତୃତୀୟ ଗେମ୍‌ରେ ଅଷ୍ଟ୍ରେଲିଆଠାରୁ ୦-୩ ଗୋଲରେ ପରାଜିତ ହୋଇଛି। ପେନାଲ୍ଟି କର୍ନରକୁ ଗୋଲରେ ପରିଣତ କରି ନ ପାରିବାର ବିଫଳତା, ଆକ୍ରମଣାତ୍ମକ ମନୋଭାବର ଅଭାବ ଦଳପାଇଁ ମହଙ୍ଗା ପଡ଼ିଛି। କୋଚ୍ ଜାନେକ ସ୍କୁପମାନ ଖେଳାଳିଙ୍କ ମନରେ ଆତ୍ମବିଶ୍ୱାସ ସୃଷ୍ଟି କରିବାରେ ବିଫଳ ହୋଇଥିବା ମଧ୍ୟ ଅନୁଭବ ହୋଇଛି। ଫଳରେ ୩ଟି ଯାକ ଗେମ୍‌ରେ ପ୍ରତିପକ୍ଷ ଦଳଠାରୁ ନିକୃଷ୍ଟ ପ୍ରଦର୍ଶନ କରି ପଛରେ ପଡ଼ି ଯାଇଛି। ଅଷ୍ଟ୍ରେଲିଆ ପକ୍ଷରୁ ଷ୍ଟିୱାର୍ଟ ଗ୍ରେସ୍ ୧୯ତମ ମିନିଟରେ ଫିଲ୍ଡ ଗୋଲ ଦେଇଥିବାବେଳେ ୨୩ତମ ମିନିଟରେ ଷ୍ଟିୱାର୍ଟ ଟାଟୁମ ପେନାଲ୍ଟି କର୍ନରରୁ ଦ୍ୱିତୀୟ ଗୋଲଟି ସ୍କୋର କରିଥିଲେ। ୫୫ତମ ମିନିଟରେ ଫିଲ୍ଡ ଗୋଲ ମାଧ୍ୟମରେ ଏହାକୁ ୩-୦ରେ ପରିଣତ କରିଥିଲେ ନବ୍ସ କେଟଲିନ। ଭାରତ ୫ଟି ପେନାଲ୍ଟି କର୍ନର ପାଇଥିଲେ ହେଁ ଏଥିରୁ ଗୋଟିଏ ହେଲେ ଗୋଲ ଦେଇପାରି ନ ଥିଲା। ଅଣଖେଳୁଆଡ଼ ମନୋଭାବ ପାଇଁ ଭାରତର ସାଲିମା ଟେଟେ ଓ ସଙ୍ଗୀତା କୁମାରୀ ଗ୍ରୀନ୍ କାର୍ଡ ପାଇଥିଲେ। ସେହିପରି ଅଷ୍ଟ୍ରେଲିଆର ଆମି ଲଟନ ଓ କେରଶ ଷ୍ଟିଫାନିଙ୍କୁ ଗ୍ରୀନ୍ ଏବଂ ଶାଣ୍ଡ ହାଟି ଓ ଡେଲ ଡୋଲକେନ୍ସଙ୍କୁ ୟେଲୋ କାର୍ଡ ଦେଇଥିଲେ ଅମ୍ପାୟର। କଳିଙ୍ଗରେ ଭାରତ ଏହାର ଶେଷ ଲିଗ୍‌ମ୍ୟାଚ ୯ ତାରିଖରେ ଆମେରିକା ବିପକ୍ଷରେ ଖେଳିବ।

# ଆମେରିକାକୁ ହରାଇଲା ଚାଇନା

**ଏଫ୍‌ଆଇଏଚ୍ ମହିଳା ହକି ପ୍ରୋ ଲିଗ୍**

ଭୁବନେଶ୍ୱର, ୭।୨ (ତପନ ସ୍ୱାଇଁ)

କଳିଙ୍ଗ ଷ୍ଟାଡିୟମରେ ଚାଲିଥିବା ଏଫ୍‌ଆଇଏଚ୍ ମହିଳା ହକି ପ୍ରୋ ଲିଗ୍‌ରେ ବୁଧବାର ଚାଇନା ୩-୧ ଗୋଲରେ ଆମେରିକାକୁ ପରାସ୍ତ କରିଛି। ଚଳିତ ଲିଗ୍‌ରେ ଚାଇନାର ଏହାଥିଲା ୪ ମ୍ୟାଚରୁ ତୃତୀୟ ବିଜୟ। ଏଥିସହ ଦଳ ଏହାର ଭୁବନେଶ୍ୱର ଚରଣ ଶେଷ କରିଛି। ଭାରତକୁ ୨-୧ ଗୋଲରେ ହରାଇ ଅଭିଯାନ ଆରମ୍ଭ କରିଥିବା ଚାଇନା ପରବର୍ତ୍ତୀ ମ୍ୟାଚରେ ଅଷ୍ଟ୍ରେଲିଆକୁ ୩-୦ରେ ପରାସ୍ତ କରିଥିଲା। ପରବର୍ତ୍ତୀ ମ୍ୟାଚରେ ଦଳ ନେଦରଲାଣ୍ଡଠାରୁ ୧-୩ ଗୋଲରେ ପରାଜିତ ହୋଇଥିବାବେଳେ ଏବେ ଆମେରିକାକୁ ହରାଇ ସଫଳ ପ୍ରତ୍ୟାବର୍ତ୍ତନ କରିଛି। ଚାଇନା ୯ ପଏଣ୍ଟ ସହିତ ଟେବୁଲର ଦ୍ୱିତୀୟ ସ୍ଥାନରେ ରହିଛି। ବୁଧବାର ମ୍ୟାଚରେ ଚାଇନା ପକ୍ଷରୁ ଜୋଉ ମେରଙ୍ଗ ୮ମ ମିନିଟରେ ଗୋଟିଏ ଏବଂ ଡାନ୍ ୱେଙ୍ଗ୍ ୨୬ ଓ ୪୭ତମ ମିନିଟରେ ୨ଟି ଫିଲ୍ଡ ଗୋଲ ଦେଇଥିଲେ। ଆମେରିକା ପକ୍ଷରୁ ସୁମଫେଷ୍ଟ ଜ୍ୟାକଲିନ୍ ୫୮ତମ ମିନିଟରେ ଗୋଟିଏ ଗୋଲ ପରିଶୋଧ କରିଥିଲେ।

ମ୍ୟାଚର ୪ଟି ଯାକ କ୍ୱାର୍ଟରରେ ଚାଇନା ପ୍ରାଧାନ୍ୟ ବିସ୍ତାର କରି ଖେଳିଥିଲା। ଟୁର୍ନାମେଣ୍ଟରେ ଏପର୍ଯ୍ୟନ୍ତ ଆକ୍ରମଣାତ୍ମକ ରଣନୀତିରେ ଖେଳି ଆସିଥିବା ଏହି ଦଳ ଏଠାରେ ମଧ୍ୟ ସମାନ ଯୋଜନାରେ ସଫଳ ହୋଇଥିଲା। ପ୍ରଥମ କ୍ୱାର୍ଟରରେ ମେରଙ୍ଗଙ୍କ ଗୋଲ ଆମେରିକା ଉପରେ ଚାପ ପ୍ରୟୋଗ କରିଥିଲା। ଦ୍ୱିତୀୟ କ୍ୱାର୍ଟରରେ ମଧ୍ୟ ଅନୁରୂପ ଅବସ୍ଥା। ୨୬ତମ ମିନିଟରେ ୱେଙ୍ଗ୍ ନିଜ ପ୍ରଥମ ଗୋଲ ଦେଇ ପ୍ରଥମାର୍ଦ୍ଧ ଶେଷ ବେଳକୁ ଚାଇନାର ଅଗ୍ରଣୀ ବ୍ୟବଧାନକୁ ୨-୦ରେ ପହଞ୍ଚାଇ ଦେଇଥିଲେ। ତୃତୀୟ କ୍ୱାର୍ଟରରେ ଗୋଲ ହୋଇ ନ ଥିବାବେଳେ ୪ର୍ଥ ତଥା ଅନ୍ତିମ କ୍ୱାର୍ଟରରେ ଗୋଲ ପରିଶୋଧ ପାଇଁ ଆମେରିକା ଭରପୂର ପ୍ରୟାସ କରିଥିଲା। ତେବେ ୪୭ତମ ମିନିଟରେ ୱେଙ୍ଗଙ୍କ ବ୍ୟକ୍ତିଗତ ଦ୍ୱିତୀୟ ଗୋଲ ଚାଇନାକୁ ଡ୍ରାଇଭର ଶିଟ୍‌ରେ ବସାଇ ଦେଇଥିଲା। କେବଳ ଏହି କ୍ୱାର୍ଟରରେ ଆମେରିକା ୭ଟି ପେନାଲ୍ଟି କର୍ନର ପାଇଥିଲା। ତେବେ ଏଥିରୁ ଗୋଟିଏକୁ କେବଳ ଗୋଲରେ ପରିଣତ କରି ପାରିଥିଲା। ଓଭରଅଲ୍ ଦେଖିବାକୁ ଗଲେ ପୂରା ମ୍ୟାଚରେ ଚାଇନା ୫ଟି ଓ ଆମେରିକା ୧୦ଟି ପେନାଲ୍ଟି କର୍ନର ପାଇଥିଲା। ମାତ୍ର ଚାଇନାର କୌଶଳ ଆଗରେ ଆମେରିକା ହାର ମାନିବାକୁ ବାଧ୍ୟ ହୋଇଥିଲା।



ଚାଇନା ଓ ଆମେରିକା ମଧ୍ୟରେ ଅନୁଷ୍ଠିତ ମ୍ୟାଚ।

# ଟେଷ୍ଟ ନଂ.୧ ହେବାରେ ପ୍ରଥମ ଭାରତୀୟ ପେସର

## ଇତିହାସ ରଚିଲେ ବୁମ୍‌ରା

ଦୁବାଇ,୭।୨(ପି.ଟି.)

ଭାରତୀୟ ପେସ୍ ବୋଲର ଯଶପ୍ରୀତ୍ ବୁମ୍‌ରା ବୁଧବାର ଆଇସିସି ଟେଷ୍ଟ ର୍‍ୟାଙ୍କିଙ୍ଗ୍‌ରେ ଏକନମ୍ବର ସ୍ଥାନ ହାସଲ କରିଛନ୍ତି। ରବିଚନ୍ଦ୍ରନ ଅଶ୍ୱିନଙ୍କୁ ହଟାଇ ସେ ଏକ ନମ୍ବର ହୋଇଥିବା ବେଳେ ପ୍ରଥମ ଭାରତୀୟ ପେସ୍ ବୋଲର ଭାବେ ଏଭଳି କୀର୍ତ୍ତିମାନ ହାସଲ କରିଛନ୍ତି। ବିଶାଖାପାଟଣାରେ ଖେଳାଯାଇଥିବା ଇଂଲଣ୍ଡ ବିପକ୍ଷ ଦ୍ୱିତୀୟ ଟେଷ୍ଟରେ ଚମତ୍କାର ପ୍ରଦର୍ଶନ କରିଥିଲେ ବୁମ୍‌ରା। ୩୦ ବର୍ଷୀୟ ବୁମ୍‌ରା ଚମତ୍କାର ବୋଲିଂ କରି ୯ ଉଇକେଟ ନେଇଥିବା ବେଳେ ତାଙ୍କୁ ପ୍ଲେୟର ଅଫ୍ ଦ ମ୍ୟାଚ୍ ଘୋଷଣା କରାଯାଇଥିଲା। ଏହା ସହ ଚତୁର୍ଥ ଭାରତୀୟ ବୋଲର ଭାବରେ ସେ ଟେଷ୍ଟରେ ଏକ ନମ୍ବର ସ୍ଥାନ ହାସଲ କରିଛନ୍ତି। ପୂର୍ବରୁ ରବୀନ୍ଦ୍ର ଜାଡେଜା, ରବିଚନ୍ଦ୍ରନ ଅଶ୍ୱିନ ଓ ବିଶନ୍ ସିଂ ବେଦୀ ଏକ ନମ୍ବର ସ୍ଥାନ ହାସଲ କରିବାରେ ସମର୍ଥ ହୋଇଥିଲେ। ଦୀର୍ଘ ୧୧ ମାସ ପରେ ଅଶ୍ୱିନ ଏକ ନମ୍ବର ସ୍ଥାନ ହରାଇଛନ୍ତି। ବୁମ୍‌ରା ବର୍ତ୍ତମାନ ୮୮୧ ରେଟିଂ ପଏଣ୍ଟ ହାସଲ



କରିଛନ୍ତି। ପୂର୍ବରୁ ଅଶ୍ୱିନ(୯୦୪) ଓ ଜାଡେଜା(୮୯୯) ତାଙ୍କଠାରୁ ଅଧିକ ପଏଣ୍ଟ ହାସଲ କରିବାରେ ସମର୍ଥ ହୋଇଛନ୍ତି। ସେହିପରି ବୁମ୍‌ରା-ଅଶ୍ୱିନ ବର୍ତ୍ତମାନ ପ୍ରଥମ ଦୁଇ ସ୍ଥାନରେ ରହିଥିବା ବେଳେ ମାର୍ଚ୍ଚ ୨୦୧୭ରେ ଅଶ୍ୱିନ-ଜାଡେଜା ମଧ୍ୟ ପ୍ରଥମ ଦୁଇ ସ୍ଥାନରେ ରହିଥିଲେ।

ଭାରତୀୟ ବ୍ୟାଟରଙ୍କ ମଧ୍ୟରେ ଯଶସ୍ୱୀ ଜୟସ୍ୱାଲ ୩୭ ସ୍ଥାନ ଉପରକୁ ଉଠି ୨୯ତମ ସ୍ଥାନରେ ପହଞ୍ଚିଛନ୍ତି। ଜୟସ୍ୱାଲ ବିଶାଖାପାଟଣାରେ କ୍ୟାରିୟରର ପ୍ରଥମ ଦ୍ୱିଶତକ ହାସଲ କରିଥିଲେ। ସେହିପରି ଦ୍ୱିତୀୟ ଇନିଂସରେ ଶତକ ହାସଲ କରିଥିବା ଶୁବମନ ଗିଲ୍ ୧୪ ସ୍ଥାନ ଉପରକୁ ଉଠି କ୍ୟାରିୟରର ଶ୍ରେଷ୍ଠ ୩୮ ତମ ସ୍ଥାନରେ ପହଞ୍ଚିଛନ୍ତି। ଇଂଲଣ୍ଡ ଓପନର ଜ୍ୟାକ୍ କ୍ରଲି ୭୬ ଓ ୭୩ ରନ୍‌ର ଇନିଂସ ଖେଳିଥିବା ବେଳେ ୮ ସ୍ଥାନ ଉଠି ୨୨ରେ ପହଞ୍ଚିଛନ୍ତି। ଯୁବ ଲେଗ୍ ସ୍ପିନର ରେହାନ୍ ଅହମଦ ୧୪ ସ୍ଥାନ ଉଠି ୭୦ତମ ସ୍ଥାନରେ ପହଞ୍ଚିଛନ୍ତି।

# ଓଲ୍ଡ ଷ୍ଟିୱାର୍ଟ, ଦିଲ୍ଲୀ ପବ୍ଲିକ ସ୍କୁଲ, କେମ୍ବ୍ରିଜ ବିଜୟୀ

**କଟକ, ୭।୨ (କାର୍ତ୍ତିକ ସାହୁ):** ଓଡ଼ିଶା କ୍ରିକେଟ ଆସୋସିଏଶନ (ଓସିଏ) ପକ୍ଷରୁ ଆୟୋଜିତ ଅନ୍ତଃ ବିଦ୍ୟାଳୟ କ୍ରିକେଟ ଟୁର୍ନାମେଣ୍ଟର ବୁଧବାର ପ୍ରଥମ ଦିବସରେ ଅନୁଷ୍ଠିତ ୩ଟି ମ୍ୟାଚ୍‌ରେ ଓଲ୍ଡ ଷ୍ଟିୱାର୍ଟ ସ୍କୁଲ, ଦିଲ୍ଲୀ ପବ୍ଲିକ ସ୍କୁଲ ଓ କେମ୍ବ୍ରିଜ ସ୍କୁଲ ବିଜୟୀ ହୋଇଛନ୍ତି। ସନ୍‌ସାଇନ ପଡ଼ିଆରେ ଅନୁଷ୍ଠିତ ମ୍ୟାଚ୍‌ରେ ଓଲ୍ଡ ଷ୍ଟିୱାର୍ଟ ସ୍କୁଲ ୨୦୫ ରନ୍‌ରେ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରକୁ ହରାଇଛି। ଓଲ୍ଡ ଷ୍ଟିୱାର୍ଟ ଟସ୍ ଜିତି ୪୦ ଓଭରରେ ୯ ଉଇକେଟ ହରାଇ ୨୭୫ ରନ୍ କରିଥିଲା। ଜବାବରେ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ୨୦.୫ ଓଭରରେ ସମସ୍ତ ଉଇକେଟ ହରାଇ ମାତ୍ର ୭୦ ରନ୍ କରିଥିଲା। ଏହି ମ୍ୟାଚ୍‌ରେ ଓଲ୍ଡ ଷ୍ଟିୱାର୍ଟ ସ୍କୁଲର ଛାତ୍ର ପ୍ରୟାଗ କୁମାର ବେହେରା ଚମତ୍କାର ବ୍ୟାଟିଂ ପ୍ରଦର୍ଶନ କରି ସମସ୍ତଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ପ୍ରୟାଗ ୧୨୩ଟି ବଲ୍‌ରୁ ୨୬ଟି ଚୌକା ଓ ଗୋଟିଏ ଛକା ସହାୟତାରେ ବ୍ୟକ୍ତିଗତ ୧୩୫ ରନ୍ କରି



ପ୍ରୟାଗ କୁମାର ବେହେରା

ଅପରାଜିତ ରହିଥିଲେ। ସେହିପରି ନିମପୁର କ୍ରିକେଟ ପଡ଼ିଆରେ ଅନୁଷ୍ଠିତ ମ୍ୟାଚ୍‌ରେ ଦିଲ୍ଲୀ ପବ୍ଲିକ ସ୍କୁଲ ୫ ଉଇକେଟ୍‌ରେ ଡି. କମ୍ପାଇନ ସ୍କୁଲକୁ ହରାଇଛି। ଦିଲ୍ଲୀ ପବ୍ଲିକ ସ୍କୁଲ ଟସ ଜିତି ଫିଲ୍ଡିଂ ନିଷ୍ପତ୍ତି ନେଇଥିଲା। ଡି' କମ୍ପାଇନ ସ୍କୁଲ ୩୨.୪ ଓଭରରେ ସମସ୍ତ ଉଇକେଟ ହରାଇ ୧୦୬ ରନ କରିଥିଲା। ଜବାବରେ ଦିଲ୍ଲୀ ପବ୍ଲିକ ସ୍କୁଲ ୨୨.୩ ଓଭରରେ ୫ ଉଇକେଟ ହରାଇ ୧୦୭ ରନ କରି ବିଜୟୀ ହୋଇଥିଲା। ବିଡ଼ାନାସୀ ଖେଳ ପଡ଼ିଆରେ ଅନୁଷ୍ଠିତ ମ୍ୟାଚ୍‌ରେ କେମ୍ବ୍ରିଜ ସ୍କୁଲ ୧୩୮ ରନ୍‌ରେ ପ୍ୟାରୀମୋହନ ଏକାଡେମିକୁ ପରାସ୍ତ କରିଛି। କେମ୍ବ୍ରିଜ ସ୍କୁଲ ଟସ ଜିତି ୩୫ ଓଭରରେ ୭ ଉଇକେଟ ହରାଇ ୨୩୨ ରନ କରିଥିଲା। ଜବାବରେ ପ୍ୟାରୀମୋହନ ଏକାଡେମି ୧୬.୪ ଓଭରରେ ସମସ୍ତ ଉଇକେଟ ହରାଇ ୯୪ ରନ କରିଥିଲା। ମହମ୍ମଦ ଅହେତେସମ ୭୦ ରନ, ପୁଲକିତ ଶର୍ମା ୬୩ ରନ କରିଥିଲେ।

# ପୁରୀରେ ରାଜ୍ୟସ୍ତରୀୟ ଖୋଖୋ ଉଦ୍‌ଘାଟିତ

ପୁରୀ ୭।୨ ( ଅଜିତ୍ ମହାନ୍ତି)

ପୁରୀ ଜିଲା ସ୍କୁଲ ପରିସରରେ ବୁଧବାରଠାରୁ ରାଜ୍ୟ ସ୍ତରୀୟ ନୂଆ ଓ ଖୋଖୋ ପ୍ରତିଯୋଗିତା ଆରମ୍ଭ ହୋଇଛି। ରାଜ୍ୟ କ୍ରୀଡ଼ା ନିର୍ଦ୍ଦେଶକ ସିଦ୍ଧାର୍ଥ ଦାସ ପ୍ରତିଯୋଗିତାକୁ ଉଦ୍‌ଘାଟନ କରିଛନ୍ତି। ''ପିଲାମାନଙ୍କ କ୍ରୀଡା ପ୍ରତିଭାର ବିକାଶ ପାଇଁ ରାଜ୍ୟ ସରକାରଙ୍କ ପକ୍ଷରୁ ବିଭନ୍ନ ପଦକ୍ଷପ ନିଆଯାଉଥିବା ବେଳ ନୂଆ ଓ କାର୍ଯ୍ୟକ୍ରମ ଅଧିକ ସହାୟକ ହେଉଛି। ଏହି କାର୍ଯ୍ୟକ୍ରମଦ୍ୱାରା ପିଲା ମାନଙ୍କ ଲୁକ୍କାୟିତ ପ୍ରତିଭାକୁ ପରିପ୍ରକାଶ କରା ଯାଇପାରୁଛି'' ବୋଲି ସିଦ୍ଧାର୍ଥ ପ୍ରକାଶ କରିଛନ୍ତି। ସମ୍ମାନିତ ଅତିଥି ଭାବରେ ଅତିରିକ୍ତ ଜିଲାପାଳ (ପ୍ରଶାସନ) ପ୍ରଦୀପ କୁମାର ସାହୁ ଯୋଗ ଦେଇଥିଲେ। ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ସନ୍ତୋଷ କୁମାର ସେଠୀ ଅଧ୍ୟକ୍ଷତା କରିଥିଲେ। ଜିଲା କ୍ରୀଡା ଅଧିକାରୀ ଚନ୍ଦନ କୁମାର ସାହୁ ସମସ୍ତଙ୍କୁ ସ୍ୱାଗତ କରିବା ସହ ପ୍ରତିଯୋଗିତାର ଆୟୋଜନ ସମ୍ପର୍କରେ ସୂଚନା ଦେଇଥିଲେ। ରାଜ୍ୟ ଖୋଖୋ ସଂଘର ସମ୍ପାଦକ ପ୍ରଦ୍ୟୁମ୍ନ ମିଶ୍ର ଅନ୍ୟତମ ଅତିଥିଭାବେ ଯୋଗ ଦେଇଥିଲେ। ଶେଷରେ କ୍ରୀଡା ବିଭାଗର ବରିଷ୍ଠ ପରାମର୍ଶଦାତା ପ୍ରବୀର ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ।

ପ୍ରକାଶ ଯୋଗ୍ୟ ଯେ, ପୂର୍ବରୁ ନୂଆ ଓ କାର୍ଯ୍ୟକ୍ରମ ମାଧ୍ୟମରେ ରାଜ୍ୟର ୩୧୪ ବ୍ଲକରେ ଖୋଖୋ ପ୍ରତିଯୋଗିତା ଅନୁଷ୍ଠିତ ହୋଇ ଶ୍ରେଷ୍ଠ ଖେଳାଳିଙ୍କୁ ନେଇ ଜିଲାସ୍ତରୀୟ ପ୍ରତିଯୋଗିତା ହୋଇଥିଲା। ଏବେ ଜିଲା ସ୍ତରର ଶ୍ରେଷ୍ଠ ଦଳଗୁଡ଼ିକୁ ନେଇ ରାଜ୍ୟସ୍ତରୀୟ ପ୍ରତିଯୋଗିତା ଆରମ୍ଭ ହୋଇଛି। ଉକ୍ତ ପ୍ରତିଯୋଗିତାରେ ୩୦ଟି ଲେଖାଏ ମହିଳା ଓ ପୁରୁଷ ଦଳ ଅଂଶ ଗ୍ରହଣ କରିଛନ୍ତି। ପ୍ରତିଯୋଗିତା ଆସନ୍ତା ୧୦ ତାରିଖ ପର୍ଯ୍ୟନ୍ତ ଚାଲିବ। ଏହି ପ୍ରତିଯୋଗିତାର ଉଭୟ ପୁରୁଷ ଓ ମହିଳା ବର୍ଗରେ ପ୍ରଥମ ସ୍ଥାନ ଅଧିକାର କରିବାକୁ ଥିବା ଦଳକୁ ୨ଲକ୍ଷ, ଦ୍ୱିତୀୟ ଦଳକୁ ୧ ଲକ୍ଷ, ତୃତୀୟ ଏବଂ ଚତୁର୍ଥ ଦଳ ଙ୍କୁ ୫୦ ହଜାର ଟଙ୍କା ଓ ଶ୍ରେଷ୍ଠ ଖେଳାଳିଙ୍କୁ ୧୦ ହଜାର ଟଙ୍କା ଲେଖାଏ ପ୍ରଦାନ କରାଯିବ ବୋଲି ଜିଲା କ୍ରୀଡା ଅଧିକାରୀ ସୂଚନା ଦେଇଛନ୍ତି। ପ୍ରତିଯୋଗିତାର ପ୍ରଥମ ଦିନ ପୁରୁଷ ବର୍ଗରେ କେନ୍ଦୁଝର, ମୟୂରଭଞ୍ଜ, ନବରଙ୍ଗପୁର, ଗଞ୍ଜାମ, ଅନୁଗୋଳ, ଯାଜପୁର, ଗଜପତି, ଝାରସୁଗୁଡା, ବଲାଙ୍ଗୀର ଓ ଢେଙ୍କାନାଳ ଜିଲା ବିଜୟୀ ହୋଇଛି। ସେହିପରି ମହିଳା ବର୍ଗରେ ଅନୁଗୋଳ, ରାୟଗଡ଼ା, ଢେଙ୍କାନାଳ, ମାଲକାନଗିରି, ନୟାଗଡ଼, କନ୍ଧମାଳ, ସମ୍ବଲପୁର, ବରଗଡ଼, ବାଲେଶ୍ୱର ଓ ଗଞ୍ଜାମ ଜିଲା ବିଜୟୀ ହୋଇଛି।



ପୁରୀରେ ବୁଧବାର ନୂଆ ଓ ରାଜ୍ୟସ୍ତରୀୟ ଖୋ ଖୋ ଉଦ୍‌ଘାଟନ ଅବସରରେ ଖେଳାଳିଙ୍କ ସହ ଅତିଥିମାନେ।

# ପିତାଙ୍କ ବିଶ୍ୱାସର ବିଜୟ

ନୂଆଦିଲ୍ଲୀ,୭।୨(ପି.ଟି.)

ମା' ଥିଲେ ପୋଲିସ୍ ଅଫିସର। ଶୃଙ୍ଖଳାକୁ ସେ ସର୍ବଦା ଗୁରୁତ୍ୱ ଦେଉଥିବା ବେଳେ ପୁଅର କ୍ରିକେଟ ଖେଳିବା ତାଙ୍କୁ ପସନ୍ଦ ନ ଥିଲା। ତେବେ ପିତା କିନ୍ତୁ ଏହାର ସମର୍ଥନରେ ଥିଲେ। ୨୨ ୟାର୍ଡର ଷ୍ଟ୍ରିପ୍ ମଧ୍ୟରେ ପୁଅ ସଫଳ ହେବା ନେଇ ତାଙ୍କର ରହିଥିଲା ଦୃଢ଼ ବିଶ୍ୱାସ। ତେବେ ୧୯ ବର୍ଷର କ୍ରିକେଟର ଜଣଙ୍କ କେବଳ ପିତାଙ୍କ ବିଶ୍ୱାସକୁ ନୁହେଁ ବରଂ ବିଶ୍ୱ ବକ୍ଷରେ ୧୪୦ କୋଟି ଭାରତୀୟଙ୍କ ଟେକ ରଖିଛି। ଦକ୍ଷିଣ ଆଫ୍ରିକାରେ ଅନୁଷ୍ଠିତ ୧୯ ବର୍ଷରୁ କମ୍ କ୍ରିକେଟ ବିଶ୍ୱକପରେ ଭାରତକୁ ଫାଇନାଲରେ ପହଞ୍ଚାଇବା ସହ ୧୪୦ କୋଟି ଭାରତୀୟଙ୍କ ହୃଦୟରେ ସ୍ଥାନ ହାସଲ କରିଥିବା ଏହି କ୍ରିକେଟର ଜଣଙ୍କ ହେଉଛନ୍ତି ୧୯ ବର୍ଷୀୟ ସଚିନ୍ ଧାସ୍। ମହାରାଷ୍ଟ୍ରର ବିଡ୍ ଜିଲାରେ ସଚିନ୍‌ଙ୍କ ଜନ୍ମ। କିମ୍ବଦନ୍ତୀ କ୍ରିକେଟର ସଚିନ୍ ତେନ୍ଦୁଲକରଙ୍କ ନାମରେ ତାଙ୍କ ନାମ ମଧ୍ୟ ରଖାଯାଇଥିଲା। ବିଶ୍ୱକପ ସେମି ଫାଇନାଲରେ ମଙ୍ଗଳବାର ୯୬ ରନ୍‌ର ଇନିଂସ ଖେଳିବା ସହ ଏହି ନାମର ଯଥାର୍ଥତା ଦର୍ଶାଇଛନ୍ତି। ଅଧିନାୟକ ଉଦୟ ଶାହରନଙ୍କ ସହ ମିଶି ସେ ଭାରତକୁ ଜିତାଇବା ସହିତ କ୍ରମାଗତ ପଞ୍ଚମ ସଂସ୍କରଣର ଫାଇନାଲକୁ ନେଇଥିଲେ। ଚଳିତ ବିଶ୍ୱକପରେ ସେ ଅଦ୍ୟାବଧି ୨୯୪ ରନ୍‌ସଂଗ୍ରହ କରିଥିବା ବେଳେ ତାଙ୍କର ଷ୍ଟ୍ରାଇକ୍‌ରେଟ୍ ୧୦୦ ଉପରେ ରହିଛି।

ତେବେ ସଚିନଙ୍କ କ୍ରିକେଟ ଯାତ୍ରା ଏତେଟା ସହଜ ରହିନାହିଁ। ବିଡ୍ ଏକ ଛୋଟ ସ୍ଥାନ ହୋଇଥିବା ବେଳେ କ୍ରିକେଟ ଖେଳିବା ପାଇଁ ଆବଶ୍ୟକୀୟ ସୁବିଧାର ଅଭାବ ରହିଛି। ସାଢେ ୪ ବର୍ଷର ହୋଇଥିବା ବେଳେ ଏହି ସ୍ଥାନକୁ ଆସିଥିଲେ ଆଉ କ୍ରିକେଟ ଖେଳିବା ଆରମ୍ଭ କରିଥିଲେ। ବିଡ୍‌ରେ ୨୨ ୟାର୍ଡର ପିଚ୍ ନ ଥିବା ବେଳେ ୧୧ ୟାର୍ଡର ପିଚ୍‌ରେ ତାଙ୍କୁ ଅଭ୍ୟାସ କରିବାକୁ ପଡିଥିଲା। ସ୍ଥାନୀୟ ଅଞ୍ଚଳର କୋଚ୍ ଶେଖ୍ ଆଝାରଙ୍କ ଅଧୀନରେ ଅଭ୍ୟାସ କରିଥିଲେ। ବିଡ୍‌ର ଟର୍ଫ ଉଇକେଟରେ ଅଭ୍ୟାସ କରିଥିଲେ ହେଁ ବର୍ତ୍ତମାନ ଦେଶର କ୍ରିକେଟିଂ ଭବିଷ୍ୟତ ଭାବରେ ଗଣା ହେଉଛନ୍ତି।୨୦୦୫ରେ ଜନ୍ମ ହୋଇଥିବା ସଚିନ୍ ଭାରତୀୟ କ୍ରିକେଟର ବିରାଟ କୋହଲିଙ୍କ ଜଣେ ବଡ ପ୍ରଶଂସକ ବୋଲି କହିଛନ୍ତି ତାଙ୍କ ପିତା ସଞ୍ଜୟ ଧାସ୍। କ୍ରିକେଟରେ ନିଜର ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିବା ପାଇଁ ସଚିନଙ୍କୁ ଅନେକ ତ୍ୟାଗ କରିବାକୁ ପଡିଛି। ସଚିନଙ୍କର ଅନ୍ୟ କେହି ସାଙ୍ଗ ନ ଥିବା ବେଳେ ମୁଁ ତାଙ୍କର ଏକମାତ୍ର ବନ୍ଧୁ ବୋଲି କହିଛନ୍ତି ସଞ୍ଜୟ। ଏପରିକି ବିଗତ କିଛି ବର୍ଷ ମଧ୍ୟରେ ସଚିନ୍ କୌଣସି ବାହାଘର ବା ଜନ୍ମଦିନ ପାର୍ଟିକୁ ମଧ୍ୟ ଯାଆନ୍ତି ନାହିଁ। ନିଜର ସମସ୍ତ ଧ୍ୟାନ କ୍ରିକେଟରେ ରଖି ଥାଆନ୍ତି ବୋଲି କହିଛନ୍ତି ସଞ୍ଜୟ। ମା' ପୋଲିସରେ ଥିବାରୁ ସଚିନ୍ ପିଲାବେଳରୁ ହିଁ ଶୃଙ୍ଖଳିତ। ସେ ସ୍ୱଭାବତଃ ଜଣେ ଆକ୍ରମଣାତ୍ମକ ଖେଳାଳି। ତେବେ ଏଭଳି ଆଗ୍ରେସିଭ୍ ବ୍ୟାଟିଂ ବର୍ଷ ବର୍ଷ ଧରି କଠିନ ପରିଶ୍ରମ କରିବା ଫଳରେ ହିଁ ଆସିଛି ବୋଲି କହନ୍ତି ସଞ୍ଜୟ। ସଚିନ୍ ତେନ୍ଦୁଲକରଙ୍କ ଭଳି ଜର୍ସି ନମ୍ବର ୧୦ରେ ଖେଳିଥାନ୍ତି ସଚିନ୍ ଧାସ୍।



ସଚିନ୍ ଧାସ



**ନୂଆଦିଲ୍ଲୀ:** ପ୍ରୋ କବାଡ଼ିରେ ବୁଧବାର ପୁନେରି ପଲଟନ ଓ ବେଙ୍ଗାଲୁରୁ ବୁଲ୍ସ ମଧ୍ୟରେ ଅନୁଷ୍ଠିତ ମ୍ୟାଚ। ଏଥିରେ ପୁନେରି ପଲଟନ ୪୦-୩୧ ପଏଣ୍ଟରେ ବିଜୟୀ ହୋଇଛି।

# ମନ୍ନତାଙ୍କୁ ପ୍ରଥମ ଅନ୍ତର୍ଜାତୀୟ ପଦକ

ଭୁବନେଶ୍ୱର,୭।୨

(ସରୋଜ ଜେନା)

ରାଜ୍ୟର ପ୍ରତିଭାବାନ ସନ୍ତରଣକାରୀ ମନ୍ନତା ମିଶ୍ର ନିଜର ପ୍ରଥମ ଅନ୍ତର୍ଜାତୀୟ ପଦକ ହାସଲ କରିଛନ୍ତି। ଓଡ଼ିଶା ଆଇଆଇଏସ୍ ସନ୍ତରଣ ହାଇ ପର୍ଫମାନ୍ସ ସେଣ୍ଟରରେ ପ୍ରଶିକ୍ଷଣ ନେଉଥିବା ମନ୍ନତା ନୂଆଦିଲ୍ଲୀରେ ଅନୁଷ୍ଠିତ ବିମଷ୍ଟେକ ସନ୍ତରଣ ଚାମ୍ପିୟନଶିପ୍‌ରେ ଏକ ରୌପ୍ୟ ପଦକ ବିଜୟୀ ହୋଇଛନ୍ତି। ୧୭ ବର୍ଷୀୟା ମନ୍ନତା ୨୦୦ ମିଟର ବ୍ରେଷ୍ଟ ଷ୍ଟ୍ରୋକ୍ ଇଭେଣ୍ଟରେ ଅଂଶଗ୍ରହଣ କରିଥିଲେ। ପୂର୍ବରୁ ଗୋଆର ପାଣାଜୀରେ ଅନୁଷ୍ଠିତ ଜାତୀୟ କ୍ରୀଡାରେ ମନ୍ନତା ଏକ ବ୍ରୋଞ୍ଜ ପଦକ ଜିତିଥିଲେ। ଓଡ଼ିଶା ୪x୧୦୦ ମିଟର ରିଲେ ଦଳର ସଦସ୍ୟା ଭାବେ ସେ ଏହି ସଫଳତା ହାସଲ କରିଥିଲେ।



ପଦକ ସହ ମନ୍ନତା ମିଶ୍ର।

# ଭାରତ-ବାଂଲାଦେଶ ଫାଇନାଲ ଆଜି

ଢାକା, ୭।୨(ପି.ଟି.)

ଭାରତ ଓ ବାଂଲାଦେଶ ମଧ୍ୟରେ ୧୯ ବର୍ଷରୁ କମ୍ ସାଫ୍ ମହିଳା ଫୁଟବଲ ଚାମ୍ପିୟନଶିପ୍‌ର ଫାଇନାଲ ଗୁରୁବାର ଏଠାରେ ଅନୁଷ୍ଠିତ ହେବ। ଭାରତୀୟ ଦଳର ପ୍ରଦର୍ଶନରେ ଯଦିଓ ଉନ୍ନତି ଘଟିଛି ତେବେ ସାଫ୍‌ର ଏଜ୍ ଗ୍ରୁପ୍ ପ୍ରତିଯୋଗିତାରେ ରେକର୍ଡ ନୈରାଶ୍ୟଜନକ ରହିଛି। ଭାରତ ଏକାଧିକଥର ଟାଇଟଲ ହାସଲର ଦ୍ୱାରରେ ପହଞ୍ଚିଥିଲେ ହେଁ ଶେଷରେ ବଞ୍ଚିତ ହୋଇଛି। ଶେଷଥର ପାଇଁ ଗତବର୍ଷ ୨୦ ବର୍ଷରୁ କମ୍ ମହିଳା ସାଫ୍ ଚାମ୍ପିୟନଶିପ୍‌ର ଫାଇନାଲରେ ଭାରତ ପ୍ରବେଶ କରିଥିଲା। ତେବେ ଫାଇନାଲରେ ବାଂଲାଦେଶ ବିଜୟୀ ହୋଇ ଟ୍ରଫି ହାସଲ କରିଥିଲା।

ଏଥର ୧୯ ବର୍ଷରୁ କମ୍ ଭାରତୀୟ ଦଳର ମନୋବଳ ବେଶ୍ ଦୃଢ଼ ରହିଛି। ମାତ୍ର ଫାଇନାଲରେ ଏପରି ପ୍ରତିଦ୍ୱନ୍ଦ୍ୱୀ ରହିଛି ଯିଏକି ଗ୍ରୁପ୍ ପର୍ଯ୍ୟାୟରେ ଭାରତକୁ ପରାସ୍ତ କରିଥିଲା। ଭାରତୀୟ ଦଳ ଭୁଟାନକୁ ୧୦-୦ରେ ହରାଇ ଅଭିଯାନ ଆରମ୍ଭ କରିଥିଲା। ବାଂଲାଦେଶ ବିପକ୍ଷ ପରବର୍ତ୍ତୀ ମ୍ୟାଚରେ କଡ଼ା ଟକ୍କର ଦେଇଥିଲେ ହେଁ ଭାଗ୍ୟ ସାଥ୍ ଦେଇ ନ ଥିଲା ଏବଂ ଇଞ୍ଜୁରି ଟାଇମ୍‌ରେ ଗୋଲ ବରଣ କରି ପରାଜିତ ହୋଇଥିଲା। ତେବେ ଶେଷ ଲିଗ୍ ମ୍ୟାଚରେ ନେପାଳକୁ ୪-୦ରେ ହରାଇ ଗ୍ରୁପ୍ ପର୍ଯ୍ୟାୟ ପଏଣ୍ଟ ଟେବୁଲରେ ଦ୍ୱିତୀୟ ସ୍ଥାନରେ ରହିଥିଲା। ଦୃଢ଼ ରକ୍ଷଣଭାଗ ଓ ସନ୍ତୁଳିତ ମିଡ୍‌ଫିଲ୍ଡ ବ୍ୟତୀତ ପୂଜା, ସୁଲଞ୍ଜନା ରାଉଲ ଏବଂ ୱିଙ୍ଗର ନୋହା ଓ ଶିବାନୀ ଦେବୀଙ୍କ ଉପସ୍ଥିତିରେ ଦଳର ଆକ୍ରମଣ କ୍ୱାଲିଟି ମଧ୍ୟ ବହୁତ ଭଲ ରହିଛି। ତେବେ ଘରୋଇ ପରିବେଶରେ ବାଂଲାଦେଶ କଡ଼ା ଟକ୍କର ଦେବ ବୋଲି ମୁଖ୍ୟ କୋଚ୍ ଶୁକ୍ଲା ଦତ୍ତ ବେଶ୍ ଅବଗତ। "ଗତ ୩ ବର୍ଷ ଧରି ବାଂଲାଦେଶଠାରୁ ଭାରତର ପରାଜୟ ରେକର୍ଡରେ ମୁଁ ମର୍ମାହତ। ଏବେ ପରିବର୍ତ୍ତନର ସମୟ ଆସିଛି। ଉଭୟ ଦଳ ନିଶ୍ଚିତ ସମକକ୍ଷ ପ୍ରଦର୍ଶନ କରିବେ। ମାତ୍ର ମୋ ମତରେ ଯେଉଁ ଦଳ ପ୍ରଥମେ ଗୋଲ ସ୍କୋର କରିବ ତା'ର ଚାମ୍ପିୟନ ହେବା ଆଶା ଅଧିକ। ତେଣୁ ଆରମ୍ଭରୁ ଗୋଲ ସ୍କୋର କରି ବିପକ୍ଷ ଦଳକୁ ଚାପରେ ରଖିବା ଆମର ଲକ୍ଷ୍ୟ ରହିବ" ବୋଲି ଶୁକ୍ଲା ପ୍ରକାଶ କରିଛନ୍ତି। ମ୍ୟାଚରେ ବାଂଲାଦେଶକୁ ଭରପୂର ସମର୍ଥନ ମିଳିବ, ଏଥିରେ ଦ୍ୱିମତ ନାହିଁ। ତେବେ ଆମକୁ ଖେଳ ଉପରେ ଏକାଗ୍ର ହେବାକୁ ପଡ଼ିବ ବୋଲି ସେ କହିଛନ୍ତି। ଗ୍ରୁପ୍ ପର୍ଯ୍ୟାୟରେ ବାଂଲାଦେଶ ସହିତ ଖେଳିଥିବାରୁ ଏହି ଦଳକୁ କିପରି ହ୍ୟାଣ୍ଡେଲ କରାଯିବ ତାହା ଭାରତୀୟ କୋଚ୍ ଜାଣିଛନ୍ତି। "ସେମାନଙ୍କ ଖେଳ ଷ୍ଟାଇଲ ଆମକୁ ଜଣାଅଛି। ବାଂଲାଦେଶ ଏକ ଭଲ ଦଳ ଏହା ମଧ୍ୟ ସମସ୍ତେ ଜାଣନ୍ତି। ତେଣୁ ନିଜ ଗେମ୍ ଉପରେ ଧ୍ୟାନ ଦେବାକୁ ମୁଁ ଖେଳାଳିଙ୍କୁ ପରାମର୍ଶ ଦେଇଛି। ମିଡ୍‌ଫିଲ୍ଡକୁ କଭର କରି ଖେଳିବା ଗୁରୁତ୍ୱପୂର୍ଣ୍ଣ" ବୋଲି ସେ କହିଛନ୍ତି।

ଅଧିନାୟିକା ନିତୁ ଲିଣ୍ଡା ମଧ୍ୟ ଦଳର ଭଲ ପ୍ରଦର୍ଶନକୁ ନେଇ ବେଶ୍ ଆଶାବାଦୀ। "ଆମେ ପୁଣିଥରେ ବାଂଲାଦେଶକୁ ଭେଟିବାକୁ ଯାଉଛୁ। ପୂର୍ବ ମ୍ୟାଚରେ କରିଥିବା ତ୍ରୁଟିକୁ ସୁଧାରିବାକୁ ଆମ ନିକଟରେ ସୁଯୋଗ ଆସିଛି। ଟ୍ରଫି ଜିତିବା ପାଇଁ ଆମେ ଦୃଢ଼ ପରିକର। ଆମ ଦୁର୍ବଳ ବିଭାଗରୁ ଫାଇଦା ନେବାକୁ ପ୍ରତିପକ୍ଷ ଦଳକୁ ସୁଯୋଗ ନ ଦେବାକୁ ଖେଳାଳିଙ୍କୁ ପରାମର୍ଶ ଦିଆଯାଇଛି। ଆମେ ନିଜ ଗେମ୍‌ପ୍ଲାନ ଅନୁସାରେ ଖେଳିଲେ ନିଶ୍ଚିତ ସଫଳ ହେବୁ" ବୋଲି ନିତୁ କହିଛନ୍ତି। ମ୍ୟାଚ ଅପରାହ୍ଣ ୫ଟା ୩୦ରେ ଆରମ୍ଭ ହେବ।

**୧୯ ବର୍ଷରୁ କମ୍ ସାଫ୍ ମହିଳା ଫୁଟ୍‌ବଲ**



ଟ୍ରଫି ସହ ଦୁଇ ଦଳର ଅଧିନାୟିକା ବାଂଲାଦେଶର ଆଫେଦା ଖାଣ୍ଡେକର ଓ ଭାରତର ନିତୁ ଲିଣ୍ଡା।

# ନ୍ୟୁଜିଲାଣ୍ଡ ୨୮୧ ରନ୍‌ରେ ବିଜୟୀ



ଉଇକେଟ ନେବାପରେ କାଇଲ ଜେମିସନ୍‌ଙ୍କ ବଧେଇ।

ମାଉଣ୍ଟ ମାଙ୍ଗାନୁଇ,୭।୨(ପି.ଟି.)

ଦକ୍ଷିଣ ଆଫ୍ରିକା ବିପକ୍ଷ ପ୍ରଥମ ଟେଷ୍ଟକୁ ୨୮୧ ରନ୍‌ରେ ଜିତିବା ସହ ୨ ମ୍ୟାଚ ବିଶିଷ୍ଟ ସିରିଜରେ ୧-୦ରେ ଆଗୁଆ ରହିଛି ନ୍ୟୁଜିଲାଣ୍ଡ। ରାଚିନ୍ ରବୀନ୍ଦ୍ରଙ୍କ ପ୍ରଥମ ଟେଷ୍ଟ ଦ୍ୱିଶତକ ଓ କେନ୍ ୱିଲିୟମସନ୍‌ଙ୍କ ଶତକ ବଳରେ ନ୍ୟୁଜିଲାଣ୍ଡ ପ୍ରଥମ ଇନିଂସରେ ୫୧୧ ରନ୍ କରିଥିଲା। ଦକ୍ଷିଣ ଆଫ୍ରିକା ମାତ୍ର ୧୬୨ ରନ୍‌ରେ ଅଲଆଉଟ ହେବା ପରେ ନ୍ୟୁଜିଲାଣ୍ଡ ୧୭୯/୪ରେ ଏହାର ଦ୍ୱିତୀୟ ଇନିଂସ ଘୋଷଣା କରିଥିଲା। ୫୨୯ ରନ୍‌ର ବିଜୟ ଲକ୍ଷ୍ୟ ରହିଥିବା ବେଳେ ଦକ୍ଷିଣ ଆଫ୍ରିକା ୨୪୭ ରନ୍‌ରେ ଅଲଆଉଟ ହୋଇଥିଲା।

ତୃତୀୟ ଦିନର ଅସମାପ୍ତ ସ୍କୋର ୧୭୯/୪ରେ ଇନିଂସ ଘୋଷଣା କରିଥିଲା ନ୍ୟୁଜିଲାଣ୍ଡ। ଦକ୍ଷିଣ ଆଫ୍ରିକା ୨୪୭ ରନ୍‌ରେ ସମସ୍ତ ଉଇକେଟ ହରାଇବା ସହ ମ୍ୟାଚକୁ ୨୮୧ ରନ୍‌ରେ ହାରି ଯାଇଥିଲା। ଦକ୍ଷିଣ ଆଫ୍ରିକା ପକ୍ଷରୁ ଡେଭିଡ୍ ବେଡିଙ୍ଗହାମ ୮୭ ରନ୍ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଜୁବେର ହମଜା ୩୬, ରୁଆନ୍ ଡି ସ୍ୱାର୍ଟ ୩୪* ଓ ରେନାର୍ଡ ଭାନ ଟୋଣ୍ଡର ୩୧ ରନ୍ କରିଥିଲେ। ନ୍ୟୁଜିଲାଣ୍ଡ ପକ୍ଷରୁ କାଇଲ ଜେମିସନ୍ ୪ ଉଇକେଟ ନେଇଥିବା ବେଳେ ମିଚେଲ ସାଣ୍ଟନର ୩, ଟିମ୍ ସାଉଦି, ମ୍ୟାଟ୍ ହେନରୀ ଓ ଗ୍ଲେନ୍ ଫିଲିପ୍ସ ଗୋଟିଏ ଲେଖାଏ ଉଇକେଟ ନେଇଥିଲେ। ରାଚିନ୍ ରବୀନ୍ଦ୍ରଙ୍କୁ ପ୍ଲେୟର ଅଫ୍ ଦ ମ୍ୟାଚ୍ ଘୋଷଣା କରାଯାଇଥିଲା।

**ସଂକ୍ଷିପ୍ତ ସ୍କୋର**

ନ୍ୟୁଜିଲାଣ୍ଡ ପ୍ରଥମ ଇନିଂସ ୫୧୧/୧୦। ଦକ୍ଷିଣ ଆଫ୍ରିକା ପ୍ରଥମ ଇନିଂସ ୧୬୨/୧୦। ନ୍ୟୁଜିଲାଣ୍ଡ ଦ୍ୱିତୀୟ ଇନିଂସ ୪୩ ଓଭରରେ ୧୭୯/୪ (ଘୋଷଣା) (କେନ୍ ୱିଲିୟମସନ୍-୧୦୯, ଡେଭନ୍ କନୱେ-୨୯, ନୀଲ ବ୍ରାଣ୍ଡ-୨/୫୨, ଡେନ୍‌ପାଟରସନ୍-୧/୩୮, ରୁଆନ୍ ଡି ସ୍ୱାର୍ଟ-୧/୪୮)। ଦକ୍ଷିଣ ଆଫ୍ରିକା ଦ୍ୱିତୀୟ ଇନିଂସ ୮୦ ଓଭରରେ ୨୪୭/୧୦ (ଡେଭିଡ୍ ବେଡିଙ୍ଗହାମ୍-୮୭, ଜୁବେର ହମଜା-୩୬, ରୁଆନ୍ ଡି ସ୍ୱାର୍ଟ-୩୪*, କାଇଲ ଜେମିସନ୍-୪/୫୮, ମିଚେଲ୍ ସାଣ୍ଟନର-୩/୫୯, ଗ୍ଲେନ୍ ଫିଲିପ୍ସ-୧/୩୦)।

# ଏପ୍ରିଲ ୨୨ରେ ଲୌରିୟସ୍ ସ୍ପୋର୍ଟ୍ସ ଆୱାର୍ଡ

**ଲଣ୍ଡନ,୭।୨(ପି.ଟି.):** ସମ୍ମାନ ଜନକ ଲୌରିୟସ୍ ସ୍ପୋର୍ଟ୍ସ ଆୱାର୍ଡର ୨୫ତମ ସଂସ୍କରଣ ଏପ୍ରିଲ୍ ୨୨ରେ ଆୟୋଜନ ହେବ। ମାଡ୍ରିଡ୍‌ର ପାଲାସିଓ ଡି ସିବେଲେସ୍‌ରେ ଏହା ଅନୁଷ୍ଠିତ ହେବ। କ୍ରୀଡା ଜଗତର ଅନେକ ଗୁରୁତ୍ୱପୂର୍ଣ୍ଣ ବ୍ୟକ୍ତିତ୍ୱ ଏହି ଇଭେଣ୍ଟରେ ଅଂଶଗ୍ରହଣ କରିବେ। କ୍ରୀଡା କ୍ଷେତ୍ରରେ ଉଲ୍ଲେଖନୀୟ ସଫଳତା ପାଇଁ ଏହି ପୁରସ୍କାର ପ୍ରଦାନ କରାଯାଇଥାଏ। ବିଭିନ୍ନ ବର୍ଗରେ ବିଜେତା ଖେଳାଳିଙ୍କୁ ଲୌରିୟସ୍ ପ୍ରତିକୃତି ପ୍ରଦାନ କରାଯିବ। ଏହି ଇଭେଣ୍ଟରେ ୨୦୨୩ ମହିଳା ଫୁଟବଲ ବିଶ୍ୱ ଚାମ୍ପିୟନ ଦଳକୁ ଏହି ଇଭେଣ୍ଟରେ ସମ୍ମାନିତ କରାଯିବ।








| | Cash benefits up to* | Exchange | Pride of India / Corporate | Total benefits up to* |
|---|---|---|---|---|
| Grand i10 NIOS | ₹30 000 | ₹10 000 | ₹3 000 | ₹43 000 |
| AURA | ₹20 000 | ₹10 000 | ₹3 000 | ₹33 000 |
| VENUE | ₹20 000 | ₹10 000 | - | ₹30 000 |
| i20 | ₹15 000 | ₹10 000 | - | ₹25 000 |

FOR INFORMATION CONTACT: TOLL FREE: 1800114645; ANGUL: BINOD HYUNDAI, PH: 8093147272, BALANGIR: BINOD HYUNDAI, PH: 8117067272; BHUBANESWAR: ADITYA HYUNDAI, TAMANDO, PH: 7873999645, NAYAGARH, PH: 7873999331; SACHIVALAYA MARG, UNIT IV, PH: 7873999988, LEWIS ROAD, PH: 7873999523; UTKAL HYUNDAI, PAHAL, PH: 6371750223; RASULGARH, PH: 8093066006; PATIA, PH: 9861455661; BERHAMPUR: UTKAL HYUNDAI, PH: 9437964843; BALASORE: PREMIER HYUNDAI, PH: 9938449810; BHADRAK, PH: 9938449806; BARIPADA: PREMIER HYUNDAI, PH: 9938449811; CUTTACK: OSL HYUNDAI, PH: 9338104597; PARADEEP, PH: 7077736600; JAGATSINGHPUR, PH: 7077736556, DHENKANAL, PH: 9338685216; UTKAL HYUNDAI, PH: 9437063221; KEONJHAR, PH: 9937117471, JAJPUR, PH: 7077719045; ROURKELA: KOSHALA HYUNDAI, PH: 7440022333; RAJGANGPUR, PH: 8093598037; SAMBALPUR: AAKASHDEEP HYUNDAI, PH: 9437070126; BARGARH: SAKAMBARI HYUNDAI, PH: 6370101797; JHARSUGUDA: INFINITY HYUNDAI, PH: 7077011114; SUNDERGARH, PH: 7606003303; JEYPORE: HSPL HYUNDAI, PH: 8480330001; SIMILIGUDA, PH: 8480330001; RAYAGADA, PH: 8480330001; BHAWANIPATNA, PH: 8480330040; UTTARA: ADITYA HYUNDAI, PH: 7873999545, PURI, PH: 7873999980;

my Hyundai app | Hyundai Promise Certified Pre-Owned Car | To know more, WhatsApp us on 8447228019

*Terms & Conditions apply. Benefits include cash discount, exchange bonus and benefits for government or corporate employees, whichever is applicable. Benefits may vary with variants and are subject to change without prior notice. **3-year warranty or upto 1 00 000 km whichever is earlier for Grand i10 NIOS, AURA, i20 & i20 N line. 3-year unlimited km warranty is applicable for VENUE, VENUE N Line, CRETA, ALCAZAR, TUCSON, VERNA, KONA Electric and IONIQ 5. ^Upto 7 years extended warranty is applicable only for petrol variants. Source: Cardekho.com. HMIL reserves the right to withdraw/modify the scheme without prior notice. Visit your nearest Hyundai dealership for more details. Hyundai urges you to follow traffic rules – these are meant to keep you safe on roads.



4-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ- ତଥାଗତ ସତପଥୀ